بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

Weekly BADAR Qadian Odia

କାଦିଆନ

ସଂଖ୍ୟା: 7-8

ବାର୍ଷିକ ଦେୟ : 600/-

www.akhbarbadr.in

14-21 ଶାବାନ୍ 1446 ହି.କ, 13-20 ତବଲିଗ୍ 1404 ହି.ଶ, 13-20 FEB 2025 ମସିହା

**ଅଲ୍ଲାଃତାଲାଙ୍କ ବାଣୀ**

هُوَ الَّذِيْٓ اَرْسَلَ رَسُوْلَهٗ بِالْهُدٰى وَدِيْنِ الْحَقِّ لِيُظْهِرَهٗ عَلَى الدِّيْنِ كُلِّهٖ وَلَوْ كَرِهَ الْمُشْرِكُوْنَ

**(ଅତତୌବା-33)**

ଅନୁବାଦ : ମୁଶରିକମାନଙ୍କୁ ଯେତେ ଅପ୍ରୀତିକର ମନେହେଲେ ମଧ୍ୟ ସକଳ ଧର୍ମ ଉପରେ ପ୍ରଭୁତ୍ୱ ବିସ୍ତାର କରିବା କଳ୍ପେ ସେ ହିଁ ନିଜର ରସୁଲଙ୍କୁ ସତ୍‌ପଥ ଓ ସତ୍ୟ ଧର୍ମ ସହିତ ପ୍ରେରଣ କରିଛନ୍ତି ।

**ମୁସଲେହ୍ ମଉଦ୍ ନମ୍ବର ଅହମଦିୟା ଖବର**

ଅଲ୍‌ହମ୍‌ଦୁ ଲିଲ୍ଲାଃ ହୁଜୁର ଅନ୍‌ୱର୍ ଅ.ବ ସକୁଶଳ ଅଛନ୍ତି ।

**ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ତା-9 ଫେବୃୟାରୀ 2024 ମସିହା ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ୟୁ,କେରୁ ଚକ୍ଷୁ ବର୍ଦ୍ଧକ ଖୁତବା ଜୁମା ପ୍ରଦାନ କଲେ।**

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ, ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନ୍‌ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । **ଆମିନ୍** ।

## ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍
## (ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂପର୍କରେ ଭବିଷ୍ୟବାଣୀ)

ହ. ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ଅ.ସ 1886 ମସିହା ଫେବୃଆରୀ ମାସ 20 ତାରିଖ ଦିନ ଏକ ପତ୍ରିକା ପ୍ରକାଶ କଲେ ଏବଂ ତହିଁରେ ଆପଣ ଅ.ସ ମୁସ୍‌ଲେହ୍ ମଉଦ୍ ଅ.ସଙ୍କ ସଂପର୍କରେ ଶ୍ରେଷ୍ଠତମ ଭବିଷ୍ୟବାଣୀର ଚର୍ଚ୍ଚା କରି କୁହନ୍ତି:

"**ବି ଇଲ୍‌ହାମିଲ୍ଲାଃହି ତାଆଲା ୱ ଇଲ୍‌ହାମିହି ଅଜ୍‌ୱଜଲ୍ଲାଃ** ଖୁଦାଏ **ରହିମ୍** ଓ **କରୀମ୍** ବୁଜୁର୍ଗ ୱ ବର୍‌ତର୍ ନେ ଜୋ ହର ଚିଜ୍ ପର କାଦିର୍ ହୈ (ଜଲ୍ଲା ଶାନୁହୁ ଓ ଅଜ୍ଜା ଇସ୍‌ମୁହୁ) ମୁଝ୍ କୋ ଅପ୍‌ନେ ଇଲ୍‌ହାମ୍ ସେ ମୁଖାତିବ୍ କର କେ ଫର୍‌ମାୟା କି ମୈଁ ତୁଝେ ଏକ ରହମତ୍ କା ନିଶାନ୍ ଦେତା ହୁଁ । ଉସି କେ ମୱାଫିକ୍ ଜୋ ତୁନେ ମୁଝ୍ ସେ ମାଙ୍ଗା ସୋ ମୈଁ ନେ ତେରି ତଜର୍ରୁଆତ୍ କୋ ସୁନା ଔର୍ ତେରି ଦୁଆଓଁ କୋ ଅପ୍‌ନି ରହ୍‌ମତ୍ ସେ ବପାୟା କୁବୁଲିୟତ୍ ଜଗାଃ ଦି ଔର୍ ତେରେ ସଫର୍ କୋ (ଜୋ ହୋଶିୟାର୍‌ପୁର ଔର୍ ଲୁଧିୟାନା କା ସଫର୍ ହୈ) ତେରେ ଲିଏ ମୁବାରକ କର୍‌ଦିୟା । ସୋ କୁଦ୍‌ରତ୍ ଔର୍ ରହ୍‌ମତ୍ ଔର କୁଦ୍‌ରତ୍ କା ନିଶାନ୍ ତୁଝେ ଦିଆ ଯାତା ହୈ । ଫଜଲ୍ ଔର ଏହ୍‌ସାନ କା ନିଶାନ୍ ତୁଝେ ଅତା ହୋତା ହୈ ଔର ଫତହ୍ ଔର୍ ଜଫର୍ କି କଲିଦ୍ ତୁଝେ ମିଲ୍‌ତି ହୈ । ଐ ! ମୁଜଫର୍ ତୁଝ୍ ପର ସଲାମ୍ ଖୁଦା ନେ ୟେ କାହା ତା ୱୋହ୍ ଜୋ ଜିନ୍ଦିଗୀ କେ ଖ୍ୱାହାଁ ହେଁ ମୌତ୍ କେ ପଞ୍ଜେ ସେ ନଜାତ୍ ପାୱେଁ ଔର୍ ୱୋହ୍ ଜୋ କବ୍ରୋଁ ମେଁ ଦବେ ପଡ଼େ ହେଁ ବାହାର ଆୱେଁ ଔର୍ ତା ଦିନେ ଇସ୍‌ଲାମ୍ କା ଶର୍ଫ ଔର୍ କଲାମୁଲ୍ଲାଃ କା ମର୍ତବା ଲୋଗୋଁ ପର ଜାହିର୍ ହୋ ଔର୍ ତା ହକ୍ ଅପ୍‌ନି ତମାମ୍ ବର୍କତୋଁ କେ ସାଥ ଆଜାଏ ଔର ବାତିଲ୍ ଅପନି ତମାମ୍ ନହୁସତୋଁ କେ ସାଥ ଭାଗ ଯାଏ ଔର୍ ତା ଲୋଗ୍ ସମ୍‌ଝେଁ କି ମୈଁ କାଦିର୍ ହୁଁ ଯୋ ଚାହତା ହୁଁ ସୋ କରତା ହୁଁ । ଔର ତା ୱୋହ୍ ୟକିନ୍ ଲାଏଁ କି ମୈଁ ତେରେ ସାଥ ହୁଁ ଔର୍ ତା ଉନ୍‌ହେଁ ଜୋ ଖୁଦା କେ ୱୁଜୁଦ୍ ପର୍ ଇମାନ୍ ନହିଁ ଲାତେ ଔର୍ ଖୁଦା ଔର୍ ଖୁଦା କେ ଦୀନ ଔର୍ ଉସ୍ କି କିତାବ୍ ଔର ଉସ କେ ପାକ୍ ରସୁଲ୍ ମୁହମ୍ମଦ୍ ମୁସ୍ତଫା ସ.ଅ କୋ ଇନ୍‌କାର୍ ଔର୍ ତକ୍‌ଯିବ କି ନିଗାହ୍ ସେ ଦେଖ୍‌ତେ ହେଁ ଏକ୍ ଖୁଲି ନିଶାନି ମିଲେ ଔର୍ ମୁଜ୍‌ରିମୋଁ କି ରାହ୍ ଜାହିର୍ ହୋଯାଏ । "

"ସୋ ତୁଝେ ବଶାରତ୍ ହୋ କି ଏକ ୱଜିହ୍ ଔର୍ ପାକ୍ ଲଡ଼୍‌କା ତୁଝେ ଦିଆ ଯାଏଗା । ଏକ ଜକି ଗୁଲାମ୍ (ଲଡ଼୍‌କା) ତୁଝେ ମିଲେଗା । ୱୋହ୍ ଲଡ଼୍‌କା ତେରେ ହି ତୁଖ୍‌ମ୍ ସେ ଓ ତେରି ହି ଜୁର୍ରିୟତ୍ ୱ ନସଲ୍ ହୋଗା । ଖୁବ୍‌ସୁରତ୍ ପାକ୍ ଲଡ଼୍‌କା ତୁମ୍‌ହାରା ମେହ୍‌ମାନ୍ ଆତା ହୈ । ଉସ୍‌କା ନାମ୍ ଅନ୍‌ମ୍‌ୱାଇଲ୍ ଔର୍ ବଶୀର ଭି ହୈ । ଉସ୍‌କୋ ମୁକଦ୍ଦସ୍ ରୁହ୍ ଦି ଗଇ ହୈ ଔର୍ ୱୋହ୍ ରିଜସ୍ ସେ ପାକ୍ ହୈ ଔର୍ ନୁରୁଲ୍ଲାଃ ହୈ। ମୁବାରକ୍ ୱୋହ୍ ଜୋ ଆସ୍‌ମାନ୍ ସେ ଆତା ହୈ । ଉସ୍‌କେ ସାଥ ଫଜଲ୍ ହୈ ଯୋ ଉସ୍‌କେ ସାଥ ଆଏଗା । ୱୋହ୍ ସାହିବେ ଶିକୋହ୍ ଔର୍ ଅଜ୍‌ମତ୍ ଔର୍ ଦୌଲତ୍ ହୋଗା । ୱୋହ୍ ଦୁନିୟାଁ ମେଁ ଆଏଗା ଔର୍ ଅପ୍‌ନେ ମସିହ୍ ନଫସ୍ ଔର୍ ରୁହୁଲ୍ ହକ୍ କି ବର୍କତୋଁ ସେ ବହତୋଁ କୋ ବିମାରିୟୋଁ ସେ ସାଫ୍ କରେଗା । ୱୋହ୍ କଲମିତୁଲ୍ଲାଃ ହୈ କ୍ୟୁଁ କେ ଖୁଦା କି ରହମତ୍ ୱ ଗୁୟୁରୀ ନେ ଉସେ କଲିମୋ ତମ୍‌ଜିଦ୍ ସେ ଭେଜା ହୈ । ୱୋହ୍ ସଖ୍‌ତ୍ ଜହିନ୍ ୱ ଫହିମ୍ ହୋଗା ଔର୍ ଦିଲ୍ କା ହଲିମ୍ ଔର୍ ଉଲୁମେ ଜାହିରି ଓ ବାତିନି ସେ ପୁର୍ କିୟା ଯାଏଗା । ଔର୍ ୱୋହ୍ ତିନ୍ କୋ ଚାର କରନେ ୱାଲା ହୋଗା (ଇସ୍ କେ ମାନେ ସମଝ ମେଁ ନହି ଆଏ) । ଦୋଶମ୍ବା ହୈ ମୁବାରକ୍ ଦୋଶମ୍ବା, ଫର୍‌ଜନ୍ଦେ ଦିଲ୍‌ବନ୍ଦ୍ ଗିରାମୀ ଅର୍ଜୁମନ୍ଦ୍ । ମଜ୍‌ହରୁଲ୍ ଅୱଲି ୱଲ୍ ଆଖିରି । **ମଜ୍‌ହରୁଲ୍ ହକ୍କି ୱଲ୍ ଅଲାଏ କାଅନ୍ନଲ୍ଲାଃହା ନଜଲା ମିନସ୍ ସମାଇ** ଜିସ୍ କା ନୁଜୁଲ୍ ବହତ୍ ହି ମୁବାରକ୍ ଔର୍ ଜଲାଲେ ଇଲାହି ଜୁହୁର୍ କା ମୌଯିବ ହୋଗା । ଯିସ୍ କୋ ଖୁଦା ନେ ଅପ୍‌ନି ରଜାମନ୍ଦି କେ ଇତ୍ର ସେ ମମ୍‌ସୁହ୍ କିୟା। ହମ୍ ଉସ୍ ମେଁ ଅପ୍‌ନି ରୁହ୍ ଡାଲେଁଗେ ଔର ଖୁଦା କା ସାୟା ଉସ୍ କେ ସର ପର ହୋଗା । ୱୋହ୍ ଜଲ୍‌ଦ୍ ଜଲ୍‌ଦ୍ ବଢେଗା ଔର ଅସିରୋଁ କି ରୁସ୍ତଗାରି କା ମୌଜିବ୍ ହୋଗା । ଔର୍ ଜମିନୋଁ କେ କିନାରୋଁ ତକ୍ ଶୋହରତ୍ ପାଏଗା । ଔର୍ କୌମେଁ ଉସ୍ ସେ ବରକତ୍ ପାଏଁଗି । ତବ୍ ଅପ୍‌ନେ ନଫସି ନୁକ୍‌ତାଃ ଆସମାନ୍ କି ତରଫ୍ ଉଠାୟା ଯାଏଗା । **ୱକାନା ଅମ୍ରନ୍ ମକ୍‌ଯିୟା** । "

**(ମଜ୍‌ମୁଆ ଇସ୍ତେହାରାତ୍, ଭାଗ1-, ପୃ-100-101)**

# ହ. ମୁସଲେହ୍ ମଉଦ୍ ର.ଅଙ୍କ ମହାନ କୃତିତ୍ୱ
## ଜମାଅତ୍ ଅଧିନସ୍ତ ବିଭିନ୍ନ ସଂଗଠନ ସ୍ଥାପନ ଓ ତା'ର କଲ୍ୟାଣ


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ର.ଅ | ୧ |
| ୨ | ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମହାନ କୃତିତ୍ୱ | ୨, ୧୭-୨୦ |
| ୩. | ଖୁତବା ଜୁମା ହୁଜୁର ଅନ୍‌ୱର୍ ଅ.ବ | ୩-୯ |
| ୪. | ଖୁତବା ଜୁମା ହୁଜୁର ଅନୱର୍ ଅ.ବ | ୧୧-୧୭ |
| ୫. | ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମଜ୍‌ଲିସେ ଇର୍ଫାନ୍ | ୨୧, ୨୨ |
| ୬. | ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଦିଲ୍ଲୀ ଠାରେ ରେ ପ୍ରଦତ୍ତ ଉପଦେଶାବଳୀ | ୨୨ |
| ୭. | ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଦିଲ୍ଲୀ ଠାରେ ରେ ପ୍ରଦତ୍ତ ଉପଦେଶାବଳୀ | ୨୩, ୨୨ |
| ୮. | ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମଜଲିସେ ଇର୍ଫାନ୍ | ୨୪, ୦୯ |


ଉକ୍ତ ଭାଷଣଟି ସୱାନେହ୍ ଉମର୍ ପୁସ୍ତକରୁ ଉଦ୍ଧୃତ । ଉକ୍ତ ପୁସ୍ତକ 5ଟି ଗ୍ରନ୍ଥ ଖଣ୍ଡରେ ବିଭିକ୍ତ ଅଟେ । ଉକ୍ତ ପୁସ୍ତକ ଆମ ଜମାଅତ୍‌ର ୱେବ୍ ସାଇଟ୍ ଅଲ୍ ଇସ୍‌ଲାମ୍ ଡଟ୍ ଅର୍ଗରେ ଉପଲବ୍ଧ ରହିଛି । ପ୍ରଥମ ଦୁଇଟି ଗ୍ରନ୍ଥଖଣ୍ଡର ଲେଖକ ହେଉଛନ୍ତି ହ. ମିର୍ଜା ତାହିର୍ ଅହେମଦ ସାହେବ ରହେମହୁଲ୍ଲାଃହୁ ତାଆଲା ଅନ୍‌ହୁ । ଆପଣ ରହେମହୁଲ୍ଲାଃହୁ ତାଆଲା ଅନହୁ ପରବର୍ତ୍ତୀ ସମୟେର ଖିଲାଫତ୍ ଆସନରେ ଆସୀନ ହୋଇଥିଲେ । ଅତଏବ୍ ଉକ୍ତ ଭାଷଣରେ ସେହି ମହାନ ଅସ୍ତିତ୍ୱଙ୍କ ପ୍ରତି ଥିବା ବିଚାରଧାର ଏବଂ ଚିନ୍ତାଧାରାର ବର୍ଣ୍ଣନା ଏବଂ ଶବ୍ଦାବଳୀ ପ୍ରୟୋଗ ହୋଇଛି। କାରଣ ଆପଣ ର.ଅ (ଖଲିଫା ରାବେ ର.ଅ) ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କୁ ଅତି ନିକଟରୁ ଦେଖିଛନ୍ତି ଓ ଆପଣ ର.ଅଙ୍କ ବ୍ୟକ୍ତିତ୍ୱ ଏବଂ ପଣ ର.ଅଙ୍କ କୃତିତ୍ୱର ଏପରି ନିଚ୍ଛକ ଏବଂ ସୁନ୍ଦର ନକ୍ସା ଅଙ୍କନ କରିଛନ୍ତି ଯେ, ଏହାଠୁ ଉତ୍ତମ ଭାଷଣ ଆଉ ସମ୍ଭବପର ନଥିଲା ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ଦୀର୍ଘ 52 ବର୍ଷ ପର୍ଯ୍ୟନ୍ତ ଖିଲାଫତ୍ ଆସନରେ ଆସୀନ ରହିଥିଲେ । ଇତି ମଧ୍ୟରେ ଆପଣ ର.ଅ ଇସ୍‌ଲାମ୍ ଅହେମଦିୟତ୍‌ର ସେହି ମହାନ ସେବା କଲେ ଏବଂ ଏପରି ଅନନ୍ୟ ଓ ଅପୂର୍ବ କାର୍ଯ୍ୟ ସମ୍ପାଦନ କଲେ ଯେ, ସେହି କାର୍ଯ୍ୟଗୁଡ଼ିକ କେବଳ ଓ କେବଳ ଜଣେ ନବୀ (ଅବତାର)ଙ୍କର ହିଁ ବିଶେଷତା ହୋଇଥାଏ । ଯଦିଓ ଅଲ୍ଲାଃତାଲା ଆପଣଙ୍କୁ ନବୀ ନାମରେ ନାମିତ୍ କରି ନାହାନ୍ତି । କିନ୍ତୁ ସେହି ପରମେଶ୍ୱର ଆପଣ ର.ଅଙ୍କ ଠାରୁ ଅବତାରମାନଙ୍କ ତୁଲ୍ୟ କାର୍ଯ୍ୟ ଆଦାୟ କରିଥିଲେ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି; "ମୁଁ କେବଳ ଖଲିଫା ନୁହେଁ ବରଂ ପ୍ରତିଶୃତ ଖଲିଫା ଅଟେ । ମୁଁ ନିଯୁକ୍ତ ହୋଇ ନାହିଁ କିନ୍ତୁ ମୋ ସ୍ୱର ଈଶ୍ୱରଙ୍କ ସ୍ୱର ଅଟେ। କାରଣ ଅଲ୍ଲାଃତାଲା ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ । ଅର୍ଥାତ୍ ସେହି ଖିଲାଫତ୍‌ର ମର୍ଯ୍ୟାଦା ଈଶ୍ୱରଙ୍କ ପକ୍ଷରୁ ନିଯୁକ୍ତ ହେବା ଏବଂ ଖିଲାଫତ୍‌ର ମଧ୍ୟବର୍ତ୍ତୀ ଥିବା ମର୍ଯ୍ୟାଦା ସହିତ ସମାନ ଅଟେ। ଉକ୍ତ ସୁଯୋଗ ତଥା ଅବସର ଏପରି ନୁହେଁ ଯେ, ଜମାଅତ୍ ଅହେମଦିୟା ଉକ୍ତ ସୁଯୋଗକୁ ହାତଛଡ଼ା କରିଦେବ ଏବଂ ପରେ ଈଶ୍ୱରଙ୍କ ନିକଟରେ ଦୋଷମୁକ୍ତ ହୋଇଯିବ । ନା । ଯେଭଳି ଭାବରେ ଉକ୍ତ କଥା ସଠିକ୍ ଯେ, ନବୀ ବା ଅବତାରମାନେ ସବୁଦିନ ଆସନ୍ତି ନାହିଁ ଠିକ୍ ସେହିପରି ଏହା ମଧ୍ୟ ଠିକ୍ ଯେ, ପ୍ରତିଶୃତ ଖଲିଫାମାନେ ମଧ୍ୟ ସବୁଦିନ ଆସନ୍ତି ନାହିଁ ।"**(ସୱାନେହ୍ ଫଜ୍‌ଲେ ଉମର୍, ଭାଗ-4, ପୃ-508, ପ୍ରକାଶକ, ଫଜ୍‌ଲେ ଉମର୍ ଫାଉଣ୍ଡେସନ)**

ଅଶେଷ ଦୟାବାନ୍ ଏବଂ ସଦା କରୁଣାମୟ ପ୍ରଭୁ ଆପଣ ର.ଅଙ୍କ ଆଗମନକୁ ନିଜର ଆଗମନ ବୋଲି ଅଭିହିତ କରି କହିଲେ, كَاَنَّ اللّٰهَ نَزَلَ مِنَ السَّمَاءِ ଅର୍ଥାତ୍ ଆପଣ ର.ଅଙ୍କ ଆଗମନ ଏପରି ଅଟେ ଯେପରିକି ଈଶ୍ୱର ସାକ୍ଷାତ୍ ଆକାଶରୁ ଧରାବତୀର୍ଣ୍ଣ ହୋଇ ଯାଇଛନ୍ତି । ଏହା ଆପଣ ର.ଅଙ୍କ ମହାନ ସାହାଯ୍ୟ ଓ ସମର୍ଥନ ଆଡ଼କୁ ଇଙ୍ଗିତ କରୁଥିଲା । ଶ୍ରୋତାମଣ୍ଡଳୀମାନେ ! ଏଠାରେ ଟିକିଏ ଅଟକି ଯାଇ ଚିନ୍ତା କରିବା ଉଚିତ୍ ଯେ, ସେହି ବ୍ୟକ୍ତି ଯାହାଙ୍କ ଆଗମନ ଅଲ୍ଲାଃତାଲା ନିଜର ଆଗମନ ବୋଲି ଅଭିହିତ କରିଛନ୍ତି । ସେହି ବ୍ୟକ୍ତି କିଭଳି ମର୍ଯ୍ୟାଦାବନ୍ତ ପୁରୁଷ ହେବ ତାହା ସହଜେ ଅନୁମେୟ । ଅତଏବ୍ ନିଃସନ୍ଦେହ ରୂପେ ଆପଣ ର.ଅଙ୍କ ଅସ୍ତିତ୍ୱ କୌଣସି ସାଧାରଣ ଅସ୍ତିତ୍ୱ ନଥିଲା, ଆପଣ ର.ଅଙ୍କ ବ୍ୟକ୍ତିତ୍ୱ କୌଣସି ସାଧାରଣ ବ୍ୟକ୍ତିତ୍ୱ ନଥିଲା । ବରଂ ଆପଣ ର.ଅ ସେହି ଅନନ୍ୟ ମାନବ ମଧ୍ୟରୁ ଅନ୍ୟତମ ମାନବ ଅଟନ୍ତି ଯିଏ ଶତାବ୍ଦୀରେ ନୁହେଁ ବରଂ ସହସ୍ର ସହସ୍ର ବର୍ଷରେ ଥରେ ମାନବୀୟ ଦିଗବଳୟରେ (ତାରକା ତୁଲ୍ୟ) ଉଦିତ ହୋଇଥାଆନ୍ତି । ଯାହାଙ୍କ ଆଲୋତ କେବଳ ଗୋଟିଏ ପିଢୀକୁ ନୁହେଁ ବରଂ ବିଂଶାଧିକ ପିଢୀଙ୍କୁ ନିଜର ଆଲୋକ ଦ୍ୱାରା ଆଲୋକିତ କରିଥାଏ ।

ଶ୍ରୋତାମଣ୍ଡଳୀମାନେ ! ଖିଲାଫତ୍ ଆସନରେ ଆସୀନ ହେବା ପୂର୍ବରୁ ଆପଣ ର.ଅଙ୍କୁ ଖିଲାଫତ୍ ଅସ୍ୱୀକାର ବା ଖିଲାଫତ୍ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଜମାଅତ୍‌ର ପ୍ରମୁଖ ପଦ ପଦବୀ ଉପରେ ଏପର୍ଯ୍ୟନ୍ତ ଖିଲାଫତ୍‌ର ପ୍ରତ୍ୟାଖ୍ୟାନକାରୀ ଅଧିକାର କରି ବସିଥିଲେ । ପ୍ରେସ୍‌ର ଅଧିକାଂଶ ଭାଗ ସେମାନଙ୍କ (ଏହାରାରୀଙ୍କ) ହସ୍ତରେ ରହିଥିଲା । ଟଙ୍କା ପଇସାର ଚାବି ସେମାନଙ୍କ ପାଖରେ ରହିଥିଲା । ବଡ଼ ବଡ଼ ପ୍ରତିଷ୍ଠିତ ମହାନ ବ୍ୟକ୍ତିମାନେ ସେମାନଙ୍କ ପରି ଚିନ୍ତାଧାରା ବ୍ୟକ୍ତ କରୁଥିଲେ । ସେହି ମହାନ ବ୍ୟକ୍ତିତ୍ୱର ପ୍ରଭାବ ସିଧା ସଳଖ ଜମାଅତ୍ ଉପରେ ଗଭୀର ଓ ବ୍ୟାପକ ପ୍ରଭାବ ପକାଉଥିଲା । ସେମାନେ ଜମାଅତ୍‌ର ସମସ୍ତ ପ୍ରକାଶନ ମାଧ୍ୟମକୁ ବିନିଯୋଗ କରି ସମଗ୍ର ଭାରତ ବର୍ଷରେ ଖିଲାଫତ୍ ବ୍ୟବସ୍ଥାକୁ ଖଣ୍ଡନ କରିବାରେ ଭୟଙ୍କର ଏବଂ ବିଷ ଓଗାଳିଲାମୂଳକ ଷଡ଼ଯନ୍ତ୍ର ରଚି ଏକ ଅଭିଯାନ ଚଳାଇଲେ । ଉକ୍ତ ଅଭିଯାନକୁ ସେମାନେ ତ୍ୱରାନ୍ୱିତ କରିବା ଆରମ୍ଭ କରିଦେଲେ ।

ଶ୍ରୋତମଣ୍ଡଳୀ ! ପରବର୍ତ୍ତୀ ସମୟରେ ମଧ୍ୟ ବିପତ୍ତି ଆସିଲା । କିନ୍ତୁ ଦୃଢ ସଂକଳ୍ପର ପରୀକ୍ଷା ଏକ ନିଃସନ୍ଦେହ ରୂପେ ବିଶେଷ ପରୀକ୍ଷା ଥିଲା । ଅଲ୍ଲାଃତାଲା ଆପଣ ର.ଅଙ୍କୁ ପ୍ରତ୍ୟେକ କଷ୍ଟ ସମୟରେ ନିଜର ବିଶେଷ କୃପା ଏବଂ ଦୟାର ସାହାରା ପ୍ରଦାନ କଲେ ନାହିଁ ଓ ଭୟଙ୍କରରୁ ଅତି ଭୟଙ୍କର ଉପତ୍ୟକାରୁ ଆପଣ ର.ଅଙ୍କ ଜମାଅତ୍‌କୁ ଅତ୍ୟନ୍ତ ସଫଳତାର ସହିତ ଉଦ୍ଧାର କରି ବିଜୟର ନୂତନ ଲକ୍ଷ୍ୟସ୍ଥଳ ଆଡ଼କୁ ବାଟ କଢାଇ ନେଲେ ।

ଶ୍ରୋତମଣ୍ଡଳୀ ! ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସର୍ବ ପ୍ରଥମ ଓ ସର୍ବ ବୃହତ୍ କୃତିତ୍ୱ ହେଉଛି ସାଙ୍ଗଠନିକ କୃତିତ୍ୱ । ଅର୍ଥାତ୍ ଆପଣ ର.ଅ ବିକ୍ଷିପ୍ତ ଜମାଅତ୍‌କୁ ଅତ୍ୟନ୍ତ ତ୍ୱରିତ ଢଙ୍ଗରେ ଗୋଟିଏ ହସ୍ତ ଉପରେ ଆଣି ଏକତ୍ରିତ କରିଦେଲେ । ବିକ୍ଷିପ୍ତ ହୋଇ ଯାଇଥିବା ପୃଷ୍ଠାଗୁଡ଼ିକୁ ଆପଣ ପୁନଃ ଏକ ବଳିଷ୍ଠ (ରଜ୍ଜୁ) ସୂତାରେ ବାନ୍ଧିଦେଲେ ଏବଂ وَلَيُبَدِّلَنَّهُمْ مِّنْۢ بَعْدِ خَوْفِهِمْ اَمْنًا ଅର୍ଥାତ୍ ଭୟପ୍ରଦ ଅବସ୍ଥାକୁ ଅଲ୍ଲାଃତାଲା ପୁନଃ ଶାନ୍ତିଦାୟକ ଅବସ୍ଥାରେ ରୂପାନ୍ତରିତ କରିଦେଲେ । ଉକ୍ତ ପ୍ରତିଶୃତି ପୁଣିଥରେ ପୂର୍ଣ୍ଣ ହେଲା । ପୁଣିଥରେ ଉକ୍ତ ବାସ୍ତବତା ଉନ୍ମୁକ୍ତ (ଖୋଲି) ସାମ୍ନାକୁ ଆସିଗଲା ଯେ, ଇସ୍‌ଲାମ୍ ଧର୍ମର ପ୍ରାଣ, ଇସ୍‌ଲାମ୍ ଧର୍ମର ଶାନ୍ତି ଓ ସୌହାର୍ଦ୍ଦ୍ୟ ସର୍ବଦା ଖିଲାଫତ୍ ବ୍ୟବସ୍ଥା ସହିତ ଜଡ଼ିତ ଏବଂ ଶଂଶ୍ଳୀଷ୍ଟ ଅଟେ ।

ଜଣେ ସୁଧାରକ ତଥା ସଂସ୍କାର ହିସାବରେ ଆପଣ ର.ଅଙ୍କ କୃତିତ୍ୱ ଉପରେ ଯଦି ସାମଗ୍ରିକ ଦୃଷ୍ଟିପାତ କରାଯାଏ ତେବେ ଆପଣ ର.ଅଙ୍କ ଉକ୍ତ କୃତିତ୍ୱ ନିଃସନ୍ଦେହ ଅନନ୍ୟ ମର୍ଯ୍ୟାଦା, ମନମୁଗ୍ଧକର ଓ ଜାଜ୍ୱଲ୍ୟମାନ ସହିତ ଚକ୍ଷୁକୁ ନିଜ ଆଡ଼କ ଆକର୍ଷିତ କରିବ । କାରଣ ଆପଣ ର.ଅ ଅହେମଦିମାନଙ୍କ ହୃଦୟରେ ଖିଲାଫତର ମର୍ଯ୍ୟାଦା ଏବଂ ମହତ୍ତ୍ୱକୁ ସଦା ସର୍ବଦା ନିମନ୍ତେ ସ୍ୱଷ୍ଟ ରୂପେ ଆସୀନ ଓ ପ୍ରବିଷ୍ଟ କରାଇଦେଲେ । ମତଭେଦ ଓ ବିଭେଦନକାରୀ ଦର୍ଶନ ଏବଂ ଗତିବିଧିକୁ ଆପଣ ର.ଅ ବାରମ୍ବାର ଏପରି ସ୍ୱଷ୍ଟତାର ସହିତ ଜମାଅତ୍ ସମ୍ମୁଖରେ ଉପସ୍ଥାପିତ କଲେ ଯେ, ନିଜାମେ ଖିଲାଫତ (ଖିଲାଫତ୍ ବ୍ୟବସ୍ଥାକୁ) ସଦ୍ୟ ଏବଂ ସତେଜ କରିବା ନିମନ୍ତେ ଯେତେବେଳେ ଓ ଯେଉଁ ବେଶରେ କୌଣସି ଆହ୍ୱାନ ହେଲା ସେତେବେଳେ ଜମାଅତ୍ ନିଃଶଙ୍କୋଚ ରୂପେ ସେହି ଅହ୍ୱାନକୁ କେବଳ ଚିହ୍ନିଲା ନାହିଁ ବରଂ ତାହାକୁ ପ୍ରତ୍ୟାଖ୍ୟାନ ଓ ରଦ୍ଦ ମଧ୍ୟ କରିଦେଲେ ।

ଜମାଅତ୍ ଅହେମଦିୟାର ଧର୍ମାଧ୍ୟକ୍ଷ ହେବା ହେତୁ ପ୍ରାରମ୍ଭରୁ ହିଁ ଖିଲାଫତ୍ ସମୟରୁ ହିଁ ଆପଣ ର.ଅଙ୍କ ଧ୍ୟାନ ଜମାଅତୀୟ ବ୍ୟବସ୍ଥାକୁ ଏଭଳି ଭାବରେ ସୁଦୃଢ ଓ ଶୃଙ୍ଖଳିତ କରିବାରେ ଆପଣ ର.ଅ ମନଯୋଗ ଏବଂ ମନୋନିବେଶ କରିଥିଲେ। ଅର୍ଥାତ୍ ଖିଲାଫତେ ରାଶିଦା (ଆଁହଜରତ ସ.ଅଙ୍କ ପରବର୍ତ୍ତୀ 4 ଖଲିଫାମାନେ) ଇସ୍‌ଲାମିୟାକୁ ଯେଉଁ ଭୟ ତଥା ଆଶଙ୍କାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଯଦି ସେହି ବିପତ୍ତି ଏବଂ ଆଶଙ୍କା ପୁନର୍ବାର ଖିଲାଫତେ ଅହେମଦିୟାକୁ ସମ୍ମୁଖୀନ ହେବାକୁ ପଡ଼େ ତେବେ ଜମାଅତ୍ ସେହି ସମସ୍ତ ବିପତ୍ତିକୁ ଅତି ସଫଳତାର ସହିତ ମୁକାବିଲା କରି ପାରିବ । ଏତଦ୍‌ଭିନ୍ନ ଜାତିର ଉନ୍ନତି ଏବଂ ଅଧୋଗତିର କାରଣ ଉପରେ ଦୃଷ୍ଟିପାତ କରି ଆପଣ ର.ଅ ଏପରି ସମସ୍ତ ମାଧ୍ୟମକୁ ଅବଲମ୍ବନ କରିବାକୁ ଚାହୁଁଥିଲେ ଯାହା ଜମାଅତ୍ ନିମନ୍ତେ ବାଧା ଠାରୁ ମୁକ୍ତ ଏବଂ ସାର୍ବକାଳୀନ ଚିରଞ୍ଜିବ ପ୍ରକୃତ ଓ ସକ୍ରିୟ ଜୀବନର ପ୍ରତିଭୂ(ଗ୍ୟାରେଣ୍ଟି) ସାବ୍ୟସ୍ତ ହୋଇ ପାରିବ । ଆପଣ ର.ଅ ଜମାଅତ୍ ବ୍ୟବସ୍ଥାର ରୂପରେଖ ଦେବା ସଂକ୍ରାନ୍ତରେ ଆପଣ ଯେଉଁ ଯେଉଁ ପନ୍ଥା ଅବଲମ୍ବନ କରିଥିଲେ ଏବଂ ଯେଉଁ ଯେଉଁ ଉପାୟ ପାଞ୍ଚିଲେ ତାହା କେବଳ ସେହି ବ୍ୟକ୍ତି ଦ୍ୱାରା ସମ୍ଭବପର ଥିଲା ଯିଏ ଇତିହାସବିତ୍ ହୋଇଥିବ ଏବଂ ବିଚାରକ ବା ଚିନ୍ତକ ମଧ୍ୟ ହୋଇଥିବ, ବିଦ୍ୱାନ୍ ହୋଇଥିବ ଏବଂ କାର୍ଯ୍ୟାନୁସରଣକାରୀ ମଧ୍ୟ ହୋଇଥିବ । ମାନବିକ ସ୍ୱଭାବ ସହିତ ମଧ୍ୟ **(ଅବଶିଷ୍ଟାଂଶ...............ପୃ-17ରେ)**

## (ଖୁତ୍‌ବା ଜୁମା)

"ବିଶ୍ୱାସକାରୀମାନଙ୍କ ଜମାଅତ୍ ଗୋଟିଏ ପ୍ରାଣ ଅଟନ୍ତି । ସେହି ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଯଦି କୌଣସି ବିଶ୍ୱାକାରୀ ବ୍ୟକ୍ତି କୌଣସି ଅବିଶ୍ୱାସକାରୀ ବ୍ୟକ୍ତିକୁ ଆଶ୍ରୟ ଦିଏ ତେବେ ସେହି ବ୍ୟକ୍ତି ପ୍ରତି ସମ୍ମାନ ପ୍ରଦର୍ଶନ କରିବା ବିଧେୟ ଅଟେ । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ ହ. ଜୈନବ୍ ର.ଅଙ୍କ ଆଡ଼କୁ ମୁହଁ କରି କହିଲେ, ହେ ଜୈନବ୍ ! "ତୁମେ ଯେଉଁ ବ୍ୟକ୍ତିକୁ ଆଶ୍ରୟ ଦେଇଛ ମୁଁ ମଧ୍ୟ ସେହି ବ୍ୟକ୍ତିକୁ ଆଶ୍ରୟ ପ୍ରଦାନ କରୁଛି ।" (ସିରତ୍ ଖାତମୁନ୍ ନବୀୟିନ୍)

**ସରିୟା ଉକ୍କାଶା ବିନ୍ ମିହସିନ୍, ସରିୟା ମୁହମ୍ମଦ୍ ବିନ୍ ମସଲମା, ସରିୟା ହ. ଅବୁ ଉବୈଦାହ୍ ବିନ୍ ଜରରାହ୍, ସରିୟା ବିନ୍ ଜୈଦ୍ ବିନ୍ ହାରିସା ବନୁ ସୁଲୈମ୍, ସରିୟା ଜୈଦ୍ ବିନ୍ ହାରିସାଙ୍କୁ ଇସ୍ ଅଭିମୁଖେ, ଗଜୱା ଲହୟାନ୍ ଏବଂ ସରିୟା ଜୈଦ୍ ବିନ୍ ହାରିସାଙ୍କୁ ତରିଫ୍ ଅଭିମୁଖେ ସନ୍ 6 ହିଜ୍ରୀରେ ସମ୍ମୁଖୀନ ହୋଇଥିବା କେତେକ ଯୁଦ୍ଧ ଏବଂ ସରାୟାର ପରିସ୍ଥିତି ଓ ଘଟଣାବଳୀର ବିସ୍ତୃତ ବର୍ଣ୍ଣନା ।**

ବିଶ୍ୱରେ ବିଗିଡୁଥିବା ରାଜନୈତିକ ଅବସ୍ଥା ଏବଂ ଆକାଶୀୟ ବିପତ୍ତିର ପୃଷ୍ଠଭୂମି ସଂପର୍କରେ ହୁଜୁର ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ।

ଇରାନ୍ ଓ ଅନ୍ୟ ରାଷ୍ଟ୍ରମାନଙ୍କୁ ସଦବୁଦ୍ଧି ଦେବା ସଙ୍ଗେସଙ୍ଗେ ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦବୁଦ୍ଧି ପ୍ରଦାନ କରନ୍ତୁ । ମୁସଲମାନମାନେ ଜାତି ବିଭାଜନରୁ ବାହାରନ୍ତୁ ଏବଂ ରାଜତ୍ୱ କରିବାର ଯେଉଁ ଲାଳସା ସେମାନଙ୍କ ମନରେ ବସା ବାନ୍ଧିଛି ତାହା ସମାପ୍ତ ହୋଇଯାଉ ଏବଂ ସମସ୍ତେ ଏକ ହୋଇ ଯାଆନ୍ତୁ ।

ସମ୍ମାନନୀୟ ସ୍ୱର୍ଗତ ଅମୀର ହସନ୍ ମୁରାଡ଼ି ସାହେବ ଶହୀଦ୍ (ମୀର୍‌ପୁର ଖାସ୍ ସିନ୍ଧ୍ ପାକିସ୍ତାନ) ଏବଂ ମାଲେସିଆର ମୁବଲ୍ଲିଗ୍ ସିଲ୍‌ସିଲା ମୌଲାନା ଅବଦୁସ୍ ସତ୍ତାର ରଉଫ୍ ସାହେବଙ୍କ ଉତ୍ତମ ଚର୍ଚ୍ଚା ଏବଂ ସେମାନଙ୍କ ନମାଜ ଯନାଜାଃ ଗାଏବ୍ ।

**20 DECEMBER 2024 ମସିହା ଅନୁଯାୟୀ ୨୦ ଫତହ୍ ୧୪୦୩ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଊଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବେନସ୍ରେହିଲ୍ ଅଜିଜ୍ କହିଲେ: ଆଁହଜରତ ସ.ଅଙ୍କ ଜୀବନୀର ଯୁଦ୍ଧ ପକ୍ଷ ଏବଂ ସରାୟାର ଘଟଣାବଳୀ ସଂପର୍କରେ ଚର୍ଚ୍ଚା ଜାରି ରହିଛି ସେହି କ୍ରମରେ ଆଜି ମଧ୍ୟ ମୁଁ କେତେକ ସରାୟା (ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସାମିଲ୍ ହୋଇ ନଥିଲେ ତାହାକୁ ସରିୟା ବୋଲି କୁହାଯାଏ । ଅତଏବ୍ ସରାୟା ହେଉଛି ସରିୟାର ବହୁ ବଚନ ଅର୍ଥାତ୍ ଅନେକ ଯୁଦ୍ଧ)ର ଚର୍ଚ୍ଚା କରିବି । ସେହି ସରିୟା ମଧ୍ୟରୁ ଅନ୍ୟତମ ସରାୟା ହେଲା ସରିୟା ଉକାଶା ବିନ୍ ମିହସନ୍ । ଉକ୍ତ ସରିୟା ସଂକ୍ରାନ୍ତରେ ଇତିହାସରେ ମଧ୍ୟ ଉଲ୍ଲେଖ ରହିଛି । ଉକ୍ତ ସରିୟା ଉକାଶା ବିନ୍ ମିହସନ୍‌ର ଗମର୍ ମର୍ଜୁକ୍ ଅଭିମୁଖେ ହୋଇଥିଲା । ଉକ୍ତ ସରିୟା ରବିଉଲ୍ ଅୱଲ୍ 6 ହିଜ୍ରୀରେ ହୋଇଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-77, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ସିରତ୍ ଖାତମୁନ୍ ନବୀୟିନ୍ ସ.ଅରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ଆଁହଜରତ ସ.ଅ ନିଜର ଜନୈକ ପ୍ରବାସକାରୀ ସାହାବି ଉକାଶା ବିନ୍ ମିହସନ୍ ର.ଅଙ୍କୁ 40 ଜଣ ମୁସଲମାନମାନଙ୍କ ଉପରେ ଅଫିସର (ସେନପତି) କରି ବନି ଅସଦ୍ ସଂପ୍ରାଦୟ ଅଭିମୁଖେ ମୁକାବିଲା ନିମନ୍ତେ ପ୍ରେରଣ କରିଥିଲେ । ଉକ୍ତ ସଂପ୍ରଦାୟ ସେତେବେଳେ ଏକ ଝରଣା ନିକଟବର୍ତ୍ତୀ ସ୍ଥାନରେ ଶିବିର ପକାଇଥିଲା । ସେହି ସ୍ଥାନର ନାମ ଗମର୍ ଥିଲା । ଉକ୍ତ ସ୍ଥାନ ମଦିନା ଠାରୁ ମକ୍କା ଦିଗରେ କିଛି ଦିନର ବ୍ୟବଧାନରେ ଅବସ୍ଥିତ ଥିଲା । ଉକ୍କାଶାଙ୍କ ସୈନ୍ୟଦଳ ଶୀଘ୍ର ଶୀଘ୍ର ଯାତ୍ରା କରି ଗମର୍ ନିକଟବର୍ତ୍ତୀ ପହଞ୍ଚିଲା । କାରଣ ସେମାନଙ୍କୁ ଉପଦ୍ରବରୁ ଅଟକାଇ ଦିଆଯାଇ ପାରିବ । "ଯେଉଁ ଯୋଜନା ପ୍ରସ୍ତୁତ କରୁଥିଲେ ସେମାନଙ୍କୁ ତହିଁରୁ ରୋକା ଯାଇ ପାରିବ । ତେବେ ଜଣା ପଡ଼ିଲା ଯେ, ସେହି ସଂପ୍ରଦାୟର ଲୋକମାନେ ମୁସଲମାନମାନଙ୍କର ଆଗମନର ସୂଚନା ପାଇବା ମାତ୍ରେ ଏଣେତେଣେ ବିକ୍ଷିପ୍ତ ହୋଇ ଯାଇଥିଲେ । ଫଳତଃ ଉକ୍କାଶା ର.ଅ ଓ ତାଙ୍କର ସାଥିମାନେ ମଦିନା ଅଭିମୁଖେ ଫେରି ଆସିଲେ ଏବଂ କୌଣସି ଯୁଦ୍ଧ ହେଲା ନାହିଁ। **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ୍ ସାହେବ ଏମ.ଏ ର.ଅ, ପୃ-681)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ସରିୟା ରହିଛି ଯାହାର ନାମ ହେଲା ସରିୟା ମୁହମ୍ମଦ ବିନ୍ ମସ୍‌ଲମା । ଉକ୍ତ ସରିୟା ରବିଉସ୍ ସାନି 6 ହିଜ୍ରୀରେ ହୋଇଥିଲା । ରସୁଲୁଲ୍ଲାଃ ସ.ଅ ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅଙ୍କୁ ବନୁ ସାଆଲବା ଓ ବନୁ ଉୱାଲ୍ ସଂପ୍ରଦାୟ ଆଡ଼କୁ ପ୍ରେରଣ କଲେ । ଏହି ଦୁଇ ସଂପ୍ରଦାୟ ଜୁଲ୍ କସ୍ସା ଠାରେ ରହୁଥିଲେ । ଜୁଲ୍ କସ୍ସା ମଦିନା ଠାରୁ ରବ୍‌ଦାହ୍ ମାର୍ଗରେ 24 ମାଇଲ୍ ଦୂରତାରେ ଅବସ୍ଥିତ ଅଟେ । **(ଅତ୍‌ତବ୍‌କାତୁଲ୍ କୁବ୍ରା ଲିଇବ୍‌ନେ ସାଆଦ୍, ଭାଗ-2, ପୃ-65, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ରସୁଲୁଲ୍ଲାଃ ସ.ଅ ହ. ମୁହମ୍ମଦ ବିନ୍ ମସ୍‌ଲମାଙ୍କୁ 10 ଜଣ ବ୍ୟକ୍ତି ଦେଇ ପ୍ରେରଣ କଲେ । ଉକ୍ତ ଦଳ ରାତ୍ର ସମୟରେ ସେଠାରେ ପହଞ୍ଚିଲା । ସେହି ଲୋକମାନେ ହ. ମୁହମ୍ମଦ ବିନ୍ ମସ୍‌ଲମା ଏବଂ ଆପଣ ର.ଅଙ୍କ ସାଥିମାନଙ୍କୁ ସେତେବେଳେ ଘେରି ପକାଇଲେ ଯେତେବେଳେ ସେମାନେ ଶୋଇଥିଲେ । ଶତ୍ରୁ ପକ୍ଷ 100 ଜଣ ସଦସ୍ୟ ବିଶିଷ୍ଟ ଥିଲା । ଶତ୍ରୁ ପକ୍ଷ ଯେତେବେଳେ ମୁସଲମାନମାନଙ୍କୁ ତୀର ଦ୍ୱାରା ଘେରି ନେଇଥିଲେ ସେତେବେଳ ପର୍ଯ୍ୟନ୍ତ ମୁସଲମାନମାନଙ୍କୁ କିଛି ଜ୍ଞାତ ନଥିଲା । ହ. ମୁହମ୍ମଦ ବିନ୍ ମସ୍‌ଲମା ତୁରନ୍ତ ନିଦ୍ରାରୁ ଉଠି ପଡ଼ିଲେ । ଆପଣ ର.ଅଙ୍କ ନିକଟରେ କମାଣ ଥିଲା । ଆପଣ ନିଜର ସାଥିମାନଙ୍କୁ ଜୋର୍‌ରେ ଡାକ ମାରି କହିଲେ, ଯେ, ହେ ସାଥିମାନେ ! ନିଜ ନିଜ ଅସ୍ତ୍ର ଧରି ପକାଅ । ସେମାନେ ଅର୍ଥାତ୍ ମସ୍‌ଲମା ର.ଅଙ୍କ ସାଥିମାନେ ତୁରନ୍ତ ନିଦରୁ ଉଠି ପଡ଼ିଲେ ଏବଂ ଅସ୍ତ୍ର ଧରି ପକାଇଲେ । ଉଭୟ ପକ୍ଷଙ୍କ ମଧ୍ୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ତୀର ଚାଳନା ହେଉଥିଲା । ପୁନଶ୍ଚ ଏତଦ୍‌ପରେ ସେହି ଆଦିବାସୀ ଏବଂ ନିପଟ ମଫସଲର ଲୋକମାନେ ବର୍ଚ୍ଛା ଦ୍ୱାରା ଆକ୍ରମଣ କରି ଅନ୍ୟ ସମସ୍ତ ମସୁଲମାନମାନଙ୍କୁ ଶହୀଦ୍ କରିଦେଲେ ଏବଂ ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅ ଆହତ ହୋଇ ତଳେ ପଡ଼ିଗଲେ । ଆପଣଙ୍କ ଗୋଇଠିରେ ଏତେ ଗମ୍ଭୀର ଆଘାତ ଲାଗିଲା ଯେ, ଆପଣ କୌଣସି ଚଳପ୍ରଚଳ କରିପାରୁ ନଥିଲେ । ସେହି ଲୋକମାନେ ଆପଣଙ୍କର ବସ୍ତ୍ର ଓହ୍ଲାଇ ନେଲେ ଏବଂ ସେଠାରୁ ଚାଲିଗଲେ। ଜଣେ ବ୍ୟକ୍ତି ଯେତେବେଳେ ସେହି ମାର୍ଗ ଦେଇ ଯାଉଥିଲା ସେ ଯେତେବେଳେ ମୁସଲମାନମାନଙ୍କୁ ମୃତ ଏବଂ ମୁସଲମାନମାନଙ୍କର ଏହି ଦୁରାବସ୍ଥାକୁ ଅବଲୋକନ କଲା ସେତେବେଳେ ସେ **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍** ପାଠ କଲା । ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅ ଯେତେବେଳେ ଉକ୍ତ ସ୍ୱରକୁ ଶୁଣିଲେ ସେତେବେଳେ ଆପଣ ହାତ ଗୋଡ଼ ହଲାଇଲେ । ଅର୍ଥାତ୍ ଗତିବିଧି ପ୍ରଦର୍ଶନ କଲେ । ସେହି ମୁସଲମାନ ବ୍ୟକ୍ତି ଜଣକ ଆପଣ ର.ଅଙ୍କୁ ଆହାର ଖୁଆଇଲା ଏବଂ ଆପଣ ର.ଅଙ୍କୁ ନିଜ ସବାରୀ ଉପରେ ଆରୋହଣ କରାଇ ବସାଇ ମଦିନା ନେଇ ଆସିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-79, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅଙ୍କ ସାଥିମାନଙ୍କ ଶାହାଦତ୍‌ର ଦୋଷୀ ଶତ୍ରୁମାନଙ୍କ ଠାରୁ ପ୍ରତିଶୋଧ ନେବା ନିମନ୍ତେ ଏକ ସରିୟାର ଚର୍ଚ୍ଚା ମଧ୍ୟ ମିଳେ ଯାହାକୁ ସରିୟା ହ. ଅବୁ ଉବୈଦାହ୍ ବିନ୍ ଜରରାହ୍ କୁହାଯାଏ । ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଉକ୍ତ ଯୁଦ୍ଧର ବିସ୍ତୃତ ବିବରଣୀ ପ୍ରଦାନ କରି ଉଲ୍ଲେଖ କରନ୍ତି ଯେ, "ଆଁହଜରତ ସ.ଅଙ୍କୁ ଯେତେବେଳେ ଏହି ପରିସ୍ଥିତି ସଂପର୍କରେ ଜ୍ଞାତ ହେଲା ଅର୍ଥାତ୍ ଜୁଲ୍ କସ୍ସା ଠାରେ ହ. ମୁହମ୍ମଦ ମସଲମା ର.ଅ ଓ ତାଙ୍କର ସାଥିମାନଙ୍କ ଶାହାଦତ୍ ସଂକ୍ରାନ୍ତରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ହ. ଅବୁ ଉବୈଦାହ୍ ବିନ୍ ଅଲ୍ ଜରରାହ୍ ର.ଅ ଯେକି କୁରୈଶ୍‌ମାନଙ୍କ ମଧ୍ୟରୁ ଥିଲେ ଏବଂ ବରିଷ୍ଠ ସାହାବାମାନଙ୍କ ମଧ୍ୟରେ ଗଣ୍ୟ ହେଉଥିଲେ ।

ଅତଏବ୍ ଆପଣ ସ.ଅ ଅବୁ ଉବୈଦାହ୍ ବିନ୍ ଅଲ୍ ଜରରାହ୍ ର.ଅଙ୍କୁ ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅଙ୍କ ପ୍ରତିଶୋଧ ନେବା ନିମନ୍ତେ ଜୁଲ୍ କସ୍ସା ଅଭିମୁଖେର ପ୍ରେରଣ କଲେ । ଇତି ମଧ୍ୟରେ ଏହା ସୂଚନା ପ୍ରାପ୍ତ ହୋଇ ସାରିଥିଲା ଯେ, ବନୁ ସାଆଲବା ସଂପ୍ରଦାୟର ଲୋକମାନେ ମଦିନାର ଉପନଗର ଉପରେ ଆକ୍ରମଣ କରିବାର ଇଚ୍ଛା ପ୍ରକାଶ କରୁଥିଲେ । ତେଣୁ ଆପଣ ସ.ଅ ଅବୁ ଉବୈଦାହ୍ ବିନ୍ ଅଲ୍ ଜରରାହ୍ ର.ଅ ଆଁହଜରତ ସ.ଅଙ୍କ ଆଦେଶ ପାଳନପୂର୍ବକ ଯୁଦ୍ଧ ନିମନ୍ତେ ଆମନ୍ତ୍ରିତ କରି ଠିକ୍ ସକାଳ ନମାଜ୍ ସମୟରେ ସେମାନଙ୍କୁ ଧରି ପକାଇଲେ ଏବଂ ସେମାନେ ଉକ୍ତ ସହସା ଆକ୍ରମଣ ଫଳରେ ଘାବ୍‌ରେଇ ଯାଇ କିଛି ସମୟ ସଂଘର୍ଷ (ମୁକାବିଲା) କରିବା ପରେ ପଳାୟନ କଲେ ଏବଂ ନିକଟବର୍ତ୍ତୀ ପର୍ବତରେ ଅଦୃଶ୍ୟ ହୋଇଗଲେ । ଅବୁ ଉବୈଦାହ୍ ମାଲେ ଗନିମତ୍ ଉପରେ ଅଧିକାର କଲେ ଏବଂ ମଦିନା ଅଭିମୁଖେ ଫେରି ଆସିଲେ ।"

ଉକ୍ତ ଅଭିଯାନରେ ଯେଉଁ ଦୁଇ ସାହାବିଙ୍କର ଚର୍ଚ୍ଚା ମିଳେ ଅର୍ଥାତ୍ ମୁହମ୍ମଦ୍ ବିନ୍ ମସ୍‌ଲମା ଏବଂ ଅବୁ ଉବୈଦାହ୍ ବିନ୍ ଅଲ୍ ଜର୍‌ରାହ୍ ର.ଅଙ୍କର, ଏମାନେ ଦୁହେଁ ବରିଷ୍ଠ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅ ନିଜର ବ୍ୟକ୍ତିଗତ ଗୁଣାବଳୀ ଏବଂ ସାମର୍ଥ୍ୟତା ଓ ଦକ୍ଷତା ବ୍ୟତୀରେକ କାଆବ୍ ବିନ୍ ଅଶ୍ରଫ୍ ଯେକି ଜଣେ ଇହୁଦୀ ବ୍ୟକ୍ତି ଥିଲା ତା'କୁ ବଧ କରିବା ହେତୁ ଆପଣ ନାୟକ ହୋଇ ଯାଇଥିଲେ । କାରଣ ଉକ୍ତ ଉପଦ୍ରବ ତାଙ୍କରି ହସ୍ତ ଦ୍ୱାରା ପ୍ରତିହତ ହୋଇ ଶତ୍ରୁ ନିଜେ କୁପରିଣାମ (ଦଣ୍ଡ) ଭୋଗିଥିଲା । ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅ ଅନ୍‌ସାର୍‌ର ୱସ୍ ସଂପ୍ରଦାୟ ସହିତ ସଂପର୍କ ରହିଥିଲା । ହ. ଉମର୍ ର.ଅଙ୍କ ଖିଲାଫତ୍‌ରେ ହ. ଉମର୍ ର.ଅଙ୍କ ବିଶେଷ ବିଶ୍ୱସ୍ତ ରୂପେ ଜଣାଶୁଣା ଥିଲେ । ସୁତରାଂ ହ. ଉମର୍ ର.ଅ ପ୍ରାୟତଃ ତାଙ୍କୁ ହିଁ ନିଜ କର୍ମଚାରୀଙ୍କ ଅଭିଯୋଗର ତଦନ୍ତ ନିମନ୍ତେ ପ୍ରେରଣ କରୁଥିଲେ। ହ. ଉସମାନ୍ ର.ଅଙ୍କ ବିୟୋଗ ପରେ ଯେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ଉପଦ୍ରବର (ଗୃହଯୁଦ୍ଧ ଏବଂ ଦ୍ୱନ୍ଦ୍ୱର) ବାଟ ଫିଟିଲା ସେତେବେଳେ ମୁହମ୍ମଦ ବିନ୍ ମସ୍‌ଲମା ର.ଅ ନିଜର ଖଡ଼୍‌ଗକୁ ଏକ ପଥର ଉପରେ ବାଡ଼େଇ ଖଡ଼୍‌ଗ ଭାଙ୍ଗି ନିଜ ହସ୍ତରେ ଏକ ବାଡ଼ିଟିଏ ନେଇ ନେଲେ । ଯେତେବେଳେ ତାଙ୍କୁ କେହି ବାଡ଼ି ଧରିବାର କାରଣ ସଂପର୍କରେ ପଚାରିଲା ସେତେବେଳେ ସେ କହିଲେ, ମୁଁ ଆଁହଜରତ ସ.ଅଙ୍କୁ ଏହା କହୁଥିବାର ଶୁଣିଛି ଯେ, ଆଁହଜରତ୍ ସ.ଅ କହିଲେ, ହେ ଉସ୍‌ମାନ୍ ! ମୁସଲମାନମାନଙ୍କ ମଧ୍ୟରେ ଯେତେବେଳେ କୌଣସି ପାରସ୍ପାରିକ ହତ୍ୟା ବିଭୀଷିକାର ଦ୍ୱାର ଉନ୍ମୁକ୍ତ ହେବ ସେତେବେଳେ ତୁମେମାନେ ଖଡ଼୍‌ଗ ମୁନକୁ ଭାଙ୍ଗି ଘର ଭିତରେ ଏପରି ବସିଯିବ ଯେପରି କୌଣସି ଘରେ ତା'ର ଚଟ୍ଟାଣ ଅର୍ଥାତ୍ ଗୃହର ନିମ୍ନ ଭାଗ ପଡ଼ି ରହିଥାଏ । ଉକ୍ତ ଆଦେଶଟି ସମ୍ଭବତଃ ମୁହମ୍ମଦ ବିନ୍ ମସ୍‌ଲମା ର.ଅଙ୍କ ନିମନ୍ତେ କିମ୍ବା ଉକ୍ତ ଉପଦ୍ରବ ନିମନ୍ତେ ବିଶେଷ ଥିଲା । ଅନ୍ୟଥା ବେଳେବେଳେ ଆଭ୍ୟନ୍ତରୀଣ ଉପଦ୍ରବର ମୁକାବିଲା କରିବା ମଧ୍ୟ ଏକ ଧାର୍ମିକ ସେବା ସହିତ ସମାନ ଅଟେ ।

ହୁଜରୁ ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ସାହାବି ହେଉଛନ୍ତି ଅବୁ ଉବୈଦାହ୍ ର.ଅ ବିନ୍ ଜର୍‌ରାହ୍ ର.ଅ । ଆପଣ ତୁଙ୍ଗ ତଥା ବରିଷ୍ଠ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଆପଣ କୁରୈଶୀୟ ସାହାବା ଥିଲେ । ତାଙ୍କ ଉଚ୍ଚ ମର୍ଯ୍ୟାଦା ତହିଁରୁ ପ୍ରକାଶିତ ହୋଇଥାଏ ଯେ, ଆଁହଜରତ ସ.ଅ ତାଙ୍କୁ ଅମୀନୁଲ୍ ଉମ୍ମତ୍‌ର ଉପାଧି ପ୍ରଦାନ କରିଥିଲେ । ସେହିପରି ଆଁହଜରତ ସ.ଅଙ୍କ ବିୟୋଗ ପରେ ହ. ଅବୁ ବକ୍କର ର.ଅ ଯେଉଁ ଦୁଇ ଜଣ ସାହାବିଙ୍କୁ ଖିଲାଫତ୍ ନିମନ୍ତେ ଯୋଗ୍ୟ ବୋଲି ବିବେଚିତ କରିଥିଲେ ତନ୍ମଧ୍ୟରୁ ହ. ଅବୁ ଉବୈଦାହ୍ ବିନ୍ ଅଲ୍ ଜର୍‌ରାହ୍ ମଧ୍ୟ ଅନ୍ୟତମ ଥିଲେ। ହ. ଅବୁ ଉବୈଦାହ୍ ବିନ୍ ଅଲ୍ ଜର୍‌ରାହ୍ ର.ଅ ହ. ଉମର୍ ର.ଅଙ୍କ ଶାସନ କାଳରେ (ଖିଲାଫତ୍ ସମୟରେ) ପ୍ଲେଗ୍ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ବୀରଗତି ପ୍ରାପ୍ତ କରିଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-668-669)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସରିୟା ରହିଛି ଯାହାର ନାମ ହେଲା ସରିୟା ଜୈଦ୍ ବିନ୍ ହାର୍‌ସା । ଉକ୍ତ ସରିୟା ବନୁ ସୁଲୈମ୍ ସଂପ୍ରଦାୟ ଅଭିମୁଖେ ପ୍ରେରଣ କରାଯାଇଥିଲା । ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏଥି ସଂକ୍ରାନ୍ତରେ ଉଲ୍ଲେଖ କରନ୍ତି ଯେ, "ରବିଉଲ୍ ଅୱଲ୍ ମାସ 6 ହିଜ୍ରୀରେ ଆଁହଜରତ ସ.ଅ ନିଜର ସ୍ୱାଧୀନ ପ୍ରାପ୍ତ ଦାସ ଜୈଦ୍ ବିନ୍ ହାର୍‌ସା ର.ଅଙ୍କ ସେନାପତିତ୍ୱରେ କିଛି ମୁସଲମାନମାନଙ୍କୁ ବନି ସୁଲୈମ୍ ସଂପ୍ରଦାୟ ଆଡ଼କୁ ପ୍ରେରଣ କଲେ । ଉକ୍ତ ସଂପ୍ରଦାୟ ସେତେବେଳେ ନଜଦ୍ ଅଞ୍ଚଳରେ ଜମୁମ୍ ଠାରେ ବାସ କରୁଥିଲା । ଉକ୍ତ ସଂପ୍ରଦାୟ ଦୀର୍ଘ କାଳ ଧରି ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରି ଆସୁଥିଲା। ଖନ୍ଦକ୍ ଯୁଦ୍ଧରେ ଉକ୍ତ ସଂପ୍ରାଦୟ ମୁସଲମାନମାନଙ୍କ ବିରୁଦ୍ଧରେ ଅନନ୍ୟ ରୂପେ ଭାଗ ନେଇଥିଲା । ଯେତେବେଳେ ଜୈଦ୍ ବିନ୍ ହାର୍‌ସା ର.ଅ ଓ ତାଙ୍କର ସାଥିମାନେ ଜମୁମ୍ ଠାରେ ପହଞ୍ଚିଲେ ସେତେବେଳେ ମଦିନା ନିକଟବର୍ତ୍ତୀ 50 ମାଇଲ୍ ଦୂରତାରେ ଉକ୍ତ ସ୍ଥାନଟି ଅବସ୍ଥିତ ଥିଲା । ଅତଏବ୍ ହ. ଜୈଦ୍ ର.ଅ ବନୁ ସୁଲୈମ୍ ସଂପ୍ରଦାୟକୁ ଉକ୍ତ ସ୍ଥାନରେ (ଜମୁମ୍ ଠାରେ) ପାଇଲେ ନାହିଁ । କିନ୍ତୁ ସେମାନଙ୍କୁ ମୁଜୈନା ସଂପ୍ରଦାୟର ହଲିମା ନାମକ ଜନୈକା (ଜଣେ) ମହିଳା ଯେକି ଇସ୍‌ଲାମ୍ ଧର୍ମର ବିରୋଧୀଙ୍କ ମଧ୍ୟରୁ ଅନ୍ୟତମ ଥିଲା । ସେହି ମହିଳା ମାଧ୍ୟମରେ ହ. ଜୈଦକୁ ଏହି ସୂଚନା ମିଳିଲା ଯେ, ବର୍ତ୍ତମାନେ ବନୁ ସୁଲୈମ୍ ସଂପ୍ରଦାୟର ଏକ ଭାଗ ନିଜର ଗୃହପାଳିତ ପଶୁମାନଙ୍କୁ ଚରାଉଅଛି । ସୁତରାଂ ଉକ୍ତ ସୂଚନାରୁ ଉପକୃତ ହୋଇ ଜୈଦ୍ ବିନ୍ ହାର୍‌ସା ର.ଅ ସେହି ସ୍ଥାନରେ ସହସା ଚଢଉ କଲେ। ଉକ୍ତ ସହସା ଆକ୍ରମଣ ଯୋଗୁଁ ଘାବରେଇ (ବିଚଳିତ) ହୋଇଯାଇ ଲୋକମାନେ ଏଣେତେଣେ ବିକ୍ଷିପ୍ତ ହୋଇଗଲେ । କିନ୍ତୁ କେତେକ ବନ୍ଦୀମାନେ ଏବଂ ଚତୁସ୍ପଦୀ ଗୃହପାଳିତ ପଶୁଙ୍କୁ ମୁସଲମାନମାନେ ଧରି ପକାଇଲେ । ସେହି ପଶୁମାନଙ୍କୁ ଧରି ହ. ଜୈଦ୍ ର.ଅ ମଦିନା ଚାଲି ଆସିଲେ । ଦୈବାତ୍ ସେହି ବନ୍ଦୀ ହୋଇଥିବା ଲୋକମାନଙ୍କ ମଧ୍ୟରୁ ହଲିମାର ସ୍ୱାମୀ ମଧ୍ୟ ରହିଥିଲା । ହଲିମାର ସ୍ୱାମୀ ଇସ୍‌ଲାମ୍ ଧର୍ମର ଘୋର ବିରୋଧୀ ଥିଲା ଏବଂ ଇସ୍‌ଲାମ୍ ଧର୍ମ ସହିତ ଯୁଦ୍ଧ କରିବାକୁ ସେ ଆଗ୍ରହୀ ଥିଲା । ଯେହେତୁ ହଲିମା ମୁସଲମାନମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲା ତେଣୁ ଆଁହଜରତ ସ.ଅ କେବଳ ହଲିମାକୁ ଛଡ଼ାଇଲେ ନାହିଁ ବରଂ ତା'ର ସ୍ୱାମୀକୁ ମଧ୍ୟ କୃତଜ୍ଞତା ସ୍ୱରୂପ ମୁକ୍ତ କରିଦେଲେ । ଅତଏବ ହଲିମା ଓ ତା'ର ସ୍ୱାମୀ ଆନନ୍ଦର ସହକାରେ ନିଜ ମାତୃଭୂମିକୁ ଫେରିଗଲେ ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-669)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ସରିୟାର୍ ଚର୍ଚ୍ଚା ମିଳେ ଯାହାର ନାମ ସରିୟା ଜୈଦ୍ ବିନ୍ ହାର୍‌ସା । ଉକ୍ତ ସରିୟା (ଯୁଦ୍ଧ)ରେ ମୁସଲମାନ ସୈନ୍ୟବାହିନୀକୁ ଇସ୍ ଅଭିମୁଖେ ପ୍ରେରଣ କରାଗଲା । ସରିତ୍ ଖାତମୁନ୍ ନବୀୟିନ୍‌ରେ ଉକ୍ତ ଯୁଦ୍ଧର ବିସ୍ତୃତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, "ଆଁହଜରତ ସ.ଅ ଜମାଦିଉଲ୍ ଉଲା" 6 ହିଜ୍ରୀ ମାସରେ ହ. ଜୈଦ୍ ବିନ୍ ହାରସା ର.ଅଙ୍କୁ 170 ଜଣ ସାହାବାଙ୍କ ନେତୃତ୍ୱ ତଥା ସେନପତିତ୍ୱରେ ମଦିନାରୁ ପ୍ରେରଣ କରିଥିଲେ । ଜୀବନୀ ଲେଖାଳୀମାନେ ଉକ୍ତ ଅଭିଯାନର କାରଣ ସଂପର୍କରେ ଉଲ୍ଲେଖ କରନ୍ତି ଯେ, ସରୀୟା ଆଡୁ ମକ୍କାର କୁରୈଶ୍‌ମାନଙ୍କର ଏକ ଯାତ୍ରୀସମୂହ ଆସୁଥିଲା । ସେହି ଯାତ୍ରୀ ସମୂହକୁ ଅଟକାଇବା ନିମନ୍ତେ ଆଁହଜରତ ସ.ଅ ଉକ୍ତ ସୈନ୍ୟ ଟୁକୁଡ଼ିକୁ ପ୍ରେରଣ କରିଥିଲେ। କୁରୈଶ୍‌ର ଯାତ୍ରୀସମୂହ ସର୍ବଦା ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ହୋଇ ରହୁଥିଲେ ଏବଂ ମକ୍କା ଓ ସିରୀୟା ମଧ୍ୟରେ ଯାଆ ଆସ୍ କରୁଥିଲେ । ସେମାନେ ମଦିନା ନିକଟ ଦେଇ ଅତିକ୍ରମ କରୁଥିଲେ । ଯଦ୍ଦ୍ୱାରାକି ସେମାନଙ୍କ ପକ୍ଷରୁ ସର୍ବଦା ବିପଦର ଆଶଙ୍କା କରା ଯାଉଥିଲା । ଏତଦ୍‌ଭିନ୍ନ ଯେଉଁ ଯେଉଁ ସ୍ଥାନ ଦେଇ ସେମାନେ ଅତିକ୍ରମ କରୁଥିଲେ ସେମାନେ ଆରବ୍ୟ ସଂପ୍ରଦାୟକୁ ଆରବ୍ୟ ସଂପ୍ରଦାୟ ବିରୁଦ୍ଧରେ ଉସ୍‌କାଉଥିଲେ। ଯଦ୍ଦ୍ୱାରାକି ସମଗ୍ର ଦେଶରେ ମୁସଲମାନମାନଙ୍କ ବିରୁଦ୍ଧରେ ଶତ୍ରୁତାର ଏକ ଅଗ୍ନି ପ୍ରଜ୍ୱଳିତ ହୋଇାଯଇଥିଲା । ଅତଏବ୍ ସେମାନଙ୍କୁ ଅଟକାଇବା ନିହାତି ଅବଶ୍ୟକ ହୋଇ ପଡ଼ିଥିଲା । ସେ ଯାହା ହେଉ ଆଁହଜରତ ସ.ଅ ଯାତ୍ରୀସମୂହର ସୂଚନା ପାଇବା ମାତ୍ରେ ଜୈଦ୍ ବିନ୍ ହାର୍‌ସା ର.ଅଙ୍କୁ ଏହି ଆଡ଼କୁ ପ୍ରେରଣ କଲେ ଏବଂ ଏତେ ଚତୁରତାର ସହିତ ଛକି ବସିଥିଲେ ଯେ, ଇସ୍ ସ୍ଥାନରେ ସେହି ଯାତ୍ରୀସମୂହକୁ ଧରି ପକାଇଲେ । ଇସ୍ ଏକ ସ୍ଥାନର ନାମ ଅଟେ । ଉକ୍ତ ସ୍ଥାନ ମଦିନା ଠାରୁ 4 ଦିନର ଦୂରତାରେ ସମୁଦ୍ର ଦିଗରେ ଅବସ୍ଥିତ ଅଟେ । ଉକ୍ତ ଆକ୍ରମଣଟି ସହସା ଆକ୍ରମଣ ହୋଇଥିବା ହେତୁ ମୁସଲମାନମାନଙ୍କର ଆକ୍ରମଣକୁ ସହ୍ୟ କରି ନପାରି ଶତ୍ରୁ ନିଜର ଜିନିଷପତ୍ର ଛାଡ଼ି ପଳାୟନ କଲେ । ଜୈଦ୍ ର.ଅ କେତେକ କଏଦୀଙ୍କୁ ଧରି ପକାଇଲେ ଏବଂ ଯାତ୍ରୀ ସମୂହର ଜିନିଷ ପତ୍ର ନିଜ ଅକ୍ତିଆରକୁ ନେଇ ମଦିନା ଆଡ଼କୁ ବାହାରି ପଡ଼ିଲେ । ହ. ଜୈଦ୍ ର.ଅ ଯାତ୍ରୀ ଏବଂ ଜିନିଷପତ୍ର ଧରି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-670)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଘଟଣାବଳୀରେ ଅବୁଲ୍ ଆସ୍ ବିନ୍ ରବିଇଙ୍କ ବନ୍ଦୀ ହେବା ଓ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଚର୍ଚ୍ଚା ମଧ୍ୟ ମିଳେ । ଉକ୍ତ ଘଟଣାର ସବିଶେଷ ବିବରଣୀ ଏହିପରି ଯେ, ଇବ୍‌ନେ ଇସ୍‌ହାକ୍ କୁହନ୍ତି ଯେ, ମକ୍କା ବିଜୟ ପୂର୍ବରୁ ଅବୁଲ୍ ଆସ୍ ବିନ୍ ରବିଇ ବାଣିଜ୍ୟ ଉଦ୍ଦେଶ୍ୟରେ ନିଜର ଧନ ଏବଂ କୁରୈଶ୍‌ମାନଙ୍କର ଧନ ସମ୍ପତ୍ତିକୁ ଧରି ସିରୀୟା ଅଭିମୁଖେ ବାହାରି ପଡ଼ିଲେ। ବାଣିଜ୍ୟ ବ୍ୟବସାୟ କରି ସାରିବା ପରେ ଅବୁଲ୍ ଆସ୍ ଯାତ୍ରୀସମୂହଙ୍କୁ ଧରି ଯେତେବେଳେ ଫେରିବାକୁ ଲାଗିଲା ସେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ଏକ ସୈନ୍ୟବାହିନୀ ସହିତ ମୁହାଁମୁହିଁ ହେଲା । ଅବୁଲ୍ ଆସ୍ ନିକଟରେ ଥିବା ସମସ୍ତ ଜିନିଷପତ୍ର ସାହାବାମାନେ ନିଜ ଅକ୍ତିଆରକୁ ନେଇ ନେଲେ ଏବଂ ଯାତ୍ରୀସମୂହର ଲୋକମାନଙ୍କୁ ବନ୍ଦୀ କରିନେଲେ । ଇବ୍‌ନେ ସାଆଦ୍ ଉଲ୍ଲେଖ କରନ୍ତି ଯେ, ହ. ଜୈଦ୍ ର.ଅ ଉକ୍ତ ଯାତ୍ରୀ ସମୂହକୁ ଯହିଁରେ ଅବୁଲ୍ ଆସ୍ ମଧ୍ୟ ଥିଲା ଗିରଫ କରିନେଲା ଏବଂ ସେମାନଙ୍କୁ ମଦିନା ନେଇ ଆସିଲା ।

ଇମାମ୍ ଜୁହରୀ ଓ ଇବ୍‌ନେ ଉକ୍‌ବା ନିକଟରେ ଅବୁ ବସିର୍ ର.ଅ, ଅବୁ ଜନ୍ଦଲ୍ ର.ଅ ଏବଂ ତାଙ୍କରେ ଦୁଇ ସାଥିମାନେ ଅବୁ ଆସ୍‌ର ଉକ୍ତ ଯାତ୍ରୀ ସମୂହର ଧନ ସମ୍ପତ୍ତି ଧରି

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

ସେମାନଙ୍କୁ ବନ୍ଦୀ କରିନେଲେ । ସେମାନଙ୍କର ଠିକଣା ସିଫୁଲ୍ ବହର୍ ଥିଲା । ସିଫୁଲ୍ ବହର୍‌ର ପୂର୍ବେ ମଧ ଚର୍ଚ୍ଚା ହୋଇ ସାରିଛି । ଉକ୍ତ ସ୍ଥାନ ଇସ୍ ଆଖ ପାଖରେ ସମୁଦ୍ର ଉପକୂଳରେ ଅବସ୍ଥିତ ଥିଲା । ଅବୁଲ୍ ଆସ୍ ଆଁହଜରତ୍ ସ.ଅଙ୍କ ଜ୍ୱାଇଁ ଥିଲେ । ଆପଣ ସ.ଅ ଉଭୟ ସଂପ୍ରଦାୟ ମଧ୍ୟରୁ କାହାରିକୁ ବଧ କରିଲେ ନାହିଁ। କାରଣ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଅବୁଲ୍ ଆସ୍‌ର ଶ୍ୱଶୁର ଜ୍ୱାଇଁର ସଂପର୍କ ଥିଲା । ଅର୍ଥାତ୍ ଆଁହଜରତ ସ.ଅ ଅବୁଲ୍ ଆସ୍‌ର ଶ୍ୱଶୁର ଥିଲେ ଓ ଅବୁଲ୍ ଆସ୍ ଆଁହଜରତ ସ.ଅଙ୍କ ଜ୍ୱାଇଁ ଥିଲେ। ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଅବୁଲ୍ ଆସ୍ ହ. ଜୈଦ୍ ବିନ୍ ହାର୍‌ସା ର.ଅଙ୍କ ଠାରୁ ଖସି ପଳାଇଲେ । ମୁସଲମାନମାନେ ଯେତେବେଳେ ଉକ୍ତ ଯାତ୍ରୀସମୂହର ଧନ ଧରି ଫେରି ଆସିଲେ ସେତେବେଳେ ଅବୁଲ୍ ଆସ୍ ରାତ୍ର ସମୟରେ ମଦିନା ଆସିଲା । ଏପର୍ଯ୍ୟନ୍ତକି ନିଜର ପତ୍ନୀ ହ. ଜୈନବ୍ ବିନତ୍ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲା ଏବଂ ଆପଣ ର.ଅଙ୍କ ନିକଟରେ ଆଶ୍ରୟ ଭିକ୍ଷା କଲା । ହ. ଜୈନବ୍ ର.ଅ ଅବୁଲ୍ ଆସ୍‌କୁ ଆଶ୍ରୟ  ପ୍ରଦାନ କଲେ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ସକାଳ ନମାଜ୍ ପାଠ କାରଇଲେ ସେତେବେଳେ ଆପଣ ସ.ଅ ତକ୍‌ବିର୍ (ଅଲ୍ଲାଃହୁ ଅକ୍‌ବର୍) କହିଲେ, ଏବଂ ଲୋକମାନେ ମଧ ଆପଣ ସ.ଅଙ୍କ ସହିତ ତକ୍‌ବିର୍ କହିଲେ । ତେବେ ହ. ଜୈନବ୍ ର.ଅ ସୁଫ୍‌ଫ୍ତୁନ୍ ନିସା (ମହିଳାମାନଙ୍କ ନିମନ୍ତେ ଏକ ସ୍ଥାନ) ଥିଲା, ସେହି ସ୍ଥାନରୁ ଖୁବ୍ ଜୋରରେ ଡାକ ମାରିଲେ (ଉଚ୍ଚ ସ୍ୱରରେ କହିଲେ) । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆପଣ ର.ଆ ନିଜର ଦ୍ୱାର ସମ୍ମୁଖରେ ଛିଡ଼ା ହୋଇ ଉଚ୍ଚ ସ୍ୱରରେ କହିଲେ, ହେ ଲୋକମାନେ! ମୁଁ ଅବୁଲ୍ ଆସକୁ ଆଶ୍ରୟ ପ୍ରଦାନ କରିଛି । ରସୁଲୁଲ୍ଲାଃ ସ.ଅ ଯେତେବେଳେ ସଲାମ୍ କଲେ (ଅର୍ଥାତ୍ ନମାଜ୍ ସାରି ସଲାମ୍ କଲେ)ଏବଂ ଲୋକ ମୁହାଁ ହୋଇ କହିଲେ, ହେ ଲୋକମାନେ ! ମୁଁ ଯାହା ଶୁଣିଅଛି କ'ଣ ତୁମେମାନେ ମଧ ତାହା ଶୁଣିଲ ? ସେମାନେ କହିଲେ, ହଁ । ଆପଣ ସ.ଅ କହିଲେ, ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୁହମ୍ମଦ ସ.ଅଙ୍କ ପ୍ରାଣ ବାୟୁ ରହିଛି ! ମୁଁ ଉକ୍ତ ପ୍ରସଙ୍ଗରେ ଆଦୌ କିଛି ଜାଣି ନାହିଁ। ମୁଁ ଉକ୍ତ ପ୍ରସଙ୍ଗ ସଂକ୍ରାନ୍ତରେ ପୂର୍ବେ କିଛି ଜାଣି ନଥିଲି । ମୋତେ କିଛି ଜଣା ନଥିଲା। ବର୍ତ୍ତମାନ ମୁଁ ଜୈନବ୍‌ଙ୍କ ଠାରୁ ହିଁ ଉକ୍ତ ପ୍ରସଙ୍ଗ ସଂପର୍କରେ ଶୁଣିଲି । ଅର୍ଥାତ୍ ବର୍ତ୍ତମାନ ମୁଁ ଯାହା ଶୁଣିଲି ତୁମେମାନେ ମଧ ତାହା ଶୁଣିଲ । ମୁସଲମାନମାନେ ଶତ୍ରୁ ବିପକ୍ଷରେ ଏକଜୁଟ୍ ଅଟନ୍ତି । ଅର୍ଥାତ୍ ମୁସଲମାନମାନଙ୍କର ଜଣେ ବ୍ୟକ୍ତି ମଧ ଶତ୍ରୁକୁ ଆଶ୍ରୟ ପ୍ରଦାନ କରିପାରିବ ।

ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ କହିଲେ, ମୁଁ ବି ତାକୁ (ଅବୁଲ୍ ଆସ୍‌କୁ) ଆଶ୍ରୟ ପ୍ରଦାନ କରୁଛି ଯାହାକୁ ଜୈନବ୍ ଆଶ୍ରୟ ପ୍ରଦାନ କଲେ । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ନିଜ ଗୃହରେ ଯେତେବେଳେ ପ୍ରବେଶ କଲେ ସେତେବେଳେ ହ. ଜୈନବ୍ ମଧ ରସୁଲୁଲ୍ଲାଃ ସ.ଅଙ୍କ ସହିତ ପ୍ରବେଶ କଲେ ଓ ରସୁଲୁଲ୍ଲାଃ ସ.ଅଙ୍କୁ କହିଲେ, ହେ ପିତାଶ୍ରୀ ! ଆପଣ ଅବୁଲ୍ ଆସ୍‌ଙ୍କ ଠାରୁ ଯାହା କିଛି ନେଇଛନ୍ତି ତାହା ଫେରସ୍ତ କରି ଦିଅନ୍ତୁ । ଏହି ଦାବି ହ. ଜୈନବ୍ ର.ଅ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କଲେ । ଆପଣ ସ.ଅ ହ. ଜୈନବ୍ ର.ଅଙ୍କ ଦାବିକୁ ସ୍ୱୀକାର କରିନେଲେ ଏବଂ ଆପଣ ସ.ଅ କହିଲେ, ହେ ପୁତ୍ରୀ ! ଅବୁଲ ଆସ୍‌ର ଭଲ ଭାବରେ ସତ୍କାର କର । କିନ୍ତୁ  ଅବୁଲ୍ ଆସ୍ ତୁମ ସହିତ ଏକାନ୍ତରେ ଯେପରି ନମିଶୁ। ନିଃସନ୍ଦେହ ତୁମେ ତା' (ଅବୁଲ୍ ଆସ୍) ନିମନ୍ତେ ବୈଧ ନାହଁ । କାରଣ ଅବୁଲ୍ ଆସ୍ ଅବିଶ୍ୱାସକାରୀ ଅଟେ ଓ ତୁମେ ବିଶ୍ୱାସକାରୀଣୀ ମୁସଲମାନ ଧର୍ମାବଲମ୍ବୀନୀ ଅଟ । ରସୁଲୁଲ୍ଲାଃ ସ.ଅ ଉକ୍ତ ସରିୟାରେ ସାମିଲ୍ ହୋଇଥିବା ବ୍ୟକ୍ତିମାନଙ୍କ ଆଡ଼କୁ ସନ୍ଦେଶ ପ୍ରେରଣ କଲେ । ଅର୍ଥାତ୍ ଯେଉଁମାନେ ଅବୁଲ୍ ଆସ୍ ଠାରୁ ଧନ ରତ୍ନ ନେଇଥିଲେ ସେମାନଙ୍କ ଆଡ଼କୁ ଏକ ସନ୍ଦେଶ ପ୍ରେରଣ କଲେ । ଆପଣ ସ.ଅ ଏହି ଲୋକମାନଙ୍କୁ କହିଲେ, ହେ ଲୋକମାନେ ! ଯେପରିକି ତୁମକୁ ଜ୍ଞାତ ଅଛି ଯେ, ଉକ୍ତ ବ୍ୟକ୍ତି (ଅବୁଲ୍ ଆସ୍) ଆମମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ । ଅର୍ଥାତ୍ ଉକ୍ତ ବ୍ୟକ୍ତିର ମୋ ସହିତ ସଂପର୍କ ରହିଛି ଏବଂ ତୁମେମାନେ ଉକ୍ତ ବ୍ୟକ୍ତିର ଧନ ହରଣ କରି ନେଇଛେ । ତେଣୁ ତୁମେମାନେ ଯଦି କୃତଜ୍ଞତା ଏବଂ ଉପକାରପୂର୍ବକ ତା'ର (ଅବୁଲ୍ ଆସ୍‌ର) ଧନ ତା'କୁ ଫେରସ୍ତ କରିଦିଅ । ଆପଣ ସ.ଅ ସାହାବାମାନଙ୍କୁ ଆଦେଶ ଦେଲେ ନାହିଁ । ବରଂ ଆପଣ ସ.ଅ ସେମାନଙ୍କୁ ଅନୁରୋଧପୂର୍ବକ କହିଲେ, ହେ ସାହାବାମେନେ ତୁମେମାନେ ଅବୁଲ୍ ଆସ୍ ଠାରୁ ଯେଉଁ ଧନ୍ ସମ୍ପତ୍ତି ନେଇଛ ଦୟା କରି ତଥା ଉପକାରପୂର୍ବକ ସେହି ଧନ ସମ୍ପତ୍ତି ତୁମେମାନେ ତା'କୁ ଫେରସ୍ତ କରିଦିଅ। ମୋତେ ଉକ୍ତ ପ୍ରସଙ୍ଗ ଉତ୍ତମ ବୋଲି ପ୍ରତିତ ହେଉଛି । ଆଉ ଯଦି ତୁମେମାନେ ମୋର ପ୍ରସ୍ତାବ ଏବଂ ଅନୁରୋଧକୁ ସ୍ୱୀକାର ନକରି ଏହାକୁ ଅସ୍ୱୀକାର କରିଦିଅ ତେବେ ଏହା ଅଲ୍ଲାଃତାଲାଙ୍କର ଇଚ୍ଛା । ଅର୍ଥାତ୍ ଅଲ୍ଲାଃତାଲା ତୁମମାନଙ୍କ ଯାହା (ଧନ) ପ୍ରଦାନ କରିଛନ୍ତି । ଅଲ୍ଲାଃତାଲାଙ୍କୁ  ଧନ ରତ୍ନର କୌଣସି ଆବଶ୍ୟକତା ନାହଁ । ସେ ତହିଁରୁ ନିସ୍ପୃହ ଅଟନ୍ତି । ତେଣୁ ମୋର ଏ ବାବଦରେ କୌଣସି ଆପତ୍ତି କି ଅଭିଯୋଗ କରିବାର ନାହିଁ । ତୁମେମାନେ ଉକ୍ତ କଥାର ସର୍ବାଧିକ ଅଧିକାରୀ ଅଟ। ପ୍ରତ୍ୟୁତ୍ତରରେ ସେମାନେ (ସାହାବାମାନେ) କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆମେମାନେ ଉକ୍ତ ଧନ ରତ୍ନକୁ ଫେରସ୍ତ କରୁଛୁ ।

ଇବ୍‌ନେ ଉକବା ଉଲ୍ଲେଖ କରନ୍ତି ଯେ, ଅବୁଲ୍ ଆସ୍ ହ. ଜୈନବ୍ ର.ଅଙ୍କ ଠାରୁ ନିଜର ସେହି ସାଥିମାନଙ୍କ ସଂପର୍କରେ କଥା ହେଲେ । ଅବୁଲ୍ ଆସ୍‌ର ସେହି ସାଥିମାନଙ୍କୁ ଅବୁ ବସିର୍ ର.ଅ ଏବଂ ଅବୁ ଜନ୍ଦଲ୍ ବନ୍ଦୀ କରି ନେଇଥିଲେ ଏବଂ ସେମାନଙ୍କ ଠାରୁ ଧନ ନେଇ ନେଇଥିଲେ । ହ. ଜୈନବ୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଏସଂପର୍କରେ କଥାବାର୍ତ୍ତା ହେଲେ । ରସୁଲୁଲ୍ଲାଃ ସ.ଅ ଆସିଲେ ଏବଂ ଲୋକମାନଙ୍କ ସହିତ ବାର୍ତ୍ତାଳାପ ହେଲେ । ଆପଣ ସ.ଅ କହିଲେ, ମୁଁ କିଛି ବ୍ୟକ୍ତିଙ୍କ ମଧ୍ୟରୁ ଜଣକୁ ନିଜର ଜ୍ୱାଇଁ କଲି ତେଣୁ ମୁଁ ଅବୁଲ୍ ଆସ୍‌ଙ୍କୁ ମଧ ନିଜର ଜ୍ୱାଇଁ କଲି । ଅବୁଲ୍ ଆସ୍ ମୋର ଭଲ ଜ୍ୱାଇଁ ଅଟନ୍ତି । ସେ ସିରୀୟାରୁ ନିଜର କେତେକ କୁରୈଶୀୟ ସାଥିମାନଙ୍କ ସହିତ ଆସୁଥିଲେ । ଅବୁ ଜନ୍ଦଲ୍ ଏବଂ ଅବୁ ବସିର୍ ତାଙ୍କୁ ଧରି ପକାଇଲେ ଓ  ତାଙ୍କୁ ବନ୍ଦୀ କରିନେଲେ । ଅବୁଲ୍ ଆସ୍‌ଙ୍କ ନିକଟରେ ଯାହା କିଛି ରହିଥିଲା ତାହାକୁ ଛଡ଼ାଇ ନେଲେ ଏବଂ ସେମାନଙ୍କ ମଧ୍ୟରୁ କାହାରିକୁ ବଧ କଲେ ନାହିଁ । ପୁନଶ୍ଚ ଜୈନବ୍ ମୋତେ କହିଲେ, ମୁଁ ଅବୁ ଆସ୍‌କୁ ଆଶ୍ରୟ ପ୍ରଦାନ କରିବି। ଅତଏବ୍ ହେ ଲୋକମାନେ ତୁମେମାନେ ଅବୁଲ୍ ଆସ୍ ଏବଂ ତା'ଙ୍କର ସାଥିମାନଙ୍କୁ ଆଶ୍ରୟ ପ୍ରଦାନ କରିବ କି ? ତେବେ ଲୋକମାନେ କହିଲେ, ଆଜ୍ଞା ହଁ । ଆମେମାନେ ଅବୁଲ୍ ଆସ୍ ଓ ତା'ର ସାଥିମାନଙ୍କୁ ଆଶ୍ରୟ ପ୍ରଦାନ କରିବୁ । ଆଁହଜରତ ସ.ଅଙ୍କ ଉକ୍ତ କଥନ ଯେତେବେଳେ ଅବୁ ଜନ୍ଦଲ୍‌ଙ୍କ ନିକଟରେ ପହଞ୍ଚିଲା (ଅବୁଲ୍ ଆସ୍ ତା'ର ସାଥିମାନଙ୍କ ସଂପର୍କିତ କଥା) ସେତେବେଳେ ଅବୁ ଜନ୍ଦଲ୍ ସମସ୍ତଙ୍କୁ ମୁକ୍ତ କରିଦେଲେ ଏବଂ ସେମାନଙ୍କର ସମସ୍ତ ଜିନିଷ ପତ୍ର ଫେରସ୍ତ କରିଦେଲେ । ଏପର୍ଯ୍ୟନ୍ତକି ଅବୁ ଜନ୍ଦଲ୍ ନେଇଥିବା ସେମାନଙ୍କର ପଘା (ଦଉଡ଼ି) ମଧ ଫେରାଇ ଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇବ୍‌ନେ ଇସ୍‌ହାକ୍ ଏବଂ ମୁହମ୍ମଦ୍ ବିନ୍ ଉମର୍ ର.ଅଙ୍କ ନିକଟରେ ସାହାବାମାନେ ସେମାନଙ୍କର ପ୍ରତ୍ୟେକ ଜିନିଷ ଫେରାଇ ଦେଲେ। ଏପର୍ଯ୍ୟନ୍ତକି କୌଣସି ବ୍ୟକ୍ତି ଯଦି ଅବୁଲ୍ ଆସ୍ ଏବଂ ସେମାନଙ୍କ ସାଥିମାନଙ୍କର ବାଲ୍‌ଟି ନେଇଥିଲା, କୌଣସି ଜଳ ଥଳୀ ନେଇଥିଲା ଏବଂ କୌଣସି ପାଲିଙ୍କର କାଠ ଆଣିଥିଲା ତେବେ ସାହାବାମାନେ ଆଣିଥିବା ସେହି ସମସ୍ତ ଜିନିଷ ପତ୍ର ଫେରସ୍ତ କରିଦେଲେ । ଅର୍ଥାତ୍ ଅବୁଲ୍ ଆସ୍ ଏବଂ ତାଙ୍କ ସାଥିମାନଙ୍କ ସମେତ ସମସ୍ତ ଜିନିଷ ପତ୍ର ଫେରସ୍ତ କରିଦେଲେ ଏବଂ ସେମାନେ ସେହି ଜିନିଷ ପତ୍ର ମଧ୍ୟରୁ କୌଣସି ଜିନିଷ ମଧ ହଜାଇ ନଥିଲେ । ପୁନଶ୍ଚ ଅବୁଲ୍ ଆସ୍ ଧନ ନେଇ ମକ୍କା ଅଭିମୁଖେ ଚାଲିଗଲା ଏବଂ ପ୍ରତ୍ୟେକ ଅଧିକାରୀ ବ୍ୟକ୍ତିର ଅଧିକାର ସମ୍ପାଦନ କରିଦେଲା । ଏତଦ୍‌ପରେ ଅବୁଲ୍ ଆସ୍ ଛିଡ଼ା ହେଲା ଏବଂ କହିବାକୁ ଲାଗିଲା, ହେ ମକ୍କାବାସୀ ! କ'ଣ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିର ଧନ ମୋ ନିକଟରେ ରହି ଯାଇଛି କି ଏବଂ ତାହା ମୁଁ ଫେରାଇ ପାରି ନାହିଁ ? ହେ ମକ୍କାବାସୀ ! କ'ଣ ମୁଁ ନିଜର କର୍ତ୍ତବ୍ୟକୁ ସଠିକ୍ ଭାବରେ ସମ୍ପାଦନ କରିଦେଇ ନାହିଁ କି ? ତେବେ ସେହି ସମସ୍ତ ଲୋକମାନେ (ମକ୍କବାସୀମାନେ) କହିଲେ, ହଁ ଅବଶ୍ୟ ତୁମେ ସମସ୍ତଙ୍କ ଅଧିକାର ଏବଂ ଜିନିଷ ପତ୍ର ଫେରାଇ ଦେଇଛି । ମକ୍କାବବାସୀମାନେ କହିଲେ, ହେ ଅବୁଲ୍ ଆସ୍ ! ଅଲ୍ଲାଃତାଲା ତୁମକୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମେମାନେ ତୁମକୁ ଉତ୍ତମ ବିଶ୍ୱସ୍ତ ବ୍ୟକ୍ତି ରୂପେ ପାଇଅଛୁ । ଏତଦ୍‌ପରେ ଅବୁଲ୍ ଆସ୍ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ଘୋଷଣା କରି କହିଲେ, ହେ ମକ୍କାବାସୀ ଆଜି ଠାରୁ ମୁଁ ମସୁଲମାନ ହେଲି । ମୁଁ ଏହି ସାକ୍ଷ୍ୟ ପ୍ରଦାନ କରୁଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ କେହି (କୌଣସି ବସ୍ତୁ, ମନୁଷ୍ୟ, ବୃକ୍ଷ ଲତା, ଜୀବ ଇତ୍ୟାଦି) ବି ଉପାସ୍ୟ ନୁହନ୍ତି ଏବଂ ହ. ମୁହମ୍ମଦ ସ.ଅ ଅଲ୍ଲାଃତାଲାଙ୍କର ଭକ୍ତ ଓ ତାହାଙ୍କ ବାର୍ତ୍ତାବହ ଅଟନ୍ତି । ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ମୋତେ କୌଣସି ବସ୍ତୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାରୁ ଅଟକାଇ ପାରି ନଥାଆନ୍ତା । ଅର୍ଥାତ୍ ମୁଁ ଯେତେବେଳେ ମଦିନାରେ ଥିଲି ସେତେବେଳେ ମଧ ମୁଁ ଇସଲାମ୍ ଧର୍ମ ସ୍ୱୀକାର କରିପାରି ଥାଆନ୍ତି । କିନ୍ତୁ ମୁଁ ଭୟଭୀତ ହେଲି ଯେ, ତୁମେମାନେ ଭାବିବ ଯେ, ମୁଁ ତୁମମାନଙ୍କର ଧନ ସମ୍ପତ୍ତି ହଡ଼ପ କରିବାର ଇଚ୍ଛା ପ୍ରକାଶ କରିଛି । ତେଣୁ ଅଲ୍ଲାଃତାଲା ଯେତେବେଳେ ତୁମମାନଙ୍କର ଧନକୁ ତୁମମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଲେ ଅର୍ଥାତ୍ ମୁଁ ତୁମମାନଙ୍କର ଅମାନତ୍

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

(ନ୍ୟାସ) ଫେରସ୍ତ କରି ଦେଇଛି ଏବଂ ମୁଁ ତୁମମାନଙ୍କର ଅମାନତ୍ ଫେରାଇ ଦାୟିତ୍ୱମୁକ୍ତ ହୋଇଯାଇଛି । ଅର୍ଥାତ୍ ବର୍ତ୍ତମାନ ମୁଁ ଇସଲାମ୍ ଧର୍ମ ସ୍ୱୀକାର କରୁଛି। ପୁନଶ୍ଚ ଏତଦ୍‌ପରେ ଅବୁଲ୍ ଆସ୍ ସେଠାରୁ ବାହାରି ପଡ଼ିଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ମଦିନା ଚାଲି ଆସିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ମାଦ୍, ଭାଗ-6, ପୃ-83-84, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-2, ପୃ-66-67, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ) (ଜୀବନୀ ଶବ୍ଦକୋଷ, ପୃ-160 ଜୱାର୍ ଏକାଡ଼େମୀ, କରାଚୀ)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ଏଥି ସଂକ୍ରାନ୍ତରେ ଏହିପରି ଉଲ୍ଲେଖ କରିଛନ୍ତି ଯେ, ଇସ୍ ଆଡକୁ ଯେଉ ଯୁଦ୍ଧ ହୋଇଥିଲା ସେହି ଯୁଦ୍ଧରେ ସେହି କଏଦୀମାନଙ୍କ ମଧ୍ୟରୁ ଯେଉଁମାନେ ଧରା ପଡ଼ିଥିଲେ ତନ୍ମଧ୍ୟରୁ ଅବୁ ଆସ୍ ବିନ୍ ଅର୍‌ରବିଇ ଅନ୍ୟତମ ଥିଲେ । ସେ ଆଁହଜରତ ସ.ଅଙ୍କ ଜ୍ୱାଇଁ ଥିଲେ ଏବଂ ସ୍ୱର୍ଗତା ହ. ଖଦିଜା ର.ଅଙ୍କ ନିକଟ ସଂପର୍କୀୟଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଏହା ପୂର୍ବରୁ ସେ ବଦର୍ ଯୁଦ୍ଧରେ ବନ୍ଦୀ ହୋଇ ଆସିଥିଲେ । କିନ୍ତୁ ସେତେବେଳେ ଆଁହଜରତ ସ.ଅ ତାଙ୍କୁ ଅର୍ଥାତ୍ ହ. ଅବୁଲ୍ ଆସଙ୍କୁ ଏହି ସର୍ତ୍ତରେ ଛାଡ଼ି ଦେଇଥିଲେ ଯେ, ସେ ମକ୍କା ଠାରେ ପହଞ୍ଚି ଆପଣ ସ.ଅଙ୍କ ସୁପୁତ୍ରୀ ହ. ଜୈନବ୍ ର.ଅଙ୍କୁ ମଦିନା ପ୍ରେରଣ କରିଦେବେ । ଅବୁଲ୍ ଆସ୍ ଉକ୍ତ ପ୍ରତିଶୃତିକୁ ରକ୍ଷା କରିଥିଲେ । କିନ୍ତୁ ସେ ଏଯାବତ୍ ସିର୍କ (ଇଶରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଉପରେ ବଳବତ୍ତର ଥିଲେ । ଯେତେବେଳେ ଜୈଦ୍ ବିନ୍ ହାରିସା ର.ଅ ଅବୁଲ୍ ଆସଙ୍କୁ ବନ୍ଦୀ କରି ମଦିନା ଆଣିଲେ ସେତେବେଳେ ରାତ୍ର ସମୟ ହୋଇଥିଲା । କିନ୍ତୁ କୌଣସି ମତେ ଅବୁଲ୍ ଆସ୍ ଜୈନବ୍‌ଙ୍କ ପର୍ଯ୍ୟନ୍ତ ଏହି ସନ୍ଦେଶ ପ୍ରେରଣ କରିଦେଲେ ଯେ, ହେ ଜୈନବ୍ ! ମୁଁ ଏହିପରି ବନ୍ଦୀ ହୋଇ ଏଠାକୁ (ମଦିନାରେ) ପହଞ୍ଚି ଯାଇଛି । ତୁମେ ଯଦି ମୋ ନିମନ୍ତେ କିଛି କରି ପାରିବ ତେବେ କରିନିଅ । ସୁତରାଂ ଠିକ୍ ସେତିକିବେଳେ ଆଁହଜରତ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନେ ସକାଳ ନମାଜରେ ନିମଜ୍ଜିତ ଥିଲେ । ଜୈନବ୍ ର.ଅ ଘର ଭିତରେ ଉଚ୍ଚ ସ୍ୱରରରେ କହୁଥିଲେ ଯେ, ହେ ମୁସଲମାନମାନେ ମୁଁ ଅବୁଲ୍ ଆସକୁ ଆଶ୍ରୟ ପ୍ରଦାନ କରିଛି । "ଆଁହଜରତ ସ.ଅ ଯେତେବେଳେ ନମାଜ ପାଠ କରି ସାରିଲେ ସେତେବେଳେ ସାହାବାମାନଙ୍କ ଆଡ଼କୁ ମୁଁହ କରି କହିଲେ, ହେ ସାହାବାମାନେ ! ଜୈନବ୍ ଯାହା କିଛି କହିଲେ ଆପଣମାନେ ସମସ୍ତେ ଶୁଣି ସାରିଥିବେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଏଥି ସଂକ୍ରାନ୍ତରେ କିଛି ଜାଣି ନଥିଲି । ମୋତେ କିଛି ବି ଜ୍ଞାତ ନଥିଲା । କିନ୍ତୁ ବିଶ୍ୱାସକାରୀମାନଙ୍କର ଗୋଷ୍ଠୀ ଗୋଟିଏ ପ୍ରାଣ ହୋଇଥାଏ । ତେଣୁ ଯଦି କୌଣସି ବିଶ୍ୱାସକାରୀ ବ୍ୟକ୍ତି ଅବିଶ୍ୱାସକାରୀ ବ୍ୟକ୍ତିକୁ ଆଶ୍ରୟ ପ୍ରଦାନ କରେ ତେବେ ଅନ୍ୟ ସମସ୍ତ ବିଶ୍ୱାସକାରୀମାନେ ଉକ୍ତ ଆଶ୍ରୟ ପ୍ରଦାନ କରିଥିବା ବ୍ୟକ୍ତିକୁ ସମ୍ମାନ ଜଣାଇବା ଉଚିତ୍ ।"

ପୁନଶ୍ଚ ଆପଣ ସ.ଅ ହ. ଜୈନବ୍ ର.ଅଙ୍କ ଆଡ଼କୁ ମୁହଁ କରି କହିଲେ, ହେ ଜୈନବ୍! ତୁମେ ଯାହାକୁ ଆଶ୍ରୟ ପ୍ରଦାନ କରିଛ ମୁଁ ମଧ୍ୟ ସେହି ବ୍ୟକ୍ତିକୁ ଆଶ୍ରୟ ପ୍ରଦାନ କରୁଛି। ଏତଦ୍‌ପରେ ଆପଣ ସ.ଅ ଉକ୍ତ ଅଭିଯାନରେ ଅବୁଲ୍ ଆସ୍‌ଙ୍କ ଠାରୁ ପ୍ରାପ୍ତ ଧନ ସମ୍ପଦ ଫେରସ୍ତ କରିଦେଲେ । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ ନିଜ ଗୃହ ମଧ୍ୟରେ ପ୍ରବେଶ କଲେ ଏବଂ ନିଜର ସୁପୁତ୍ରୀ ଜୈନବ୍ ର.ଅଙ୍କୁ କହିଲେ, ହେ ଜୈନବ୍! ତୁମେ ଉତ୍ତମ ରୂପେ ଅବୁଲ୍ ଆସ୍‌ଙ୍କ ଭଲ ଭାବରେ ଅତିଥି ସତ୍କାର କର । କିନ୍ତୁ ତତ୍‌ସହିତ ତୁମେ ଅବୁଲ୍ ଆସ୍ ସହିତ ଏକାନ୍ତ ସାକ୍ଷାତ୍ ଏବଂ ଏକାନ୍ତରେ ଉଠା ବସା କରିବ ନାହିଁ । କାରଣ ବର୍ତ୍ତମାନ ପରିସ୍ଥିତିରେ ତୁମର ତା' ସହିତ ମିଳାମିଶା କରିବା ଆଦୌ ଠିକ୍ ହେବ ନାହିଁ । ଅବୁଲ୍ ଆସ୍ ମକ୍କା ଅଭିମୁଖେ ଫେରିଗଲେ । କିନ୍ତୁ ବର୍ତ୍ତମାନ ତାଙ୍କର ମକ୍କା ଯିବା ଏବଂ ସେଠାରେ ଅବସ୍ଥାନ କରିବାର ଉଦ୍ଦେଶ୍ୟ ଆଉ ନଥିଲା । କାରଣ ସେ ଖୁବ୍ ଶୀଘ୍ର ନିଜର ନେଣଦେଣରୁ ମୁକ୍ତି ପ୍ରାପ୍ତ କଲେ ଏବଂ କଲ୍‌ମା ଶାହାଦତ୍ ପାଠ କରି ମଦିନା ଅଭିମୁଖେ ବାହାରି ପଡ଼ିଲେ । ସେ ଅର୍ଥାତ୍ ଅବୁଲ୍ ଆସ୍ ଆଁହଜରତ ସ.ଅଙ୍କ ସେବାରେ ପହଞ୍ଚି ମୁସଲମାନ ହୋଇଗଲେ । ଏହା ଦେଖି ଆପଣ ସ.ଅ ହ. ଜୈନବ୍ ର.ଅଙ୍କୁ କୌଣସି ନୂତନ ନିକାହ୍ ନକରି ଅବୁଲ୍ ଆସଙ୍କୁ ଫେରସ୍ତ ଅର୍ଥାତ୍ ହସ୍ତାନ୍ତର କରିଦେଲେ । ଅର୍ଥାତ୍ ବର୍ତ୍ତମାନ ଆଁହଜରତ ସ.ଅ ହ. ଜୈନବ୍ ର.ଅଙ୍କୁ ଅନୁମତି ପ୍ରଦାନ କରିଦେଲେ ଯେ, ସେ ଅବୁଲ୍ ଆସ୍‌ଙ୍କ ପତ୍ନି ରୂପେ ତାଙ୍କ ନିକଟରେ ରହି ପାରିବେ । ସେହିପରି କେତେକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ସେତେବେଳେ ହ. ଜୈନବ୍ ର.ଅ ଏବଂ ଅବୁଲ୍ ଆସ୍‌ଙ୍କ ପୁନଃ ନିକାହ୍ ପାଠ କରା ଯାଇଥିଲା । କିନ୍ତୁ ପ୍ରଥମ ବର୍ଣ୍ଣନାଟି ଅଧିକ ବଳିଷ୍ଠ ଏବଂ ଯୁକ୍ତିଯୁକ୍ତ ବୋଲି ମନେ ହେଉଛି । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-669)**

ହ. ଅବୁଲ୍ ଆସ୍ ର.ଅଙ୍କ ବାଣିଜ୍ୟ ବ୍ୟବସାୟ ମକ୍କାରେ ଥିଲା । ତେଣୁ ସେ ମଦିନାରେ ରହିପାରୁ ନଥିଲେ । ସୁତରାଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ପରେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଆଁହଜରତ ସ.ଙ୍କ ଠାରୁ ଅନୁମତି ପ୍ରାପ୍ତ କରି ମକ୍କା ଫେରି ଆସିଲେ । ମକ୍କାରେ ଅବସ୍ଥାନ କରିବା ହେତୁ ତାଙ୍କୁ ବିଭିନ୍ନ ଯୁଦ୍ଧରେ ସାମିଲ୍ (ଅଂଶ ଗ୍ରହଣ କରିବା) ହେବା ନିମନ୍ତେ ସୁଯୋଗ ମିଳିପାରି ନଥିଲେ। କେବଳ ଗୋଟିଏ ଯୁଦ୍ଧରେ ତାଙ୍କୁ ହ. ଅଲୀ ର.ଅଙ୍କ ସେନାପତିତ୍ୱରେ 10 ହିଜ୍ରୀରେ ପ୍ରେରଣ କରାଯାଇଥିଲା । ତେଣୁ ଅବୁଲ୍ ଆସ୍ ଏହି ଯୁଦ୍ଧରେ ସାମିଲ୍ ହୋଇଥିଲେ । ହ. ଅଲୀ ର.ଅ ୟମନ୍‌ରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ହ. ଅବୁଲ୍ ଆସ୍ ର.ଅଙ୍କୁ ୟମନ୍‌ରେ ଆମିଲ୍ (କର୍ମଚାରୀ) ରୂପେ ନିଯୁକ୍ତ କରିଥିଲେ । ହ. ଜୈନବ୍ ର.ଅଙ୍କ 8 ହିଜ୍ରୀରେ ବିୟୋଗ ହେବା ପରେ ଅବୁଲ୍ ଆସ୍ ମଧ୍ୟ ଅଧିକ ଦିନ ପର୍ଯ୍ୟନ୍ତ ଜୀବିତ ରହିଲେ ନାହିଁ । ପରିଶେଷରେ 12 ହିଜ୍ରୀରେ ଆପଣଙ୍କର ବିୟୋଗ ହୋଇଥିଲା । **(ସିରୁସ୍ ସାହାବା, ଭାଗ-4, ପୃ-491, ଦାରୁଲ୍ ଇଶାଅତ୍ କରାଚୀ) (ଉସ୍‌ଦୁଲ୍ ଗାବା, ଭାଗ-6, ପୃ-182-183, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଉସ୍‌ଦୁଲ୍ ଗାବା, ଭାଗ-7, ପୃ-132, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ଯୁଦ୍ଧର ଚର୍ଚ୍ଚା ମିଳେ । ଉକ୍ତ ଯୁଦ୍ଧର ନାମ ହେଲା ଗଜ୍‌ୱା ବନୁ ଲହ୍‌ୟାନ୍ । ଉକ୍ତ ଯୁଦ୍ଧକୁ ଲିହୟାନ୍ ଏବଂ ଲହ୍‌ୟାନ ଉଭୟ ନାମରେ ନାମିତ କରାଯାଏ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-677)**

ବନୁ ଲହ୍‌ୟାନ୍ ବନୁ ହୁଜୈଲ୍ ସଂପ୍ରଦାୟର ଏକ ଶାଖା ଥିଲା । ମକ୍କା ଠାରୁ ତିନି ରାତ୍ର ବ୍ୟବଧାନରେ ଅସ୍‌ଫାନ୍ ଉପତ୍ୟକାର ଉତ୍ତରପୂର୍ବ ଦିଗରେ 5 ମାଇଲ୍ ବ୍ୟବଧାନରେ ଗୁରାନ୍ ନାମକ ଉପତ୍ୟକାରେ ବନୁ ଲହୟାନ୍ ସଂପ୍ରଦାୟ ବାସ କରୁଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ମାଦ୍, ଭାଗ-6, ପୃ-83-84, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ)(ଜୀବନୀ ଶବ୍ଦକୋଷ, ପୃ-200,219 ଜୱାର୍ ଏକାଡ଼େମୀ, କରାଚୀ)**

ବନୁ ଲହ୍‌ୟାନ୍ର ଯୁଦ୍ଧ ସଂପର୍କରେ ମତଭେଦ ଦେଖିବାକୁ ମିଳେ । ଅର୍ଥାତ୍ ଉକ୍ତ ଯୁଦ୍ଧ କେବେ ଓ କେଉଁ ମାସରେ ହୋଇଥିଲା ? ଅଲ୍ଲାମା ଇବ୍‌ନେ ସାଆଦ୍‌ଙ୍କ ଅନୁଯାୟୀ ଉକ୍ତ ଯୁଦ୍ଧ 6 ହିଜ୍ରୀର ପ୍ରାରମ୍ଭର ହୋଇଥିଲା । ଅଲ୍ଲାମା ହାକିମ୍ ଉକ୍ତ ଯୁଦ୍ଧକୁ ଶାବାନ୍ ମାସର ଯୁଦ୍ଧ ବୋଲି ଉଲ୍ଲେଖ କରିଛନ୍ତି । ଅଲ୍ଲମା ଇବ୍‌ନେ ହିଜମ୍ ଉକ୍ତ ଯୁଦ୍ଧକୁ 5 ହିଜ୍ରୀ, ଅଲ୍ଲାମା ଜହ୍‌ବି 6 ହିଜ୍ରୀ ଓ ଅନ୍ୟ ଜିବନୀକାର (ଜୀବନୀ ଲେଖାଳୀମାନେ) ଉକ୍ତ ଯୁଦ୍ଧକୁ 4 ହିଜ୍ରୀ ବୋଲି ଦର୍ଶାଇଛନ୍ତି । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ମାଦ୍, ଭାଗ-6, ପୃ-30-31, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ) (ସିରତୁନ୍ ନବୀ ସ.ଅ, ଲିଇବ୍‌ନେ ହିଶ୍ଶାମ, ପୃ-663 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଏବଂ ଯେଉଁ ପରିଣାମ ଆପଣ ଆହରଣ କରିଛନ୍ତି ତହିଁରେ ଉକ୍ତ ଯୁଦ୍ଧକୁ ଜମାଦିଉଲ୍ ଉଲା 6 ହିଜ୍ରୀ ଅନୁଯାୟୀ ସେପ୍ଟେମ୍ବର ମାସ 27 ତାରିଖର ବୋଲି ଉଲ୍ଲେଖ କରିଛନ୍ତି। ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, "ବନୁ ଲହ୍‌ୟାନ୍ ଯୁଦ୍ଧର ଇତିହାସ ସଂକ୍ରାନ୍ତରେ ଇତିହାସବିତ୍‌ମାନଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଛି । ଇବ୍‌ନେ ସାଆଦ୍ ଉକ୍ତ ଯୁଦ୍ଧକୁ ରବିଉଲ୍ ଅୱଲ୍ ମାସ 6 ହିଜ୍ରୀ ବୋଲି ବର୍ଣ୍ଣନା କରିଛନ୍ତି । କିନ୍ତୁ ଇବ୍‌ନେ ଇସ୍‌ହାକ୍ ଓ ତବ୍ରୀ ବ୍ୟାଖ୍ୟା ତଥା ସ୍ପଷ୍ଟ କରିଛନ୍ତି ଯେ, ଉକ୍ତ ଯୁଦ୍ଧ ଜମାଦିଉଲ୍ ଉଲା 6 ହିଜ୍ରୀରେ ହୋଇଥିଲା । ଆପଣ ର.ଅ କୁହନ୍ତି ଯେ, ମୁଁ ଏଠାରେ ଇବ୍‌ନେ ଇସ୍‌ହାକ୍‌ଙ୍କ ବର୍ଣ୍ଣନାକୁ ଅନୁକରଣ କରିଛି । ଅର୍ଥାତ୍ ଇବ୍‌ନେ ଇସ୍‌ହାକଙ୍କ ନିକଟରେ ଉକ୍ତ ବର୍ଣ୍ଣନା ଓ ତାରିଖ ଅର୍ଥାତ୍ 6 ହିଜ୍ରୀର ବର୍ଣ୍ଣନାଟି ସଠିକ୍ ଅଟେ । **ୱଲ୍ଲାହୁ ଆଲମୁ** (ପ୍ରଭୁ ହିଁ ସର୍ବଜ୍ଞ ଅଟନ୍ତି)।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-674-676)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏହାପରେ ବନୁ ଲହ୍‌ୟାନ୍‌ର ପୃଷ୍ଠ ଭୂମି ରହିଛି । ଏଥି ସଂକ୍ରାନ୍ତରେ ହ. ମିର୍ଜା ବଶ୍ରୀ ଅହେମଦ୍ ସାହେବ ର.ଅ ଅସ୍‌ହାବେ ରଜିଇର ବିୟୋଗାନ୍ତ ଘଟଣାର ପ୍ରାମାଣ୍ୟ ଉପସ୍ଥାପିତ କରି ଚର୍ଚ୍ଚା କରିଛନ୍ତି ଯେ, ଇତ୍ୟବସରରେ 10 ଜଣ ନିର୍ଦ୍ଦୋଷ ମୁସଲମାନମାନଙ୍କୁ ଯେଉଁମାନଙ୍କୁ ଇସ୍‌ଲାମ୍ ଧର୍ମର ଶାନ୍ତିପୂର୍ଣ୍ଣ ତବ୍‌ଲିଗ୍ (ଧର୍ମପ୍ରଚାର) କରିବା ନିମନ୍ତେ ପ୍ରେରଣ କରାଯାଇଥିଲା ସେହି 10 ଜଣ ମୁସଲମାନମାନଙ୍କୁ ଅତି ନିର୍ମମ, ନୃଶଂସନୀୟ ଏବଂ ଧୋକାର ସହିତ ଶହୀଦ୍ କରି ଦେଇଥିଲେ । ଉକ୍ତ ସମସ୍ତ ଉପଦ୍ରବ ପଛରେ ବନୁ ଲହ୍‌ୟାନ୍

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ସଂପ୍ରଦାୟର ହାତ ରହିଥିଲା । ଉକ୍ତ ସଂପ୍ରଦାୟ ସେହି କାଳରେ ମକ୍କା ଏବଂ ମଦିନାର ମଧ୍ୟବର୍ତ୍ତୀ ଉପତ୍ୟକା ଗୁରାନ୍ ଠାରେ ବାସ କରୁଥିଲେ । ଆଁହଜରତ ସ.ଅ ସ୍ୱାଭାବିକ ରୂପେ ଉକ୍ତ ଘଟଣା ଯୋଗୁଁ ମର୍ମାହତ ହୋଇଥିଲେ । କାରଣ ବନୁ ଲହୟାନ୍ ସଂପ୍ରଦାୟର ଆଚରଣ ଏପର୍ଯ୍ୟନ୍ତ ସେହିପରି ଶତ୍ରୁତାମୂଳକ ଏବଂ ଉପଦ୍ରବମୂଳକ ରହିଥିଲା । ସେମାନଙ୍କ ପକ୍ଷରୁ ଭବିଷ୍ୟତରେ ମଧ୍ୟ ଏହି ଆଶଙ୍କା ରହିଥିଲା ଯେ, ସେମାନେ ମୁସଲମାନମାନଙ୍କ ବିରୁଦ୍ଧରେ କୌଣସି ଅତିରିକ୍ତ ଉପଦ୍ରବର କାରଣ ଯେପରି ନହୁଅନ୍ତୁ । ତେଣୁ ଆପଣ ସ.ଅ ବ୍ୟବସ୍ଥାପିକା ଦୃଷ୍ଟିରୁ ଏହା ଉଚିତ୍ ବୋଲି ମନେକଲେ ଯେ, ସେମାନଙ୍କୁ କୌଣସି ମତେ ଶାସ୍ତି ପ୍ରଦାନ କରାଯାଉ । କାରଣ ଭବିଷ୍ୟତରେ ମୁସଲମାନେମାନେ ସେମାନଙ୍କର ଉପଦ୍ରବ ଏବଂ ହିଂସାରୁ ଯେପରି ସୁରକ୍ଷିତ ରହିବେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-674-675)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆଁହଜରତ୍ ସ.ଅ ହ. ଇବନେ ଉମ୍ମେ ମକତୁମଙ୍କୁ ମଦିନାର ନାଏବ୍ ରୂପେ ନିଯୁକ୍ତ କଲେ । ଉକ୍ତ ଶାସ୍ତିମୂଳକ ଅଭିଯାନ ନିମନ୍ତେ ଆପଣ ସ.ଅ ବାହାରିଲେ ଓ ଉମ୍ମେ ମକତୁମଙ୍କୁ ମଦିନାର ଅମୀର୍ ରୂପେ ନିଯୁକ୍ତ କରିଥିଲେ । ରସୁଲୁଲ୍ଲାଃ ସ.ଅ ନିଜ ସହିତ 200 ସାହାବାମାନଙ୍କୁ ଏବଂ 20ଟି ଅଶ୍ୱକୁ ନେଇ ମଦିନାର ଉତ୍ତର ଦିଗରେ ସିରୀୟା ମାର୍ଗରେ ବାହାରିଲେ । ଅପରପକ୍ଷେ ବନୁ ଲହୟାନ୍ ସଂପ୍ରଦାୟ ମଦିନାର ଦକ୍ଷିଣ ଦିଗରେ ହିଜାଜ୍ ଠାରେ ମକ୍କାର ମାର୍ଗ ନିକଟବର୍ତ୍ତୀ ସ୍ଥାନରେ ବାସ କରୁଥିଲେ । ଆଁହଜରତ ସ.ଅ ଉତ୍ତର ଦିଗକୁ ଏଇଥି ପାଇଁ ବାହାରିଥିଲେ ଯେ, ଆପଣ ସ.ଅ ବନୁ ଲହୟାନ୍ ସଂପ୍ରଦାୟ ଉପରେ ସେମାନଙ୍କ ଅନବଗତ ଅବସ୍ଥାରେ ସହସା ଆକ୍ରମଣ କରିବାକୁ ଚାହୁଁଥିଲେ। କାରଣ ସେମାନେ ଆକ୍ରମଣର ସୂଚନା ପାଇ କେଉଁଆଡ଼େ ଖସି ନପଳାନ୍ତୁ । ଉକ୍ତ ଅଭିପ୍ରାୟ ନିମନ୍ତେ ଆପଣ ସ.ଅ ଏପରି ମାର୍ଗ ଅବଲମ୍ବନ ଓ ବ୍ୟବହାର କଲେ ଯେଉଁ ମାର୍ଗ ସାଧାରଣ ରୂପେ ବ୍ୟବହୃତ ହେଉ ନଥିଲା ଏବଂ ଦ୍ରୁତ ଗତିରେ ଆପଣ ଯାତ୍ରା କରି ବନୁ ଲହୟାନ୍ ସଂପ୍ରଦାୟର ବସ୍ତି ଗୁରାନ ଠାରେ ପହଞ୍ଚିଗଲେ ଯେଉଁଠି ଆପଣ ସ.ଅଙ୍କ ସାହାବାମାନେ ଶହୀଦ୍ ହୋଇଥିଲେ । ଆପଣ ସ.ଅ ନିଜର ଶହୀଦ୍ ହୋଇଥିବା ସାହାବାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ବ୍ୟକ୍ତ କରି ସେମାନଙ୍କ ପ୍ରତି ଦୁଆ କଲେ। ବନୁ ଲହୟାନ୍ ସଂପ୍ରଦାୟକୁ ଆପଣ ସ.ଅଙ୍କ ଆଗମନର ଯେତେବେଳେ ସୂଚନା ମିଳିଲା ସେତେବେଳେ ସେମାନେ ପର୍ବତର ଶୃଙ୍ଗ ଆଡ଼କୁ ପଳାୟନ କଲେ। ତେଣୁ ସେମାନଙ୍କ ମଧ୍ୟରୁ କେହି ବି ଧରା ପଡ଼ିଲେ ନାହିଁ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-30, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ) (ଅର୍ ରହିକୁଲ୍ ମଖତୁମ୍, ପୃ-284)**

ଉକ୍ତ ଯାତ୍ରାରେ ଆପଣ ସ.ଅ ଯେତେବେଳେ ସେହି ସ୍ଥାନରେ ପହଞ୍ଚିଲେ ଯେଉଁଠି ଆପଣ ସ.ଅଙ୍କ ସାହାବାମାନେ ବୀରଗତି ପ୍ରାପ୍ତ କରିଥିଲେ ସେତେବେଳେ ଆପଣ ସ.ଅଙ୍କ ହୃଦୟ ବିଳପି ଉଠିଲା ଏବଂ ଆପଣ ସ.ଅ ଅତ୍ୟନ୍ତ ରୋଦନ ଓ କୋହ ଭରା କଣ୍ଠରେ ସେହି ସାହାବାମାନଙ୍କ ନିମନ୍ତେ ପ୍ରାର୍ଥନା କଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-65)**

ଉକ୍ତ ଘଟଣା ସଂପର୍କରେ ଉଲ୍ଲେଖ ରହିଛି ଯେ, ବନୁ ଲହୟାନ୍ ସଂପ୍ରଦାୟ ଉପରେ ଯେତେବେଳେ ସହସା ଆକ୍ରମଣ ହେଲା ସେତେବେଳେ ସେମାନେ ଆକମ୍ରଣ କରିବାର ଯେଉଁ ଉଦ୍ଦେଶ୍ୟ କରିଥିଲେ ତାହାକୁ ସେମାନେ ଚରିତାର୍ଥ (ବାସ୍ତବ ରୂପ ଦେଇ ନପାରି) କରି ନପାରି ପର୍ବତ ଉପରକୁ ଚାଲିଗଲେ । ଇବନେ ଇସ୍‌ହାକ୍‌ଙ୍କ ଅନୁଯାୟୀ ଆଁହଜରତ ସ.ଅ ଦୁଇ ଜଣ ଅଶ୍ୱାରୋହୀଙ୍କୁ ପ୍ରେରଣ କଲେ ଏବଂ ଇବନେ ସାଆଦ୍‌ଙ୍କ ଅନୁଯାୟୀ ଆପଣ ସ.ଅ ହ. ଅବୁ ବକ୍କର ର.ଅଙ୍କୁ 10 ଜଣ ଅଶ୍ୱାରୋହୀଙ୍କ ସମେତ ପ୍ରେରଣ କଲେ । କାରଣ କୁରୈଶ୍‌ମାନେ ଏମାନଙ୍କ ସଂପର୍କରେ ଶୁଣନ୍ତୁ ଓ ଭୟଭୀତ ହୋଇଯାଆନ୍ତୁ । ହ. ଅବୁ ବକ୍କର ର.ଅ କୁରାଅଲ୍ ଗମିମ୍ ପର୍ଯ୍ୟନ୍ତ ଗଲେ । କୁରାଅଲ୍ ଗମିମ୍ ଅସ୍‌ଫାନ୍ ଠାରୁ 8 ମାଇଲ୍ ଦୂରତାରେ ଅବସ୍ଥିତ ଅଟେ । ପୁନଶ୍ଚ ହ. ଅବୁ ବକ୍କର ର.ଅ ଅସ୍‌ଫାନ୍ ଆଡ଼କୁ ଫେରି ଆସିଲେ ଏବଂ କାହା ସହିତ ଆପଣ ର.ଅ ମୁହାଁ ମୁହିଁ ହେଲେ ନାହିଁ । ଏତଦ୍‌ପରେ ରସୁଲୁଲ୍ଲାଃ ସ.ଅଙ୍କ ମଦିନା ପ୍ରତ୍ୟାବର୍ତ୍ତନର ଯାତ୍ରା ଆରମ୍ଭ ହେଲା ଏବଂ 14 ଦିନ ପର୍ଯ୍ୟନ୍ତ ଘରୁ ବାହାରେ ରହିବା ପରେ ଆପଣ ଘରକୁ ବାହୁଡ଼ିଥିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-30, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ, 1993 ମସିହା)(ଜୀବନୀ ଶବ୍ଦକୋଷ, ପୃ-243 ଜୱାର୍ ଏକାଡେ଼ମୀ, କରାଚୀ)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ଯାତ୍ରାରୁ ଫେରିବା ସମୟରେ ଆପଣ ସ.ଅ ଏକ ଦୁଆ (ପ୍ରାର୍ଥନା) କଲେ । ଉକ୍ତ ଦୁଆକୁ ପରବର୍ତ୍ତୀ ସମୟରେ ଯାତ୍ରାରୁ ଫେରିବା ଅବସରରେ ମୁସଲମାନମାନେ ପ୍ରାୟତଃ ପାଠ କରିଥାଆନ୍ତି । ସେହି ଦୁଆ ଏହିପରି ଯେ, آئِبُوْنَ تَائِبُوْنَ عَابِدُوْنَ سَاجِدُوْنَ لِرَبِّنَا حَامِدُوْنَ ଅର୍ଥାତ୍ ଆମେମାନେ ନିଜ ଈଶ୍ୱରଙ୍କ ଆଡ଼କୁ ଅବଶ୍ୟ ପ୍ରତ୍ୟାବର୍ତ୍ତନ କରିବୁ । ତାହାଙ୍କ ସମକ୍ଷରେ ଆମେମାନେ ନତମସ୍ତକ ଅଟୁ । ତାହାଙ୍କ ଉପାସନା ଆମେମାନେ କରୁ । ତାହାଙ୍କ ନିକଟରେ କାକୁତି ମିନତୀ କରିଥାଉ । ଆମେମାନେ ନିଜ ପ୍ରଭୁଙ୍କ ପ୍ରଶଂସାଗାନ କରିଥାଉ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ସ୍ୱୟଂ ମଧ୍ୟ ନିଜ ପରେ ଯାତ୍ରାରେ ସାଧାରଣତଃ ଉପରୋକ୍ତ ଦୁଆ କରୁଥିଲେ ଏବଂ ତତ୍‌ସହିତ ବେଳେବେଳେ ଆପଣ ସ.ଅ ଅତିରିକ୍ତ ଏହି ଶବ୍ଦ ମଧ୍ୟ କହୁଥିଲେ ଯେ, ଅର୍ଥାତ୍ ଉପରୋକ୍ତରେ ବର୍ଣ୍ଣିତ ଦୁଆରେ ଆପଣ ସ.ଅ ଅତିରିକ୍ତ ଶବ୍ଦ କହୁଥିଲେ ଯେ, صَدَقَ اللّٰهُ وَعْدَهٗ وَنَصَرَ عَبْدَهٗ وَهَزَمَ الْاَحْزَابَ وَحْدَهٗ । ଅର୍ଥାତ୍ "ଆମମାନଙ୍କର ଈଶ୍ୱର ନିଜର ପ୍ରତିଶୃତିକୁ ରକ୍ଷା କଲେ ଏବଂ ନିଜର ଭକ୍ତମାନଙ୍କୁ ସାହାଯ୍ୟ କଲେ ଓ ଶତ୍ରୁମାନଙ୍କର ସୈନ୍ୟବାହିନୀକୁ ସ୍ୱୟଂ ନିଜ ସାମର୍ଥ୍ୟ ଓ ଶକ୍ତି ବଳରେ ତରିସ୍କୃତ ତଥା ପରାଜିତ କରିଦେଲେ ।" ଉକ୍ତ ଦୁଆ ବନୁ ଲହୟାନ୍ ସହିତ ସଂପର୍କିତ ଦୁଆ ଅଟେ । ଜୀବନୀକାରୀମାନେ (ଜୀବନୀ ଲେଖାଳୀମାନେ) ବର୍ଣ୍ଣନା କରିଛନ୍ତି ଓ ମୁହଦ୍ଦିସିନ୍ (ହଦିସ୍‌ର ବିଦ୍ୱାନ)ମାନେ ମଧ୍ୟ ଏହାର ପୁଷ୍ଟି କରିଛନ୍ତି ଯେ, ଉକ୍ତ ଦୁଆ ନିଜ ମଧ୍ୟରେ (ସ୍ୱୟଂ) ଏକ ବିଶେଷ ଅବସ୍ଥାର ଅଧିକାରୀ ଅଟେ । ଉକ୍ତ ଦୁଆର ଅଧ୍ୟୟନ ଦ୍ୱାରା ସେହି ଭାବାବେଗର ଆକଳନ କରିବାର ସୁଯୋଗ ମଧ୍ୟ ମିଳିଥାଏ ଯାହାକି ସେହି ଘଟଣାବହୁଳ ଯୁଗରେ ଆଁହଜରତ ସ.ଅଙ୍କୁ ପବିତ୍ର ହୃଦୟରେ ନିହିତ ରହିଥିଲେ । ଉକ୍ତ ଭାବାବେଗକୁ ଆପଣ ସ.ଅ ନିଜର ସାହାବାମାନଙ୍କ ମଧ୍ୟରେ ସୃଷ୍ଟି କରିବାକୁ ଚାହୁଁଥିଲେ ।

ଉକ୍ତ ଦୁଆରେ ଏକ ବେଦନା ଅନ୍ତର୍ନିହିତ ଅଟେ । ଅର୍ଥାତ୍ ଶତ୍ରୁ ପକ୍ଷରୁ ଯେଉଁ ବାଧା ତଥା ବିଘ୍ନ ମୁସଲମାନମାନଙ୍କର ଉପାସନରେ ଏବଂ ଇସଲାମ୍ ଧର୍ମର ଶାନ୍ତିପୂର୍ଣ୍ଣ ତବଲିଗ୍ (ପ୍ରଚାର)ର ମାର୍ଗରେ ସୃଷ୍ଟି କରାଯାଉଛି ଅଲ୍ଲାଃତାଲା ସେହି ବାଧା ବିଘ୍ନ ସବୁକୁ ଦୂର କରି ଦିଅନ୍ତୁ । ଅଲ୍ଲାଃତାଲା ଯଥା ସମ୍ଭବ ସେହି ବାଧା ବିଘ୍ନକୁ ଦୂର କରିଛନ୍ତି। ତେଣୁ ଆଜି ଆମମାନଙ୍କୁ ଈଶ୍ୱରଙ୍କ କୃତଜ୍ଞତାର ଗୀତ ଗାଇବା ଉଚିତ୍। ଏହାର ଉଦାହରଣ ଏହିପରି ଯେ, ଜଣେ ବ୍ୟକ୍ତି ନିଜର ଏକ ମନ ମତାଣିଆ ଏବଂ ମନ ମାଫିକ୍ କାର୍ଯ୍ୟରେ ନିମଗ୍ନ ହୋଇଥିବ ଏବଂ ପୁନଶ୍ଚ ସହସା ଅନ୍ୟ ବ୍ୟକ୍ତି ଉକ୍ତ କାର୍ଯ୍ୟରେ ବାଧକ ସାଜି ତା'ର ଧ୍ୟାନକୁ ହଟାଇ ଦେବ ଅର୍ଥାତ୍ ଭଙ୍ଗ କରିଦେବ। କିନ୍ତୁ କିଛି ସମୟ ପରେ ଈଶ୍ୱରଙ୍କ କୃପାନୁଯାୟୀ ଉକ୍ତ ବାଧା ଏବଂ ବିଘ୍ନ ଦୂରୀଭୂତ ହୋଇଯିବ ଏବଂ ସେହି ବ୍ୟକ୍ତିକୁ ପୁନଶ୍ଚ ନିଜର ପ୍ରିୟତମଙ୍କ କାର୍ଯ୍ୟରେ ବ୍ୟସ୍ତ ଏବଂ ନିମଜ୍ଜିତ ହେବା ନିମନ୍ତେ ପୁଣିଥରେ ସୁଯୋଗ ପ୍ରାପ୍ତ କରିନେବ । ଏଭଳି ପରିସ୍ଥିତିରେ ସେହି ବ୍ୟକ୍ତିର ହୃଦୟରେ ଯେଉଁ ଆବେଗ ସୃଷ୍ଟି ହେବ ତାହା ହିଁ ସେହି ଦୁଆ ମଧ୍ୟରେ ନିହିତ ରହିଛି । କାରଣ ଆଁହଜରତ ସ.ଅ କୁହନ୍ତି: "ଆମେମାନେ ସେହି ଯାତ୍ରାର ସାମୟିକ ବିଘ୍ନରୁ ମୁକ୍ତ ହୋଇ ପୁନଃ ସେହି ଅବସ୍ଥା ଆଡ଼କୁ ପ୍ରତ୍ୟାବର୍ତ୍ତନ କରୁଛେ ଯହିଁରେ ଆମେମାନେ ନିଜର ଈଶ୍ୱରଙ୍କୁ ସ୍ମରଣ କରି ନିଜର ସମୟ ଅତିବାହିତ କରିପାରିବୁ ଏବଂ ତାହାଙ୍କ ପ୍ରଶଂସାଗାନ କରିବାର ସୁଯୋଗ ମଧ୍ୟ ଆମମାନଙ୍କୁ ପ୍ରାପ୍ତ ହେବ । ହଁ ସେହି ଈଶ୍ୱର ଯିଏ ଏହା ପୂର୍ବରୁ ମଧ୍ୟ ଆମମାନଙ୍କୁ ଅନେକ ଥର ଏବଂ ଅନେକ ସମୟରେ ଶତ୍ରୁର ଉପଦ୍ରବରୁ ସୁରକ୍ଷା ପ୍ରଦାନ କରି ଆମମାନଙ୍କୁ ଶାନ୍ତି ପ୍ରଦାନ କରି ଆସିଛନ୍ତି । ଉକ୍ତ ଆବେଗଟି ଅତି କଲ୍ୟାଣମୟ ଏବଂ ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ କିପରିକା ଶାନ୍ତିପୂର୍ଣ୍ଣ ଅଟେ ।"

କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଇସଲାମ୍ ଧର୍ମର ଶତ୍ରୁମାନେ ତଥାପି ଆପତ୍ତି କରିବାରୁ କ୍ଷାନ୍ତ ଏବଂ ନିବୃତ ହେଉ ନାହାନ୍ତି । ଆପତ୍ତିକାରୀମାନେ ଏହା କହି ଚାଲନ୍ତି ଯେ, ଆଁହଜରତ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କର ମୂଳ ଉଦ୍ଦେଶ୍ୟ ଆକ୍ରମଣାତ୍ମକ ଅତର୍କିତ ସୈନ୍ୟବାହିନୀ ପ୍ରେରଣ କରି ସାଂସାରିକ (ସୁଖ ସ୍ୱାଚ୍ଛନ୍ଦ୍ୟ)ପ୍ରାପ୍ତି ଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-675-676)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ପୁନଶ୍ଚ ଏକ ଯୁଦ୍ଧ ରହିଛି ଯାହାକୁ ସରିୟା ଜୈଦ୍ ବିନ୍ ହାରସା କୁହାଯାଏ । ଉକ୍ତ ଯୁଦ୍ଧ ଜୁମାଦିଅଲ୍ ଆଖିର୍‌ର 6 ହିଜ୍ରୀରେ ହୋଇଥିଲା।

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ରସୁଲୁଲ୍ଲାଃ ସ.ଅ ହ. ଜୈଦ୍ ବିନ୍ ହାରସା ର.ଅଙ୍କୁ ବନୁ ସାଆଲ୍‌ବା ବିନ୍ ସାଆଦ୍ ଅଭିମୁଖେ ପ୍ରେରଣ କଲେ । ବନୁ ସାଆଲ୍‌ବା ଏକ କୂପର ନାମ ତରିଫ୍ ଅଟେ । ଉକ୍ତ କୂପ ଇରାକ୍ ମାର୍ଗରେ ମଦିନା ଠାରୁ 36 ମାଇଲ୍ ଦୂରତାରେ ଅବସ୍ଥିତ ଅଟେ। ହ. ଜୈଦ୍ ବିନ୍ ହାର୍‌ସା ର.ଅ 15 ଜଣ ବ୍ୟକ୍ତିଙ୍କ ସହିତ ବାହାରିଥିଲେ ଏପର୍ଯ୍ୟନ୍ତକି ଯେତେବେଳେ ଆପଣ ସ.ଅ ତରିଫ୍ ଠାରେ ପହଞ୍ଚିଲେ ସେତେବେଳେ ସେଠାରେ ଓଟ ଏବଂ ଛେଳୀମାନଙ୍କୁ ଧରି ପାକଇଲେ ବେଂ ସେଠାରେ ଉପସ୍ଥିତ ଥିବା ଆଦିବାସୀ ପଲ୍ଲୀ ଜନତାମାନେ ଭୟଭୀତ ହୋଇ ପଡ଼ିଲେ । କାରଣ ରସୁଲୁଲ୍ଲାଃ ସ.ଅ ସେମାନଙ୍କ ଆଡ଼କୁ ବାହାରି ପଡ଼ିଛନ୍ତି ଅର୍ଥାତ୍ ଚାଲି ଆସୁଛନ୍ତି । ତେଣୁ ସେମାନେ ସେଠାରୁ ପଳାୟନ କଲେ । ହ. ଜୈଦ୍ ବିନ୍ ହାର୍‌ସା ର.ଅ ଜୀବମାନଙ୍କୁ ଘଉଡ଼ାଇ ନେଇ ମଦିନା ନେଇ ଆସିଲେ । ବନୁ ସାଆଲ୍‌ବାର ଲୋକମାନେ ସେହି ସାହାବାମାନଙ୍କ ସନ୍ଧାନରେ ବାହାରି ପଡ଼ିଲେ । କିନ୍ତୁ ସେମାନେ ସାହାବାମାନଙ୍କୁ ଧରି ପାରିଲେ ନାହିଁ। ସାହାବାମାନେ ମୋଟ୍ 20ଟି ଓଟ ଘିନି ସିଥିଲେ । ସାହାବାମାନେ ଚାରି ଦିନ ଓ ଚାରି ରାତ୍ର ସମୟ ହେଲା ଘରୁ ବାହାରେ ରହିଥିଲେ ଏବଂ ଯୁଦ୍ଧର ସ୍ଥିତି ଉପୁଜିଲା ନାହିଁ। ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କର ସ୍ଲୋଗନ୍ **ଅମିତ୍ ଅମିତ୍** ଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-87, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯୁଦ୍ଧ ସଂପର୍କିତ ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ମୁଁ ପରବର୍ତ୍ତୀ ଖୁତ୍‌ବାରେ ପ୍ରଦାନ କରିବି । କିନ୍ତୁ ବର୍ତ୍ତମାନ ମୁଁ ଏହା କହୁଛି ଯେ, ଆଜିକାଲି ସଂସାରର ଯେଉଁ ପରିସ୍ଥିତି ରହିଛି ସେଥି ସଂକ୍ରାନ୍ତରେ ସମସ୍ତେ ଜାଣନ୍ତି । ସିରୀୟାରେ ଯେଉଁ ପରିସ୍ଥିତି ଦେଖା ଦେଇଛି ତାହା ବର୍ତ୍ତମାନ ସ୍ପଷ୍ଟ ହୋଇ ନାହିଁ । କହିବାକୁ ଗଲେ ସେଠାରେ ଅତ୍ୟାଚାରୀ ଶାସନର ଅବସାନ ଘଟିଛି । କିନ୍ତୁ ଆପଣମାନେ ଦୁଆ କରନ୍ତୁ ଯେ, ଗଠନ ହେବାକୁ ଥିବା ସରକାର ମଧ୍ୟ ନ୍ୟାୟ ପ୍ରଦର୍ଶନକାରୀ ସାବ୍ୟସ୍ତ ହେଉ । **ଆମିନ୍** । ନୂତନ ରୂପେ ଗଠନ ହେବାକୁ ଥିବା ସରକାର ତ' ଏହା କୁହେ ଯେ, ଆମମାମେନ ଅମକ ନ୍ୟାୟ ପ୍ରଦର୍ଶନ କରିବୁ । କିନ୍ତୁ ପ୍ରାୟତଃ ଏହା ଦେଖିବାକୁ ମିଳିଥାଏ ଯେ, ଯେତେବେଳେ ସରକାର କ୍ଷମତାକୁ ଆସିଯାଏ ସେତେବେଳେ ଏହି କ୍ଷମତାସୀନ ରାଜନୈତିକ ନେତୃବୃନ୍ଦମାନେ କୁହନ୍ତି ଗୋଟେ କଥା ଏବଂ କରନ୍ତି ଗୋଟେ କଥା । ସେହି ଅଞ୍ଚଳରେ ବାସ କରୁଥିବା ଅହେମଦିମାନଙ୍କୁ ଅଲ୍ଲାଃତାଲା ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । **ଆମିନ୍** । ବିଶ୍ଳେଷଣକାରୀ ଏବଂ ସମାଲୋଚକମାନେ ତ' ଉଲ୍ଲେଖ କରନ୍ତି ଯେ, ଜନସାଧାରଣ ପ୍ରକାଶ୍ୟ ରୂପେ ଅତ୍ୟାଚାର ସମାପ୍ତ ହେବା ଯୋଗୁଁ ଆନନ୍ଦ ଏବଂ ଉଲ୍ଲାସର ପର୍ବ ପାଳନ କରୁଛି । କିନ୍ତୁ ଭବିଷ୍ୟତରେ କ'ଣ ହେବ କିଛି ଜଣା ନାହିଁ? ସେହିପରି ଇସ୍ରାଇଲ୍ ସରକାର ମଧ୍ୟ ସେହି ଅଞ୍ଚଳଗୁଡ଼ିକ ଉପରେ ଅକାରଣରେ ଆକ୍ରମଣ କରୁଛି । ପ୍ରକାଶ୍ୟ ରୂପେ କହିବାକୁ ଗଲେ ଇସ୍‌ଲାମୀୟ ସଂସାର ବିରୁଦ୍ଧରେ ସେମାନଙ୍କର ଉଦ୍ଦେଶ୍ୟ ଅତି ଭୟଙ୍କର ପ୍ରତୀୟମାନ ହେଉଛି । ସେହି ଦୃଷ୍ଟିରୁ କୌଣସି ଦେଶ ସୁରକ୍ଷିତ ନାହାନ୍ତି। ହୁଜୁର ଅନ୍‌ୱର୍ ଅ.ବ କହିଲେ, ପାକିସ୍ତାନ ନିମନ୍ତେ ମଧ୍ୟ ଦୁଆ କରନ୍ତୁ, ଇରାନ୍ ନିମନ୍ତେ ମଧ୍ୟ ଦୁଆ କରନ୍ତୁ ଏବଂ ଅନ୍ୟ ରାଷ୍ଟ୍ରମାନଙ୍କ ନିମନ୍ତେ ମଧ୍ୟ ଦୁଆ କରୁ ଥାଆନ୍ତୁ। ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ। ଗୋଷ୍ଠୀବାଦ ଏବଂ ଜାତିବାଦ ଏବଂ କ୍ଷମତା ପିପାସୁ ମନୋବୃତ୍ତି ସେମାନଙ୍କ ମନରୁ ସମାପ୍ତ ହୋଇଯାଉ ଏବଂ ଏମେନା ସମସ୍ତେ ଏକଜୁଟ୍ ହୋଇ ଯାଆନ୍ତୁ । ଯଦି ମୁସଲମାନମାନଙ୍କ ପକ୍ଷହରୁ ଏହିସବୁ ଆଚରଣ ପ୍ରଦର୍ଶନ ଜାରି ରହିଲା ତେବେ ଅଲ୍ଲାଃତାଲା ଏପରି ଅତ୍ୟାଚାରୀମାନଙ୍କୁ କିପରି ସାହାଯ୍ୟ କରି ପାରିବେ ଯେଉଁମାନେ ନିଜ ଲୋକଙ୍କୁ ହିଁ ହତ୍ୟା କରୁଛନ୍ତି ? ସେ ଯାହା ହେଉ ଏଥି ନିମନ୍ତେ ଆପଣମାନେ ବହୁତ ଦୁଆ କରନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ସେମାନଙ୍କର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । **ଆମିନ୍** । ଅହେମଦିମାନେ ସେହି ନାମକୁ ମାତ୍ର ମୁସଲମାନମାନଙ୍କ ହାତରେ (ନିକଟରେ) ସୁରକ୍ଷିତ ଅଛନ୍ତି ଓ ନା ହିଁ ଅହେମଦିମାନେ ଅଣଧର୍ମାବଲମ୍ବୀଙ୍କ ନିକଟରେ ସୁରକ୍ଷିତ ଅଛନ୍ତି । ଅଲ୍ଲାଃତାଲା ଦୟାବତୀର୍ଣ୍ଣ କରନ୍ତୁ ଏବଂ ଆମମାନଙ୍କୁ ପ୍ରତ୍ୟେକ ଦୃଷ୍ଟିରୁ ନିଜର ସୁରକ୍ଷା ବଳୟ ମଧ୍ୟ ରଖନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଏକ ବାତ୍ୟା ରହିଛି ଯାହାର ନାମ ହେଲା (Mayotte) ମାୟୋଟ୍ । ଆଜିକାଲି ପୃଥିବିରେ ଅନେକ ବାତ୍ୟା ମଧ୍ୟ ଆସୁଛି। ବିଗତ ଦିନରେ ମାୟୋଟ୍ ବାତ୍ୟା ଆସିଥିଲା । ସେଠାରେ ମଧ୍ୟ ଅହେମଦିମାନେ ବାସ କରନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ଅହେମଦିମାନେ ସେଠାରେ ସୁରକ୍ଷିତ ଓ ସକୁଶଳେ ଅଛନ୍ତି । ଜମାଅତ୍ ଅହେମଦିୟା ମଧ୍ୟ ସେଠାରେ ମାନବ ସେବା କରୁଛି। ଜମାଅତ୍ ଅହେମଦିୟାର କାର୍ଯ୍ୟକୁ ସେଠାକାର ସରକାର ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି । ଯେଉଁଠି ଆହାର ଓ ଖାଦ୍ୟ ସାମଗ୍ରୀ ଅଧିକ ମୂଲ୍ୟରେ ବିକ୍ରି କରାଯାଉଛି ଏବଂ ଭୋକିଲାମାନଙ୍କୁ ଆହାର ମିଳିପାରୁ ନାହିଁ । ଅଲ୍ଲାଃତାଲାଙ୍କ କୃପାରୁ ସେଠାରେ ଜମାଅତ୍ ଅହେମଦିୟା ହିଁ ମାନବ ସେବା କରୁଅଛି ଏବଂ ଲୋକମାନଙ୍କୁ ଆହାର ଖୁଆଉଛି । କିନ୍ତୁ ସେ ଯାହା ହେଉ ଆପଣମାନେ ଦୁଆ କରନ୍ତୁ କି ଅଲ୍ଲାଃତାଲା ଉପଦ୍ୱୀପକୁ ମଧ୍ୟ ଆକାଶୀୟ ବିପତ୍ତିରୁ ସୁରକ୍ଷିତ ରଖନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ ଜୁମା ପରେ ମୁଁ କେତେକ ମୃତକମାନଙ୍କର ନମାଜ ଯନାଜାଃ ପାଠ କରାଇବି । ତେଣୁ ପ୍ରଥମ ଯନାଜାଃ ହେଉଛି ସ୍ୱର୍ଗତ ଅମୀର୍ ହସନ୍ ମୁର୍ଦ୍ଦାନୀ ସାହେବ ଶହୀଦଙ୍କର । ଆପଣ ମୀର୍‌ପୁର ଖାସ୍ ଜିଲ୍ଲା ଅନ୍ତର୍ଗତ ନୁସ୍ରତାବାଦ୍‌ର ଦୁର୍ ମୁହମ୍ମଦ ସାହେବଙ୍କର ସପୁତ୍ର ଥିଲେ । ବିଗତ ଦିନ ତାଙ୍କୁ ଶହୀଦ୍ କରି ଦିଆଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ସ୍ୱର୍ଗତ ଅମୀର ହସନ୍ ସାହେବ ମସଜିଦ୍‌ରୁ ଘରକୁ ଯାଉଥିଲେ । ଅଜ୍ଞାତ ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରି ଶହୀଦ୍ କରିଦେଲେ । ସ୍ୱର୍ଗତ ଅମୀର୍ ହସନ୍ ସାହେବ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପିତାମାତାଙ୍କ ବ୍ୟତୀତ ଦୁଇ ଜଣ ପୁତ୍ର ସନ୍ତାନ ଏବଂ ତିନି ଜଣ କନ୍ୟା ସନ୍ତାନ ରହିଛନ୍ତି । ସେହିପରି ସ୍ୱର୍ଗତଙ୍କର ଭାଇ ଭଉଣୀମାନେ ମଧ୍ୟ ଅଛନ୍ତି । ପ୍ରାପ୍ତ ବିବରଣୀ ଅନୁସାରେ ଅମୀର୍ ହସନ୍ ସାହେବ ଡିସେମ୍ବର ମାସ 1 ତାରିଖ ଦିନ ତେହଜ୍ଜୁଦ୍ ନମାଜ ଏବଂ ନମାଜେ ଫଜର୍ (ଫଜର୍ ନମାଜ୍) ବାଜମାଅତ୍ (ସାମୂହିକ) ନାମଜ ପାଠ କରି ସାରିବା ପରେ ନିଜ ଘରକୁ ଫେରୁଥିଲେ । ତାଙ୍କର 12 ବର୍ଷୀୟ ସୁପୁତ୍ର ଆୟୁଷ୍ମାନ ତୈମୁର୍ ମଧ୍ୟ ଅମୀର୍ ହସନ୍ ସାହେବଙ୍କ ସହିତ ଥିଲା । ସ୍ୱର୍ଗତ ଅମୀର୍ ସାହେବଙ୍କ ଘର ଓ ମସଜିଦ୍ ମଧ୍ୟରେ ଏକ ରାସ୍ତା ଥିଲା। ସେ ଉକ୍ତ ସଡ଼କକୁ ବର୍ତ୍ତମାନ ଅତିକ୍ରମ କରୁଥିଲେ କି ଦୁଇ ଜଣ ଅଜ୍ଞାତ ବ୍ୟକ୍ତି ମୋଟର୍ ସାଇକେଲ୍ ଆରୋହୀମାନେ ବହୁ ପୂର୍ବରୁ ସେଠାରେ ଉପସ୍ଥିତ ଥିଲେ ଏବଂ ନିଜର ଚେହେରାକୁ ଆବୃତ କରି ରଖିଥିଲେ । ସେମାନେ ଅମୀର୍ ହସନ୍ ସାହେବଙ୍କ ପାଖକୁ ଆସି ତାଙ୍କ ନାମ ପଚାରିଲେ । ନାମ ଜାଣିବା ପରେ ସେମାନେ ଆପଣଙ୍କ ଉପରେ 5 ରାଉଣ୍ଡ ଗୁଳି ଫାୟାର୍ କରି ଆପଣଙ୍କୁ ଶହୀଦ୍ କରିଦେଲ । ଗୁଳି ବାଜିବା ଫଳରେ ଆପଣ ଘଟଣା ସ୍ଥଳରେ ହିଁ ଶହୀଦ୍ ହୋଇଗଲେ । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଗୁଳିକାଣ୍ଡ ଘଟାଇବା ପରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ । ଅଲ୍ଲାଃତାଲା ସ୍ୱର୍ଗତ ଅମୀର୍ ହସନ୍ ସାହେବଙ୍କ ସୁପୁତ୍ର ତୈମୁର୍‌ଙ୍କୁ ଚମତ୍କାର ଢଙ୍ଗରେ ସୁରକ୍ଷିତ ରଖିଲେ । ତାଙ୍କର ସୁପୁତ୍ର ଅତ୍ୟନ୍ତ ଧୈର୍ଯ୍ୟ ଓ ସାହସ ପ୍ରଦର୍ଶନ କରି ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କୁ ଘଟଣା ସଂପର୍କରେ ସୂଚନା ପ୍ରଦାନ କଲା ।

ସ୍ୱର୍ଗତଙ୍କ ବଂଶରେ ଅହେମଦିୟତ୍ ତାଙ୍କର ନନା ସମ୍ମାନନୀୟ ସ୍ୱର୍ଗତ ଧନୀ ବଖ୍ଶ୍ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । କିନ୍ତୁ ଅବଶିଷ୍ଟ ପରିବାର, ଚଚାମାନେ ନିଜେ ଅହେମଦିୟତ୍ ସ୍ୱୀକାର କରିନେଲେ । ସ୍ୱର୍ଗତ ଶହୀଦ୍‌ଙ୍କ ପିତାଶ୍ରୀ ଦୁର୍ ମୁହମ୍ମଦ ଖିଲାଫତେ (ଖଲିଫା ସାନି) ସାନିୟା କାଳରେ 1964 ମସିହାରେ ସମ୍ମାନନୀୟ ଶ୍ରୀଯୁକ୍ତ ସୟେଦ ଦାଉଦ୍ ମୁଜଫ୍ଫର୍ ସାହେବଙ୍କ ମାଧ୍ୟମରେ ବୈଅତ୍ କରିଥିଲେ । ଆପଣ ଜମିଦାରୀ କରୁଥିଲେ ଏବଂ ବିଲ ବାଡ଼ି କାମ କରୁଥିଲେ । କିଛି କାଳ ଧରି ଆପଣ ନୁସ୍ରତାବାଦ୍‌ରେ ଜଣେ ସିକ୍ୟୁରିଟି ଗାର୍ଡ଼ ଭାବରେ ମଧ୍ୟ ଡିୟୁଟି ଦେଉଥିଲେ । ସ୍ୱର୍ଗତଙ୍କୁ କାଏଦ୍ ମଜଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ଭାବରେ ସେବା କରିବାର ସାମର୍ଥ୍ୟ ଲାଭ ମଧ୍ୟ ହୋଇଥିଲା । ଶହୀଦ୍ ସମୟରେ ଆପଣ ସେକ୍ରେଟାରୀ ୱକଫେ ନଅ ଭାବରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଉଥିଲେ । ଖିଲାଫତ୍ ସହିତ ଅତ୍ୟନ୍ତ ନିଷ୍ଠାପରତା ଓ ଅତି ବିଶ୍ୱସ୍ତତାର ସହିତ ଆପଣଙ୍କର ସଂପର୍କ ଥିଲା । ଆପଣ ଅତିଥି ସତ୍କାରକ ଥିଲେ । ବିନୀତ ଏବଂ ବିନମ୍ର ସ୍ୱଭାବର ଅଧିକାର ଥିଲେ ।

ସ୍ୱର୍ଗତ ଅମୀର୍ ହସନ୍ ସାହେବଙ୍କର ମାତାଶ୍ରୀ କୁହନ୍ତି ଯେ, ଆମ ନିମନ୍ତେ ଉକ୍ତ ସମ୍ମାନଟି ସର୍ବ ବୃହତ୍ ସମ୍ମାନ ଅଟେ ଯେ, ମୋ ପୁତ୍ରକୁ ଶାହାଦତ୍ (ବୀରଗତି) ପ୍ରାପ୍ତ ହୋଇଛି । ମୋର ଦ୍ୱିତୀୟ ପୁତ୍ରକୁ ବି ଯଦି ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରିବାକୁ ପଡ଼େ ତେବେ ମୁଁ ଅବଶ୍ୟ ତା'କୁ ଉତ୍ସର୍ଗ କରିଦେବି । ମାତାଶ୍ରୀ ଅତ୍ୟନ୍ତ ସାହସୀ ଏବଂ ଧୈର୍ଯ୍ୟଶୀଳା ମହିଳା ଅଟନ୍ତି । ସ୍ୱର୍ଗତ ଶହୀଦ୍ ଅମୀର୍ ହସନ୍ ସାହେବଙ୍କ ପିତାଶ୍ରୀଙ୍କ ସ୍ୱର୍ଗବାସ ହୋଇ ସାରିଛି । ପିତାଶ୍ରୀଙ୍କ ବିୟୋଗ ହେବା ପରେ ସ୍ୱର୍ଗତ ଶହୀଦ୍ ଅମୀର୍ ହସନ୍ ସାହେବ ନିଜର ଭାଇ ଭଉଣୀମାନଙ୍କର ଯତ୍ନ ନେଉଥିଲେ। ଆପଣ କୌଣସି ଭିକ୍ଷୁକଙ୍କୁ ଘରୁ ଶୂନ୍ୟହସ୍ତରେ ଫେରିବାକୁ ଦେଇ ନଥିଲେ । ପଡ଼ୋଶୀଙ୍କ ମଧ୍ୟରେ ଜୈନାକା ଦୃଷ୍ଟି ଶକ୍ତି ହୀନ (ଅନ୍ଧୁଣୀ) ମହିଳା ଥିଲେ । ତେଣୁ ସ୍ୱର୍ଗତ ଅମୀର୍ ହସନ୍ ସାହେବ ସେହି ଅନ୍ଧୁଣୀ ମହିଳା, ତାଙ୍କର ଛେଳୀ ଓ ତାଙ୍କ ସନ୍ତାନମାନଙ୍କର ଯତ୍ନ ନେଉଥିଲେ । ତାଙ୍କର ସନ୍ତାନମାନଙ୍କୁ ବିଦ୍ୟାଳୟକୁ ନେଇ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଯାଉଥିଲେ । ସ୍ୱର୍ଗତ ଅମୀର ହସନ୍ ସାହେବ ବାଜମାଅତ୍ (ସାମୂହିକ) ନମାଜର ନିୟମାନୁବର୍ତ୍ତୀ ଥିଲେ। ଜିଲ୍ଲା ମୀରପୁର୍ ଖାସ୍‌ର ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ଶହୀଦ୍ ମହୋଦୟ ଜମାଅତ୍‌ର ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ସମସ୍ତ କାମ ଦାମ ଛାଡ଼ି ଉପସ୍ଥିତ ହୋଇ ଯାଉଥିଲେ । ବିଗତ ଏକ ମାସ ଧରି ଶହୀଦ୍‌ଙ୍କ ମଧ୍ୟରେ ଅଭୂତପୂର୍ବ ପରିବର୍ତ୍ତନ ମୁଁ ଲକ୍ଷ୍ୟ କରିଥିଲି । ସେହି ପରିବର୍ତ୍ତନ ଏହିପରି ଯେ, ସ୍ୱର୍ଗତ ଶହୀଦ ମହୋଦୟ ଫଜର୍ ନମାଜ ପୂର୍ବରୁ ପ୍ରଥମେ ମସ୍‌ଜିଦ୍‌କୁ ଆସୁଥିଲେ ଏବଂ ମସ୍‌ଜିଦ୍ ଫିଟାଉଥିଲେ । ମସ୍‌ଜିଦ୍ ଫିଟାଇ ଆପଣ ନୱାଫିଲ୍ ପାଠ କରିବା ଆପଣଙ୍କ ନିତି ଦିନିଆ ଅଭ୍ୟାସ ଥିଲା । ଏପରି ପ୍ରତିତ ହେଉଥିଲା ଯେପରିକି ଏକ ନୂତନ ଅମୀର୍ ହସନ୍ ସାହେବ ଜନ୍ମ ନେଇଛନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ ଯାମିୟା ଅହେମଦିୟାର ଶିକ୍ଷକ ଶ୍ରୀଯୁକ୍ତ ଖାଲିଦ୍ ବଲୁଚ୍ ସାହେବ ତାଙ୍କର ସଂପର୍କୀୟ ଅଟନ୍ତି । ସେ କୁହନ୍ତି: "ସ୍ୱର୍ଗତ ଶୀହଦ୍ ଅମୀର୍ ହସନ୍ ସାହେବଙ୍କର ବିଶିଷ୍ଟ ସୁଗୁଣାବଳୀ ମଧ୍ୟରୁ ଅନ୍ୟତମ ଗୁଣାବଳୀଗୁଡ଼ିକ ହେଲା- ସାହାସିକତା, ଅନ୍ୟମାନଙ୍କ କାମରେ ଆସିବା ଅର୍ଥାତ୍ ସାହାଯ୍ୟ କରିବା ଇତ୍ୟାଦି । ମୁଁ (ଖାଲିଦ୍ ବଲୁଚ୍ ସାହେବ) ଯେତେବେଳେ ବି ତାଙ୍କୁ ସାକ୍ଷାତ୍ କରୁଥିଲି ସେତେବେଳେ ଆପଣ ସର୍ବଦା ଆଧ୍ୟାତ୍ମିକ ପ୍ରସଙ୍ଗକୁ ବିତର୍କ ପରିସରଭୁକ୍ତ ଆଣୁଥିଲେ। ସେ ଅନେକ ସମୟରେ ଈଶ୍ୱର ଏବଂ ଭକ୍ତମାନଙ୍କ ସଂପର୍କକୁ କିପରି ଶୃଙ୍ଖଳିତ କରାଯାଇପାରିବ ଏଥି ସଂକ୍ରାନ୍ତରେ କଥାବାର୍ତ୍ତା କରୁଥିଲେ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଜଣେ ମୁବଲ୍ଲିଗ୍ ସିଲସିଲା ସାହେବ ଅଟନ୍ତି । ସେ ଉଲ୍ଲେଖ କରନ୍ତି ଯେ, ଆମ ଅଞ୍ଚଳରେ ସ୍ୱର୍ଗତ ଅମୀର୍ ହସନ୍ ସାହେବଙ୍କ ଅଣଅହେମଦି ଲୋକମାନଙ୍କ ସହିତ ସୁସଂପର୍କ ଥିଲା । ସ୍ୱର୍ଗତଙ୍କ ବିୟୋଗ ଖବର ପାଇଁ ଦୂର ଦୂରାନ୍ତରରୁ ଶୋକ ପ୍ରକାଶ କରିବା ନିମନ୍ତେ ଆସିଥିଲେ। ସମସ୍ତେ ଏହା କହୁଥିଲେ ଯେ, ସ୍ୱର୍ଗତ ଅମୀର୍ ହସନ୍ ସାହେବଙ୍କ ଅସ୍ତିତ୍ୱ ଅତ୍ୟନ୍ତ ପ୍ରେମକାରୀ ଅସ୍ତିତ୍ୱ ଥିଲା । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦୁଃସମୟରେ ସାହାଯ୍ୟ ଓ ସମର୍ଥନ କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଓ ସ୍ୱର୍ଗତଙ୍କ ସନ୍ତାନ ସନ୍ତତିଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଆମିନ୍ ।

ଦ୍ୱିତୀୟ ଯନାଜାଃ ହେଲା ମାଲେସିୟାର ସ୍ୱର୍ଗତ ମୌଲାନା ଅବ୍‌ଦୁସ୍ ସତ୍ତାର୍ ରଉଫ୍ ସାହେବଙ୍କର । ଆପଣଙ୍କର ମଧ୍ୟ ବିଗତ ଦିନରେ 75 ବର୍ଷ ବୟସରେ ବିୟୋଗ ହୋଇଯାଇଛି । اِنَّا لِلّٰہِ وَاِنَّا اِلَیْہِ رَاجِعُوْن । 1973 ମସିହା ଜାନୁୟାରୀ ମାସ 15 ତାରିଖ ଦିନ ସ୍ୱର୍ଗତଙ୍କୁ ଅହେମଦିୟତ୍ ସ୍ୱୀକାର କରିବାକୁ ସୌଭାଗ୍ୟ ଅର୍ଜନ ହୋଇଥିଲା । 1977 ମସିହା ଅକ୍ଟୋବର ମାସରେ ଆପଣ ଯାମିୟା ଅହେମଦିୟାରେ ନାମ ଲେଖାଇ ଥିଲେ । ଆପଣ ମୁବଶ୍ଶିର୍‌ର ପାଠ୍ୟକ୍ରମ ସଂପୂର୍ଣ୍ଣ କରିଥିଲେ । ବିଭିନ୍ନ ଦେଶମାନଙ୍କରେ ଆପଣଙ୍କୁ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । 1985 ମସିହାରେ ଇଣ୍ଡୋନେସିୟାରେ ଜଣେ ମୁବଲ୍ଲିଗ୍ ରୂପେ ଆପଣଙ୍କୁ ନିଯୁକ୍ତ କରାଯାଇଥିଲା । ଏତଦ୍‌ପରେ ଆପଣଙ୍କୁ ଫିଜି ପ୍ରେରଣ କରାଗଲା । ସେଠାରେ ଆପଣ କିଛି ବର୍ଷ ରହିଥିଲେ । ପୁନଶ୍ଚ ଆପଣ ଇଣ୍ଡୋନେସିୟା ଚାଲିଗଲେ । ପୁନଶ୍ଚ ଆପଣଙ୍କୁ ମାଲେସିୟା ପ୍ରେରଣ କରାଗଲା । ସେଠାରେ ଆପଣ ତବ୍‌ଲିଗ୍ ମଧ୍ୟ କଲେ। ପୁନଶ୍ଚ ଆପଣଙ୍କୁ ଭିୟତ୍‌ନାମ ଠାରେ ନିଯୁକ୍ତ କରାଗଲା । ସେଠାରେ ଆପଣ କିଛି ବର୍ଷ କାଳ ପର୍ଯ୍ୟନ୍ତ ରହିଥିଲେ । ପୁନଶ୍ଚ ସେ ମାଲେସିୟାରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଆପଣ ଜଣେ ଉତ୍ତମ ସେବକ ଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନୀ, ଗୋଟିଏ କନ୍ୟା ସନ୍ତାନ ଏବଂ ତିନି ଜଣ ପୁତ୍ର ସନ୍ତାନ ରହିଛନ୍ତି । ସ୍ୱର୍ଗତଙ୍କୁ ଜାଣିଥିବା ଏବଂ ଚିହ୍ନିଥିବା ଲୋକମାନେ ଉଲ୍ଲେଖ କରନ୍ତି ଯେ, ଜମାଅତ୍ ନିମନ୍ତେ ଆପଣ ସଂପୂର୍ଣ୍ଣ ରୂପେ ଉତ୍ସର୍ଗୀକୃତ ଥିଲେ ଏବଂ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ମଧ୍ୟ ବଳିଦାନ ଓ ୱକ୍‌ଫ୍ କରିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ। ଆପଣ ପ୍ରତ୍ୟେକ ବ୍ୟକ୍ତିଙ୍କ ଦୋଷ ଦୁର୍ବଳତା ଉପରେ ଆପଣ ଘଣ୍ଟ ଘୋଡ଼ାଇ ଦେଉଥିଲେ । ଆପଣଙ୍କ ତବ୍‌ଲିଗ୍ ବଳରେ (ଦ୍ୱାରା) ଅନେକ ଲୋକମାନେ ଜମାଅତ୍ ଅହେମଦିୟାରେ ସାମିଲ୍ ହେବାକୁ ସାମର୍ଥ୍ୟ ଲାଭ ପାଇଥିଲେ ।

ଆଁହଜରତ ସ.ଅଙ୍କୁ ଆପଣ ବହୁତ ଭଲ ପାଉଥିଲେ । ଯେତେବେଳେ ବି ଆପଣ ସ.ଅଙ୍କର ଚର୍ଚ୍ଚା ହେଉଥିଲା ସେତେବେଳେ ସ୍ୱର୍ଗତଙ୍କ ଆଖିରୁ ଲୁହ ଧାର ବହି ଯାଉଥିଲା । ଦ୍ୱିତୀୟ ଦେଶମାନଙ୍କରେ ଯାଇ ଜମାଅତ୍ ଅହେମଦିୟାର ସେବା କରିବା ନିମନ୍ତେ ଯେତେବେଳେ ତାଙ୍କୁ କୁହାଯାଉଥିଲା ସେତେବେଳେ ଆପଣ ନିଜର ପତ୍ନିଙ୍କୁ ଏବଂ ନିଜର ସନ୍ତାନମାନଙ୍କୁ ଛାଡ଼ି କିଛି ନଭାବି ଓ ବିଚାରି ତୁରନ୍ତ ଚାଲି ଯାଉଥିଲେ। ଆପଣ ସର୍ବଦା ଜମାଅତ୍ ନିମନ୍ତେ ବଳିଦାନ ଦେବା ନିମନ୍ତେ ତତ୍ପର ରହୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତଙ୍କ ସନ୍ତାନ ସନ୍ତତିଙ୍କୁ ମଧ୍ୟ ସ୍ୱର୍ଗତଙ୍କ ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । **(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 10 ଜାନୁୟାରୀ, 2025 ମସିହା, ପୃ-2-6)** ☆ ☆ ☆

## ଉର୍ଦ୍ଦୁ ନଜମ୍ ହ. ମୁସଲେହ୍ ମଉଦ୍ ର.ଅ

اپنے کرم سے بخش دے میرے خدا مُجھے
بیمار عشق ہوں دے تو شِفا مُجھے
جب تک دم میں دم ہے اسی دین پر ہُوں
اِسلام پر ہی آئے جب آئے قَضا مُجھے
بے کَس نواز ذات ہے تیری ہی اے خُدا
آتا نظر نہیں کوئی تیرے سِوا مُجھے
مِنجُملہ تیرے فَضل و کَرَم کے ہے
یہ بھی ایک عیسیٰ مسیح سا ہے دیار ہنما مُجھے
تیری رَضا کا ہُوں میں طلَبْ گار ہر گھڑی
گر یہ ملے تو جانوں کہ سب کُچھ مِلا مُجھے
ہاں ہاں نگاہِ رحم ذرا اِس طرف بھی ہو
بحرِ گُنہ میں ڈوب رہا ہوں بچا مُجھے
مُوسیٰ کیساتھ سے رہی تیر لَن تَرَانیاں
زِنہار میں نہ مانوں گا چہرہ دِکھا تو مُجھے
اِحساں نہ تیرا بھُولوں گا تازِیست اے مسیح
پہنچا دے گر تُو یار کے در پر ذرا مُجھے
ڈوب رہا ہوں بحرِ عشق الٰہی میں شاد میں
کیا دیگا خاک فائدہ بقا مُجھے

## ଉର୍ଦ୍ଦୁ ନଜମ୍ ହ. ମୁସଲେହ୍ ମଉଦ୍ ର.ଅ

اِیمان مجھ کو دے دے عرفان مجھ کو دے دے
قُرباں جاؤں تیرے قُرآن مجھ کو دے دے
دِل پاک کر دے میرا دنیا کی چاہتوں سے
سبوحیت سے حصّہ سُبحان مجھ کو دے دے
دِل جل رہا ہے میرا فُرقت سے ہر دَم
جامِ وصال اپنا اے جان مجھ کو دے دے
کر دے جو حق و باطل میں امتیازِ کامِل
اے میرے پیارے ایسا فُرقان مجھ کو دے دے
ہم کو تیری رِفاقت حاصل رہے ہمیشہ
ایسا نہ ہو کہ دھوکہ شیطان مجھ کو دے دے
وہ دِل مجھے عطا کر جو ہو نثارِ جاناں
جو ہو فدائے دِلبر وہ جان مجھ کو دے دے
دنیائے کُفر و بِدعَت کو اس میں غَرَق کر دوں
طُوفانِ نوح سا اِک طُوفان مجھ کو دے دے

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିଙ୍କୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## QUALIFICATION FOR NURSE/ OTA MALE NURSE

1.Candidate must have completed at least OTA/B. Sc. Nursing/GNM course after 10+2 (With subjects Physics, Chemistry and Biology).

2.He/She must have registered with Punjab Nurses Registration Council. (In case of non-registration, attach affidavit of transfer registration within six months).

3. He/She must have ability to read medical instructions.

4. Minimum 02 years' experience in a reputed hospital is needed.

5. The age of the candidate should not be more than 30 years. An exception may be considered according to the circumstances.

6. Grade: 9792-223-11576-271-14828-318-17372.

7. Candidate must be healthy, good in religious and moral condition, polite. He/ She must have a caring attitude towards patients and co-workers.

## QUALIFICATION FOR PHARMACIST

1. Candidates must have completed at least B. Pharmacy/ D. Pharmacy from a registered government institution after 10+2 (With subjects Physics, Chemistry and Biology).

2. He/She must have registered with Pharmacy Council of Punjab. (In case of non-registration, attach affidavit of transfer registration within six months).

3. He/She must have ability to read medical instructions.

4. Minimum 02 years' experience in a reputed hospital is needed.

5. The age of the candidate should not be more than 30 years. An exception may be considered according to the circumstances.

6. Grade: 11063-302-13479-443-18795-506-22843.

7. Candidate must be healthy, good in religious and moral condition, polite. He/She must have a caring attitude towards patients and co-workers.

## ESSENTIAL INSTRUCTIONS:

1.Applications received within 2 months after the last announcement published in The Weekly Badr will be considered.

2. Interested candidates should send their applications on the printed form with the attested signature and seal of their Zilla Amir/ Local Amir/ Sadr Jama'at/ Mubaligh In-Charge.

3. In case of success in the interview, the candidate will have to undergo a medical examination from Noor Hospital Qadian and only those candidates will be eligible for service that are fit and healthy as per the report of Noor Hospital Medical Board.

4. In case of selection, the candidate will have to arrange his own accommodation in Qadian.

5.All travel and medical expenses will be borne by the candidate.

6. At the time of interview it is necessary for candidates to bring their original educational certificates with them.

Note: The date of interview will be intimated to the candidates later.

☆--☆--☆

## ସଦର୍ ଅଞ୍ଜୁମନ୍ ଅହେମଦିୟା, ତେ୍ହରିକେ ଜଦିଦ୍, ଅଞ୍ଜୁମନ୍ ୱକ୍‌ଫେ ଜଦିଦ୍ ଏବଂ ଜେଲି (ଅଧୀନସ୍ଥ) ତନଜିମାତ୍ (ଗୋଷ୍ଠୀ) କାଦିୟାନ୍‌ର କାର୍ଯ୍ୟାଳୟମାନଙ୍କରେ, ଆର୍ଥିକ/କେୟାର ଟେକର୍/ଚୌକିଦାର (ଜଗୁଆଳୀ)/ ରୋଷେୟା/ରୁଟି ସେକାଳୀ/ମସ୍‌ଜିଦ୍‌ର ସେବାକ ଇତ୍ୟାଦି ଚତୁର୍ଥ ଶ୍ରେଣୀୟ କର୍ମଚାରୀଙ୍କର ଆବଶ୍ୟକତା ରହିଛି

**ଚତୁର୍ଥ ଶ୍ରେଣୀୟ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :**

(1) ପ୍ରାର୍ଥୀର ବୟସ 40 ବର୍ଷରୁ ଊର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବ ଉଚିତ୍ ।

(2) ପ୍ରାର୍ଥୀର ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ୍ତ ନାହିଁ । କିନ୍ତୁ ଶିକ୍ଷିତ ପ୍ରାର୍ଥୀଙ୍କୁ ହିଁ ପ୍ରାଧାନ୍ୟ ଦିଆଯିବ ।

(3) ସାପ୍ତାହିକ ବଦର୍‌ରେ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ ।

(4) ଯେଉଁ ପ୍ରାର୍ଥୀମାନେ ମର୍କଜି ପଦବୀ ପୂରଣ କମିଟିଙ୍କ ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ ସଫଳ ହେବେ ସେହି ପ୍ରାର୍ଥୀମାନେ ସେବା ନିମନ୍ତେ ଯୋଗ୍ୟ ବିବଚିତ ହେବେ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍‌ରୁ ମେଡ଼ିକାଲ (ଡାକ୍ତରୀ) ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲ୍‌ର ମେଡ଼ିକାଲ୍ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ।

(6) ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହିବା (ରହଣୀ) ନିମନ୍ତେ ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) ଯାତ୍ରା ବା ଗସ୍ତ ଖର୍ଚ୍ଚ, କାଦିୟାନ୍ ଯିବା ଆସିବା ଖର୍ଚ୍ଚ ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ ।

(**ନୋଟ୍**: ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରି ଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ନିମ୍ନ ଲିଖିତ ଠିକଣାରେ ଯୋଗଯୋଗ କରନ୍ତୁ**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନ୍‌ର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 0988232530, କାର୍ଯ୍ୟାଳୟ:- 01872-501130, Email:diwan@qadian.in**

☆ ☆ ☆

## କାଦିୟାନ୍ ସ୍ଥିତ ଦାରୁସ୍ ସନାଅତ୍ ଠାରେ ଆଡ଼୍‌ମିଶନ ନିମନ୍ତେ ଘୋଷଣା ଶିକ୍ଷାବର୍ଷ: 2025-2026

**(ଅହେମଦି ଛାତ୍ରମାନେ ଧ୍ୟାନ ଦିଅନ୍ତୁ ଯେ, ବର୍ତ୍ତମାନ ଆଡ଼୍‌ମିଶନ (ପ୍ରବେଶ ଗ୍ରହଣ) ପ୍ରକ୍ରିୟା ଆରମ୍ଭ ହୋଇଯାଇଛି)**

**(Ahmadiyya vocational training centre)**

ଦାରୁସ୍ ସନାଅତ୍ କାଦିୟାନ୍‌ର ମୂଳଦୁଆ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଅନୁମୋଦନ କ୍ରମେ ଏବଂ ବିଶେଷ ମାର୍ଗଦର୍ଶନ କ୍ରମେ 2010 ମସିହାରେ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ମୂଳାଭିପ୍ରାୟ ହେଲା ଛାତ୍ରମାନଙ୍କୁ କର୍ମ କୁଶଳୀ କରିବା ଏବଂ ଟେକ୍‌ନିକାଲ୍ (ବୈଷୟିକ) ପାଠ୍ୟର ଶିକ୍ଷାଦାନ କରାଯାଇ ଛାତ୍ରମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ଅବସର ସୃଷ୍ଟି କରିବା । ଦାରୁସ୍ ସନାଅତ୍ କାଦିୟାନ୍ ସରକାରୀ ଶିକ୍ଷାନୁଷ୍ଠାନ NSIC ଦିଲ୍ଲୀ ଏବଂ ISO ଦ୍ୱାରା ପଞ୍ଜିକୃତ ଅଟେ। ଉକ୍ତ ଶିକ୍ଷାନୁଷ୍ଠାନରେ ଏକ ବର୍ଷରେ ନିମ୍ନ ଲିଖିତ କୋର୍ସ (ପାଠ୍ୟକ୍ରମ)ର ତାଲିମ ଦିଆଯାଇଥାଏ ଯଥା:- (1) Computer applications (2) Plumbling (3)Electrician (4) Welding (5) Motor vehicle (6) Diesel mechanic (7) AC and Refrigerator ଇତ୍ୟାଦି ।

କାଦିୟାନ୍ ବାହାରରୁ ଆଗତ ଅହେମଦି ଛାତ୍ରମମାନଙ୍କ ରହିବା ନିମନ୍ତେ Mess ଓ Hostelର ବ୍ୟବସ୍ଥା ମଧ୍ୟ ରହିଛି । ରହିବା ଓ ଖାଇବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅର୍ଥାତ୍ ସଂପୂର୍ଣ୍ଣ ମାଗଣା କେବଳ କୋର୍ସ ଫି ବାବଦକୁ ଅତି ସହଜ ଓ ସାଧାରଣ କିସ୍ତି ନିଆଯାଇଥାଏ । ଏପରି ଅହେମଦି ଯୁବକମାନେ ଯେଉଁମାନେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନାହାନ୍ତି କିମ୍ବା ସେମାନେ 8th ଓ 10th ଶ୍ରେଣୀ ପରେ ଟେକ୍‌ନିକାଲ କୋର୍ସ (ପାଠ୍ୟକ୍ରମ) କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ସେମାନେ ଆଡ଼୍‌ମିଶନ ନିମନ୍ତେ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ । ଅହେମଦି ପିଲାମାନଙ୍କର ଧାର୍ମିକ ଶିକ୍ଷା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି । ଏତଦଭିନ୍ନ Personality development ଏବଂ English Speaking କ୍ଲାସ୍ ମଧ୍ୟ ନିଆଯାଇଥାଏ। ନୂତନ ସେଶନ୍ (ଶିକ୍ଷାବର୍ଷ) 2025-26 ନିମନ୍ତେ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଉକ୍ତ ଶିକ୍ଷା ବର୍ଷର କ୍ଲାସ୍ 16 ଜୁଲାଇ 2025 ଠାରୁ ଆରମ୍ଭ ହୋଇଯିବ । ଅଧିକ ଜାଣିବା ନିମନ୍ତେ ନିମ୍ନ ଲିଖିତ ନମ୍ବର ଓ email idରେ ଯୋଗା ଯୋଗ କରନ୍ତୁ- darulsanaat. qadian@gmail.com, 9872725895, 8604024043,

**(ପ୍ରିଂସିପାଲ୍ ଦାରୁସ୍ ସନାଅତ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ଆଁହଜରତ ସ.ଅ କହିଲେ: "ହେ ଇବ୍‌ନେ ଔଫ୍ ! ତୁମେ ଉକ୍ତ ଧ୍ୱଜାକୁ ନେଇ ନିଅ ଏବଂ ପୁନଶ୍ଚ ତୁମେମାନେ ସମସ୍ତ ଈଶ୍ୱରଙ୍କ ମାର୍ଗରେ ଜିହାଦ୍ ନିମନ୍ତେ ବାହା-ରିପଡ଼ ଓ ଅବିଶ୍ୱାସକାରୀଙ୍କ ସହିତ ସଂଗ୍ରାମ କର । କିନ୍ତୁ ଏହା ଧ୍ୟାନ ଦେବ ଯେ, ତୁମମାନଙ୍କ ମଧ୍ୟରୁ କେହି ବି ଯେପରି ଅବିଶ୍ୱସ୍ତତା ପ୍ରଦର୍ଶନ ନକରୁ, କେହି ବି ବିଶ୍ୱାସଘାତକତା ନକରୁ, କେହି ବି ଅଙ୍ଗୀକାର ଭଙ୍ଗ ନକରୁ, କେହି ବି ଶତ୍ରୁର ମୃତ ଶରୀରକୁ ବିକୃତ କରୁ ଓ ନା ହିଁ ତୁମମମାନଙ୍କ ମଧ୍ୟରୁ କେହି ବି (ମହିଳା ଓ) ପିଲାମାନଙ୍କ ବଧ ନକରୁ । ଏହା ଈଶ୍ୱରଙ୍କ ଆଦେଶ ଅଟେ ଏବଂ ତାହାଙ୍କ ବାର୍ତ୍ତାବହଙ୍କ ପରମ୍ପରା ଅଟେ ।"

ଉକ୍ତ ବର୍ଣ୍ଣନାରେ ସମ୍ଭବତଃ ବର୍ଣ୍ଣନାକାରୀର ଭ୍ରମବଶତଃ ମହିଳାମାନଙ୍କର ଚର୍ଚ୍ଚାକୁ ଛାଡ଼ି ଦେଇଛନ୍ତି । ଅନ୍ୟଥା ଅନ୍ୟ ସ୍ଥାନରେ ସ୍ୱଷ୍ଟ ରୂପେ ମହିଳାମାନଙ୍କର ଚର୍ଚ୍ଚା ଆସିଛି ଯେ, ଆଁହଜରତ ସ.ଅ ଯେତେବେଳେ କୌଣସି ସୈନ୍ୟବାହିନୀକୁ ପ୍ରେରଣ କରୁଥିଲେ ସେତେବେଳେ ଆପଣ ସ.ଅ ସେହି ସୈନ୍ୟବାହିନୀକୁ ତାଗିଦ୍ କରୁଥିଲେ ଯେ, ସେମାନେ (ଅର୍ଥାତ୍ ସୈନ୍ୟବାହିନୀ) ମହିଳାମାନଙ୍କୁ ବଧ କରିବେ ନାହିଁ ଏବଂ ବୃଦ୍ଧ ବ୍ୟକ୍ତିଙ୍କୁ ବଧ କରିବେ ନାହିଁ ଓ ନା ହିଁ ସେମାନେ (ସେହି ସୈନ୍ୟବାହିନୀକୁ ଆଁହଜରତ ସ.ଅ ସମ୍ବୋଧନ କରି କୁହନ୍ତି) ଏପରି ବ୍ୟକ୍ତିମାନଙ୍କୁ ବଧ କରିବ ନାହିଁ ଯେଉଁମାନେ ନିଜର ଜୀବନକୁ ଧାର୍ମିକ ସେବା ନିମନ୍ତେ ଉତ୍ସର୍ଗ କରି ଦେଇଛନ୍ତି ।

ସରିୟାହ୍ ଜୈଦ୍ ବିନ୍ ଜୈଦ୍ ବିନ୍ ହାର୍‌ସା ର.ଅ, ସରିୟା ୱାଦିଉଲ୍ କୁରା, ସରିୟା ଅବ୍‌ଦୁର୍ ରହମାନ ବିନ୍ ଔଫ୍, ସରିୟା ଅଲୀ ଇବ୍‌ନେ ତାଲିବ୍ ର.ଅ ଓ ସରିୟା ହ. ଅବୁ ବକ୍କର ର.ଅଙ୍କ କାରଣ ଓ ପରିସ୍ଥିତି ଏବଂ ଘଟଣାବଳୀର ଚର୍ଚ୍ଚା।

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପ୍ରଦତ୍ତ କଥନାବଳୀ ଏବଂ ଆଦେଶାବଳୀ ଅନୁଯାୟୀ ଦେଶ ବିଭାଜନ ସମୟରେ 313 ଜଣ ଦରୱେଶ୍‌ମାନେ କାଦିୟାନ୍‌ରେ ଅବସ୍ଥାନ କରିଥିଲେ ।

ସମ୍ମାନନୀୟ ତୈୟେବ୍ ଅଲୀ ବଙ୍ଗାଳୀ ସାହେବ ଦରୱେଶ୍‌ମାନଙ୍କ ମଧ୍ୟରୁ ଶେଷ ଦରୱେଶ୍ ଥିଲେ । ଆପଣଙ୍କର ବିଗତ ଦିନରେ ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ବର୍ତ୍ତମାନ କାଦିୟାନ୍‌ରେ ଆଉ କୌଣସି ଅତିରିକ୍ତ ଦରୱେଶ୍ ଜୀବିତ ରହିଲେ ନାହିଁ । ଆଜି ଠାରୁ କାଦିୟାନ୍‌ର ଯେଉଁ ଜଲ୍‌ସା ସାଲାନା ଆରମ୍ଭ ହେଉଛି ଉକ୍ତ ଜଲ୍‌ସା ସାଲାନା ଦରୱେଶ୍‌ଙ୍କ ଅନୁପସ୍ଥିତିରେ ହେଉଛି । ଉକ୍ତ ଜଲ୍‌ସା ସାଲାନା ହେଉଛି ପ୍ରଥମ ଜଲସା ସାଲାନା ଯହିଁରେ କୌଣସି ଦର୍‌ୱେଶ୍ ଜୀବିତ ନାହାନ୍ତି । ଅତଏବ୍ ଦରୱେଶ୍‌ଙ୍କ ଅନୁପସ୍ଥିତିରେ ଉକ୍ତ ଜଲ୍‌ସା ଅନୁଷ୍ଠିତ ହେବ

ବର୍ତ୍ତମାନ କାଦିୟାନ୍‌ରେ ବାସ କରୁଥିବା ନୂତନ ବଂଶଧର ବା ନୂତନ ପିଢୀଙ୍କର ଏହି ଦାୟିତ୍ୱ ତଥା କାର୍ଯ୍ୟ ରହିଛି ଯେ, ସେମାନେ ନିଜର ବଳିଦାନ ଦେଇଥିବା ପୂର୍ବ ପୁରୁଷଙ୍କର ପରମ୍ପରାକୁ ଉଜ୍ଜୀବୀତ ରଖି ବିଶ୍ୱସ୍ତତା ଏବଂ ନିଷ୍ଠାପରତାର ସହିତ କାଦିୟାନ୍‌ରେ ନିଜର ଜୀବନକୁ ଅତିବାହିତ କରନ୍ତୁ । ଅଲ୍ଲାଃତାଲା ଏହି ନୂତନ ବଂଶଧର ଏବଂ ନୂତନ ପିଢୀଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ମଧ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ସମ୍ମନନୀୟ ଶ୍ରୀଯୁକ୍ତ ସ୍ୱର୍ଗତ ତୈୟେବ୍ ଅଲୀ ସାହେବ ବଙ୍ଗାଳୀ ଦରୱେଶ୍ କାଦିୟାନ୍, ସମ୍ମାନନୀୟ ଶ୍ରୀଯୁକ୍ତ ସ୍ୱର୍ଗତ ମିର୍ଜା ମେହମୁଦ୍ ଦୀନ ନାଜ୍ ସାହେବ ସଦର୍ ସଦର୍ ଅଞ୍ଜୁମନ ଅହେମଦିୟା ରବ୍‌ୱା ପାକିସ୍ତାନ ଏବଂ ତୁର୍କମାନିସ୍ତାନର ଜାତୀୟ ସଦର ଜମାଅତ୍ ସମ୍ମାନନୀୟ ଶ୍ରୀଯୁକ୍ତ ସ୍ୱର୍ଗତ ଅକ୍‌ମୁରାତ୍ ଖାକିଏବ୍ ସାହେବ ଆଦି ମୃତକଙ୍କର ନମାଜ୍ ଯନାଜାଃର ଉତ୍ତମ ଚର୍ଚ୍ଚା ଓ ମୃତକମାନଙ୍କର ଯନାଜାଃ ଗାଏବ୍ ।

**27 DECEMBER 2024 ମସିହା ଅନୁଯାୟୀ ୨୭ ଫତହ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ । ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔إِيَّاكَ نَعْبُدُ وَ إِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବେନସ୍ରେହିଲ୍ ଅଜିଜ୍ କହିଲେ: ଆଜି ମଧ୍ୟ ମୁଁ କେତେକ ସରାୟାର ଚର୍ଚ୍ଚା କରିବି । ଉକ୍ତ ସରିୟାକୁ ଜୈଦ୍ ବିନ୍ ହାରସା ର.ଅ ବୋଲି କୁହାଯାଏ। ଉକ୍ତ ସରିୟା ଜମାଦିଉଲ୍ ଅଖିରାହ୍‌ର 6 ହିଜ୍ରୀରେ ବନୁ ଜୁଜାମ୍ ଅଭିମୁଖେ ହିସ୍‌ମା ଠାରେ ହୋଇଥିଲା । ହିସ୍‌ମା ବନୁ ଜୁଜାମ୍ ସଂପ୍ରଦାୟର ଏକ ସହର ଥିଲା ଏବଂ ମଦିନା ଠାରୁ ଆଠ ରାତ୍ରର ବ୍ୟବଧାନରେ ଅବସ୍ଥିତ ଥିଲା । ଏହି ଦୃଷ୍ଟିରୁ ସେହି କାଳର ଯାତ୍ରା ଅତ୍ୟନ୍ତ ଦୀର୍ଘ ଯାତ୍ରା ଥିଲା । ଅଲ୍ଲାମା ଇବ୍‌ନେ କୟିମ୍ ଜାଦୁଲ୍ ମୁଆଦ୍‌ରେ କୁହନ୍ତି: "ଉକ୍ତ ସରିୟା ନିଃସନ୍ଦେହ ସୁଲାହ୍ ହୁଦୈବିୟାହ୍ ପରର ଅଟେ । ଅର୍ଥାତ୍ 7 ହିଜ୍ରୀର ଅଟେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-681) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ମାଦ୍, ଭାଗ-6, ପୃ-୫୨, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-102, 233, ଜୱାର୍ ଏକାଡ଼େମୀ, କରାଚୀ)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ମଧ୍ୟ ବିଭିନ୍ନ ଇତିହାସର ପୁସ୍ତକମାନଙ୍କରୁ ଏହା ଉପରେ ସମ୍ୟକ ଟିପ୍ପଣୀ ଓ ସମାଲୋଚନ ପ୍ରଦାନ କରିଛନ୍ତି । ଆପଣ ର.ଅ କୁହନ୍ତି: "ଉକ୍ତ ସରିୟାର ଇତିହାସ ସଂକ୍ରାନ୍ତରେ ଏକ ଦିଗ ରହିଛି ତାହାର ଚର୍ଚ୍ଚା କରିବା ନିତାନ୍ତ ଆବଶ୍ୟକ । ଇବ୍‌ନେ ସାଆ୍‌ଦ ଓ ତା'ର ଅନୁଗାମୀମାନଙ୍କ ମଧ୍ୟରେ ଅନ୍ୟ ଜୀବନୀ ଲେଖାଳୀମାନେ ଉକ୍ତ ସରିୟାହର ଇତିହାସ ଜମାଦିଉଲ୍ ଆଖିରାହ୍ ଅର୍ଥାତ୍ 6 ହିଜ୍ରୀ ବୋଲି ଉଲ୍ଲେଖ କରିଛନ୍ତି ଏବଂ ଏହାକୁ ହିଁ ସେ ସଠିକ୍ ବୋଲି ବିବେଚିତ କରିଛନ୍ତି । କିନ୍ତୁ ଅଲ୍ଲାମା ଇବ୍‌ନେ କୟିମ୍ ଜାଦୁଲ୍ ମୁଆଦ୍‌ରେ ସ୍ୱଷ୍ଟ କରିଛନ୍ତି ଯେ, ଉକ୍ତ ସରିୟା 7 ହିଜ୍ରୀରେ ସୁଲାହ୍ ହୁଦାବିୟାହ୍ ପରେ ହୋଇଥିଲା । ସମ୍ଭବତଃ ଇବ୍‌ନେ କୟିମ୍‌ଙ୍କ କଥନର ଉଦ୍ଦେଶ୍ୟ ଏହିକି ଯେ, ଉକ୍ତ ସିରୟାର ଯେଉଁ କାରଣ ବର୍ଣ୍ଣନା କରାଯାଇଛି ଯେ, ଦହିୟାହ୍ କଲ୍‌ବି କୈସ୍‌ର ସହିତ ସାକ୍ଷାତ୍ କରି ମଦିନା ଫେରୁଥିଲେ କି ତାଙ୍କୁ ମାର୍ଗରେ ବନୁ ଜୁଜାମ୍ (ସଂପ୍ରଦାୟ) ଲୁଣ୍ଠନ କରିନେଲା । ଉକ୍ତ କଥା ସ୍ୱୀକୃତ ଯେ, ଆଁହଜରତ ସ.ଅ ଦହିୟାହ୍‌ଙ୍କୁ କୈସର୍ ଅଭିମୁଖେ ପତ୍ର ଦେଇ ସୁଲାହ୍ ହୁଦୈବିୟାହ୍ ନିମନ୍ତେ ପ୍ରେରଣ କରିଥିଲେ । ତେଣୁ ଉକ୍ତ ଘଟଣା କୌଣସି ସ୍ଥିତିରେ ହୁଦୈବିୟାହ୍ ପୂର୍ବର ହୋଇ ପାରିବ ନାହିଁ । ଉକ୍ତ ପ୍ରମାଣଟି ନିଜ ଅସ୍ତିତ୍ୱରେ ସଂପୂର୍ଣ୍ଣ ରୂପେ ସ୍ୱଚ୍ଛ ଏବଂ ସ୍ୱଷ୍ଟ ରହିଛି । ଏହାର ପ୍ରକାଶରେ ଇବ୍‌ନେ ସାଆଦ୍‌ଙ୍କ ବର୍ଣ୍ଣନା ନିଃସନ୍ଦେହ ରୂପେ ରଦ୍ଦ ଯୋଗ୍ୟ ବୋଲି ବିବେଚିତ ହୁଏ । କିନ୍ତୁ ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ବିନୀତ ମନରେ ଏକ କାରଣ ଏହିପରି ଅଟେ ଯାହାକୁ ଅଲ୍ଲାମା ଇବ୍‌ନେ କୟିମ୍ ଅଣଦେଖା କରି ଦେଇଛନ୍ତି । କାରଣ ସମ୍ଭବତଃ କୈସର୍‌ର ସାକ୍ଷାତ୍ ନିମନ୍ତେ ଦହିୟାହ୍ ସିରୀୟାକୁ ଦୁଇ ଥର ଯାଇଥିବେ । ଅର୍ଥାତ୍ ସୁଲାହ୍ ହୁଦୈବିୟାହ୍ ପୂର୍ବରୁ ସ୍ୱୟଂ ବାଣିଜ୍ୟିକ ଉଦ୍ଦେଶ୍ୟରେ ଯାଇଥିବେ ଏବଂ ସେଠାରେ କୈସର୍ ସହିତ ସାକ୍ଷାତ୍ କରିଥିବେ । ଦ୍ୱିତୀୟ ଥର ହୁଦୈବିୟାହ୍ ପରେ ଆଁହଜରତ ସ.ଅଙ୍କ ପତ୍ର ନେଇ ଯାଇଥାଇ ପାରନ୍ତି ଓ ଆଁହଜରତ ସ.ଅ ତାଙ୍କୁ କୈସର୍ ଆଡ଼କୁ ସନ୍ଦେଶବାହକ ନିମନ୍ତେ ଏହି ଉଦ୍ଦେଶ୍ୟରେ ମନୋନୀତ କରିଥିବେ ଯେ, ସେ ପୂର୍ବେ କୈସର୍‌କୁ ଭେଟ କରି ସାରିଛନ୍ତି । ଉକ୍ତ କାରଣ (ଦର୍ଶାଅ)ର ସମର୍ଥନ ଏହପରି ମଧ୍ୟ ହୋଇଯାଇଥାଏ ଯେ, ଇବ୍‌ନେ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ଉକ୍ତ ଯାତ୍ରାରେ ଦହିୟାହ୍ ନିକଟରେ ବାଣିଜ୍ୟିକ ଜିନିଷ ପତ୍ର ଥିଲା ଏବଂ ସୁଲାହ୍ ହୁଦୈବିୟାହ୍ ପରବର୍ତ୍ତୀ ଯାତ୍ରାରେ ପ୍ରକାଶ୍ୟ ରୂପେ ବାଣିଜ୍ୟିକ ଜିନିଷ ପତ୍ରର ପ୍ରସଙ୍ଗ ଦୃଶ୍ୟମାନ ହେଉ ନଥିଲା । ଏହା ମଧ୍ୟ ହୋଇପାରିବ ଯେ, ଉକ୍ତ ଯାତ୍ରା କେବଳ ବାଣିଜ୍ୟିକ ଉଦ୍ଦେଶ୍ୟରେ ହୋଇଥାଇ ପାରେ । ଇବ୍‌ନେ ସାଆଦ୍‌ର ବର୍ଣ୍ଣନକାରୀ ଉକ୍ତ ଯାତ୍ରାକୁ ଅନ୍ୟ ଯାତ୍ରା ସହିତ ମିଶାଇ ଦେଇ କୈସର୍‌ର ସାକ୍ଷାତ୍ ଓ କୈସର୍ ଠାରୁ ଅଲଗା ହେବାର ଚର୍ଚ୍ଚା କରି ଆନୁମାନିକ ରୂପେ ସାମିଲ୍ କରିନେଇଥିବେ । **ୱଲ୍ଲାହୁ ଆଲମୁ** (ପ୍ରଭୁ ଅନ୍ତର୍ଯାମୀ ଅଟନ୍ତି, ସେ ହିଁ ସର୍ବଜ୍ଞ)।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-682)**

ସରିୟାର ପରିସ୍ଥିତି ଓ ଘଟଣାବଳୀ ସଂକ୍ରାନ୍ତରେ ସବିଶେଷ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ଇବ୍‌ନେ ଇସ୍‌ହାକ୍ ବର୍ଣ୍ଣନା କରନ୍ତି ଯେ, ରିଫାଅ ବିନ୍ ଜୈଦ୍ ଯୁଜାମି ନିଜ ଜାତି ନିକଟକୁ ଆଁହଜରତ ସ.ଅଙ୍କ ପତ୍ର ନେଇ ଆସିଲେ । ଆପଣ ସ.ଅ ତାଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରୁଥିଲେ । ସେହି ଲୋକମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । ସେହି କାଳରେ ହ. ଦହିୟାହ୍ ବିନ୍ ଖଲିଫା କଲ୍‌ବି କୈସର୍ ରୋମ୍‌ର ସମ୍ରାଟ୍ ପାଖରୁ ଆସୁଥିଲେ । ତାଙ୍କୁ ରସୁଲୁଲ୍ଲାଃ ସ.ଅ କୈସରେ

ରୋମ୍ ଆଡ଼କୁ ପ୍ରେରଣ କରିଥିଲେ । କୈସର ଆପଣ ର.ଅଙ୍କୁ ଉପାହର ଦେଲା ଏବଂ ବସ୍ତ୍ର ପୋଷାକ ପିନ୍ଧାଇଲା । ଆପଣ ସ.ଅଙ୍କୁ ହୁନୈଦ୍ ବିନ୍ ଉସ୍ ଏବଂ ତା'ର ପୁତ୍ର ଉସ୍ ବିନ୍ ହୁନୈଦ୍ ମାର୍ଗରେ ଭେଟ ହେଲେ । ଇବ୍‌ନେ ସାଆଦଙ୍କ ନିକଟରେ ହୁନୈଦ୍ ବିନ୍ ଆରିଜ୍ ଏବଂ ତା'ର ପୁତ୍ର ଆରିଜ୍ ବିନ୍ ହୁନୈଦ୍ ସୁଲୈଇ ମିଳିଲେ ଏବଂ ସୁଲୈଇ ଯୁଜାମ୍ ସଂପ୍ରଦାୟର ଏକ ଶାଖା ଅଟେ । ଏମାନେ ଦୁହେଁ ଆକ୍ରମଣ କରି ପ୍ରତ୍ୟେକ ବସ୍ତୁ ହ. ଦହିୟା ଠାରୁ ଛଡ଼ାଇ ନେଲେ ଏବଂ ଆପଣ ର.ଅଙ୍କ ନିକଟରେ ଏକ ପୁରୁଣା ବସ୍ତ୍ର ବ୍ୟତୀତ ଅନ୍ୟ କିଛି ଛାଡ଼ିଲେ ନାହିଁ । ଉକ୍ତ ଘଟଣା ସଂପର୍କରେ ଯେତେବେଳେ ବନୁ ଜୁବୈବ୍ ସଂପ୍ରଦାୟକୁ (ଉକ୍ତ ସଂପ୍ରଦାୟ ରିଫାଅ ବିନ୍ ଜୈଦର ସଂପ୍ରଦାୟ ଥିଲା ଉକ୍ତ ସଂପ୍ରଦାୟ ଇସ୍‌ଲାମ୍ ସ୍ୱୀକାର କରି ନେଇଥିଲା) ସୂଚନା ମିଳିଲା ସେତେବେଳେ ଉକ୍ତ ସଂପ୍ରଦାୟର ଲୋକମାନେ ହୁନୈଦ୍ ଏବଂ ତା'ର ପୁତ୍ର ଆଡ଼କୁ ବାହାରିଲେ । ସେମାନେ ଏହି ଦୁଇ ଅର୍ଥାତ୍ ଜୁବୈବ୍ ସଂପ୍ରଦାୟ ଓ ହୁନୈଦ୍ ସହିତ ଯୁଦ୍ଧ କଲେ ଏବଂ ହ. ଦହିୟାର୍ ସମସ୍ତ ଧନ ସମ୍ପତ୍ତିକୁ ଛଡ଼ାଇ ନେଲେ । ହ. ଦହିୟା ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସିଲେ । ଆପଣ ସ.ଅଙ୍କୁ ନିଜ ସହିତ ଘଟିଥିବା ଘଟଣା ସଂପର୍କରେ ସୂଚନା ଦେଲେ । ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ହୁନୈଦ୍ ଓ ତା'ର ପୁତ୍ର ଠାରୁ ପ୍ରତିଶୋଧ ନେବା ନିମନ୍ତେ ନିବେଦନ କଲେ । ରସୁଲୁଲ୍ଲାଃ ସ.ଅ ହ. ଜୈଦ୍ ବିନ୍ ହାର୍‌ସା ର.ଅଙ୍କୁ 500 ଲୋକ ଦେଇ ପ୍ରରଣ କଲେ । ହ. ଦହିୟାହଙ୍କୁ ମଧ୍ୟ ସୈନ୍ୟବାହିନୀ ସମେତ ପ୍ରେରଣ କରିଦେଲେ । ହ. ଜୈଦ୍ ର.ଅ ରାତ୍ରରେ ଚାଲୁଥିଲେ ଏବଂ ଦିନ ବେଳା ଲୁଚି ଯାଉଥିଲେ। ଏମାନଙ୍କ ସହିତ ବନୁ ଉଜରର ଜଣେ ପଥପ୍ରଦର୍ଶନକାରୀ ମଧ୍ୟ ଥିଲା। ଅପରପକ୍ଷେ ବନୁ ଯୁଜାମ୍ ସଂପ୍ରଦାୟର କେତେକ ସଂପ୍ରଦାୟମାନେ ଏକତ୍ରିତ ହୋଇଗଲେ ଏବଂ ସେମାନଙ୍କ ମଧ୍ୟରୁ ଗତ୍‌ଫାନ ସଂପ୍ରଦାୟ, ୱାଏଲ୍ ସଂପ୍ରଦାୟ, ସଲ୍‌ମାନ ଏବଂ ସାଆଦ୍ ବିନ୍ ହୁଜୈମ୍ ସଂପ୍ରଦାୟ ଥିଲା । ରିଫାଅ ବିନ୍ ଜୈଦ୍ ଯେତେବେଳେ ଆଁହଜରତ ସ.ଅଙ୍କ ପତ୍ର ନେଇ ନିଜ ଜାତି ନିକଟରେ ପହଞ୍ଚିଲେ ସେତେବେଳେ ଏହି ଲୋକମାନେ ହର୍‌ରତୁଲ୍ ରଜ୍‌ଲା ଠାରେ ଥିଲେ । ହର୍‌ରତୁଲ୍ ରଜ୍‌ଲା ଯୁଜାମ୍ ଅଞ୍ଚଳରେ କୃଷ୍ଣ ମୃତ୍ତିକା ଟାଙ୍ଗରା ଏବଂ ପଥୁରିଆ ଭୂମି ଥିଲା । ରିଫାଅକୁ ଉକ୍ତ ଘଟଣା ସଂକ୍ରାନ୍ତରେ କିଛି ଜ୍ଞାତ ନଥିଲା । ବନୁ ଉଜ୍‌ରାହ୍‌ର ପଥପ୍ରଦର୍ଶକ ହ. ଜୈଦ୍ ବିନ୍ ହାର୍‌ସା ର.ଅ ଓ ଆପଣ ର.ଅଙ୍କ ସାଥିମାନଙ୍କୁ ସକାଳ ସମୟରେ ହୁନୈଦ୍ ଓ ତା'ର ପୁତ୍ର ଏବଂ ସେହି ଲୋକମାନଙ୍କର ରହଣୀ ସ୍ଥଳ ଉପରେ ସହସା ଆକ୍ରମଣ କରି ସେମାନଙ୍କୁ ବଧ କରିଦେଲେ ଏବଂ ଉଭୟ ପକ୍ଷଙ୍କ ମଧ୍ୟରେ ରକ୍ତପାତମୂଳକ୍ ସଂଘର୍ଷ ହେଲା । ହୁନୈଦ୍ ଓ ତା'ର ପୁତ୍ରକୁ ସାହାବାମାନେ ବଧ କରିଦେଲେ । ସେମାନଙ୍କର ଜୀବ, ଓଟ ଏବଂ ମହିଳାମାନଙ୍କୁ ନିଜ ଅକ୍ତିଆରକୁ ନେଇ ନେଲେ । ଏକ ସହସ୍ର ଓଟ ଏବଂ 5 ସହସ୍ର ଛେଳୀମାନେ ଥିଲେ । ମହିଳା ଏବଂ ଛୋଟପିଲାମାନଙ୍କ ମଧ୍ୟରୁ 100 ଜଣଙ୍କୁ ବନ୍ଦୀ କଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-88, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଜୀବନୀ ଶବ୍ଦକୋଷ, ପୃ-243, 101, ଜୱାର୍ ଏକାଡ଼େମୀ, କରାଚୀ)**

ଉକ୍ତ ଆକ୍ରମଣ ପରେ ଯୁଜାମ୍ ସଂପ୍ରଦାୟର ଶାଖା ବନୁ ଜୁବୈବ୍‌ର ମଦିନା ଆଗମନର ଚର୍ଚ୍ଚା ମଧ୍ୟ ମିଳେ । "ଜୈଦ୍ ବର୍ତ୍ତମାନ ମଦିନା ପହଞ୍ଚି ନଥିଲେ କି ବନୁ ଜୁବୈବ୍ ସଂପ୍ରଦାର ଲୋକମାନଙ୍କୁ ଜୈଦ୍‌ଙ୍କ ଉକ୍ତ ଅଭିଯାନ ସଂପର୍କରେ ସୂଚନା ମିଳିଗଲା । ସେମାନେ ନିଜର ଅଧିପତି ରିଫାଅ ବିନ୍ ଜୈଦ୍‌ର ସାହଚର୍ଯ୍ୟରେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ମୁସଲମାନ ହୋଇ ସାରିଛୁ ଏବଂ ଆମମାନଙ୍କର ଅବଶିଷ୍ଟ ଜାତି ନିମନ୍ତେ ଶାନ୍ତିର ଆହ୍ୱାନ ଦିଆଯାଇ ସାରିଛି ।" ଯେଉଁମାନେ ମୁସଲମାନ ହୋଇ ନଥିଲେ ସେମାନଙ୍କ ନିମନ୍ତେ ମଧ୍ୟ ଶାନ୍ତିର ଲେଖନୀ ଉଲ୍ଲିଖିତ ହୋଇ ସାରିଥିଲା। ଅପରପକ୍ଷେ ଆପଣଙ୍କ ଦ୍ୱାରା ପ୍ରେରିତ ଯେଉଁ ସୈନ୍ୟବାହିନୀ ରହିଥିଲା ସେହି ସୈନ୍ୟବାହିନୀ ଅବିଶ୍ୱାସକାରୀଙ୍କ ଉପରେ ଆକ୍ରମଣ କରି ସେମାନଙ୍କ ମଧ୍ୟରୁ କେତେକଙ୍କୁ ବଧ କରିଦେଲେ, କେତେକ ଲୋକଙ୍କ ବନ୍ଦୀ କରିନେଲେ, ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନରତ୍ନ) ପ୍ରାପ୍ତ କରିନେଲେ ଓ ଆମେମାନେ ତ' ମୁସଲମାନ ହୋଇ ସାରିଛୁ ଏବଂ ସେମାନଙ୍କ ନିମନ୍ତେ ମଧ୍ୟ ଶାନ୍ତିର ଲେଖନୀ ଲେଖିଛନ୍ତି । ତେବେ ପୁନଃଶ୍ଚ ଆମମମାନଙ୍କର ସଂପ୍ରଦାୟକୁ ଉକ୍ତ ଆକ୍ରମଣରେ କାହିଁକି ସାମିଲ୍ କରାଗଲା? ଆମମାନଙ୍କ ଉପରେ କାହିଁକି ଆକ୍ରମଣ କରାଗଲା ? ଆପଣ ସ.ଅ କହିଲେ, "ହଁ ଉକ୍ତ କଥା ସଠିକ୍ ଅଟେ ।" ଆପଣ ସ.ଅ କୌଣସି ପ୍ରମାଣ ଉପସ୍ଥାପିତ କଲେ ନାହିଁ। ଆପଣ ସ.ଅ କହିଲେ, "ତୁମେ ଠିକ୍ କହୁଛ । କିନ୍ତୁ ଜୈଦ୍‌କୁ ଉକ୍ତ କଥା ଜ୍ଞାତ ନଥିଲା ଏବଂ ପୁନଃଶ୍ଚ ଯେଉଁ ଲୋକମାନେ ଇତ୍ୟବସରରେ ନିହତ ହୋଇଥିଲେ ସେମାନଙ୍କ ସଂକ୍ରାନ୍ତରେ ଆପଣ ସ.ଅ ବାରମ୍ବାର ଦୁଃଖ ପ୍ରକାଶ କଲେ । ଅତଏବ୍ ରିଫାଅର ସାଥି ଅବୁ ଜର୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯେଉଁ ଲୋକମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ସଂକ୍ରାନ୍ତରେ ଆମର କୌଣସି ଦାବି ନାହିଁ । ରିଫାଆ ଭ୍ରମର ଶିକାର ହୋଇଯାଇଛି । କିନ୍ତୁ ଯେଉଁ ଲୋକମାନେ ଜୀବିତ ଅଛନ୍ତି ଏବଂ ଜୈଦ୍ ଯେଉଁ ଜିନିଷ ପତ୍ର ଆମ ସଂପ୍ରଦାୟରୁ ଧରିଛନ୍ତି ଅର୍ଥାତ୍ ଜବତ୍ କରିଛନ୍ତି ତାହା ଆମମାନଙ୍କୁ ଫେରସ୍ତ ମିଳିଯିବା ଉଚିତ୍ । ଆପଣ ସ.ଅ କହିଲେ, ହଁ ଉକ୍ତ କଥା ସଂପୂର୍ଣ୍ଣ ଠିକ୍ ଅଟେ। ଯେଉଁ ସହସ୍ର (1000) ଓଟ, ଛେଳୀ ମେଣ୍ଢା ଏବଂ ଜିନିଷ ପତ୍ର ଇତ୍ୟାଦି ରହିଥିଲା ଏବଂ 100 ବନ୍ଦୀମାନେ ମଧ୍ୟ ଥିଲେ ସେହି ସମସ୍ତଙ୍କୁ ଫେରସ୍ତ କରି ଦିଅନ୍ତୁ । ଆପଣ ସ.ଅ ତୁରନ୍ତ ହ. ଅଲୀ ର.ଅଙ୍କୁ ଜୈଦ୍ ଅଭିମୁଖେ ବାହାରି ପଡ଼ିଲେ ଏବଂ ନିଦର୍ଶନ ସ୍ୱରୂପ ତାଙ୍କୁ ନିଜର୍ ଖଡ଼୍‌ଗ ପ୍ରଦାନ କଲେ । ଜୈଦ୍‌କୁ କହି ପଠାଇଲେ ଯେ, ଉକ୍ତ ସଂପ୍ରଦାୟର ଯେଉଁ ବନ୍ଦୀ ଏବଂ ଧନ ସମ୍ପତ୍ତ ଜବତ ହୋଇଛି ସେହି ସମସ୍ତଙ୍କୁ ଛାଡ଼ି ଦିଆଯାଉ । ଜୈଦ୍ ଉକ୍ତ ଆଦେଶ ପାଇବା ମାତ୍ରେ ତୁରନ୍ତ ସମସ୍ତ ବନ୍ଦୀମାନଙ୍କୁ ଛାଡ଼ିଦେଲେ ଏବଂ ଗନିମତ୍‌ର ସମସ୍ତ ଧନ ମଧ୍ୟ ଫେରସ୍ତ କରିଦେଲେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-681-682)**

ମୁସଲମାନ ଏବଂ ସାହାବାମାନଙ୍କ ଉପରେ ଯେଉଁ ଦୋଷାରୋପଣ କରାଯାଏ ଯେ, ସାହାବାମାନେ ମାଲେ ଗନିମତ୍ ଏକତ୍ରିତ କରିବା ନିମନ୍ତେ ଅଣମୁସଲମାନମାନଙ୍କ ଉପରେ ଆକ୍ରମଣ କରୁଥିଲେ । ଉକ୍ତ ସମସ୍ତ ଉଦାହରଣ ହେଉଛି ଏପରି ଉଦାହରଣ ଯହିଁରୁ ଉକ୍ତ ସ୍ତର ସଂପର୍କରେ ଜଣାପଡ଼େ ଯାହା ଇସ୍‌ଲାମ୍ ଧର୍ମ ସ୍ଥାପନ କିରବାକୁ ଚାହୁଁଛି । ଆଜିକାଲି ତ' ମୁସଲମାନମାନେ ମଧ୍ୟ ଶତ୍ରୁତାରେ ପରସ୍ପରକୁ ହତ୍ୟା କରିଦେଉଛନ୍ତି । ହେଲେ କେବଳ ଚୁକ୍ତି ରକ୍ଷାକାରୀଙ୍କ ସହିତ ଏତେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯାଉଛି ।

ପୁନଃଶ୍ଚ ଜୈଦ୍ ବିନ୍ ହାର୍‌ସାଙ୍କ ଆଉ ଏକ ସରିୟାହ୍‌ର ଚର୍ଚ୍ଚା ମଧ୍ୟ ମିଳେ । ଉକ୍ତ ସରିୟା ୱାଦିଉଲ୍ କୁରା ଠାରେ ରଜବ୍ 6 ହିଜ୍ରୀରେ ହୋଇଥିଲା । **(ଶରହ୍ ଜର୍କାନୀ, ଭାଗ-3, ପୃ-133, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ସରିୟା ହସ୍‌ମାର ପ୍ରାୟ ଏକ ମାସ ପରେ ଉକ୍ତ ସରିୟା (ଯୁଦ୍ଧ) ହୋଇଥିଲା । ଆଁହଜରତ ସ.ଅ ପୁନଃଶ୍ଚ ଜୈଦ୍ ବିନ୍ ହାର୍‌ସାଙ୍କୁ ୱାଦିଉଲ୍ କୁରା ଅଭିମୁଖେ ପ୍ରେରଣ କଲେ । ୱାଦିଉଲ୍ କୁରା ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ୱାଦିଉଲ୍ କୁରା ମଦିନାର ଉତ୍ତର ଦିଗରେ ସିରୀୟ ଅଭିମୁଖେ ପ୍ରାୟ 350 କି.ମି ଦୂରତାରେ ଅବସ୍ଥିତ ଅଟେ। **(ମୁଅଜିମୁଲ୍ ମୁଆଲିମିଲ୍ ଜୁଗରାଫିୟାହ୍, ଅସ୍ ସିରତୁନ୍ ନବୱିୟାହ୍, ପୃ-250, ଦାରୁ ମକ୍କତୁଲ୍ ଲିନ୍ ନଶ୍‌କି ୱତ୍ ତୌଜିଇ 1982 ମସିହା)**

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଏଠାରେ ମଜହିଜ୍ ଏବଂ କୁଜାଅର ଲୋକମାନେ ଏକତ୍ରିତ ଥିଲେ । ଏହା ମଧ୍ୟ କୁହାଯାଇଛି ଯେ, ମୁଜର୍ ସଂପ୍ରଦାୟର କେତେକ ବଂଶମାନେ ସେଠାରେ ଏକତ୍ରିତ ଥିଲେ । କିନ୍ତୁ ଯୁଦ୍ଧ ସ୍ଥିତି ଉପୁଜିଲା ନାହିଁ। **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-93, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

କିନ୍ତୁ ଇବ୍‌ନେ ହିଶ୍ଶାମ୍ ବର୍ଣ୍ଣନା କରିଛନ୍ତି ଯେ, ୱାଦିଉଲ୍ କୁରାରେ ବନୁ ଫଜାରାହ୍ ସହିତ ମୁକାବିଲା ହେଲା ଏବଂ ଅନେକ ସାହାବାମାନେ ବୀରଗତି ପ୍ରାପ୍ତ କଲେ ଓ ଜୈଦ୍ ମଧ୍ୟ ଗମ୍ଭୀର ରୂପେ ଆହତ ହେଲେ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନେ ହିଶ୍ଶାମ୍, ପୃ-875, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

କିନ୍ତୁ ଈଶ୍ୱର ତାଙ୍କୁ ରକ୍ଷା କଲେ ଏବଂ ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀରୁଦ୍ଦୀନ ସାହେବ ର.ଅ ମଧ୍ୟ ଏହାକୁ ବର୍ଣ୍ଣନା କରିଛନ୍ତି ଯେ, ଉକ୍ତ ମୁକାବିଲା ହୋଇଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଃଶ୍ଚ ସରିୟା ଅବଦ୍ଦୁର୍ ରହ୍‌ମାନ୍ ବିନ୍ ଔଫଙ୍କ ଚର୍ଚ୍ଚା ମିଳେ । ଉକ୍ତ ସରିୟା ଶାବାନ 6 ହିଜ୍ରୀରେ ଦୁମତୁଲ୍ ଜନ୍‌ଦଲ୍ ଅଭିମୁଖେ (ଠାରେ) ହୋଇଥିଲା । ଦୁମତୁଲ୍ ଜନ୍‌ଦଲ୍ ମଦିନାର ଉତ୍ତର ଦିଗରେ ସିରୟା ସୀମା ନିକଟବର୍ତ୍ତୀ ସ୍ଥାନ ଅଟେ ଏବଂ ମଦିନା ଠାରୁ 450 କି.ମି ଦୂରତାରେ ଅବସ୍ଥିତ ଅଟେ।

**(ଦାଏରା ମାଆରିଫ୍ ସିରତ୍ ମୁହମ୍ମଦ ସ.ଅ, ଭାଗ-7, 249)**

ଇବ୍‌ନେ ଇସ୍‌ହାକ୍ ଏବଂ ମୁହମ୍ମଦ୍ ବିନ୍ ଉମର୍ ହ. ଅବ୍ଦୁଲ୍ଲାଃ ବିନ୍ ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ହ. ଅବ୍ଦୁର୍ ରହ୍‌ମାନ ବିନ୍ ଔଫ୍ ର.ଅଙ୍କୁ ଡାକିଲେ ଏବଂ କହିଲେ, ହେ ଅବ୍ଦୁର୍ ରହ୍‌ମାନ୍ ! ତୁମେ ପ୍ରସ୍ତୁତି ଆରମ୍ଭ କରିନିଅ । କାରଣ ମୁଁ ଆଜି କିମ୍ବା କାଲି **ଇନ୍‌ଶାଅଲ୍ଲାଃ** ଏକ ସରିୟାରେ ପ୍ରେରଣ କରିବି । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-93, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଉକ୍ତ ସବିଶେଷ ବିବରଣୀ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଏହିପରି ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ସରିୟାହ୍‌ର ପ୍ରସ୍ତୁତି ଏବଂ ପ୍ରସ୍ଥାନ (ବାହାରିବା) ସଂକ୍ରାନ୍ତରେ ଇବ୍‌ନେ ଇସ୍‌ହାକ୍ ଅବ୍ଦୁଲ୍ଲାଃ ଇବ୍‌ନେ ଉମରଙ୍କ ଠାରୁ ଅତ୍ୟନ୍ତ ରୋଚକ କଥା ବର୍ଣ୍ଣନା ଉଲ୍ଲେଖ କରିଛନ୍ତି । ଅର୍ଥାତ୍ ଏକଦା ଆମେମାନେ ଯେତେବେଳେ କିଛି ଲୋକ ଯଥା ହ. ଅବୁ ବକ୍କର, ହ. ଉମର୍ ର.ଅ, ହ. ଉସ୍‌ମାନ୍ ର.ଅ ଏବଂ ହ. ଅଲୀ ର.ଅ, ହ. ଅବ୍ଦୁର୍ ରହ୍‌ମାନ୍ ବିନ୍ ଔଫ୍ ର.ଅ ଆଦି ବ୍ୟକ୍ତିମାନେ ସାମିଲ୍ ଥିଲୁ। ଆମେମାନେ ଆଁହଜରତ ସ.ଅଙ୍କ ସେବାରେ ବସିଥିଲୁ । ଜଣେ ଅନ୍‌ସାରୀ ଯୁବକ ଉପସ୍ଥିତ ହେଲା ଏବଂ ଆପଣ ସ.ଅଙ୍କୁ ପଚାରିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ବିଶ୍ୱାସକାରୀଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ବିଶ୍ୱାସକାରୀ ବ୍ୟକ୍ତି କିଏ ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, "ଯେଉଁ ବ୍ୟକ୍ତିର ଚରିତ୍ର ସର୍ବୋତ୍ତମ ଏବଂ ସର୍ବଶ୍ରେଷ୍ଠ ସେହି ବିଶ୍ୱାସକାରୀ ବ୍ୟକ୍ତି ହେଉଛି ସର୍ବଶ୍ରେଷ୍ଠ । "ବିଶ୍ୱାସକାରୀ ବ୍ୟକ୍ତିର ଏହି ଲକ୍ଷଣ ରହିଛି ଯେ, ତା'ର ଚରିତ୍ର ଉତ୍ତମ ଏବଂ ସର୍ବଶ୍ରେଷ୍ଠ ଓ ସର୍ବୋତ୍କୃଷ୍ଟ ହେବା ଉଚିତ୍ ।

ଏଥି ସଂକ୍ରାନ୍ତରେ ସାଧାରଣ ବାର୍ତ୍ତାଳାପ ମଧ୍ୟ ହେଉଥିଲା । ଅର୍ଥାତ୍ ସରିୟାହ୍, ଏବଂ ଯୁଦ୍ଧର ଚର୍ଚ୍ଚା ରହିଛି ଯେ, କିନ୍ତୁ କେତେକ ଉପଦେଶାବଳୀ ମଧ୍ୟ ଇତି ମଧ୍ୟରେ ହେଉଅଛି । ଉକ୍ତ ଚର୍ଚ୍ଚା ଆମମାନଙ୍କ ନିମନ୍ତେ ଅତ୍ୟନ୍ତ ଉପାଦେୟ ଅଟେ। ଆପଣ ସ.ଅ କହିଲେ, ସର୍ବଶ୍ରେଷ୍ଠ ବିଶ୍ୱାସକାରୀ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯାହାର

ଚରିତ୍ର ସର୍ବୋତ୍କୃଷ୍ଟ ଏଭଂ ସର୍ବଶ୍ରେଷ୍ଠ ଅଟେ । ସେହି ଅନ୍‌ସାରୀ ଯୁବକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସର୍ବାଧିକ ଧର୍ମପରାୟଣ ବ୍ୟକ୍ତି କିଏ ? ଆପଣ ସ.ଅ କହିଲେ, ଯେଉଁ ବ୍ୟକ୍ତି ମୃତ୍ୟୁକୁ ସର୍ବାଧିକ ସ୍ମରଣ (ମନେରଖେ) ରଖେ ସେ ହେଉଛି ସର୍ବାଧିକ ଧର୍ମପରାୟଣ ବ୍ୟକ୍ତି । ସେହି ଧର୍ମପରାୟଣ ବ୍ୟକ୍ତି ଏଥି ନିମନ୍ତେ ସମୟ ପୂର୍ବରୁ ହିଁ ପ୍ରସ୍ତୁତି ଆରମ୍ଭ କରି ଦେଇଥାଏ । ପ୍ରସ୍ତୁତି କ'ଣ ? ପ୍ରସ୍ତୁତି କହିଲେ, ଅଲ୍ଲାଃତାଲାଙ୍କ ଭୟ ମନରେ ରହିବା ଉଚିତ୍ ଏବଂ ତାହାଙ୍କ ଅଧିକାର ତଥା କର୍ତ୍ତବ୍ୟ ସମ୍ପାଦନ କରାଯିବା ଉଚିତ୍, ତାହାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ (କାର୍ଯ୍ୟକାରୀ) କରାଯିବା ଉଚିତ୍ । ଏହା ହେଉଛି ମୃତ୍ୟୁର ପ୍ରସ୍ତୁତି । ପ୍ରତ୍ୟୁତ୍ତରରେ ସେହି ଅନ୍‌ସାରୀ ଯୁବକ ଜଣ ନିରବ ହୋଇଗଲା ଏବଂ ଆପଣ ସ.ଅ ଆମମାନଙ୍କ ଆଡକୁ ଚାହିଁ କହିଲେ, "ହେ ପ୍ରବାସକାରୀମାନଙ୍କ ଗୋଷ୍ଠୀ ! ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ କେତେକ ଉପଦେଶ ମଧ ଦେଲେ ଯେ, 5ଟି କୁକର୍ମ ଏପରି ରହିଛି ଯହିଁରୁ ମୁଁ ତ୍ରାହୀମାମ୍ ଡାକୁଛି (ପ୍ରଭୁଙ୍କ ଶରଣ ଭିକ୍ଷା କରୁଛି) । ଏହି 5ଟି କୁକର୍ମ ସମ୍ଭବତଃ କୌଣସି ଯୁଗରେ ମୋ ସଂପ୍ରଦାୟ ମଧରେ ସୃଷ୍ଟି ହୋଇଯିବ । ତେଣୁ ମୁଁ ଏହି ଆଶ୍ରୟ ଭିକ୍ଷା କରୁଛି ଯେ ଏହି ଅବଗୁଣ ଯେପରି ମୋ ଧର୍ମାବଲମ୍ବୀଙ୍କ ମଧରେ ସୃଷ୍ଟି ନହେଉ । କାରଣ ଏହି ଅପକର୍ମ ଯେତେବେଳେ କୌଣସି ଜାତି ମଧରେ ସୃଷ୍ଟି ହୋଇଯାଏ ସେତେବେଳେ ସେହି ଜାତିକୁ ଉକ୍ତ ଅପକର୍ମ ଧ୍ୱଂସ କରି ଦେଇଥାଏ ।"

ସେହି ଅବଗୁଣ ଗୁଡ଼ିକ ହେଲା:- (1) ଯେପର୍ଯ୍ୟନ୍ତ କୌଣସି ଜାତି ଅଶ୍ଳୀଳତାକୁ ଖୋଲମଖୋଲା ଭାବରେ ପ୍ରକଟିତ କରିବାକୁ ଲାଗି ନାହାନ୍ତି ସେପର୍ଯ୍ୟନ୍ତ କୌଣସି ଜାତିରେ ଅଶ୍ଳୀଳତା ଏବଂ ବ୍ୟାଭିଚାର ବ୍ୟାପୀ ନାହିଁ । କାରଣ ଅଶ୍ଳୀଳତା ଓ ବ୍ୟାଭିଚାର ଫଳରେ ଏପରି ରୋଗ ବ୍ୟାଧି ସୃଷ୍ଟି ହୁଏ ଯେ, ଏପରି ଦୁଃସାଧ ରୋଗ ବ୍ୟାଧି (ସେମାନଙ୍କ) ପୂର୍ବରୁ କେବେ କୌଣସି ଜାତିରେ ବ୍ୟାପୀ ନଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମେମାନେ ଆଜିକାଲି ସଂସାରରେ ଏହିପରି ଅବସ୍ଥା ଅର୍ଥାତ୍ ଅଶ୍ଳୀଳତା ଏବଂ ବ୍ୟାଭିଚାର ବ୍ୟାପୀଥିବାର ଅବଲୋକନ କରୁଛେ । ତହିଁରୁ (ଅଶ୍ଳୀଳତା ଏବଂ ବ୍ୟାଭୀଚାରୀତା ଠାରୁ) ଆଁହଜରତ ସ.ଅ ଈଶ୍ୱରଙ୍କ ଶରଣ ଭିକ୍ଷା କରିଛନ୍ତି । ତେଣୁ ମୁସଲମାନମାନଙ୍କୁ ମଧ ଏହା ଉପରେ ବିଚାର କରିବା ଉଚିତ୍ ।

(2) ଦ୍ୱିତୀୟ ଅପକର୍ମ ହେଉଛି ଯେତେବେଳେ କୌଣସି ଧର୍ମ ତଥା ଜାତିର ଲୋକମାନେ ଓଜନରେ (ମାପ ଚୁପ) ଅବିଶ୍ୱସ୍ତତା (ଜନିଷ ଦେବା ସମୟରେ ଓଜନରୁ କମ୍ ଜିନିଷ ଦିଅନ୍ତି) ପ୍ରଦର୍ଶନ କରନ୍ତି । ସେତେବେଳେ ଏହି ଅବିଶ୍ୱସ୍ତତା ଫଳରେ ସେହି ଜାତି ଏବଂ ଧର୍ମାବଲମ୍ବୀଙ୍କ ଉପରେ ପ୍ରଭୁଙ୍କ କୋପ ସ୍ୱରୂପ ମରୁଡ଼ି, ଦୁର୍ଭିକ୍ଷ, ପରିଶ୍ରମ ଏବଂ ଶାସକଙ୍କ ପକ୍ଷରୁ ଅନ୍ୟାୟ, ଅତ୍ୟାଚାରର ବିପତ୍ତି ଅବତୀର୍ଣ୍ଣ ହୋଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ପ୍ରସଙ୍ଗ ପ୍ରତି ମଧ ବିଚାର କରିବାର ଆବଶ୍ୟକତା ରହିଛି । ଉକ୍ତ ଅବିଶ୍ୱସ୍ତତା ମୁସଲମାନମାନଙ୍କର ସର୍ବାଧିକ ରୂପେ ବ୍ୟାପୀ ଯାଇଛି । ଏପରି ହୁଅନ୍ତା କି ମୁସଲମାନମାନେ ଉକ୍ତ କଥାକୁ ହୃଦୟଙ୍ଗମ କରନ୍ତେ ଏବଂ ଅହେମଦିମାନଙ୍କୁ ବିଶେଷ ରୂପେ ଏଥିପ୍ରତି ଧାନ ଦେବା ଉଚିତ୍ ।

(3) ଯେତେବେଳେ କୌଣସି ଜାତି ଜକାତ୍ ଏବଂ ସଦ୍‌କା ପୈଠ କରିବାରେ ଆଳସ୍ୟତା ଏବଂ ଅବହେଳା ପ୍ରଦର୍ଶନ କରେ ସେତେବେଳେ ସେହି ଜାତି ବର୍ଷାଭାବର ସମ୍ମୁଖୀନ ହୋଇଥାଏ । ଏପର୍ଯ୍ୟନ୍ତକି ଈଶ୍ୱରଙ୍କୁ ନିଜର ସୃଷ୍ଟ ଜୀବଜଗତ ଅର୍ଥାତ୍ ପ୍ରାଣୀ ତଥା ଗୃହ ପାଳିତ ପଶୁମାନଙ୍କ ପ୍ରତି ଚିନ୍ତା ନଥାଆନ୍ତା ତେବେ ଏଭଳି ଜାତି ଉପରେ ବର୍ଷାର ପରମ୍ପରା ଅର୍ଥାତ୍ ବର୍ଷା ସଂପୂର୍ଣ୍ଣ ରୂପେ ବନ୍ଦ୍ କରିଦିଆ ଯାଇଥାଆନ୍ତା ।

ଏହା ମଧ ଅଲ୍ଲାଃତାଲାଙ୍କ କୋପ ଶାସ୍ତିର ଏକ ନିଦର୍ଶନ ଅଟେ । ତହିଁରୁ ମଧ ପ୍ରଭୁଙ୍କ ଶରଣ ଭିକ୍ଷା କରିବା ଉଚିତ୍ । ଆଁହଜରତ ସ.ଅ କହିଲେ, ହେ ସାହାବାମାନେ ତୁମେମାନେ ତହିଁରୁ ଈଶ୍ୱରଙ୍କ ଶରଣ ଭିକ୍ଷା କର ଏବଂ ମୁଁ ମଧ ପ୍ରଭୁଙ୍କ ଶରଣ ଭିକ୍ଷା କରୁଛି ।

(4) ଯେତେବେଳେ କୌଣସି ଜାତି ଈଶ୍ୱର ଏବଂ ତାହାଙ୍କ ବାର୍ତ୍ତାବହଙ୍କ ସହିତ କରିଥିବା ଅଙ୍ଗୀକାରକୁ ଭଙ୍ଗ କରି ଦିଅନ୍ତି ସେତେବେ ସେହି ଜାତି ଉପରେ ଅନ୍ୟ ଜାତି ସେମାନଙ୍କ ଶତ୍ରୁ ମଧରୁ ନିୟୋଜିତ କରି ଦିଆଯାଇଥାଏ । ସେହି ଜାତି ଉକ୍ତ ଅଙ୍ଗୀକାର ଭଙ୍ଗକାରୀ ଜାତିର ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ଲାଗି ଯାଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ମୁସଲମାନମାନଙ୍କର ଯେଉଁ ଦୁରାଅବସ୍ଥା ରହିଛି ତହିଁରୁ ଏହା ପ୍ରକାଶ୍ୟ ଯେ, ମୁସଲମାନମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ସହିତ କରିଥିବା ଚୁକ୍ତି ତଥା ଅଙ୍ଗୀକାରକୁ ଭଙ୍ଗ କରି ଦେଇଛନ୍ତି। ଅଲ୍ଲାଃତାଲା ଏମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଏବଂ ଏମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ।

(5) ଯେତେବେଳେ କୌଣସି ଜାତି ନିଜର ବିଦ୍ୱାନ ଏବଂ ଧର୍ମାଧକ୍ଷ ଓ ଧର୍ମବିଧାନ ବିରୁଦ୍ଧୀୟ ଧର୍ମାଦେଶ ଦେଇ (ଜାରି କରି) ଧର୍ମବିଧାନକୁ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଅନୁଯାୟୀ ବ୍ୟବହାର କରି ଧର୍ମବିଧାନକୁ ବିକୃତ କରିଦିଅନ୍ତି ସେତେବେଳେ ସେମାନଙ୍କ ମଧରେ ଗୃହଯୁଦ୍ଧ ଏବଂ କଳହ (ଗୋଷ୍ଠୀ କନ୍ଦଳ) ଆରମ୍ଭ ହୋଇଯାଇଥାଏ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଉକ୍ତ ସ୍ଥିତି ମୁସଲମାନମାନଙ୍କ ମଧରେ ଜାତି ପ୍ରଥା ଏବଂ ଭିନ୍ନ ଭିନ୍ନ ଗୋଷ୍ଠୀ ସ୍ୱରପ ଦୃଶ୍ୟମାନ ହୋଇଥାଏ । ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । **ଆମିନ୍ ।** ଆଁହଜରତ୍ ସ.ଅଙ୍କ ଉପରୋକ୍ତ ମହୋପଦେଶ ବକ୍ତବ୍ୟ ଜାତିର ଉତ୍ଥାନ ଏବଂ ପତନର କାରଣ ଉପରେ ଏକ ସର୍ବୋତ୍କୃଷ୍ଟ ପର୍ଯ୍ୟାଲୋଚନା ଅଟେ । ମୁସଲମାନମାନେ ଯଦି ଚାହିଁବେ ତେବେ ସାଂପ୍ରତିକ କାଳରେ ଉକ୍ତ ଉପଦେଶାବଳୀ ଉପରେ କାର୍ଯ୍ୟକାରୀ କରି ପାରିବେ ଏବଂ ଉପରୋକ୍ତ ଉପଦେଶାବଳୀଗୁଡ଼ିକ ମୁସଲମାନମାନଙ୍କ ନିମନ୍ତେ ଏକ ସର୍ବୋତ୍କୃଷ୍ଟ ସତ୍‌ଶିକ୍ଷା ଅଟେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-713-714)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏପରି ହୁଅନ୍ତା କି ମୁସଲମାନମାନେ ଏହା ଉପରେ ଚିନ୍ତା କରନ୍ତେ ! ସରାୟାର ଘଟଣାବଳୀ ସଂକ୍ରାନ୍ତରେ ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଅବ୍‌ଦୁର୍ ରହ୍‌ମାନ ବିନ୍ ଔଫ୍ ର.ଅଙ୍କୁ ଆଦେଶ ଦେଲେ ଯେ, ସେ ରାତ୍ର ସମୟରେ ଦୁମତୁଲ୍ ଜନ୍ଦଲ୍ ଅଭିମୁଖେ ପ୍ରସ୍ଥାନ କରନ୍ତୁ । ଆପଣ ର.ଅଙ୍କ ସୈନ୍ୟବାହିନୀ କୁର୍ଫ ନାମକ ସ୍ଥାନରେ ଶିବିର ପକାଇଥିଲା। ସେହି ସେନ୍ୟବାହିନୀ 700 ସଂଖ୍ୟକ ବିଶିଷ୍ଟ ଥିଲେ । କୁର୍ଫ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ମଦିନା ମୁନୱରାହ୍ ଠାରୁ ତିନି ମାଇଲ୍ ଉତ୍ତର ଦିଗରେ ଏକ ସ୍ଥାନ ଥିଲା ଯାହାର ନାମ କୁର୍ଫ ଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-94, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ପୃ-114, ଜୱାର୍ ଏକାଡ଼େମୀ, କରାଚୀ)**

ଉକ୍ତ ସରିୟା ସଂପର୍କରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ଅତ୍ୟନ୍ତ ଦ୍ରୁତ ଗତିରେ ଇସ୍‌ଲାମୀୟ ପ୍ରଭାବର ପରିଧି ବ୍ୟାପକ ହେଉଥିଲା ଏବଂ ଆରବର ଦୂରବର୍ତ୍ତୀ ପ୍ରାନ୍ତରେ ମଧ ଇସ୍‌ଲାମ୍ ଧର୍ମର ପ୍ରଚାର ହେଉଥିଲା । କିନ୍ତୁ ତତ୍‌ସହିତ ଦୂରବର୍ତ୍ତୀ ଅଞ୍ଚଳମାନଙ୍କରେ ମଧ ବିରୋଧ ବୃଦ୍ଧି ପାଉଥିଲା ଏବଂ ଯେଉଁ ଲୋକମାନେ ଇସଲାମ୍ ଧର୍ମ ପ୍ରତି ଆକୃଷ୍ଟ ହେଉଥିଲେ ସେମାନଙ୍କୁ ନିଜ ସଂପ୍ରଦାୟ ପକ୍ଷରୁ ଅତ୍ୟାଚାର ସହ୍ୟ କରିବାକୁ ପଡୁଥିଲା । ସେହି ଅତ୍ୟାଚାର ତଥା ନିର୍ଯାତନାରୁ ଭୟଭୀତ ହୋଇ ଦୁର୍ବଳ ସ୍ୱଭାବର ଲୋକମାନେ ଇସ୍‌ଲାମ୍ ଧର୍ମର ପରିପ୍ରକାଶ କରିବାରୁ ଅଟକି ଯାଉଥିଲେ । ତେଣୁ ବର୍ତ୍ତମାନ ଯୁଦ୍ଧ ଅଭିଯାନର ଅଭିପ୍ରାୟରେ ଉକ୍ତ ଅଭିପ୍ରାୟ ବୃଦ୍ଧି ହୋଇଗଲା । କାରଣ ଏପରି ସଂପ୍ରଦାୟ ଆଡ଼କୁ ସୈନ୍ୟବାହିନୀ ପ୍ରେରଣ କରାଯାଉ ଯହିଁରେ କେତେକ ଲୋକମାନେ ହୃଦୟରୁ ହିଁ ଇସ୍‌ଲାମ୍ ଧର୍ମ ପ୍ରତି ଆସକ୍ତ ଥିଲେ । କିନ୍ତୁ ସେହି ଆସକ୍ତ (ଆକୃଷ୍ଟ) ବ୍ୟକ୍ତିମାନେ ଭୟ ଯୋଗୁଁ ଇସଲାମ୍ ଧର୍ମ ସ୍ୱୀକାର କରିବାରୁ ଅଟକି ଯାଉଥିଲେ । ଅତଏବ୍ ସେହି ବନ୍ଧୁମାନଙ୍କୁ ପ୍ରେରଣ କରିବା ଅଭିପ୍ରାୟ ଧାର୍ମିକ ସ୍ୱାଧୀନତା ସ୍ଥାପନ ଥିଲା । ଏହି ଧାର୍ମିକ ସ୍ୱାଧୀନତା ଉପରେ ଇସ୍‌ଲାମ୍ ଧର୍ମ ଗୁରୁତ୍ୱାରୋପ କରିଥାଏ । ଉକ୍ତ ଅଭିପ୍ରାୟ ଅନୁଯାୟୀ ଆଁହଜରତ ସ.ଅ ଶାବାନ୍ ମାସ 6 ହିଜ୍ରୀରେ ଏକ ସୈନ୍ୟବାହିନୀ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍ ର.ଅଙ୍କ ନେତୃତ୍ୱରେ ଦୁମତୁଲ୍ ଜନ୍ଦଲ୍‌ର ଦୂରବର୍ତ୍ତୀ ସ୍ଥାନକୁ ପ୍ରେରଣ କଲେ........ । ଏହି ସ୍ଥାନ ଆଡ଼କୁ ଆଁହଜରତ ସ.ଅ ମଧ ସ୍ୱୟଂ 4 ହିଜ୍ରୀରେ ଅବସ୍ଥାନ ଉଦ୍ଦେଶ୍ୟରେ ପ୍ରସ୍ଥାନ କରିଥିଲେ ଏବଂ ଏହିପରି ଭାବରେ ଉକ୍ତ ଅଞ୍ଚଳ ଆଜି ଠାରୁ ଦୁଇ ବର୍ଷ ପୂର୍ବେ ଇସ୍‌ଲାମୀୟ ପରିଧି ବଳୟର ପ୍ରଭାବରେ ପ୍ରବିଷ୍ଟ ହୋଇ ସାରିଥିଲା। ସେଠାକାର ବାସୀନ୍ଦାମାନେ ଇସ୍‌ଲାମ୍ ଶିକ୍ଷାରୁ ଅନବଗତ ଏବଂ ଅପରିଚିତ ନଥିଲେ। ବରଂ ସମ୍ଭବତଃ ସେହି ଅଧିବାସୀଙ୍କ ମଧରୁ ଗୋଟିଏ ଭାଗ (ଅର୍ଥାତ୍ ଦଳେ ବ୍ୟକ୍ତି) ଇସ୍‌ଲାମ୍ ଧର୍ମ ଆଡ଼କୁ ଆସକ୍ତ ଏବଂ ଆକୃଷ୍ଟ ଥିଲା । କିନ୍ତୁ ନିଜର ଅଧିପତି ଏବଂ ସଂପ୍ରଦାୟବାସୀଙ୍କର ବିରୋଧ ଯୋଗୁଁ ସେମାନେ ସାହସ ପ୍ରଦର୍ଶନ କରିପାରୁ ନଥିଲେ। ସେ ଯାହା ହେଉ ଆପଣ ସ.ଅ ହିଜ୍ରୀର ଷଷ୍ଠ ବର୍ଷରେ ଏକ ବିଶାଳ ସୈନ୍ୟବାହିନୀ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ ର.ଅଙ୍କ ନେତୃତ୍ୱରେ (ଅବ୍‌ଦୁର୍ ରହ୍‌ମାନ ବିନ୍ ଔଫ୍ ବରିଷ୍ଠ ସାହାବାମାନଙ୍କ ମଧରୁ ଅନ୍ୟତମ ସାହାବି ଥିଲେ) ଦୁମତୁଲ୍ ଜନ୍ଦଲ୍ ଅଭିମୁଖେ ପ୍ରେରଣ କଲେ ।

ଆପଣ ସ.ଅ ନିଜର ଅତି ନିକଟବର୍ତ୍ତୀ ସାହାବି ହ. ଅବ୍‌ଦୁର୍ ରହ୍‌ମାନ ବିନ୍ ଔଫ୍ ର.ଅଙ୍କୁ ସମ୍ବୋଧିତ କରି କହିଲେ, "ହେ ଇବ୍‌ନେ ଔଫ୍ ! ମୁଁ ତୁମକୁ ଏକ ସରିୟାହ୍‌ରେ ଅମୀର୍ (ସେନାପିତ) ରୂପେ ପ୍ରେରଣ କରିବାକୁ ଚାହୁଁଛି । କ'ଣ ତୁମେ ଏଥିପାଇଁ ପ୍ରସ୍ତୁତ ଅଛ ?" ସୁତରାଂ ଦ୍ୱିତୀୟ ଦିନ ସମୟରେ ହ. ଅବ୍‌ଦୁର୍ ରହ୍‌ମାନ ଔଫ୍ ର.ଅ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆପଣ ସ.ଅ ସ୍ୱହସ୍ତରୁ ଅବ୍‌ଦୁର୍ ରହ୍‌ମାନ ବିନ୍ ଔଫ୍ ର.ଅଙ୍କ ମସ୍ତକରେ ତାଙ୍କରି ପଗଡ଼ି ବାନ୍ଧିଲେ । ଆପଣ ସ.ଅ ହ. ବିଲାଲ୍ ର.ଅଙ୍କୁ ଆଦେଶ ଦେଲେ ଯେ, ହେ ବିଲାଲ୍ ତୁମେ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫଙ୍କୁ ଧ୍ୱଜା ହସ୍ତାନ୍ତର କରିଦିଅ । ପୁନଶ୍ଚ ଆପଣ ସ.ଅ ହ. ଅବ୍‌ଦୁର୍ ରହ୍‌ମାନ ବିନ୍ ଔଫ୍ ର.ଅଙ୍କ ତତ୍ତ୍ୱାବଧାନରେ ସାହାବାମାନଙ୍କର ଏକ ସୈନ୍ୟବାହିନୀ (ସୈନ୍ୟ ଟୁକୁଡ଼ି) ଦେଇ କହିଲେ, "ହେ ଇବ୍‌ନେ ଔଫ୍ ! ତୁମେ ଉକ୍ତ ଧ୍ୱଜାକୁ ନେଇନିଅ ଏବଂ ପୁନଶ୍ଚ ତୁମେମାନେ ସମସ୍ତେ ଈଶ୍ୱରଙ୍କ ମାର୍ଗରେ ଜିହାଦ୍ ନିମନ୍ତେ ବାହାରିପଡ଼ ଓ ଅବିଶ୍ୱାସକାରୀଙ୍କ ସହିତ ଯୁଦ୍ଧ କର । କିନ୍ତୁ ଦେଖିବ ଯେ, ତୁମମାନଙ୍କ ମଧରୁ କେହି ବି ଅବିଶ୍ୱସ୍ତା ପ୍ରଦର୍ଶନ ନକରୁ ଓ ନା ହିଁ କୌଣସି ବ୍ୟକ୍ତି ଅଙ୍ଗୀକାର ଭଙ୍ଗ କରିବ । ସେହିପରି ତୁମେମାନେ ଶତ୍ରୁମାନଙ୍କର ମୃତ ଶରୀରକୁ ବିକୃତ କରିବ ନାହିଁ ଓ ନା ହିଁ ପିଲାମାନଙ୍କୁ ବଧ କରିବ । ଏହା ଈଶ୍ୱରଙ୍କ ଆଦେଶ ଅଟେ ଏବଂ ତାହାଙ୍କ ଅବତାରଙ୍କ ପରମ୍ପରା ଅଟେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ବର୍ଣ୍ଣନାରେ ପ୍ରାୟତଃ ବର୍ଣ୍ଣନକାରୀ ଭ୍ରମବଶତଃ ମହିଳାମାନଙ୍କର ଚର୍ଚ୍ଚା କରି ନାହାନ୍ତି । ଅନ୍ୟଥା ଅନ୍ୟ ସ୍ଥାନରେ ସ୍ପଷ୍ଟ ରୂପେ ବର୍ଣ୍ଣିତ

ହୋଇଛି ଯେ, ଆପଣ ସ.ଅ ଯେତେବେଳେ କୌଣସି ସୈନ୍ୟବାହିନୀକୁ ପ୍ରେରଣ କରୁଥିଲେ ସେତେବେଳେ ଆପଣ ସ.ଅ ସେହି ସୈନ୍ୟବାହିନୀ ଓ ସେନାପତିକୁ ତାଗିଦ୍ କରୁଥିଲେ ଯେ, ସେମାନେ ମହିଳା, ବୃଦ୍ଧ ଲୋକମାନଙ୍କର ସଂହାର କରିବେ ନାହିଁ । ସେହିପରି ଆପଣ ସ.ଅ ସୈନ୍ୟବାହିନୀ, ସେନାପତି ତଥା ସାହାବାମାନଙ୍କୁ ଏହା ତାଗଦ୍ କରିଥିଲେ ଯେ, ଯେଉଁ ଲୋକମାନେ ନିଜକୁ ଧର୍ମ ସେବା ନିମନ୍ତେ ଉତ୍ସର୍ଗ କରି ଦେଇଛନ୍ତି ସେହି ଲୋକମାନଙ୍କୁ ମୁସଲମାନେ ସୈନ୍ୟମାନେ ବଧ କରିବେ ନାହିଁ।

ଏତଦ୍‌ପରେ ଆପଣ ସ.ଅ ହ. ଅବ୍ଦୁର୍ ରହ୍‌ମାନ ବିନ୍ ଔଫ୍ ର.ଅଙ୍କୁ ମାର୍ଗଦର୍ଶିକା ପ୍ରଦାନ କଲେ ଯେ, ସେ ଦୁମତୁଲ୍ ଜନ୍ଦଲ୍ ଆଡ଼କୁ ଯାଆନ୍ତୁ ଏବଂ ଏହି ଉଦ୍ୟମ କରନ୍ତୁ କି ସନ୍ଧି ଓ ଶାନ୍ତିର ସହିତ କୌଣସି ସମାଧାନର (ବାଟ) ବାହାରି ଯାଉ । କାରଣ ସେହି ଲୋକମାନେ ଯୁଦ୍ଧ ଏବଂ ହିଂସାକୁ ପରିତ୍ୟାଗ କରି ଆଜ୍ଞାବହତ୍ୱ ସ୍ୱୀକାର କରି ନିଅନ୍ତି ତେବେ ଏହା ଅତ୍ୟୁତ୍ତମ ପ୍ରସଙ୍ଗ ଅଟେ । ଆପଣ ସ.ଅ ହ. ଅବ୍ଦୁର ରହ୍‌ମାନ ବିନ୍ ଔଫ୍ ର.ଅଙ୍କୁ କହିଲେ, ସେମାନେ (ଶତ୍ରୁ ପକ୍ଷ) ଯଦି ଉକ୍ତ ସର୍ତ୍ତକୁ ସ୍ୱୀକାର କରି ନିଅନ୍ତି ତେବେ ସେପରିପ୍ରେକ୍ଷୀରେ ଏହା ଉଚିତ୍ ହେବ କି ତୁମେମମାନେ ସେହି ଲୋକମାନଙ୍କର ଅଧିପତିଙ୍କ କନ୍ୟା ସହିତ ବିବାହ କରିନିଅ । ଏତଦ୍‌ପରେ ଆପଣ ସ.ଅ ଉକ୍ତ ସୈନ୍ୟବାହିନୀକୁ ପ୍ରେରଣ କଲେ । ହ. ଅବ୍ଦୁର ରହ୍‌ମାନ ବିନ୍ ଔଫ୍ ର.ଅ ନିଜ ସହିତ 100 ଜଣ ସାହାବିଙ୍କୁ ଧରି ଦୁମତୁଲ୍ ଜନ୍ଦଲ୍ ଅଭିମୁଖେ ଯାହାକି ଆରବର ଉତ୍ତର ଦିଗ ଏବଂ ତୁବୁକ୍‌ର ଉତ୍ତରପୂର୍ବ ଦିଗରେ ସିରୀୟା ଅଭିମୁଖେ ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଏକ ସ୍ଥାନ ଥିଲା ସେହି ଆଡ଼କୁ ଆପଣ (ହ. ଅବ୍ଦୁର୍ ରହ୍‌ମାନ ବିନ୍ ଔଫ୍ ର.ଅ) ଆଡ଼କୁ ବାହାରି ପଡ଼ିଲେ । ଇସ୍‌ଲାମୀୟ ସୈନ୍ୟବାହିନୀ ଯେତେବେଳେ ଦୁମତୁଲ୍ ଜନ୍ଦଲ୍ ଠାରେ ପହଞ୍ଚିଲା ସେତେବେଳେ ପ୍ରାରମ୍ଭରେ ଦୁମାର ଲୋକମାନେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ଥିବା ଦୃଶ୍ୟମାନ ହେଉଥିଲେ ଏବଂ ମୁସଲମାନମାନଙ୍କୁ ଖଡ଼୍‌ଗ ଯୁଦ୍ଧ ନିମନ୍ତେ ଧମକ ଦେଉଥିଲେ । କିନ୍ତୁ ଧୀରେ ଧୀରେ ଅବ୍ଦୁର ରହ୍‌ମାନ ବିନ୍ ଔଫ୍ ର.ଅଙ୍କ ବୁଝାଇବା ପରେ ଉକ୍ତ ଉଦ୍ଦେଶ୍ୟକୁ ସେମାନେ ପରିତ୍ୟାଗ କରିଦେଲେ। କିଛି ଦିନ ଗଲା ପରେ ସେମାନଙ୍କର ଅଧିପତି ଅସ୍‌ବା ବିନ୍ ଉମର୍ କଲବି ଯେକି ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିଲା ସେ ହ. ଅବ୍ଦୁର ରହ୍‌ମାନ ବିନ୍ ଔଫ୍ ର.ଅଙ୍କ ତବ୍‌ଲିଗ୍ (ପ୍ରଚାର) ଫଳରେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା ଏବଂ ତତ୍‌ସହିତ ତା' ଜାତିରୁ ମଧ୍ୟ ଅନେକ ଲୋକମାନେ ଯେଉଁମାନେ ବହୁ ପୂର୍ବରୁ ଇସ୍‌ଲାମ୍ ଧର୍ମ ପ୍ରତି ଆସକ୍ତ ହୋଇସାରି ଥିଲେ ସେମାନେ ସମସ୍ତେ ମୁସଲମାନ ହୋଇଗଲେ ଏବଂ ଯେଉଁ ଲୋକମାନେ ନିଜ ଧର୍ମ ଉପରେ ପ୍ରତିଷ୍ଠିତ ରହିଥିଲେ ସେମାନେ ମଧ୍ୟ ମୁକ୍ତ ହୃଦୟର ସହିତ ଇସ୍‌ଲାମୀୟ ଶାସନାଧୀନ ହେବାକୁ ସ୍ୱୀକାର କରିନେଲେ । ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାକୁ କାହାରିକୁ ବାଧ୍ୟ କରାଗଲା ନାହିଁ । ଅନେକ ଲୋକମାନେ ରହିଥିଲେ ଯେଉଁମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନଥିଲେ । କିନ୍ତୁ ସେମାନେ ସରକାରଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ ଏବଂ ସରକାରଙ୍କ ବଶ୍ୟତା ସ୍ୱୀକାର କରିବାର ଅଙ୍ଗୀକାର କରିନେଲେ ।

"ଏହିପରି ଭବାରେ ଅତ୍ୟନ୍ତ ଉତ୍ତମତାର ସହିତ ଉକ୍ତ ଅଭିଯାନ ସମାପ୍ତ ହେଲା ଏବଂ ଆଁହଜରତ ସ.ଅଙ୍କ ଆଦେଶ କ୍ରମେ ହ. ଅବ୍ଦୁର୍ ରହ୍‌ମାନ ବିନ୍ ଔଫ୍ ର.ଅ ଦୁମତୁଲ୍ ଜନ୍ଦଲ୍‌ର ଅଧିପତି ଅସ୍‌ବା ବିନ୍ ଉମର୍‌ର କନ୍ୟା ତୁମାଜିର୍ ସହିତ ବିବାହ କରି ମଦିନା ଫେରି ଆସିଲେ । ଈଶ୍ୱରଙ୍କ କୃପା ଏବଂ ଆଁହଜରତ ସ.ଅଙ୍କ ମନଯୋଗମୂଳକ କଲ୍ୟାଣ ଦ୍ୱାରା ଅବ୍ଦୁର୍ ରହ୍‌ମାନ୍ ବିନ୍ ଔଫଙ୍କ ଘରେ ସେହି ତୁମାଜିର୍‌ର ଗର୍ଭରୁ ଏପରି ଏକ ପୁତ୍ର ସନ୍ତାନ ଜନ୍ମ ନେଲା ଯିଏ ଇସ୍‌ଲାମ୍ ଧର୍ମର ବିଶେଷ ପ୍ରାଣୋତ୍ସର୍ଗୀକାରୀଙ୍କ ମଧ୍ୟରୁ ଅନ୍ୟତମ ପ୍ରାଣୋତ୍ସର୍ଗୀ ବ୍ୟକ୍ତି ଅଟେ । ସେହି ଭବ୍ୟ ପୁତ୍ର ସନ୍ତାନ ଜ୍ଞାନ ଏବଂ କୃପାର ସେହି ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚିଲା ଯେ, ସେହି ସୁଯୋଗ୍ୟ ସନ୍ତାନ ନିଜ ସମୟରେ ଇସ୍‌ଲାମ୍ ଧର୍ମର ତୁଙ୍ଗ ବିଦ୍ୱାନ୍ ବୋଲାଉଥିଲା । ସେହି ବିଦ୍ୱାନ୍ ସୁପୁତ୍ରର ନାମ ହେଲା ଅବୁ ସଲ୍‌ମା ଜୁହ୍‌ରୀ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-713-716)**

ଇବ୍‌ନେ ସାଆଦ୍ ଅବୁ ସଲ୍‌ମା ଜୁହ୍‌ରୀ ର.ଅଙ୍କ ସଂକ୍ରାନ୍ତରେ ଉଲ୍ଲେଖ କରନ୍ତି ଯେ, كَانَ ثِقَةً فَقِيهًا كَثِيرَ الْحَدِيثِ । ଅର୍ଥାତ୍ ଅବୁ ସଲ୍‌ମା ଜଣେ ବିଶ୍ୱସ୍ତ ଧର୍ମଶାସ୍ତ୍ର ବିଦ୍ୱାନ୍ ଅଟନ୍ତି ଓ ଅସଂଖ୍ୟା ହଦିସ୍‌ର ବର୍ଣ୍ଣନାକାରୀ ମଧ୍ୟ ଅଟନ୍ତି । ସଇଦ୍ ବିନ୍ ଆସ୍ ବିନ୍ ଉମୈୟାହ୍ ଯେତେବେଳେ ପ୍ରଥମ ଥର ମୁଆୱିୟା ବିନ୍ ଅବି ସୁଫିୟାନ୍ ପକ୍ଷରୁ ମଦିନାର ଶାସକ ହେଲେ ସେତେବେଳେ ସେ ଅବୁ ସଲ୍‌ମାକୁ ମଦିନାର କାଜି କରିଥିଲେ । ଅବୁ ସଲ୍‌ମାର ବୟସ 72 ବର୍ଷ ଥିଲା ଏବଂ 94 ହିଜ୍ରୀରେ ତାଙ୍କର ବିୟୋଗ ହୋଇଥିଲା। **(ତବ୍‌କାତୁଲ୍ କୁବ୍ରା, ଭାଗ-5, ପୃ-118, 120, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବିରୁତ୍)**

ପୁନଶ୍ଚ ସରିୟା ହ. ଅଲୀ ଇବ୍‌ନେ ଅବି ତାଲିବ୍ ର.ଅ ଯେକି ଫଦକ୍ ଅଭିମୁଖେ ଗଲେ, ଉକ୍ତ ସରିୟାହ୍‌ର ଚର୍ଚ୍ଚା ମଧ୍ୟ ମିଳେ । ଉକ୍ତ ସିରୟା ଶାବାନ୍ 6 ହିଜ୍ରୀରେ ହୋଇଥିଲା । ରସୁଲୁଲ୍ଲା ସ.ଅ ହ. ଅଲୀ ର.ଅଙ୍କୁ ଏକ ଶତ ଲୋକଙ୍କ ସମେତ ଫଦକ୍‌ରେ ବନୁ ସାଆଦ୍ ବିନ୍ ବକର୍ ଅଭିମୁଖେ ପ୍ରେରଣ କଲେ । ଫଦକ୍ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଉକ୍ତ ସ୍ଥାନ ଅର୍ଥାତ୍ ଫଦକ୍ ମଦିନା ଠାରୁ 6 ରାତ୍ର ଦୂରତାରେ ଖୈବର୍ ନିକଟବର୍ତ୍ତୀ ଏକ ବସ୍ତି ଅଟେ । 7 ହିଜ୍ରୀରରେ ଖୈବର୍ ଯୁଦ୍ଧ ଅବସରରେ ଉକ୍ତ ଅଞ୍ଚଳ ଯୁଦ୍ଧ ବିନା ଜୟଯୁକ୍ତ ହୋଇଥିଲା । ବର୍ତ୍ତମାନ ଉକ୍ତ ସହରଟି ଏକ ବିରାଟ ବଡ଼ ସହରରେ ପରିଣତ ହୋଇଯାଇଛି । ଏଠାରେ ଖଜୁରୀ କୋଳି ବୃକ୍ଷ ଏବଂ ପ୍ରଚୁର ମାତ୍ରାରେ ଖଜୁରୀ ଚାଷ କରାଯାଇଥାଏ । ଆଜିକାଲି ଉକ୍ତ ସ୍ଥାନକୁ ଅଲ୍ ହାଏତ୍ କୁହନ୍ତି। ରସୁଲୁଲ୍ଲାଃ ସ.ଅଙ୍କୁ ଉକ୍ତ କଥା ପହଞ୍ଚିଲା ଯେ, ସେ ଏକ ସୈନ୍ୟବାହିନୀ ଏକତ୍ରିତ କରି ରଖିଥିଲେ । ସେହି ଲୋକମାନେ, ଶତ୍ରୁମାନେ ଏବଂ ଖୈବର୍‌ର ଇହୁଦୀମାନଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି । ହ. ଅଲୀ ର.ଅ ରାତ୍ର ସମୟରେ ଚାଲୁଥିଲେ ଏବଂ ଦିନ ବେଳା ଲୁଚି ଯାଉଥିଲେ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-97, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଜୀବନୀ ଶବ୍ଦକୋଷ, ପୃ-298, ଜୱାର୍ ଏକାଡ଼େମୀ, କରାଚୀ) (ମୁଅଜିମୁଲ୍ ମୁଆଲିମିଲ୍ ଜୁଗରାଫିୟାହ୍, ଅସ୍ ସିରତୁନ୍ ନବୱିୟାହ୍, ପୃ-235, ଦାରୁ ମକ୍କତୁଲ୍ ଲିନ୍ ନଶକି ଓତ୍ ତୌଜିଇ 1982 ମସିହା)**

ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସିରତ୍ ଖାତମୁନ୍ ନବୀୟିନ୍‌ରେ ଏହିପରି ଉଲ୍ଲେଖ କରାଯାଇଛି ଯେ, ମଦିନାରେ ଇହୁଦୀ ଧର୍ମାବଲମ୍ବୀଙ୍କ ଉପରେ ସେମାନଙ୍କର ନିଜସ୍ୱ ବିଶ୍ୱାସଘାତକତା ଏବଂ ଉପଦ୍ରବ ଯୋଗୁଁ ଯେଉଁ ବିନାଶ ଆସିଥିଲା (ସାଧନ) ତାହା ସମଗ୍ର ଆରବରେ ଥିବା ଇହୁଦୀ ମାନଙ୍କ ମନରେ ଏହ କଣ୍ଟା ସାଜି ସବୁବେଳେ ଚୁଭୁଥିଲା । ଗଜୱା ବନୁ କୁରେଜା ପରେ ମଦିନାରେ ଇହୁଦୀମାନଙ୍କ ମୂଳୋତ୍ପାଟନ ହୋଇଯାଇଥିଲା । ଖୈବର୍‌ର ବସ୍ତି ଯାହାକି ହିଜାଜ୍‌ର ଇହୁଦୀମାନଙ୍କର ସବୁଠୁ ବଡ଼ ଗଡ଼ (କେନ୍ଦ୍ର) ଥିଲା ଇସ୍‌ଲାମ୍ ଧର୍ମ ମବିପକ୍ଷରେ ଗୁପ୍ତ ଷଡ଼ଯନ୍ତ୍ରର ଆଡ୍ଡା ପାଲଟି ଯାଇଥିଲା । ସେଠାରେ ଇହୁଦୀମାନଙ୍କର ପକ୍ଷରୁ ବିଦ୍ୱେଷ ଏବଂ ଈର୍ଷାକୁମାନଙ୍କ ପକ୍ଷରୁ ଅତ୍ୟାଚାର ପ୍ରଦର୍ଶନ ହେଉଥିଲା । ଇସ୍‌ଲାମ୍ ଧର୍ମକୁ ନିଶ୍ଚିହ୍ନ କରିବା ଏବଂ ମୁସଲମାନମାନଙ୍କୁ ଧ୍ୱଂସ କରିଦେବା ନିମନ୍ତେ ଉଦ୍ୟମ କରିବାରେ ଇହୁଦୀମାନେ ସରଗରମ ରହୁଥିଲେ ।.......ଶାବାନ୍ 6 ହିଜ୍ରୀରେ ଆଁହଜରତ ସ.ଅଙ୍କୁ ଏହି ସୂଚନା ମିଳିଲା ଯେ, ବନୁ ସାଆଦ୍ ସଂପ୍ରଦାୟ ବନୁ ସାଆଦ୍ ବିନ୍ ବକର୍ ଓ ଖୈବର୍ ସଂପ୍ରଦାୟର ଇହୁଦୀମାନଙ୍କ ମଧ୍ୟରେ ମୁସଲମାନମାନଙ୍କ ବିରୁଦ୍ଧରେ ପରସ୍ପର ମଧ୍ୟରେ ଗୁପ୍ତ କଥୋପକଥନ ହେଉଛି । ବନୁ ସାଆଦ୍ ଖୈବର୍‌ବାସୀଙ୍କ ସାହାଯ୍ୟ ଘେନି ନିଜର ଶକ୍ତିକୁ ଏକତ୍ରିତ ଅର୍ଥାତ୍ ଶକ୍ତିକୁ ବୃଦ୍ଧି କରୁଛନ୍ତି । ଉକ୍ତ ସୂଚନା ମିଳିବା ମାତ୍ରେ ଆଁହଜରତ ସ.ଅ ହ. ଅଲୀ ର.ଅଙ୍କ ନେତୃତ୍ୱରେ ସାହାବାମାନଙ୍କର ଏକ ସୈନ୍ୟବାହିନୀ ପ୍ରେରଣ କଲେ । ଉକ୍ତ ସୈନ୍ୟବାହିନୀ ଦିନବେଳା ଲୁଚି ଯାଉଥିଲା ଏବଂ ରାତ୍ର ବେଳା ଯାତ୍ରା କରି ଫଦକ୍ ଠାରେ ପହଞ୍ଚିଗଲେ । ଉକ୍ତ ସ୍ଥାନରେ ଏହି ଇହୁଦୀମାନେ ଏକତ୍ରିତ ହେଉଥିଲେ । ଏଠାରେ ମୁସଲମାନମାନଙ୍କୁ ଜଣେ ଗାଉଁଲୀ ଆଦିବାସୀ ବ୍ୟକ୍ତି ମିଳିଲା ସେହି ଲୋକ ବନୁ ସାଆଦ୍ ସଂପ୍ରଦାୟର ଗୁପ୍ତଚର ଥିଲା। ହ. ଅଲୀ ର.ଅ ଉକ୍ତ ଗୁପ୍ତଚରକୁ ଧରି ପକାଇଲେ ଏବଂ ତା'କୁ ବନୁ ସାଆଦ୍ ଓ ଖୈବର୍‌ବାସୀଙ୍କ ଅବସ୍ଥା ସଂକ୍ରାନ୍ତରେ ପଚାରିଲେ । ପ୍ରାରମ୍ଭରେ ସେହି ଗୁପ୍ତଚର ଅନବଗତ ପ୍ରକାଶ କଲା । କିନ୍ତୁ ପରେ ତା'କୁ କ୍ଷମା କରିଦିଆଯାଉ ବୋଲି ମୁସଲମାନମାନଙ୍କ ଠାରୁ ପ୍ରତିଶ୍ରୁତି ମିଳିବା ପରେ ସେ ସମସ୍ତ ରହସ୍ୟ ଉନ୍ମୁକ୍ତ କରିଦେଲା । ପୁନଶ୍ଚ ମୁସଲମାନ ଲୋକମାନେ ଉକ୍ତ ବ୍ୟକ୍ତିକୁ ନିଜର ଗାଇଡ୍ (ପଥପ୍ରଦର୍ଶକ) କରି ସେହି ସ୍ଥାନ ଆଡ଼କୁ ମୁସଲମାନମାନେ ଅଗ୍ରସର ହେଲେ ଯେଉଁଠି ବନୁ ସାଆଦ୍ ସଂପ୍ରଦାୟ ଏକତ୍ରିତ ହେଉଥିଲେ । ଅତଏବ୍ ମୁସଲମାନମାନେ ସେଠାରେ ଆକ୍ରମଣ କରିଦେଲେ । ସହସା ଆକ୍ରମଣ ଯୋଗୁଁ ବନୁ ସାଆଦ୍ ଘାବରେଇ ଯାଇ ଯୁଦ୍ଧ କ୍ଷେତ୍ର ଛାଡ଼ି ପଳାୟନ କଲେ । ହ. ଅଲୀ ର.ଅ ମାଲେ ଗନିମତ୍ ନେଇ ମଦିନା ଫେରି ଆସିଲେ ଏବଂ ଏହିପରି ଭାବରେ ଉକ୍ତ ବିପଦଟି ସାମୟିକ ରୂପେ ଟଳିଗଲା ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-716)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ସରିୟା ହ. ଅବୁ ବକ୍କର ର.ଅଙ୍କ ଚର୍ଚ୍ଚା ମିଳେ । ଉକ୍ତ ସରିୟା (ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସାମିଲ୍ ହୋଇ ନଥିଲେ ତାହାକୁ ସରିୟା କୁହାଯାଏ) 6 ହିଜ୍ରୀରେ ହୋଇଥିଲା । ବନୁ ଫୁଜାରାହ୍ ସଂପ୍ରଦାୟ ନଜଦ୍ ଠାରେ ୱଦିଉଲ୍ କୁରାରେ ବାସ କରୁଥିଲେ । ୱାଦିଉଲ୍ କୁରା ମଦିନାର ଉତ୍ତର ଦିଗରେ ସିରୀୟା ଆଡ଼କୁ ପ୍ରାୟ 350 କି.ମି ବ୍ୟବଧାନରେ ଅବସ୍ଥିତ ଅଟେ। **(ମୁଅଜିମୁଲ୍ ମୁଆଲିମିଲ୍ ଜୁଗରାଫିୟାହ୍, ଅସ୍ ସିରତୁନ୍ ନବୱିୟାହ୍, ପୃ-250, ଦାରୁ ମକ୍କତୁଲ୍ ଲିନ୍ ନଶକି ଓତ୍ ତୌଜିଇ 1982 ମସିହା)(ଜୀବନୀ ଶବ୍ଦକୋଷ, ପୃ-300, ଜୱାର୍ ଏକାଡ଼େମୀ, କରାଚୀ)**

ତବକାତୁଲ୍ କୁବ୍ରାରେ ଏବଂ ସିରତ୍ ଇବ୍‌ନେ ହିଶ୍ଶାମରେ ଉଲ୍ଲେଖ ରହିଛି ଯେ, ଉକ୍ତ ସରିୟା ହ. ଜୈଦ୍ ବିନ୍ ହାରସା ର.ଅଙ୍କ ନେତୃତ୍ୱରେ ପ୍ରେରଣ କରା ଯାଇଥିଲା । **(ଅତ୍ ତବକାତୁଲ୍ କୁବ୍ରା, ଭାଗ-2, ପୃ-69, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ) (ଇବ୍‌ନେ ହିଶ୍ଶାମ୍ ପୃ-875 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

କିନ୍ତୁ ସହି ମୁସ୍‌ଲିମ୍ ଏବଂ ସୁନନ୍ ଅବି ଦାଉଦରୁ ଜ୍ଞାତ ହୁଏ ଯେ, ରସୁଲୁଲ୍ଲାଃ ସ.ଅ ହ. ଅବୁ ବକ୍କର ର.ଅଙ୍କୁ ଉକ୍ତ ସରିୟାହ୍‌ର ଅମୀର ରୂପେ ନିଯୁକ୍ତ କରାଯାଇଥିଲା । ସୁତରାଂ ସହି ମୁସଲିମ୍‌ର ବର୍ଣ୍ଣନାରେ ଇୟାସ୍ ବିନ୍ ସଲ୍‌ମା ବର୍ଣ୍ଣନା କରନ୍ତି ଯେ, ମୋର ପିତାଶ୍ରୀ ହ. ସଲ୍‌ମା ବିନ୍ ଅକ୍‌ୱା ର.ଅ ବର୍ଣ୍ଣନା କଲେ । ଆମେମାନେ ଫଜାରାହ୍ ସଂପ୍ରଦାୟ ସହିତ ଯୁଦ୍ଧ କଲୁ ଏବଂ ଆମର ଅମୀର ହ. ଅବୁ ବକ୍କର ର.ଅ ଥିଲେ । ଆପଣ ର.ଅଙ୍କୁ ରସୁଲୁଲ୍ଲାଃ ସ.ଅ ଆମ ଉପରେ ଅମୀର୍ ରୂପେ ନିଯୁକ୍ତ କରିଥିଲେ । ଯେତେବେଳେ ଆମମାନଙ୍କ ମଧ୍ୟରେ ଏବଂ ଜଳ ମଧ୍ୟରେ ଅର୍ଥାତ୍ ସେଠାରେ ଯେଉଁ କୂପ ରହିଥିଲା (ଯେଉଁ ଜଳ କୁଣ୍ଡ ଥିଲା) ଏକ ଘଣ୍ଟାର ବ୍ୟବଧାନ ରହିଯାଇଥିଲା ସେତେବେଳେ ହ. ଅବୁ ବକ୍କର୍ ର.ଅ ଆଦେଶ ଦେଲେ । ତେବେ ଆମେମାନେ ରାତ୍ରର ଶେଷ ପ୍ରହରରେ ଶିବିର ପକାଇଲୁ । ସେଠାରେ ପାଣି ଠାରୁ ଏକ ଘଣ୍ଟା ପୂ

ର୍ବେ ଆଦେଶ ଦେଲେ ତେବେ ଆମେମାନେ ସେଠାରେ ଶିବିର ସ୍ଥାପନ କରିନେଲୁ। ପୁନଶ୍ଚ ଆମେମାନେ ସେହି ଜଳକୁଣ୍ଡ ନିକଟରେ ପହଞ୍ଚିଲୁ ଏବଂ ସେ ଅର୍ଥାତ୍ ହ. ଅବୁ ବକ୍କର ର.ଅ ପ୍ରତ୍ୟେକ ପାର୍ଶ୍ୱରୁ ଆକ୍ରମଣ କଲେ ଏବଂ ସେହି ଜଳ କୁଣ୍ଡ ନିକଟରେ ଯେଉଁମାନେ ଥିଲେ ସେମାନଙ୍କୁ ହ. ଅବୁ ବକ୍କର ର.ଅ ବଧ କରିଦେଲେ ଏବଂ ବନ୍ଦୀ କଲେ । ମୁଁ (ଇୟାସ୍ ବିନ୍ ସଲ୍ମା) ଯେଉଁ ଦଳରେ ମହିଳା ଏବଂ ଛୋଟ ପିଲାମାନେ ରହିଥିଲେ ସେହି ଦଳକୁ ମୁଁ ଦେଖୁଥିଲି । ମୁଁ ଭୟଭୀତ ହେଲି ଯେ, ସେମାନେ ମୋ ପୂର୍ବରୁ ପର୍ବତ ଉପରେ ଚଢି ନଯାଆନ୍ତୁ । (ଇୟାସଙ୍କ ସହିତ ଯେଉଁ ସାହାବି ରହିଥିଲେ ସେମାନେ ଚର୍ଚ୍ଚା କରନ୍ତି ଯେ, ମୁଁ ଡ଼ରୁଥିଲି ଯେ, ଏହି ଲୋକମାନେ ପର୍ବତ ଉପରେ ନଚଢି ଯାଆନ୍ତୁ ଓ ଅଦୃଶ୍ୟ ହୋଇ ନଯାଆନ୍ତୁ) ।

ଇୟାସ୍ ବିନ୍ ସଲ୍ମା କୁହନ୍ତି ଯେ, ମୁଁ ସେମାନଙ୍କ ମଧ୍ୟରେ ଏବଂ ପର୍ବତ ମଧ୍ୟରେ ତୀର ଚାଳନା କଲି । କାରଣ ସେହି ମହିଳା ଏବଂ ଛୋଟ ପିଲାମାନେ ଭୟଭୀତ ହୋଇ ପଛରେ ରହି ଯାଆନ୍ତୁ। ସେମାନେ ଯେତେବେଳେ ତୀର ଦେଖିଲେ ସେତେବେଳେ ସେ ଅଟକି ଗଲେ । ମୁଁ ସେମାନଙ୍କୁ ଘଉଡ଼ାଇ ନେଇ ଆସିଲି । ସେମାନଙ୍କ ମଧ୍ୟରେ ବନି ଫଜାରାହ୍ ସଂପ୍ରଦାୟର ଜନୈକା ମହିଳା ରହିଥିଲା ସେହି ମହିଳା ଉପରେ ପୁରୁଣା ଜୀବ ଛାଲରୁ ପ୍ରସ୍ତୁତ କୋମଳ ବସ୍ତ୍ର ଥିଲା ଏବଂ ଉକ୍ତ ମହିଳା ସହିତ ତା'ର କନ୍ୟା ରହିଥିଲା । ସେହି କନ୍ୟା ଅତି ସୁନ୍ଦର ଥିଲା । ମୁଁ ସେମାନଙ୍କୁ ଘେରିନେଲି । ଏପର୍ଯ୍ୟନ୍ତକି ହ. ଅବୁ ବକ୍କର ର.ଅଙ୍କ ନିକଟକୁ ନେଇ ଆସିଲି । ହ. ଅବୁ ବକ୍କର ର.ଅ ସେହି ଝିଅକୁ ମୋତେ ଭେଟି ସ୍ୱରୂପ ପ୍ରଦାନ କରିଦେଲେ । ଆମେମାନେ ମଦିନା ଆସିଲୁ । ରସୁଲୁଲ୍ଲାଃ ସ.ଅ ଉକ୍ତ ଝିଅ ବା କନ୍ୟାକୁ ଧରି ମକ୍କାବାସୀଙ୍କୁ ହସ୍ତାନ୍ତର କରିଦେଲେ (ମକ୍କା ପ୍ରେରଣ କରିଦେଲେ) । ହ. ଅବୁ ବକ୍କର ର.ଅ ତ' ସେମାନଙ୍କୁ ଦେଇଥିଲେ । କିନ୍ତୁ ଆଁହଜରତ ସ.ଅ ଉକ୍ତ କନ୍ୟା ସ୍ୱୀକାର କରି ମକ୍କା ପ୍ରେରଣ କରିଦେଲେ । କାରଣ ସେହି କନ୍ୟା ବଦଳରେ ଅନେକ ମୁସଲମାନମାନଙ୍କୁ ମୁକ୍ତ କରାଯାଇ ପାରିବ ଯେଉଁମାନେ ମକ୍କା ଠାରେ ବନ୍ଦୀ ହୋଇଯାଇଥିଲେ । ଉକ୍ତ ବର୍ଣ୍ଣନାଟି ସହି ମୁସ୍‌ଲିମ୍‌ର ବର୍ଣ୍ଣନା ଅଟେ । (ସହି ମୁସ୍‌ଲିମ୍ କିତାବୁଲ୍ ଜିହାଦ୍, ବାବୁତ୍ ତନ୍‌ଫିଲି ୱ ଫିଦାଇଲ୍ ମୁସ୍‌ଲିମିନା ବିଲ୍ ଅସାରି, ହଦିସ୍ ସଂଖ୍ୟା-4573)

ଉକ୍ତ ସରିୟାହ୍‌ର ମୁସଲମାନମାନଙ୍କର ପ୍ରତୀକ (ସ୍ଲୋଗାନ୍) ଅମିତ୍ ଅମିତ୍ ଥିଲା। ହ. ସଲ୍ମା ବିନ୍ ଅକ୍‌ୱା ବର୍ଣ୍ଣନା କରନ୍ତି ଯେ, ମୁଁ ସେଦିନ ସ୍ୱହସ୍ତରୁ ସାତଜଣ ବ୍ୟକ୍ତିଙ୍କର ବଧ କଲି । ସେହିପରି ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ସଲ୍ମା ବିନ୍ ଅକ୍‌ୱା କୁହନ୍ତି ଯେ, ମୁଁ 9 ଜଣ ବ୍ୟକ୍ତିଙ୍କ ବଧ କରିଥିଲି । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-92, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନୱର୍ ଅ.ବ କହିଲେ, ଉକ୍ତ ସରିୟାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ମୁଁ ପରବର୍ତ୍ତୀ ଖୁତ୍‌ବାରେ ଚର୍ଚ୍ଚା କରିବି । ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଉତ୍ତମ ଚର୍ଚ୍ଚା କରିଦେବାକୁ ଚାହୁଁଛି । ପ୍ରଥମ ଯେଉଁ ମୃତକଙ୍କର ଚର୍ଚ୍ଚା କରିବି ସେ ହେଉଛନ୍ତି ସମ୍ମାନନୀୟ ତୈୟେବ୍ ଅଲୀ ସାହେବ ବଙ୍ଗାଳୀଙ୍କର । ଆପଣ କାଦିୟାନ୍‌ର ଦରୱେଶ ଥିଲେ । ଡିସେମ୍ବର ମାସ 11 ତାରିଖ ଦିନ 97 ବର୍ଷ ବୟସରେ ଆପଣଙ୍କର ବୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ବାଂଲାଦେଶରେ ଆପଣ ଜନ୍ମ ଗ୍ରହଣ କରିଥିଲେ । 1942 ମସିହାରେ ଆପଣ ଢାକା ଠାରେ ନିୟମିତ ବୈଅତ୍ ଫର୍ମ ପୂରଣ କରି ଅହେମଦିୟତ୍‌ରେ ସାମିଲ୍ ହେବା ନିମନ୍ତେ ସୌଭାଗ୍ୟ ଅର୍ଜନ କରିଥିଲେ। 1945 ମସିହାରେ ପ୍ରଥମ ଥର ପାଇଁ ଆପଣ ଜଲ୍‌ସା ସାଲାନା କାଦିୟାନ୍ ଠାରେ ସାମିଲ୍ ହୋଇଥିଲେ ଏବଂ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସହିତ ସାକ୍ଷାତ୍ କରିବାର ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ଆପଣଙ୍କ ମନରେ କାଦିୟାନ୍ ପ୍ରତି ଏତେ ପ୍ରେମ ତଥା ଆନ୍ତରୀକତା ସୃଷ୍ଟି ହୋଇଗଲା ଯେ, ଆପଣ ଆଉ ସ୍ୱଦେଶ ଫେରିଲେ ନାହିଁ । ଆପଣ କାଦିୟାନ୍‌ରେ ରହି ଦୁଇ ବର୍ଷ ଗ୍ରାମୀଣ ମୁବଲ୍ଲିଗିନ୍‌ମାନଙ୍କର ବିଶେଷ କ୍ଲାସ୍‌ରେ ଶିକ୍ଷା ପ୍ରାପ୍ତ କରିଥିଲେ । ଇତି ମଧ୍ୟରେ 1947 ମସିହାରେ ଦେଶ ବିଭାଜନର ଘଟଣା ମଧ ଘଟିଲା । ଆପଣ କାଦିୟାନ୍‌ରେ ହିଁ ଅବସ୍ଥାନ କରିବା ନିମନ୍ତେ ଆବେଦନ କଲେ । ଉକ୍ତ ଆବେଦନକୁ ସ୍ୱୀକାର କରିନିଆଗଲା ।

ଦରୱେଶ୍ କାଳୀନ ଜୀବନରେ ତାଙ୍କୁ ବିଭିନ୍ନ ସ୍ଥାନମାନଙ୍କରେ ସୁରକ୍ଷା ଡିୟୁଟି ଦେବା ନିମନ୍ତେ ସୁଯୋଗ ପ୍ରାପ୍ତ ହେଲା । ସଦର୍ ଅଞ୍ଜୁମନ ଅହେମଦିୟାର ବିଭିନ୍ନ କାର୍ଯ୍ୟାଳୟମାନଙ୍କର ଆପଣଙ୍କୁ ବିଭିନ୍ନ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । 1955 ଏବଂ 1956 ମସିହାରେ ଜମାଅତ୍‌ର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିଲା । ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିୟାନ୍ ଏହି ଘୋଷଣା କଲା ଯେ, ଯେଉଁ ଦରୱେଶ୍‌ମାନେ କୌଣସି କାମ ଦାମ କରି ନିଜେ କୌଣସି ଆୟ ସୃଷ୍ଟି କରି ପାରିବେ ତେବେ ସେମାନଙ୍କୁ କୌଣସି ବୃତ୍ତି ଅନ୍ୱେଷଣ କରିବା ଉଚିତ୍ । କାରଣ ଜମାଅତ୍ ଆଲାଉନସ୍ ଦେଇ ପାରିବ ନାହିଁ ଏବଂ ଦରୱେଶ୍‌ମାନଙ୍କର ଆର୍ଥିକ ବୋଝ ବର୍ତ୍ତମାନ ସହ୍ୟ କରିପାରିବ ନାହିଁ । ଉକ୍ତ ନିର୍ଦ୍ଦେଶନ ପ୍ରକାଶରେ ସ୍ୱର୍ଗତ ତୈୟେବ୍ ସାହେବ ଦାରୁଲ୍ ମସିହ୍ ବାହାର ବଜାରରେ ଏକ ଚାହା ଦୋକାନ ଖୋଲି ନେଲେ ଏବଂ ଅନେକ ସମୟରେ ଏପରି ହେଉଥିଲା ଯେ, ଅତିଥିମାନଙ୍କୁ ଏବଂ ଗରିବ ଲୋକମାନଙ୍କୁ ମାଗଣା ଚାହା ପାନ କରାଉଥିଲେ । ସ୍ୱର୍ଗତଙ୍କର ବିବାହ କେରଳର ଜନୈକା ମୁତଲ୍ଲକା (ଛାଡ଼ପ୍ରାପ୍ତ) ମହିଳା ସହିତ ହୋଇଥିଲା । ସେହି ମହିଳାଙ୍କର ପୂର୍ବରୁ ଗୋଟିଏ କନ୍ୟା ସନ୍ତାନ ଥିଲା । ସେହି କନ୍ୟାକୁ ତୈୟେବ୍ ସାହେବ ପାଳିଲେ। କିଛି କାଳ ପୂର୍ବେ ତାଙ୍କ ଅଣ୍ଟୁ ଗଣ୍ଠିରେ ଭୀଷଣ ଯନ୍ତ୍ରଣା ଅନୁଭୂତ ହେଲା ଏବଂ ଚଲା ବୁଲା କରିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଲା । ଡାକ୍ତରମାନେ ତାଙ୍କୁ ଅପରେସନ ହେବା ପାଇଁ କହିଲେ । କିନ୍ତୁ ସେ ଏହାକୁ ସ୍ୱୀକାର କଲେ ନାହିଁ । ବରଂ ଅଲ୍ଲାଃତାଲାଙ୍କ ନିକଟରେ ଆପଣ ପ୍ରର୍ଥନା କଲେ । ଅତ୍ୟନ୍ତ କାକୁତି ମିନତୀର ସହିତ ଅତ୍ୟନ୍ତ ରୋଦନ ତଥା ବେଦନାର ସହିତ ଆପଣ ଦୁଆ କରୁଥିଲେ ।

ଆପଣ କୁହନ୍ତି; "ଏକ ରାତ୍ରରେ ମୁଁ ସ୍ୱପ୍ନରେ ଦେଖିଲି ଯେ, ହ. ମସିହ୍ ମଉଦ୍ ଅ.ସ ଆସିଛନ୍ତି ଏବଂ ଆପଣ ଅ.ସ ବହିଶ୍‌ତି ମକ୍‌ବରାହ୍‌ର କେତେକ ଜଡ଼ିବୁଟି ଆଣି ମୋତେ ଖୁଆଇ ଦେଇଛନ୍ତି । ଏହା ପରେ ଧୀରେ ଧୀରେ ମୋ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା କ୍ରମଶଃ ଦୂରୀଭୂତ ହୋଇଗଲା ଏବଂ ନିଜ ଇଚ୍ଛାନୁସାରେ ସ୍ୱର୍ଗତ ତୈୟେବ୍ ସାହେବ ଦରୱେଶ୍ ନିୟମିତ ରୂପେ ମସ୍‌ଜିଦେ ଅକ୍‌ସା ଓ ମସ୍‌ଜିଦେ ମୁବାରକ୍‌ରେ ଆସି ନମାଜ ପାଠ କରିବା ଆରମ୍ଭ କରିଦେଲେ। ଆପଣ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ଆପଣଙ୍କ (ସ୍ୱର୍ଗତ ତୈୟେବ୍ ସାହେବ ଦରୱେଶ୍) କ୍ରୀଡ଼ା ପ୍ରତି ଅଭିରୁଚି ରହିଥିଲା । ଆପଣ ଜଣେ କ୍ରୀଡ଼ା ପ୍ରେମୀ ମଧ୍ୟ ଥିଲେ । ତେଣୁ ଯୁବକମାନେ ମଧ୍ୟ ଆପଣଙ୍କୁ ବହୁତ ଭଲ ପାଉଥିଲେ ଏବଂ ଆପଣଙ୍କ ସହିତ ଯୁବକମାନଙ୍କର ବିଶେଷ ସଂପର୍କ ଥିଲା । ଆପଣ ଯୁବକମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । କ୍ରୀଡ଼ା ଭୂମିରେ ଆପଣ ଅବତୀର୍ଣ୍ଣ ହୋଇ ଯାଉଥିଲେ । ସେହି ଦୃଷ୍ଟିରୁ ପିଲାମାନଙ୍କର ସଂସ୍କାର ମଧ୍ୟ ହୋଇଯାଉଥିଲା ।

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆଦେଶ କ୍ରମେ ଦେଶ ବିଭାଜନ ସମୟରେ 313 ଜଣ ଦରୱେଶ୍‌ମାନେ କାଦିୟାନ୍‌ରେ ଅବସ୍ଥାନ କରୁଥିଲେ । ଆପଣ ସେହି ଦରୱେଶ୍‌ମାନଙ୍କ ମଧ୍ୟରୁ ସର୍ବଶେଷ ଦରୱେଶ୍ ଥିଲେ । ଏହି ଶେଷ ଦରୱେଶ୍‌ଙ୍କର ଆଜି ବିୟୋଗ ହୋଇଗଲା । ବର୍ତ୍ତମାନ କିଦିୟାନରେ ଆଉ କୌଣସି ଅତିରିକ୍ତ ଦରୱେଶ୍ ଜୀବିତ ରହିଲେ ନାହିଁ । କାଦିୟାନ୍‌ର ଏହି ଜଲ୍‌ସା ହେଉଛି ପ୍ରଥମ ଜଲ୍‌ସା ଯହିଁରେ କୌଣସି ଦରୱେଶ୍ ଜୀବିତ ନାହାନ୍ତି । ଦରୱେଶ୍‌ଙ୍କ ଅନୁପସ୍ଥିତିରେ ଉକ୍ତ ଜଲ୍‌ସା ଅନୁଷ୍ଠିତ ହେଉଛି । ବର୍ତ୍ତମାନ କାଦିୟାନ୍‌ରେ ବାସ କରୁଥିଲେ ନୂତନ ପିଢୀ ତଥା ନୂତନ ବଂଶଧରମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ନିଜର କାର୍ଯ୍ୟ ଅର୍ଥାତ୍ ନିଜର ଦାୟିତ୍ୱକୁ ସଠିକ୍ ଭାବରେ ନିର୍ବାହ କରନ୍ତୁ । ଆପଣମାନେ (କାଦିୟାନର ଯୁବପିଢୀ) ନିଜର ବଳିଦାନକାରୀଙ୍କ ବର୍ଣ୍ଣନା ଅର୍ଥାତ୍ ଯଶକୁ ଅକ୍ଷୁର୍ଣ୍ଣ ରଖି ବିଶ୍ୱସ୍ତତା ଏବଂ ନିଷ୍ଠାପରତାର ସହିତ କାଦିୟାନ୍‌ରେ ନିଜର ଜୀବନକୁ ଅତିବାହିତ କରିବାକୁ ଉଦ୍ୟମ କରନ୍ତୁ । ଅଲ୍ଲାଃତାଲା ସେହି ଯୁବପିଢୀଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରବର୍ତ୍ତୀ ଯନାଜାଃ ହେଉଛି ମିର୍ଜା ମୁହମ୍ମଦ୍ ଦୀନ୍ ନାଜ୍ ସାହେବଙ୍କର । ଆପଣ ରବ୍‌ୱା ପାକିସ୍ତନର ସଦର୍ ଅଞ୍ଜୁମନ୍‌ର ସଭାପତି ଅଟନ୍ତି। ମିର୍ଜା ଅହେମଦ ଦୀନ୍ ସାହେବ ସ୍ୱର୍ଗତ ମୁହମ୍ମଦ୍ ଦୀନ୍ ସାହେବଙ୍କର ସୁପୁତ୍ର ଥିଲେ। ବିଗତ ଦିନରେ ସ୍ୱର୍ଗତ ମିର୍ଜା ମୁହମ୍ମଦ୍ ଦୀନ୍ ସାହେବଙ୍କର ବିୟୋଗ ହୋଇଯାଇଛି। إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଓସିୟତ୍‌କାରୀ ଥିଲେ । ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କ ପିତାଶ୍ରୀଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ଆପଣ ଜଣେ ପଟୱାରୀ (ହିସବରକ୍ଷୀ) ହଶ୍‌ମତୁଲ୍ଲାଃ ସାହେବଙ୍କ ତବ୍‌ଲିଗ୍ ଦ୍ୱାରା 1942 ମସିହାରେ ଅହେମଦି ହୋଇଥିଲେ । ମୁହମ୍ମଦ୍ ଦୀନ୍ ସାହେବଙ୍କ ନିକାହ୍ ସୟେଦ୍ ଅବ୍‌ଦୁଲ୍ ହାଦି ସାହେବଙ୍କ କନ୍ୟା ସୟେଦା ନୁସ୍ରତ୍ ଯାହାଁ ସାହେବାଙ୍କ ସହିତ ହୋଇଥିଲା । ତାଙ୍କର ଏକ ପୁତ୍ର ସନ୍ତାନ ଥିଲା । ସେହି ପୁତ୍ର ସନ୍ତାନଙ୍କ ଯୁବକ ବୟସରେ ଅକାଳ ବିୟୋଗ ହୋଇ ଯାଇଥିଲା । ପୁନଶ୍ଚ ସେ ନିଜ ଭଉଣୀର ଗୋଟିଏ ପୁତ୍ର ଏବଂ ଗୋଟିଏ କନ୍ୟାକୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କଲେ ଏବଂ ନିଜ ସନ୍ତାନଙ୍କ ପରି ସେମାନଙ୍କର ଯତ୍ନ ନେଲେ ଏବଂ ସେମାନଙ୍କର ଲାଳନ ପାଳନ କଲେ । ତାଙ୍କର ଭଣଜା ମଧ୍ୟ ଅସୁସ୍ଥ ଅଟେ । ଅଲ୍ଲାଃତାଲା ସେହି ସନ୍ତାନକୁ ଆରୋଗ୍ୟ ଲାଭ ପ୍ରଦାନ କରନ୍ତୁ । 1965 ମସିହାରେ ସେ ଯାମିୟା ଅହେମଦିୟାରେ ନାମ ଲେଖାଇଥିଲେ । ଆପଣ ବି.ଏ (ସ୍ନାତକ) ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଆପଣ କିଛି କାଳ ବାହାରେ ଚାକିରୀ ମଧ୍ୟ କରିଥିଲେ ।

ପୁନଶ୍ଚ ଯାମିୟା ଅହେମଦିୟାରେ ଆପଣ ନାମ ଲେଖାଇ ସେଠାରୁ 1971 ମସିହାରେ ଉତ୍ତୀର୍ଣ୍ଣ ହେବା ପରେ କର୍ମଭୂମିରେ ଆପଣ ନିଯୁକ୍ତ ହୋଇଥିଲେ । ଏହପାରେ ଆପଣଙ୍କୁ ଯାମିୟା ଅହେମଦିୟାର ଶିକ୍ଷକ ଭାବରେ ନିଯୁକ୍ତ କରାଯାଇଥିଲା । ଆପଣ ସର୍ଫ ଓ ନହୁ ଅର୍ଥାତ୍ ଆରବୀ ବ୍ୟାକରଣ ପଢାଉଥିଲେ । ଭାଷା ସାହିତ୍ୟ ଏବଂ ଫିକ୍କା (ଧର୍ମ ଅବବୋଧ) ଇତିହାସ ଏବଂ ତସୱୁଫ୍ (ଅଧ୍ୟାତ୍ମବାଦ) ସମ୍ବନ୍ଧୀୟ ବିଷୟ ପାଠ ପଢାଉଥିଲେ । ଯାମିୟା ଅହେମଦିୟାର ନାଏବ୍ ପ୍ରିଂସିପାଲ ରୂପେ ମଧ୍ୟ ଆପଣଙ୍କୁ ସେବା କରିବାର ସାମର୍ଥ୍ୟ ଲାଭ ହୋଇଥିଲା । 37 ବର୍ଷ ପର୍ଯ୍ୟନ୍ତ ଆପଣ ଯାମିୟା ଅହେମଦିୟାରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଏତଦ୍‌ପରେ ଆପଣ ଯାମିୟା ଅହେମଦିୟାରେ ପ୍ରିଂସିପାଲ୍ ଭାବରେ ଦାୟିତ୍ୱ ତୁଲାଇଥିଲେ । ପୁନଶ୍ଚ ଆପଣ ଅତିରିକ୍ତ ନାଜିର୍ ଇସଲାହ୍ ଓ ଇର୍ଶାଦ୍, ତାଲିମୁଲ୍ କୁରଆନ୍ ଓ ୱକ୍‌ଫେ ଆର୍ଜି ଭାବରେ ଆପଣଙ୍କୁ ନିଯୁକ୍ତ କରାଯାଇଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ 2018 ମସିହାରେ ମୁଁ ତାଙ୍କୁ ସଦର ସଦର୍ ଅଞ୍ଜୁମନ ଅହେମଦିୟା ରୂପେ ନିଯୁକ୍ତ କରିଥିଲି । ଆପଣ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଉକ୍ତ ପଦବୀରେ ଆସୀନ ରହିଥିଲେ ।

ଖୁଦାମୁଲ୍ ଅହେମଦିୟା ଏବଂ ଅନ୍‌ସାରୁଲ୍ଲାଃ ଭାରତରେ ମଧ୍ୟ ତାଙ୍କୁ ମର୍କଜୀ ରୂପେ ବେଶ୍ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଅନ୍‌ସାରୁଲ୍ଲାଃରେ ଆପଣ ସଫେ ଦୋଅମ୍ (ଦ୍ୱିତୀୟ ଧାଡ଼ି)ର ନାଏବ୍ ସଦର୍ ଭାବରେ ମଧ୍ୟ ଦାୟିତ୍ୱ

ତୁଲାଇଥିଲେ । ମାସିକ୍ ଖାଲିଦ୍, ମାସିକ ଅନ୍‌ସାରୁଲ୍ଲାଃର ମଧ୍ୟ ଆପଣ ସମ୍ପାଦକ ଭାବରେ ଦାୟିତ୍ୱ ତୁଲାଇଥିଲେ । 1994 ମସିହାରେ ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ମାସ ପର୍ଯ୍ୟନ୍ତ ଆପଣଙ୍କୁ ଅସିରେ ରାହେ ମୌଲା (ଅଲ୍ଲାଃତାଲାଙ୍କ ମାର୍ଗରେ କାରାବରଣ ଦଣ୍ଡ ସହ୍ୟ କରିବା) ହେବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ଦାରୁଲ୍ କଜାରେ ଆପଣ କଜା ବୋର୍ଡ଼ର ଜଣେ ସଦସ୍ୟ ରୂପେ ମଧ୍ୟ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ। ମଜ୍‌ଲିସେ ଇଫ୍‌ତାର ମଧ୍ୟ ଆପଣ ସଦସ୍ୟ ଥିଲେ, ତଦ୍‌ଭିନେ ଫିକ୍କା କମିଟିର ମଧ୍ୟ ଆପଣ ସଦସ୍ୟ ଥିଲେ, ବୁୟୁତୁଲ୍ ହମ୍‌ଦ୍‌ର ମଧ୍ୟ ଆପଣ ସେକ୍ରେଟାରୀ ଥିଲେ ଓ ଆପଣ ଆରବୀ ଭାଷା ବୋର୍ଡ଼ର ମଧ୍ୟ ସଭାପତି ଥିଲେ । ଆପଣଙ୍କର ଆରବୀ ଭାଷା ଦକ୍ଷତା ଅତି ଉତ୍ତମ ଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମୁହମ୍ମଦ୍ ଦୀନ ନାଜ୍ ସାହେବଙ୍କର ପତ୍ନୀ ବର୍ଣ୍ଣନା କରନ୍ତି ଯେ, ତାଙ୍କ ସ୍ୱାମୀଙ୍କ ସମଗ୍ର ଜୀବନର ସାରାଂଶ ଏହା ଥିଲା ଯେ, ପ୍ରେମ ସଭିଙ୍କ ପାଇଁ ଘୃଣା କାହାରି ପ୍ରତି ନୁହେଁ । ମୁଁ ଏହି ସାରମର୍ମର ସାକ୍ଷ୍ୟ ପ୍ରଦାନ କରୁଛି ଯେ, ଆପଣ ସମସ୍ତଙ୍କ ପ୍ରତି ପ୍ରେମ ଭାବ ପ୍ରଦର୍ଶନ କରୁଥିଲେ ଓ କାହାରିକୁ ଆପଣ ଘୃଣା ପ୍ରଦର୍ଶନ କରୁ ନଥିଲେ । ତାଙ୍କର ଜଣେ ଭଣଜା କହିଲେ, ମୋର ମନେଅଛି ଯେ, ତାଙ୍କୁ ମିର୍ଜା ନାଜ୍ ସାହେବ କହିଲେ, ଯେ, 10 କିମ୍ବା 11 ବର୍ଷ ବୟସରେ ବାଜମାଅତ୍ ନମାଜ୍ ପାଠ କରିବା ଆରମ୍ଭ କରିଦେଇ ଥିଲେ । ଉକ୍ତ ଅଭ୍ୟାସକୁ ଆପଣ ଅବ୍ୟାହତ। ରଖିଥିଲେ । ଯେତେବେଳେ ସେ ଅସୁସ୍ଥ ହୋଇଗେଲେ ଏବଂ ଡାକ୍ତର ତାଙ୍କୁ ମସଜିଦ୍ ଯିବା ନିମନ୍ତେ ବାରଣ କଲା । ସେପର୍ଯ୍ୟନ୍ତ ଆପଣ ନିରନ୍ତର ରୂପେ ମସଜିଦ୍ ଯାଇ ବାଜମାଅତ୍ ନମାଜ ପାଠ କରୁଥିଲେ । କେବଳ ସେତିକି ନୁହେଁ ଆପଣଙ୍କର ଜଣେ ସଂପର୍କୀୟ କୁହନ୍ତି : "ସ୍ୱର୍ଗତ ମୁହମ୍ମଦ୍ ଦୀନ ନାଜ୍ ସାହେବ ଦିନେ ମୁଁ ସ୍ୱର୍ଗତଙ୍କ ସହିତ ରାତ୍ର ଯାପନ କଲି । ରାତ୍ର ଅତି ଦୀର୍ଘ ରାତ୍ର ଥିଲା । ମୁଁ ଦେଖିଲି ଯେ, ରାତ୍ର ସମୟରେ ଆପଣ ଉଠି ପ୍ରାୟ 4 ଘଣ୍ଟା ପର୍ଯ୍ୟନ୍ତ ନିୟମିତ ତେହଜ୍ଜୁଦ୍ ନମାଜ ପାଠ କରୁଥିଲେ ଏବଂ ଆପଣ ଏହା କହଥିଲେ ଯେ, ଶୀତ ଦିନେ ରାତ୍ରରେ ଦୀର୍ଘ ସମୟ ପର୍ଯ୍ୟନ୍ତ ନମାଜ ତେହଜ୍ଜୁଦ୍ ପାଠ କରିବା ଉଚିତ୍ । ମିର୍ଜା ସାହେବ ତାଙ୍କର ମାମୁଁ ଥିଲେ । ପୁନଶ୍ଚ ଭଣାଜା ମହୋଦୟ କୁହନ୍ତି ଯେ, ତାଙ୍କର ମାମୁଁ ତାଙ୍କୁ ନଫିଲ୍ ନମାଜ ସଂପର୍କରେ କହିଲେ, ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ କାଳରୁ ସେ ନମାଜ ତେହଜ୍ଜୁଦ୍ ପାଠ କରିବା ଆରମ୍ଭ କଲେ ଏବଂ ପୁନଶ୍ଚ ଏହାକୁ ସେ ନିୟମିତ ରୂପେ ଏଯାବତ୍ ସମ୍ପାଦନ କରି ଆସୁଥିଲେ ଓ ଏହା ଉପରେ ସେ କାର୍ଯ୍ୟାନୁସରଣ କରିଥିଲେ । "

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମୁହମ୍ମଦ୍ ଦୀନ୍ ନାଜ ସାହେବ ଏଠାକୁ ଅର୍ଥାତ୍ ଜଲସାକୁ ଆସୁଥିଲେ ଏବଂ ଅତ୍ୟନ୍ତ ନିଷ୍ଠାପର ଓ ବିଶ୍ୱସ୍ତତାର ପରିପ୍ରକାଶ କରୁଥିଲେ। ଏଠାରେ ଯେତେବେଳେ ସ୍ୱର୍ଗତ ମହୋଦୟ ମୋ ସହିତ ସାକ୍ଷାତ୍ କରୁଥିଲେ ସେତେବେଳେ ମୁଁ ତାଙ୍କ ଚକ୍ଷୁରେ ସର୍ବଦା ପ୍ରେମ, ଆନ୍ତରୀକତା ଏବଂ ଆଜ୍ଞାବହତ୍ୱତାର ଉତ୍କୃଷ୍ଟ ସ୍ତର ଦେଖିବାକୁ ପାଉଥିଲି । ଏଠାକୁ ଆସିବା ପରେ ମଧ୍ୟ ଯଦି କୌଣସି ବ୍ୟକ୍ତି ତାଙ୍କୁ ଡାକୁଥିଲା ସେତେବେଳେ ଆପଣ ଏହି ସର୍ତ୍ତ ରଖୁଥିଲେ ଯେ, "ମୁଁ ଏଠାରେ ଉପସ୍ଥିତ ଖଲିଫାଙ୍କ ପଛରେ ନମାଜ ପାଠ କରିବି । ତୁମେ ଯଦି ଏହା ପୂର୍ବରୁ ମୋତେ ସେଠାରେ (ମସଜିଦ୍‌ରେ) ପହଞ୍ଚାଇ ପାରିବ ତେବେ ମୁଁ ତୁମ ସହିତ ଯିବି । ଅନ୍ୟଥା ମୁଁ ଯିବି ନାହିଁ । "

ସ୍ୱର୍ଗତ ମିର୍ଜା ମୁହମ୍ମଦ୍ ଦୀନ୍ ସାହେବଙ୍କ ଭାଇ ମୁସ୍ତାକ ବେଗ୍ ସାହେବ ଏଠାରେ ବାସ କରନ୍ତି । ସେ କୁହନ୍ତି; "ପିତାଶ୍ରୀଙ୍କ ଇଚ୍ଛାରେ ମୋ ଭାଇ ନିଜର ଜୀବନକୁ ଜମାଅତ୍ ନିମନ୍ତେ ଉତ୍ସର୍ଗ କରିଦେଲେ ଏବଂ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆପଣ ଉକ୍ତ ୱକ୍‌ଫକୁ ଅଙ୍ଗେ ଲିଭାଇଥିଲେ । ସେ ବି.ଏ ଶିକ୍ଷା ସମାପ୍ତ କରିଥିଲେ । କାରଣ ସେ ଉଚ୍ଚ ଶିକ୍ଷା ପ୍ରାପ୍ତ କରି ନିଜର ଜୀବନକୁ ଉତ୍ସର୍ଗ କରିବା ନିମନ୍ତେ ଅଭିଳାଷୀ ଥିଲେ । ଯାମିୟା ଅହେମଦିୟାରୁ ଶିକ୍ଷା ସମାପ୍ତ ପରେ ମିସରର ଏକ ବିଶ୍ୱବିଦ୍ୟାଳୟ ଆପଣଙ୍କୁ ଏକ ସର୍ବୋଚ୍ଚ ଚାକିରୀ ଉପସ୍ଥାପିତ କଲା ଏବଂ ଭଲ ଦରମା ଦେବ ବୋଲି ବିଶ୍ୱ ବିଦ୍ୟାଳୟ କହିଲା । କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଲେ ଏବଂ କହିଲେ, ମୁଁ ନିଜର ଜୀବନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ଉତ୍ସର୍ଗ କରି ଦେଇଛି । ଏହା ସେତେବେଳର କଥା ଯେତେବେଳେ ଜଣେ ମୁବଲ୍ଲିଗକୁ ଆଲାଉନସ୍ ଆଦି 40 ଟଙ୍କା (ଦରମା) ମିଳୁଥିଲା । ଆପଣ ସେହି ଟଙ୍କାରେ ଅତି କଷ୍ଟରେ ନିଜର ଗୁଜୁରାଣ ମେଣ୍ଟାଉ ଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ରବ୍‌ୱାର ପ୍ରିନ୍‌ସିପାଲ ମହୋଦୟ ଶ୍ରୀଯୁକ୍ତ ମୁବଶ୍ଶିର୍ ଅୟାଜ୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ମିର୍ଜା ମୁହମ୍ମଦ୍ ଦୀନ ସାହେବ ନିଜର କାର୍ଯ୍ୟ ବା ଦାୟିତ୍ୱ ସଂପର୍କରେ ଉଲ୍ଲେଖ କରି କୁହନ୍ତି ଯେ, ମୋର ମନେଅଛି ଯେ, ଆମେମାନେ ସାନିୟା (ଦ୍ୱିତୀୟ) ଶ୍ରେଣୀ କିମ୍ବା ତୃତୀୟ ଶ୍ରେଣୀରେ ଅଧ୍ୟୟନରତ ଥିଲୁ। ନାଜ୍ ସାହେବ ଆମମାନଙ୍କୁ ଆରବୀ ଭାଷା ପଢାଉଥିଲେ । ସେହି ଦିନମାନଙ୍କରେ ତାଙ୍କର ଜଣେ ଭଉଣୀ ସମ୍ଭବତଃ ବ୍ଲଡ୍ କ୍ୟାନ୍‌ସର ରୋଗରେ ପିଡ଼ୀତ ଥିଲେ । ଡାକ୍ତର ସମସ୍ତ ଚିକିତ୍ସା ତଥା ଉପଚାର କରିବା ପରେ ଉତ୍ତର ଦେଇ ଦେଇଥିଲେ ଯେ, ତାଙ୍କ ଭଉଣୀ ଆଉ ବଞ୍ଚିବେ ନାହିଁ । ଯାମିୟା ଅହେମଦିୟା କ୍ୟାମ୍ପସ୍‌ରେ ହିଁ ନାଜ୍ ସାହେବଙ୍କ ଭଉଣୀ ତାଙ୍କ ସହିତ ରହୁଥିଲେ । ଦିନେ ତାଙ୍କୁ ଗୋଟିଏ ବୋତଲ୍ ରକ୍ତ ଦିଆଗଲା। ସେହି ରକ୍ତ ବୋତଲ୍ ଦେବା ପରେ ଆପଣ ଯାମିୟା ଅହେମଦିୟାର କ୍ଲାସ୍ ନେବା ନିମନ୍ତେ ଚାଲି ଆସିଲେ । ନାଜ୍ ସାହେବ କ୍ଲାସ୍ ମିସ୍ (ମାରା ହେବାକୁ ଦେଲେ ନାହିଁ) ହେବାକୁ ଦେଲେ ନାହିଁ । ଠିକ୍ ସେତିକିବେଳେ ତାଙ୍କ ଭଉଣୀଙ୍କର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ହୋଇଗଲା । କ୍ଲାସ୍ ନେବା ସମୟରେ ନାଜ୍ ସାହେବଙ୍କର ଜଣେ ସଂପର୍କୀୟ ଆସିଲେ ଏବଂ କ୍ଲାସ୍ ରୁମ୍ ବାହାରେ ଛିଡ଼ା ହେଲେ ଏବଂ ନାଜ୍ ସାହେବଙ୍କୁ ଡାକିଲେ। ନାଜ୍ ସାହେବ ସେହି ସଂପର୍କୀୟଙ୍କ କଥା ଶୁଣିଲେ ଏବଂ କଥା ଶୁଣି ଆସି ପୁଣି ପାଠ ପଢାଇବା ଆରମ୍ଭ କରିଦେଲେ । ମୁବଶ୍ଶିର୍ ଅୟାଜ୍ ସାହେବ କୁହନ୍ତି ଯେ, ସେଦିନ ନାଜ୍ ସାହେବ ଯେତେବେଳେ ଆମମାନଙ୍କୁ ପାଠ ପଢାଉଥିଲେ ସେତେବେଳେ ଆରବୀ ଭାଷାର ଏକ କବିତା ରହିଥିଲା ସେହି କବିତାରେ ଦୁଃଖାର୍ଦ୍ଦମୂଳକ ଓ ବିୟୋଗାନ୍ତକ ଏକ କବିତା ମଧ୍ୟ ରହିଥିଲା । ନାଜ୍ ସାହେବ ସେହି କବିତା ପାଠ କରି ଚାଲିଥିଲେ ଏବଂ ନାଜ୍ ସାହେବଙ୍କ କଣ୍ଠ ସଂପୂର୍ଣ୍ଣ ରୂପେ ରୋଦନମୟ ହୋଇଗଲା ଏବଂ ଚକ୍ଷୁରୁ ଲୁହର ଧାର ବହିବାକୁ ଲାଗିଲା। ମୁବଶ୍ଶିର୍ ସାହେବ କୁହନ୍ତି; "ଆମେମାନେ ସେତେବେଳେ ଆଶ୍ଚର୍ଯ୍ୟ ଚକିତ ହେଲୁ ଯେ, ନାଜ୍ ସାହେବ ଅତ୍ୟନ୍ତ ସାହସୀ ଓ ଧୈର୍ଯ୍ୟ ପ୍ରଦର୍ଶନକାରୀ ବ୍ୟକ୍ତି ଅଟନ୍ତି । ତାଙ୍କର ଏତାଦୃଶ ଅବସ୍ଥା କିପରି ହେଲା ଓ କାହିଁକି ଏପରି ରୋଦନମୟ ଅବସ୍ଥା ସୃଷ୍ଟି ହେଲା ?

ସେ ଯାହା ହେଉ ମୁବଶ୍ଶିର୍ ସାହେବ କହିଲେ, ସ୍ୱର୍ଗତ ମିର୍ଜା ମୁହମ୍ମଦ୍ ଦୀନ ନାଜ୍ ସାହେବ ସଂପୂର୍ଣ୍ଣ ପିରିୟଡ୍ ଅତ୍ୟନ୍ତ ଶିଷ୍ଟତାର ସହିତ ପାଠ ପଢାଇଲେ (ଅଧ୍ୟପନା ଦେଲେ) ଏବଂ ପିରିୟଡ୍ ଶେଷ ହେବା ପରେ ଦ୍ରୁତ ଗତିରେ କ୍ଲାସ୍ ରୁମ୍‌ରୁ ବାହାରୁକ ବାହାରିଲେ ଏବଂ ନିଜ ଘର ଆଡ଼କୁ ଚାଲିଗଲେ । ପରବର୍ତ୍ତୀ ସମୟରେ ଜଣା ପଡ଼ିଲା ଯେ, ଯେଉଁ ବ୍ୟକ୍ତି (ସଂପର୍କୀୟ) ତାଙ୍କୁ କ୍ଲାସ୍ ରୁମ୍ ବାହାରେ ଭେଟିବାକୁ ଆସିଥିଲା ସେହି ବ୍ୟକ୍ତି ତାଙ୍କର ଅତି ଆତ୍ମୀୟ ବ୍ୟକ୍ତି ଥିଲା । ସେହି ବ୍ୟକ୍ତି ନାଜ୍ ସାହେବଙ୍କୁ ତାଙ୍କ ଭଉଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ସୂଚନା ଦେବାକୁ ଆସିଥିଲା । କିନ୍ତୁ ନାଜ୍ ସାହେବ ନିଜର କର୍ତ୍ତବ୍ୟ ସମ୍ପାଦନକୁ ପ୍ରାଧାନ୍ୟ ଦେଲେ ଏବଂ ଅଧ୍ୟାପନା ସମାପ୍ତ କରିବା ପରେ ସମ୍ଭବତଃ କିଛି ସମୟ ପରେ ହିଁ ତାଙ୍କର ସେହି ଭଉଣୀଙ୍କର ବିୟୋଗ ହୋଇଗଲା।"

ସ୍ୱର୍ଗତ ମିର୍ଜା ମୁହମ୍ମଦ୍ ଦୀନ୍ ନାଜ୍ ସାହେବ ଅସଂଖ୍ୟ ସୁଗୁଣାବଳୀର ଅଧିକାରୀ ଥିଲେ । ସେ ନିଜର ୱକ୍‌ଫ୍ (ଉତ୍ସର୍ଗୀକୃତତା)କୁ ସଠିକ୍ ଭାବରେ ସମ୍ପାଦନ କଲେ। ଆପଣ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ଖିଲାଫତ୍ ପ୍ରତି ଆପଣ ନିଷ୍ଠା ଓ ବିଶ୍ୱସ୍ତତା ପ୍ରଦର୍ଶନ କରୁଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠ ପୁରରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତୃତୀୟ ଯନାଜାଃ ହେଲା ସମ୍ମାନନୀୟ ଅକ୍‌ମରାତ୍ ଖାକିଏବ୍ ସାହେବଙ୍କର (Akmurat Khakiev) ସାହେବଙ୍କର। ଆପଣ ତୁର୍କମିନିସ୍ତାନ୍‌ର ଜାତୀୟ ସଭାପତି ଥିଲେ । ବିଗତ ଦିନରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଡାକ୍ତର ଅବଦୁଲ୍ ଅଲିମ୍ ସାହେବଙ୍କ ମାଧ୍ୟମରେ ତାଙ୍କୁ ଅହେମଦିୟତ୍‌ର ପରିଚୟ ପ୍ରାପ୍ତ ହୋଇଥିଲା । ରାୱେଲ୍ ବୁଖାରି ଓ ସାହେବ ଓ ଅବଦୁଲ୍ ଅଲିମ୍ ସାହେବଙ୍କ ମିଳିତ ତବ୍‌ଲିଗି (ପ୍ରଚାରିକ) ପ୍ରୟାସରେ ସେ ଅର୍ଥାତ୍ ଅକମୁରାତ୍ ଖାକିଏବ୍ ସାହେବ ବୈଅତ୍ କରିଥିଲେ । କରଣ ତାଙ୍କରି ତବ୍‌ଲିଗ୍ ବଳରେ ସେ ମନରୁ ଅହେମଦି ହୋଇ ସାରିଥିଲେ । କିନ୍ତୁ ବୈଅତ୍ କରି ନଥିଲେ । 2010 ମସିହାରେ ପ୍ରଥମ ଥର କରି ସେ ଜଲସା ସାଲାନାରେ ସାମିଲ୍ ହୋଇଥିଲେ । ସେ ଏଠାରେ ମଧ୍ୟ ମୋ ସହିତ ସାକ୍ଷାତ୍ କରିଥିଲେ ଏବଂ ଏହାପରେ ସେ ଆନ୍ତର୍ଜାତିକ ବୈଅତ୍‌ରେ ଅଂଶ ଗ୍ରହଣ କରିଥିଲେ । ସେ ଉକ୍ତ କଥା ଉପରେ ପ୍ରସନ୍ନ ଥିଲେ ଯେ, ସେ ଉପସ୍ଥିତ ଖଲିଫାଙ୍କ ହସ୍ତରେ ବୈଅତ୍ କରୁଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉଲ୍ଲେଖକାରୀ କୁହନ୍ତି ଯେ, ଯେତେବେଳେ ବୈଅତ୍ ଶବ୍ଦର ପୁନରାବୃତ୍ତି କରାଯାଉଥିଲା ସେତେବେଳେ ନିଷ୍ଠା ଏବଂ ବିଶ୍ୱସ୍ତତାର ଦୃଢ଼ତ୍ୱତା ଯୋଗୁଁ ତାଙ୍କ ମୁଖମଣ୍ଡଳର ଲକ୍ଷଣ ପରିବର୍ତ୍ତ ହୋଇଯାଉଥିଲା । ମୁଁ ବିଶ୍ୱାସ କରିପାରୁ ନଥିଲି ଯେ, ଏ ହେଉଛି ସେହି ଅକମୁରାତ୍ ଖାକିଏବ୍ ସାହେବ ଯିଏ କିଛି ସମୟ ପୂର୍ବେ ଆମ ସହିତ ହସି ହସି କଥା ହେଉଥିଲେ । କିଛି ବର୍ଷ ପୂର୍ବେ ତୁର୍କମାନି ଭାଷାରେ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ କାର୍ଯ୍ୟ ସେ ଆରମ୍ଭ କରିଥିଲେ ଏବଂ ବିଗତ ବର୍ଷ ସେ ଉକ୍ତ କାର୍ଯ୍ୟ ସଂପୂର୍ଣ୍ଣ କରି ନେଇଥିଲେ । ଗତ ବର୍ଷ ଜଲ୍‌ସା ସାଲାନା ୟୁ.କେରେ ସାମିଲ୍ ହେବା ପରେ ସେ ମୋ ଠାରୁ ଅନୁମତି ନେଇ ନେଲେ ଯେ, ଏଠାରେ ମୁଁ ଅଧିକ କାମ କରିନେବି ଏବଂ ପୁନଶ୍ଚ ମୋ ଠାରୁ (ହୁଜୁର ଅନ୍‌ୱର୍ ଅ.ବଙ୍କ ଠାରୁ) ଅନୁମତି ପ୍ରାପ୍ତ କରିବା ସେ ଏଠାରେ ଆସି ଅବସ୍ଥାନ କରିଥିଲେ। ଏହି ଦିନମାନଙ୍କରେ ସେ ନମାଜ ପାଠ ପ୍ରତି ବିଶେଷ ଯତ୍ନବାନ୍ ରହିଥିଲେ ଏବଂ ନିୟମାନୁବର୍ତ୍ତୀ ହୋଇ ନମାଜ ପାଠ କରିଥିଲେ । ଏତଦ୍‌ଭିନ୍ନ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦକୁ କେନ୍ଦ୍ରୀୟ ରଷୀୟ ଡେସ୍କ ସହାୟତାରେ ପୁସ୍ତକ ରୂପ ଦେଇ ପବିତ୍ର କୁରଆନ୍ କରୀମ୍‌କୁ ପ୍ରସ୍ତୁତ କଲେ ।

ଅକ୍‌ମୁରାତ୍ ଖାକିଏବ୍ ସାହେବ ତୁର୍କମାନିସ୍ତାନର ପ୍ରଥମ ଅହେମଦି ନଥିଲେ। ବରଂ ଆପଣ ମୃତ୍ୟୁ ପର୍ଯ୍ୟନ୍ତ ତର୍କମାନିସ୍ତାନର ସଦର୍ ଜମାଅତ୍ ଅହେମଦିୟା ହେବାର ଗୌରବ ଏବଂ ସାମର୍ଥ୍ୟ ଲାଭ ମଧ୍ୟ ପ୍ରାପ୍ତ କରିଥିଲେ । ସେ ନିଜର ଏକ ଇଣ୍ଟରଭ୍ୟୁରେ ଉଲ୍ଲେଖ କରନ୍ତି ଯେ, ମୁଁ ଆଜନ୍ମ (ଜନ୍ମରୁ) ମୁସଲମାନ ଅଟେ । କିନ୍ତୁ ମୁଁ ଏକ ଚିରାଚରିତ ମୁସଲମାନ ଥିଲି। ସୋଭିଏଟ୍ ୟୁନିୟନ୍‌ର କାଳ ଥିଲା ଏବଂ କମ୍ୟୁନିଜିମ୍‌ର ସମର୍ଥକ ଥିଲି । କିନ୍ତୁ ବିଶେଷ ଇସ୍‌ଲାମୀୟ କ୍ଷମତା ସେତେବେଳେ ଆମ ମଧ୍ୟରେ ସୁରକ୍ଷିତ ଥିଲା । ମୁଁ ରିୟାଜି (ଗଣିତଶାସ୍ତ୍ର)ରେ ଶିକ୍ଷା ପ୍ରାପ୍ତ କଲି । କିନ୍ତୁ ମୂଳତଃ ମୁଁ ସର୍ବଦା ଈଶ୍ୱରଙ୍କୁ ସନ୍ଧାନ କରୁଥିଲି । କେଉଁ ଈଶ୍ୱର ? ଅଲ୍ଲାଃତାଲା ନା ଅନ୍ୟ କୌଣସି ଈଶ୍ୱର ? ଉକ୍ତ ପ୍ରଶ୍ନ ତଥା ଅନ୍ୟ ପ୍ରସଙ୍ଗ ସଂକ୍ରାନ୍ତରେ । କିନ୍ତୁ ମୁଁ

ଈଶ୍ୱରଙ୍କୁ ସର୍ବଦା ଖୋଜୁଥିଲି । ମୌଳିକ ରୂପେ ପବିତ୍ର କୁରଆନ୍ କରୀମ୍‌ର କେତେକ ଆୟତ୍ ଆରବୀ ଭାଷାରେ ମଧ୍ୟ ଜାଣିଥିଲି । ନିଜର ପିତାଶ୍ରୀ ମହୋଦୟଙ୍କ ବିୟୋଗ ପରେ ମୁଁ ଏକ ସ୍ୱପ୍ନ ଦେଖିଲି ଯେ, ଜଣେ ସମ୍ମାନାସ୍ପଦ ବ୍ୟକ୍ତି ଆସିଛନ୍ତି । ସେ ଅତ୍ୟନ୍ତ ପରିଷ୍କାର ବେଶ ପୋଷାକ ପରିଧାନ କରିଥିଲେ । ଉକ୍ତ ବସ୍ତ୍ର ଏତେ ଧବଳ ବର୍ଣ୍ଣର ଥିଲା ଯେ, ମୁଁ ବର୍ଣ୍ଣନା କରି ପାରିବି ନାହିଁ । ସେହି ଦିବ୍ୟ ପୁରୁଷ ମୋତେ ଏକ ହସ୍ତ ଦ୍ୱାରା ଇଙ୍ଗିତ କରି ମୋତେ ନିଜ ଆଡ଼କୁ ଡାକିଲେ । ସେ କିଛି କେହିଲେ ନାହିଁ । କେବଳ ମୋତେ ନିଜ ଆଡ଼କୁ ଆସିବା ନିମନ୍ତେ ଆମନ୍ତ୍ରିତ କଲେ ଯେ, ମୋ ଆଡ଼କୁ ଚାଲି ଆସ ।

ସ୍ୱର୍ଗତ କୁହନ୍ତି ଯେ, 2001ର ଘଟଣା ହେବ ଏହା ପରେ ରାୱେଲ୍ ସାହେବ ଏବଂ ଡାକ୍ତର ଅଲିମ୍ ସାହେବଙ୍କ ତବ୍‌ଲିଗ୍ ପ୍ରଚେଷ୍ଟା ବଳରେ ତାଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ସୂଚନା ପ୍ରାପ୍ତ ହେଲା । ହ. ମସିହ୍ ମଉଦ୍ ଅ.ସଙ୍କ ଛବି ଯେତେବେଳେ ଦେଖାଇ ଦିଆଗଲା ସେତେବେଳେ ସେ କହିଲେ, ହଁ ହଁ ଏହି ବ୍ୟକ୍ତି ହିଁ ମୋତେ ନିଜ ଆଡ଼କୁ ଆମନ୍ତ୍ରିତ କରିଥିଲେ । ଏହିପରି ଭାବରେ ସେ ଅହେମଦିୟତ୍ ସ୍ୱୀକାର କରିନେଲେ ଏବଂ ପୁନଶ୍ଚ ଯେଉଁଭଳି ଭାବରେ ନିଜର ବୃତ୍ତାନ୍ତ ବର୍ଣ୍ଣନା କଲେ ଯେ, 2010 ମସିହାରେ ଆସି ସେ ନିୟମିତ ବୈଅତ୍ କରିନେଲେ । ସେ କୁହନ୍ତି ଯେ, "ମୋ ମଧ୍ୟରେ ଯେଉଁ ଭାବାବେଗ ନିହିତ ରହିଛି ମୋ ତୁଣ୍ଡ ସେହି ଭାବାବେଗକୁ ବ୍ୟକ୍ତ କରିବା ନିମନ୍ତେ ଅକ୍ଷମ । କାରଣ ଅହେମଦିୟତ୍ ମୋତେ ଯେଉଁ ଆଲୋକ ପ୍ରଦାନ କଲା ମୋର ହୃଦୟ ସେହି ସମସ୍ତ ଶବ୍ଦକୁ ମୁଁ ଅଧିକ ବୋଲି ଅନୁଭବ କରୁଛି । ବର୍ତ୍ତମାନ ମୁଁ ସେହି ଶବ୍ଦକୁ ଉଚ୍ଚାରଣ କରି ପାରୁଛି ଅତ୍ୟନ୍ତ ନିଷ୍ଠା ଓ ବିଶ୍ୱସ୍ତତା ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ । ସେ କୁହନ୍ତି ଯେ, ସେ ମୋର (ହୁଜୁର ଅନୱର୍ ଅ.ବଙ୍କ) ଖୁତବା ଏବଂ ଉଦ୍‌ବୋଧନକୁ ନିଜର ହୃଦୟ ଏବଂ ନିଜର ଆତ୍ମା ମଧ୍ୟ ଦେଇ ଅତିକ୍ରମ କରାଉଛନ୍ତି । ମୁଁ ଯେତେବେଳେ ହୁଜୁର ଅନୱର୍ ଅ.ବଙ୍କ ଖୁତବା ଧ୍ୟାନପୂର୍ବକ ଶୁଣେ ସେତେବେଳେ ମୋତେ ମୌଖିକ ରୂପେ ସବୁ ମନେ ପଡ଼ିଯାଏ । ମୁଁ ଭାବୁଛି ଯେ, ସଂସାରରେ ତିଷ୍ଠିବା ଏବଂ ସଂସାରରେ ସମାନତାର ଅଧିକାର ଉପଲବ୍ଧ କରାଇବା ଜମାଅତ୍ ଅହେମଦିୟା ସହିତ ସଂଶ୍ଳିଷ୍ଟ ଅଟେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ବିଗତ ବର୍ଷ ଜଲ୍‌ସା ସାଲାନାରେ ଅଟକିବା ଏବଂ ରହିବା ତାଙ୍କ ପକ୍ଷେ ସହଜ ସାଧ୍ୟ ନଥିଲା । ସେ କହିଲେ, ତୁର୍କମାନିସ୍ତାନ୍‌ରେ ଘରେ ଏକ ବିବାହ ଉତ୍ସବ ଅଛି । ତହିଁରେ ସମସ୍ତ ସଂପର୍କୀୟମାନେ ଉପସ୍ଥିତ ଅଛନ୍ତି । ଘରର ମୁରବି ହିସାବରେ ମୋତେ ସେଠି ଉପସ୍ଥିତ ରହିବା ଉଚିତ୍ ଅଟେ । କିନ୍ତୁ ମୁଁ ଭାବୁଛି ଯେ, ମୋ ପାଇଁ ବର୍ତ୍ତମାନ ପବିତ୍ର କୁରଆନ୍ କରୀମ୍‌ର ତୁର୍କମାନିସ୍ତାନୀ ଭାଷାରେ ଅନୁବାଦ କାର୍ଯ୍ୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ଉକ୍ତ କାର୍ଯ୍ୟକୁ ବାଦ୍ ଦେଲେ ମୋ ପାଇଁ ଅନ୍ୟ କୌଣସି କାର୍ଯ୍ୟ ମହତ୍ତ୍ୱପୂର୍ଣ୍ଣ ଓ ଆବଶ୍ୟକୀୟ ନୁହେଁ । ମୋ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା ମୁଁ ପବିତ୍ର କୁରଆନ୍ କରୀମ୍‌ର ସେବା କରିବି ।

ହୁଜୁର ଅନ୍‌ୱର ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସ୍ୱର୍ଗତଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ସ୍ତରକୁ ବୈକୁଣ୍ଠରେ ଉନ୍ନୀତ କରନ୍ତୁ । ଆମିନ୍ ।

ସେହିପରି ସ୍ୱର୍ଗତଙ୍କ ସନ୍ତାନ ସନ୍ତତିଙ୍କୁ ମଧ୍ୟ ଅହେମଦିୟତ୍ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦିଓ ସ୍ୱର୍ଗତଙ୍କ ସନ୍ତାନ ସନ୍ତତିମାନେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦଙ୍କ ବୈଅତ୍ କରି ନାହାନ୍ତି ତେବେ ସେମାନଙ୍କୁ ଅଲ୍ଲାଃତାଲା ବୈଅତ୍ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।** ସେମାନଙ୍କୁ ବୈଅତ୍‌କୁ କାର୍ଯ୍ୟକାରୀ କରିବା ନିମନ୍ତେ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ ଜୁମା ପରେ ମୁଁ ମୃତକମାନଙ୍କର ନମାଜ ଯନାଜାଃ ପାଠ କରାଇବି ।

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 3 ଜାନୁୟାରୀ, 2025 ମସିହା, ପୃ-2-6)**

☆ ☆ ☆

## ଉର୍ଦ୍ଦୁ ନଜମ୍ ହ. ମୁସଲେହ୍ ମଉଦ୍ ର.ଅ

یُوں اندھیری رات میں اى چاند تو چمکا نہ کر
حَشر اک سیمیں بدن کی یاد میں برپا نہ کر

کیا لبِ دریا میری بے تبیاں کافی نہیں
تُو جگر کو چاک کر کے اپنے یُوں تڑپا نہ کر

دُور رہنا اپنے عاشق سے نہیں دیتا ہے زیب
آسماں پر بیٹھک کر تُو یُوں مجھے دیکھا نہ کر

عکس تیرا چاند میں دیکھ یُوں کیا عیب ہے
آگے آگے چاند کی مانند تُو بھاگا نہ کر

اے شُعاعِ نُور یُوں ظاہر نہ کر میرے عُیوب
غیر ہیں چاروں طرف ان میں مُجھے رُسوا نہ کر

ہے محبّت ایک پاکیزہ اَمانت اے عزیز
عِشق کی عزّت ہے واجب عِشق سے کھیلا نہ کر

ہے عمل میں کامیابی موت میں ہے زندگی
جا لِپٹ جا لہر سے دریا کی کچھ پروا نہ کر

☆ ☆ ☆

## ପୃ-2ର ବର୍ଣ୍ଣିତ ଭାଷଣର ଅବଶିଷ୍ଟାଂଶ.....

ଅବଗତ ହୋଇଥିବ ଏବଂ ବିଭିନ୍ନ ମାନବିକ ସ୍ତରୀୟ ସ୍ୱଭାବ ଓ ଆଚରଣ ଉପରେ ସୁଦୂରପ୍ରସାରୀ ଗଭୀର ଦୃଷ୍ଟି ରଖୁଥିବ ଏବଂ ଏତଦ୍‌ଭିନ୍ନ ସେ ଜଣେ ଆଧ୍ୟାତ୍ମିକ ଅଭିଜ୍ଞ ବ୍ୟକ୍ତି ଓ ଅସ୍ତିତ୍ୱ ହୋଇଥିବ । ଏହି ସମସ୍ତ ସୁଗୁଣାବଳୀଗୁଡ଼ିକ ଆପଣଙ୍କ ଅସ୍ତିତ୍ୱରେ ଏକତ୍ରିତ ଥିଲା ଏବଂ ଆପଣଙ୍କ ପବିତ୍ର ସ୍ୱଭାବ ହିଁ ଉକ୍ତ ବ୍ୟବସ୍ଥାକୁ ଜନ୍ମ ଦେଲା ଯାହା ଆଜି ନିଜାମେ ଜମାଅତ୍ ଅହେମଦିୟା ରୂପେ ଅତ୍ୟନ୍ତ ଦୃଢ଼ ରୂପେ ସମଗ୍ର ବିଶ୍ୱରେ ଏକ ଆଦର୍ଶ ବ୍ୟବସ୍ଥା ରୂପେ ଉପସ୍ଥାପିତ କରାଯାଇ ପାରିବ ।

ଏକଥା ମନେରଖିବା ଉଚିତ୍ ଯେ, ସମସ୍ତ ବ୍ୟବସ୍ଥାପିକା ଏବଂ ସର୍ବୋଚ୍ଚ କ୍ଷମତାର ଅଧିକାରୀ ହେଉଛନ୍ତି ଉପସ୍ଥିତ ଖଲିଫା । ବିଶ୍ୱବ୍ୟାପୀ ଜମାଅତ୍ ଅହେମଦିୟାର ଶାଖା ଗ୍ରାମାଞ୍ଚଳରୁ ଏବଂ ସହରରୁ ବାହାରି ଜିଲ୍ଲା ପର୍ଯ୍ୟନ୍ତ, ପୁନଶ୍ଚ ଜିଲ୍ଲାରୁ ପ୍ରଦେଶ ଓ ପୁନଶ୍ଚ ପ୍ରଦେଶରୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ବ୍ୟାପୀ ଯାଇଛି । ଏହିସବୁ ଜମାଅତ୍‌ଗୁଡ଼ିକ ଜପ ମାଳା ପରି ଏକ ଦୃଢ଼ ଏବଂ ଗୋଟିଏ ଡୋରରେ ସଂଶ୍ଳିଷ୍ଟ (ଗୁନ୍ଥି ହୋଇ) ରହିଛନ୍ତି । ଯେଉଁ ସ୍ଥାନରେ ବି 3 କିମ୍ବା 3ରୁ ଅଧିକ ବ୍ୟକ୍ତିମାନେ ଥାଆନ୍ତି ସେଠାରେ ନିୟମିତ ଏକ ଜମାଅତ୍ ସ୍ଥାପନ କରିଦିଆ ଯାଇଥାଏ । ପରିସ୍ଥିତି ଅନୁକୂଳ ନାମ ପଞ୍ଜିକୃତ କିମ୍ବା ନିର୍ବାଚନ କରାଯାଇ ସେହି ସ୍ଥାନରେ ଜମାଅତୀୟ ବ୍ୟବସ୍ଥା ସ୍ଥାପନ କରି ଦିଆଯାଇଥାଏ । ବଡ଼ ବଡ଼ ଜମାଅତମାନଙ୍କରେ ଅମୀର୍ ବ୍ୟବସ୍ଥା ସ୍ଥାପନ କରାଯାଇଥାଏ । ଏହି ଦୃଷ୍ଟିରୁ ପ୍ରତ୍ୟେକ ସ୍ଥାନୀୟ ଜମାଅତ୍‌ର ସଦର କିମ୍ବା ଅମୀରେ ଆଲା ସର୍ବୋଚ୍ଚ ପଦାଧିକାରୀ ହୋଇଥାଆନ୍ତି । ପୁନଶ୍ଚ ଜିଲ୍ଲା କିମ୍ବା ପ୍ରଦେଶର ଜମାଅତ୍‌ରେ ଗୋଟିଏ ଗୋଟିଏ ଅମୀର ସାହେବ ଥାଆନ୍ତି । ପୁନଶ୍ଚ ଏହାର ଉର୍ଦ୍ଧ୍ୱରେ ଅର୍ଥାତ୍ ଜାତୀୟ ସ୍ତରରେ ଏକ ଜାତୀୟ ଅମୀର ହୋଇଥାଆନ୍ତି ଯାହାଙ୍କୁ ନାଜିର୍ ଆଲେ କୁହାଯାଏ । ଏତଦ୍‌ଭିନ୍ନ ଜମାଅତୀୟ ବ୍ୟବସ୍ଥାର ବିଭିନ୍ନ ବିଭାଗଗୁଡ଼ିକ ରହିଛି । ସେହି ବିଭାଗର ବିଭାଗୀୟ ଅଧିକାରୀ ଏବଂ ନିରୀକ୍ଷକ, ସେକ୍ରେଟାରୀ ଜାଏଦାଦ୍, ସେକ୍ରେଟାରୀ ଜିୟାଫତ୍ (ଅତିଥି ସତ୍କାରକ ସଚିବ) ଇତ୍ୟାଦି ଅଧିକାରୀମାନେ ଥାଆନ୍ତି । ଏହି ସମସ୍ତ ପଦାଧିକାରୀମାନେ ନିର୍ବାଚନ ମାଧ୍ୟମରେ କିମ୍ବା କେତେକ ପରିସ୍ଥିତିରେ ନାମାଙ୍କନ ପ୍ରକ୍ରିୟା ମାଧ୍ୟମରେ ନିଯୁକ୍ତ କରାଯାଇ କେବଳ ସ୍ୱେଚ୍ଛାସେବୀ ସ୍ୱରୂପ ନିଷ୍ଠା ଏବଂ ବଳିଦାନର ସହିତ ଜମାଅତ୍‌ର ସେବା ସମ୍ପାଦନ କରିବାରେ ଆନନ୍ଦ ଅନୁଭବ କରିଥାଆନ୍ତି । ଏହି ସ୍ଥାନୀୟ ଜିଲ୍ଲା ଏବଂ ପ୍ରାଦେଶିକ ଓ ଜାତୀୟ ସ୍ତରୀୟ ପଦାଧିକାରୀମାନଙ୍କ ବ୍ୟତୀତ ଉପସ୍ଥିତ ଖଲିଫାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିମ୍ନ ଲିଖିତ ପ୍ରମୁଖ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟ କରିଥାଆନ୍ତି ।

**ସଦର ଅଞ୍ଜୁମନ୍ ଅହେମଦିୟା:**

ଉକ୍ତ ଅନୁଷ୍ଠାନ ହେଉଛି ଜମାଅତ୍ ଅହେମଦିୟାର ସର୍ବ ବୃହତ ଅନୁଷ୍ଠାନ ଏବଂ ପ୍ରମୁଖ ଅନୁଷ୍ଠାନ ଅଟେ । ଉକ୍ତ ଅନୁଷ୍ଠାନକୁ ହ. ମସିହ୍ ମଉଦ୍ ଅ.ସ ନିଜ ଜୀବନରେ ହିଁ ସ୍ୱହସ୍ତରେ ସ୍ଥାପନ କରିଥିଲେ । ପ୍ରାରମ୍ଭିକ କାଳରେ ଉକ୍ତ ବିଭାଗର ଏହାର ଉକ୍ତ ସ୍ଥିତି ଏବଂ ରୂପରେଖ ନଥିଲା ବରଂ ବିଭିନ୍ନ ସ୍ତର ମଧ୍ୟ ଦେଇ ଅତିକ୍ରମ କରିବା ପରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ କାଳରେ ଉକ୍ତ ଅନୁଷ୍ଠାନ ଧୀରେ ଧୀରେ ଅଧୁନା ରୂପ ଅବଲମ୍ବନ କରିଛି । ଜମାଅତ୍‌ର ବାଧ୍ୟତାମୂଳକ ଚାନ୍ଦା ବ୍ୟବସ୍ଥା ଏବଂ ସମସ୍ତ ସାଂସ୍କାରିକ, ଶିକ୍ଷିକ, ପ୍ରଚାରିକ ଓ ଉନ୍ନୟନମୂଳକ ତଥା ଜନହିତକର କାର୍ଯ୍ୟଗୁଡ଼ିକ ଉକ୍ତ ବିଭାଗ ଅର୍ଥାତ୍ ସଦର୍ ଅଞ୍ଜୁମନ ଅହେମଦିୟା ଅନ୍ତର୍ଗତ କାର୍ଯ୍ୟକାରୀ ହୋଇଥାଏ । ଉକ୍ତ ବିଭାଗ ଅର୍ଥାତ୍ ସଦର୍ ଅଞ୍ଜୁମନ ଅହେମଦିୟା ଅଧୀନ ଅନେକ କାର୍ଯ୍ୟାଳୟ, ମନ୍ତ୍ରାଳୟ ରହିଛନ୍ତି । ପ୍ରତ୍ୟେକ ମନ୍ତ୍ରାଳୟର ସର୍ବୋଚ୍ଚ ପଦାଧିକାରୀ ଅର୍ଥାତ୍ 'ନାଜିର' (ଓଡ଼ିଆରେ ପ୍ରକାନ୍ତରେ ଆମେମାନେ ନାଜର୍ ବୋଲି କହିଥାଉ) ବୋଲାଇଥାଏ । ଉଦାହରଣ ସ୍ୱରୂପ ନାଜିର୍ ବୈତୁଲ୍ ମାଲ୍ ଆମଦ ଓ ଖର୍ଚ୍ଚ, ନାଜିର୍ ଉମୁରେ ଆମ୍ମା ଇତ୍ୟାଦି । ସଂପୂର୍ଣ୍ଣ ଅଞ୍ଜୁମନ୍‌ର ନିରୀକ୍ଷକ **"ନାଜିରେ ଆଲା"** ବୋଲାଇ ଥାଆନ୍ତି । ଅର୍ଥାତ୍ ସଂପୂର୍ଣ୍ଣ ଅଞ୍ଜୁମନ୍‌ର ପ୍ରମୁଖଙ୍କୁ ନାଜିରେ ଆଲେ ବୋଲି କୁହା ଯାଇଥାଏ ।

ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଏହି ପନ୍ଥା ବା କାର୍ଯ୍ୟଶୈଳୀ ରହିଥିଲା ଯେ, ଆପଣ ର.ଅ ଦୈନନ୍ଦିନ ବ୍ୟବସ୍ଥାପିକା ପ୍ରସଙ୍ଗରେ ନାଜିରମାନଙ୍କୁ ଡକାଇ ସିଧାସଳଖ ସେମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରୁଥିଲେ ଏବଂ ସେମାନଙ୍କର କାର୍ଯ୍ୟକୁ ସ୍ୱୟଂ ତଦାରଖ କରୁଥିଲେ । କିନ୍ତୁ ଏତଦ୍‌ଭିନ୍ନ ଜମାଅତୀୟ ସଂସ୍କାର ସକାଶେ ବେଳେବେଳେ ଆପଣ ପବ୍ଲିକ୍ ଭାଷଣ ପ୍ରଦାନ କରି ନାଜିର୍‌ମାନଙ୍କର ମାର୍ଗଦର୍ଶନ କରିଥାଆନ୍ତି । ଅର୍ଥାତ୍ ଜମାଅତ୍ ମଧ୍ୟ ବ୍ୟବସ୍ଥାପିକା ବ୍ୟବସ୍ଥାର ପନ୍ଥା ପ୍ରତି ଅବଗତ ହୋଇଯାଉ ଓ ଭବିଷ୍ୟତରେ ଜମାଅତ୍‌କୁ ସଂସ୍କାରପ୍ରାପ୍ତ କର୍ମଚାରୀ ଉପଲବ୍ଧ ହେବାରେ ଉକ୍ତ ମାର୍ଗଦର୍ଶନ ସହାୟକ ହୋଇ ପାରିବ ।

ଉପସ୍ଥିତ ଖଲିଫା ବ୍ୟବସ୍ଥାପିକାର ପ୍ରମୁଖ ସର୍ବୋଚ୍ଚ ଅଧିକାରୀ ଅଟନ୍ତି । ସେ ଯେଉଁଠି ନୈତିକତାପୂର୍ଣ୍ଣ ଅବା ବେଳେବେଳେ ବିସ୍ତୃତ ତଥା ସମ୍ୟକ ମାର୍ଗଦର୍ଶନ ପ୍ରଦାନ କରୁଥିଲେ । ସେଠାରେ ବେଳେବେଳେ କାର୍ଯ୍ୟର ତଦାରଖ ଓ ସମୀକ୍ଷା ମଧ୍ୟ କରୁଥିଲେ । କେତେବେଳେ ଆପଣ ର.ଅ ବିନମ୍ରତାର ସହିତ, ତ' ଆଉ କେତେବେଳେ କାରଣ ଦର୍ଶାଅ, ତ' ଆଉ କେତେବେଳେ ହୃଦୟକୁ ଜିଣି ନେବା ଭଳି ବ୍ୟବସ୍ଥାପିକ ଅଧିକାରୀ ଏବଂ କର୍ମଚାରୀବୃନ୍ଦଙ୍କର ତ୍ରୁଟି ସଂଶୋଧନ କରୁଥିଲେ । ସେହିପରି ଆପଣ ର.ଅ କ୍ଷମା ସମୟରେ କର୍ମଚାରୀଙ୍କ ଦୋଷକୁ କ୍ଷମା କରି ଦେଉଥିଲେ । କ୍ଷମା କରିବା ସମୟରେ ଆପଣଙ୍କ ଭଙ୍ଗୀ ଅତ୍ୟନ୍ତ **(ଅବଶିଷ୍ଟାଂ.......ପୃ-18ରେ)**

## ପୃ-17ର ବର୍ଣ୍ଣିତ ଭାଷଣର ଅବଶିଷ୍ଟାଂଶ.....

ପ୍ରେମପୂର୍ଣ୍ଣ ଏବଂ ଉତ୍ତମ ହେଉଥିଲା । ବେଳେବେଳେ ଆପଣ କର୍ମଚାରୀଙ୍କ ଦୋଷକୁ ଦେଖି ଅବଚେତନ ଅର୍ଥାତ୍ କିଛି ନଦେଖିବା ଭଳି ଆଖି ବନ୍ଦ କରି ନେଉଥିଲେ । ଯେତେବେଳେ ଆପଣ କୌଣସି କର୍ମଚାରୀକୁ ଧର୍ ପକଡ଼ କରୁଥିଲେ ସେତେବେଳେ ଅତ୍ୟନ୍ତ ସୂକ୍ଷ୍ମ ଦୃଷ୍ଟିର ସହିତ ବ୍ୟବସ୍ଥାପିକାର ଦୋଷ ଦୁର୍ବଳତାକୁ ପଦାକୁ ଆଣୁଥିଲେ। ଯଦିଓ ସାଧାରଣ କର୍ମଚାରୀଙ୍କ ନିମନ୍ତେ ଦୈନନ୍ଦିନ କାର୍ଯ୍ୟାଳୟ ସମୟ ନିର୍ଦ୍ଧାରିତ ହୋଇଥିଲା । କିନ୍ତୁ ଅତି ଗୁରୁତ୍ୱପୂର୍ଣ୍ଣ ତଥା ଆବଶ୍ୟକ ସମୟରେ ଆପଣ କାର୍ଯ୍ୟାଳୟର ସମୟକୁ ମଧ୍ୟ ଧ୍ୟାନ ଦେଉ ନଥିଲେ । ଆପଣ ର.ଅ ପ୍ରତ୍ୟେକ କର୍ମଚାରୀ ଠାରୁ ଏହି ଆଶା କରୁଥିଲେ ଯେ, ସେମାନେ 24 ଘଣ୍ଟା ପର୍ଯ୍ୟନ୍ତ ଉପସ୍ଥିତ ରହିବା ନିମନ୍ତେ ପ୍ରସ୍ତୁତ ରୁହନ୍ତୁ । ଯେଉଁଠି ଆପଣ ର.ଅଙ୍କ ବ୍ୟକ୍ତିଗତ ପ୍ରସଙ୍ଗ ଓ ପ୍ରଶ୍ନ ରହିଥିଲା ସେଠାରେ ଆପଣ ର.ଅ କାର୍ଯ୍ୟାଳୟ ସମୟକୁ ବାଦ୍ ଦେଲେ ଦିବାରାତ୍ର ସମର୍ପିତ ଥିଲେ । ଏପର୍ଯ୍ୟନ୍ତକି ଆପଣ ଅନେକ ସମୟରେ ଜମାଅତ୍‌ର କାର୍ଯ୍ୟ ନିମନ୍ତେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ପ୍ରାୟ ପ୍ରତି ଦିନ ଆପଣ 16 ଘଣ୍ଟା ପର୍ଯ୍ୟନ୍ତ କାମ କରିବା ଆପଣ ର.ଅଙ୍କ ଅଭ୍ୟାସ ରହିଥିଲା । ନିଜର ଅଧିନସ୍ତ କର୍ମଚାରୀବୃନ୍ଦମାନଙ୍କ ଠାରୁ ଆପଣ ର.ଅ ଏହିପରି ପରିଶ୍ରମର ଆଶା କରୁଥିଲେ । ସୁତରାଂ ଯେତେବେଳେ ବି ଜମାଅତ୍‌ର ସ୍ୱାର୍ଥର ଆବଶ୍ୟକତା ପଡ଼ୁଥିଲେ ସେତେବେଳେ ଆପଣ ସମୟକୁ ଦୃଷ୍ଟି ନଦେଇ ସଂପୃକ୍ତ ଅଫିସରମାନଙ୍କୁ ସ୍ମରଣ (ମନେ ପକାଉଥିଲେ)କରୁଥିଲେ ଏବଂ ଆବଶ୍ୟକ ସ୍ଥଳେ ଆପଣ ସଂପୂର୍ଣ୍ଣ କାର୍ଯ୍ୟାଳୟକୁ ହିଁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଖୋଲା ରଖିବା ନିମନ୍ତେ ନିର୍ଦ୍ଦେଶ ଦେଉଥିଲେ । ଏଭଳି ସ୍ଥିତିରେ ବେଳେବେଳେ କାର୍ଯ୍ୟାଳୟ 22-24 ଘଣ୍ଟା ପର୍ଯ୍ୟନ୍ତ ଖୋଲା ରହୁଥିଲା । ଏବଂ ବେଳେବେଳେ ଉକ୍ତ ପରମ୍ପରାଟି ପରିସ୍ଥିତି ମୁତାବକ ଅନେକ ସପ୍ତାହ ପର୍ଯ୍ୟନ୍ତ ନୁହେଁ ବରଂ ମାସ ମାସ ପର୍ଯ୍ୟନ୍ତ ଜାରି ରହୁଥିଲା । କର୍ମଚାରୀବୃନ୍ଦଙ୍କ ପାଳି କରି ଡିୟୁଟି ଲଗାଇ ଦିଆଇଯାଉଥିଲା । କିନ୍ତୁ ପ୍ରାୟତଃ ନାଜିରମାନଙ୍କୁ ସବୁବେଳେ ଉପସ୍ଥିତ ରହିବା ନିମନ୍ତେ ହୁଜୁର ର.ଅ କହୁଥିଲେ । ସୁତରାଂ ବେଳେବେଳେ ନାଜିର ସାହେବାନ୍‌ମାନେ ନିଜର ସମସ୍ତ ଜିନିଷ ପତ୍ର ଆଣି କାର୍ଯ୍ୟାଳୟରେ ରଖି ଦେଇ କାର୍ଯ୍ୟାଳୟରେ ହିଁ ରହୁଥିଲେ ଏବଂ ପରିସ୍ଥିତି ଅନୁଯାୟୀ ଯେପର୍ଯ୍ୟନ୍ତ ସେହି ନାଜିର୍‌ମାନେ ଘରକୁ ଆସୁ ନଥିଲେ ସେପର୍ଯ୍ୟନ୍ତ ସେମାନେ ଘରର ଖୋଜ ଖବର କିଛି ରଖୁ ନଥିଲେ ।

**ତେହ୍‌ରିକେ ଜଦିଦ୍ ଅଞ୍ଜୁମନ୍ ଅହେମଦିୟା:**

ହ. ମୁସ୍‌ଲେହ୍ ମଉଦ୍ ର.ଅ 1934 ମସିହାରେ ବିଦେଶରେ ଇସ୍‌ଲାମ୍ ଧର୍ମର ଧର୍ମ ପ୍ରଚାର ଏବଂ ପ୍ରକାଶନ ଉଦ୍ଦେଶ୍ୟରେ ଏକ ନୂତନ ଆର୍ଥିକ ଆହ୍ୱାନ ଯାହାର ନାମ "ତେହ୍‌ରିକେ ଜଦିଦ୍" ଅଟେ ଜାରି କରିଥିଲେ । ଉକ୍ତ ଆହ୍ୱାନରେ ଏକତ୍ରିତ ହେଉଥିବା ଚାନ୍ଦାର ଅର୍ଥ ଏବଂ ୱାକ୍‌ଫିନେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଆଦିଙ୍କ ବ୍ୟବସ୍ଥା ଓ ବିଦେଶରେ ପ୍ରଚାର ବ୍ୟବସ୍ଥାର ନିରୀକ୍ଷଣ ନିମନ୍ତେ ଅଞ୍ଜୁମନ୍ "ତେହ୍‌ରିକେ ଜଦିଦ୍" ଅନୁଷ୍ଠାନ ଅଧୀନ ବିଭିନ୍ନ ବିଭାଗ ସ୍ଥାପନ କରାଯାଇଛି । ପ୍ରତ୍ୟେକ ବିଭାଗର ବିଭାଗୀୟ ମୁଖ୍ୟଙ୍କୁ "ୱକିଲ୍"ବୋଲି କୁହାଯାଏ । ଉଦାହରଣ ସ୍ୱରୂପ ୱକିଲୁତ୍ ତାଲିମ୍, ୱକିଲୁତ୍ ତବ୍‌ଶିର୍, ୱକିଲୁଲ୍ ମାଲ୍ ଇତ୍ୟାଦି । ସେହିପରି ଉକ୍ତ ଅଞ୍ଜୁମନ୍‌ର ସର୍ବୋଚ୍ଚ ନିରୀକ୍ଷକଙ୍କୁ "ୱକିଲୁଲ୍ ଆଲା" କୁହାଯାଏ ।

ଶ୍ରୋତାମଣ୍ଡଳୀମାନେ ! ତେହ୍‌ରିକେ ଜଦିଦ୍‌ର ଚର୍ଚ୍ଚା ସହିତ ମଜ୍‌ଲିସେ ଏହାରାରର ସଂକ୍ଷିପ୍ତ ଚର୍ଚ୍ଚା ମଧ୍ୟ ଉଚିତ୍ ବୋଲି ମନେ ହେଉଛି । ଏହରାର୍‌ମାନେ 1934 ମସିହାରେ ଜମାଅତ୍‌ର ଘୋର ବିରୋଧ କରୁଥିଲେ ଏବଂ ସମଗ୍ର ଭାରତବର୍ଷରେ ମୁସଲମାନମାନଙ୍କୁ ଉସ୍‌କାଇଲେ ଏବଂ ଜମାଅତ୍ ବିରୁଦ୍ଧରେ ଏପରି ଆନ୍ଦୋଳନ କଲେ ଯେ, ପ୍ରଭୁଙ୍କ ଶରଣ ଭିକ୍ଷା କରି ଆମେ ତ୍ରାହିମାମ୍ ଡାକୁଛୁ । ଅତଏବ୍ ମଜ୍‌ଲିସେ ଏହରାର୍ ଏହି ଘୋଷଣା କଲା ଯେ, ଆମେମାନେ ଗୋଟିଏ ବର୍ଷ ପାଇଁ ଉକ୍ତ ଅଙ୍ଗୀକାର କରିନେଇଛୁ ଯେ, ନା ଚମାରମାନଙ୍କୁ (ମୋଚୀ) ନା ହିନ୍ଦୁମାନଙ୍କୁ, ନା ଶିଖ୍‌ମାନଙ୍କୁ ଓ ନା ହିଁ ଆମେମାନେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କୁ ତବ୍‌ଲିଗ୍ କରିବୁ ଓ ନା ହିଁ ଆମେମାନେ ସେମାନଙ୍କ ନିକଟକୁ ଯିବୁ । କେବଳ ମିର୍ଜାଇୟତ୍ (ଅର୍ଥାତ୍ ଜମାଅତ୍ ଅହେମଦିୟାର) ଉନ୍ମୁଳନ (ବିନାଶ) ସାଧନ କରିବୁ ।

ଏହରାର୍‌ମାନେ ଜମାଅତ୍ ଅହେମଦିୟା ଉପରେ ଏଭଳି ଦୋଷାରୋପଣ ଏବଂ ଲାଞ୍ଛନ ଲଗାଇଲେ ଯେ, ତହିଁରୁ ମୁସଲମାନମାନଙ୍କୁ ଧୋକା ଦିଆଯାଇ ପାରିବ ଯେ, ଜମାଅତ୍ ଅହେମଦିୟା ଇସ୍‌ଲାମ୍ ଧର୍ମର ଏବଂ ଦେଶର ଶୁଭେଚ୍ଛୁ ନୁହେଁ । ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ଅତ୍ୟନ୍ତ ଧୈର୍ଯ୍ୟ, ସାହାସ, ଦୃଢ଼ ସଂକଳ୍ପର ସହିତ ସେମାନଙ୍କର ବାହ୍ୟ ଆରୋପ ଏବଂ ଲାଞ୍ଛନର ଉତ୍ତର ପ୍ରଦାନ କଲେ ନାହିଁ ବରଂ ସେମାନଙ୍କୁ ମୁବାହିଲା ନିମନ୍ତେ ଡାକିଲେ । କାରଣ ସତ୍ୟ ଓ ଅସତ୍ୟ ମଧ୍ୟରେ ପ୍ରଭେଦ ସୃଷ୍ଟି ହୋଇଯାଉ । କିନ୍ତୁ ସେମାନେ ପଳାୟନ କଲେ । ଏହି ଏହାରାରୀମାନଙ୍କର ମୁବାହିଲାରୁ ପଳାୟନ କରିବା ଏତେ ସ୍ପଷ୍ଟ ଥିଲା ଯେ, ଏହା ସେମାନଙ୍କ ନିମନ୍ତେ ଦୁର୍ବଳତା ହୋଇଗଲା । ଉକ୍ତ ଦୁର୍ବଳତା ଉପରେ ବ୍ୟଙ୍ଗ କରି ଜଣେ ବିଖ୍ୟାତ ସାମ୍ବାଦିକ ଉଲ୍ଲେଖ କରନ୍ତି: "ମୁଁ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ନୁହେଁ ଯିଏ ମୁବାହିଲାର ଅହ୍ୱାନ ଶୁଣି ଏହରାର୍ ମାର୍ଗଦର୍ଶମାନଙ୍କ ଶରୀର ଶିହରି ହୋଇ ଉଠେ ।"

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ଜମାଅତ୍‌କୁ ଆଶ୍ୱସ୍ତ ପ୍ରଦାନ କରି କହିଲେ: "ତୁମେମାନେ ଏହାରର୍‌ମାନଙ୍କ ଉପଦ୍ରବରୁ ଭୟଭୀତ ହୁଅ ନାହିଁ । ମୁଁ ସେମାନଙ୍କ ପରାଜୟ ନିକଟବର୍ତ୍ତୀ ବୋଲି ଦେଖୁଅଛି ।"

ଏକ ପାର୍ଶ୍ୱରେ ମଜ୍‌ଲିସେ ଏହରାର୍ ଜମାଅତ୍‌କୁ ନିଶ୍ଚିହ୍ନ କରିଦେବା ନିମନ୍ତେ ଦାବି କରୁଥିଲା ଅନ୍ୟ ପଟେ ଇସ୍‌ଲାମ୍ ଧର୍ମର ପହିଲମାନ ଇସ୍‌ଲାମ୍ ଧର୍ମକୁ ପୃଥିବୀର କୋଣ ଅନୁକୋଣ (ପ୍ରତ୍ୟେକ ପ୍ରାନ୍ତରେ) ପର୍ଯ୍ୟନ୍ତ ପହଞ୍ଚାଇ ଦେବା ନିମନ୍ତେ ନିଜର ଶରୀର, ଶ୍ରମ ଓ ଧନକୁ ଉତ୍ସର୍ଗ କରିଦେଇଥିଲା ।

ତେହ୍‌ରିକେ ଜଦିଦ୍‌ର ସଫଳତାର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଇତି ମଧ୍ୟରେ ତେହ୍‌ରିକ ଜଦିଦ୍ ଅଧୀନ ଆମର ମୁବଲ୍ଲିଗିନ୍‌ମାନେ ଜାପାନ ଗଲେ। ତେହ୍‌ରିକେ ଜଦିଦ୍ ଅନ୍ତର୍ଗତ ଆମର ମୁବଲ୍ଲିଗ୍‌ମାନେ ଚୀନ୍, ସୁମାତ୍ରା ଓ ଜାଭା ଆଦି ଦ୍ୱୀପକୁ ଗଲେ ଉକ୍ତ ତେହ୍‌ରିକ୍ ଅନ୍ତର୍ଗତ ଆମର ମୁବଲ୍ଲିଗ୍‌ମାନେ ସ୍ପେନ୍, ଇଟାଲୀ, ହଙ୍ଗେରୀ, ପୋଲାଣ୍ଡ, ଆଲ୍‌ବାନିୟା, ଚେକୋସ୍ଲୋଭାକିୟା ଓ ଆମେରିକା ପ୍ରଭୃତି ରାଷ୍ଟ୍ରମାନଙ୍କୁ ଗଲେ । ଏହି ମୁବଲ୍ଲିଗ୍‌ମାନେ ଆଫ୍ରିକାର କେତେକ ଉପକୂଳବର୍ତ୍ତୀ ଅଞ୍ଚଳକୁ ମଧ୍ୟ ଗମନ କଲେ । ଏହି ମୁବଲ୍ଲିଗିନ୍‌ମାନଙ୍କ ମାଧ୍ୟମରେ ଅଲ୍ଲାଃତାଲାଙ୍କ କୃପାରୁ ସହସ୍ର ସହସ୍ର ଲୋକମାନେ ଜମାଅତ୍ ଅହେମଦିୟାରେ ପ୍ରବିଷ୍ଟ ହେଲେ ।"

**(ଅଲ୍ ଫଜଲ୍ ନଭେମ୍ବର ମାସ 28 ତାରିଖ, 1944 ମସିହା)**

ଆଜି ଅଲ୍ଲାଃତାଲାଙ୍କ କୃପାରୁ 200ରୁ ଉର୍ଦ୍ଧ୍ୱ ରାଷ୍ଟ୍ରମାନରେ ଅହେମଦିୟତ୍‌ର ବୃକ୍ଷ (ଚାରା) ରୋପଣ କରାଯାଇ ସାରିଛି । ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଭବିଷ୍ୟବାଣୀ ଅନୟାୟୀ ପରେ ଏହାରାର୍‌ମାନେ ଖୁବ୍ ତିରସ୍କୃତ ହେଲେ । ସମସ୍ତେ ସେମାନଙ୍କୁ ଏକମତ ହୋଇ ଇସ୍‌ଲାମ୍ ଧର୍ମର ବିଦ୍ରୋହୀ ବୋଲି ବିବେଚନା କଲେ । ସେମାନଙ୍କ ନିଜ ମତାବଲମ୍ବୀମାନେ ଅର୍ଥାତ୍ ଦିଓବନ୍ଦ୍ ଭଳି ଶିକ୍ଷାନୁଷ୍ଠାନ ସେମାନଙ୍କ ସଂକ୍ରାନ୍ତରେ ଯେଉଁ କବିତା ଉଲ୍ଲେଖ କରିଛନ୍ତି ତାହା ନିମ୍ନରେ ପ୍ରଦାନ କରାଗଲା ।

اللہ کے قانون کی پہچان سے بیزار
اسلام اور ایمان اور احسان سے بیزار
ناموسِ پیغمبر کے نگہبان سے بیزار
کافر سے موالات مسلمان سے بیزار
اور اس پہ یہ دعویٰ کہ ہیں اسلام کے احرار
احرار کہاں ہیں یہ ہیں اسلام کے غدار
پنجاب کے احرار اسلام کے غدار
بیگانہ یہ بدبخت ہیں تہذیب عرب سے
ڈرتے نہیں اللہ تعالیٰ کے غضب سے
مل جائے حکومت کی وزارت کسی ڈھب سے
سرکارِ مدینہ سے نہیں ان کو سروکار
پنجاب کے احرار اسلام کے غدار

**ଉପରୋକ୍ତ ଉର୍ଦ୍ଦୁ କବିତାର ଅନୁବାଦ ହେଲା:**

ଅଲ୍ଲାଃତାଲାଙ୍କ ନିୟମ ସଂପର୍କରେ କିଛି ନଜାଣି ବିମୁଖତା (ପ୍ରଦର୍ଶନ କରିବା) ।
ଇସ୍‌ଲାମ୍ ଧର୍ମର ବିଶ୍ୱାସ ଓ ଉପକାର ପ୍ରତି ବିମୁଖତା ପ୍ରଦର୍ଶନ କରିବା ।
ଆଁହଜରତ ସ.ଅଙ୍କ ମର୍ଯ୍ୟାଦାର ଯେଉଁମାନେ ରକ୍ଷକ ଅଟନ୍ତି ସେମାନଙ୍କ ଠାରୁ ବିମୁଖତା ପ୍ରଦର୍ଶନ କରିବା ।
ଅବିଶ୍ୱାସକାରୀଙ୍କ ସହିତ ବନ୍ଧୁତ୍ୱତା ଏବଂ ମୁସଲମାନମାନଙ୍କ ପ୍ରତି ବିମୁଖତା ।
ଏହା ବାଦ୍ ପୁଣି ଦାବି କରିବା କି ହେଁ ଆମେ ଇସ୍‌ଲାମ୍‌ର ଏହରାର୍ (ଦଳ) ଅଟୁ ।
ଏହାରାରମାନେ କେଉଁଠି ଅଛନ୍ତି ? ଏ ହେଉଛନ୍ତି ଇସ୍‌ଲାମ୍ ଧର୍ମର ବିଶ୍ୱାସଘାତକ ବ୍ୟକ୍ତିମାନେ ।
ପଞ୍ଜାବର ଏହରାର୍‌ମାନେ ଇସ୍‌ଲାମ୍ ଧର୍ମର ବିଦ୍ରୋହୀ ଅଟନ୍ତି ।
ଏହି ହତଭାଗ୍ୟମାନେ ଆରବ୍ୟ ସଭ୍ୟତା ଓ ସଂସ୍କୃତି ଠାରୁ ଅନବଗତ ଅଟନ୍ତି ।
ଏମାନେ ଅଲ୍ଲାଃତାଲାଙ୍କ କୋପରୁ ଭୟଭୀତ ହୁଅନ୍ତି ନାହିଁ ।
ଏମାନଙ୍କୁ କୌଣସି ମତେ ଦେଶର ମନ୍ତ୍ରାଳୟ ମିଳିଯାଆନ୍ତା କି !
ଏମାନଙ୍କୁ ମଦିନାର ଶାସକ(ଆଁହଜରତ ସ.ଅ)ଙ୍କ ସହିତ କୌଣସି ସଂପର୍କ ନାହିଁ।
ପଞ୍ଜାବର ଏହି ଏହାରାର୍‌ମାନେ ଇସ୍‌ଲାମ୍ ଧର୍ମର ବିଶ୍ୱାସଘାତୀ ଓ ବିଦ୍ରୋହୀ ଅଟନ୍ତି ।

**ଅଞ୍ଜୁମନ୍ ଅହେମଦିୟା ୱକ୍‌ଫେ ଜଦିଦ୍ :**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଭବ୍ୟ କୃତିତ୍ୱ ମଧ୍ୟରୁ ଅନ୍ୟତମ କୃତିତ୍ୱ ହେଲା ୱକ୍‌ଫେ ଜଦିଦ୍ (ଅୟମାରମ୍ଭ) ଜାରି ହେବା । ପ୍ରାରମ୍ଭିକ ପର୍ଯ୍ୟାୟରେ ଉକ୍ତ ତେହ୍‌ରିକ୍ କେବଳ ଭାରତ ଓ ପାକିସ୍ତାନ ନିମନ୍ତେ ଉଦ୍ଦିଷ୍ଟ ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ ଖଲିଫା ହ. ମିର୍ଜା ତାହିର ଅହମଦ୍ ସାହେବ) ରହେମହୁଲ୍ଲାଃ ତାଆଲା ଅନହୁ ଉକ୍ତ ତେହ୍‌ରିକ (ଆନ୍ଦୋଳନ ବା ଆହ୍ୱାନ)କୁ ସମଗ୍ର ବିଶ୍ୱ ନିମନ୍ତେ ବ୍ୟାପକ କରିଦେଲେ । ୱକ୍‌ଫେ ଜଦିଦ୍ ସ୍ଥାପନ କରିବାର ମୂଳାଭିପ୍ରାୟ ହେଲା ଗ୍ରାମୀଣ ଜମାଅତ୍‌ମାନଙ୍କର ସଂସ୍କାର, ସୁଧାର ବା ସଂଶୋଧନ। କାରଣ ଏହି ଗ୍ରାମୀଣ ଜମାଅତ୍‌ର ମୁଖକୁ ଅଧୋଗତି ଆଡୁ ନୂତନ ଭାବରେ ଉନ୍ନତି ଆଡ଼କୁ ବୁଲାଇ ଦିଆଯାଉ । ଏହାର ସୁମିଷ୍ଟ ଫଳ ହସ୍ତଗତ ହେଲା। ସଂକ୍ଷିପ୍ତ ରୂପେ କହିବାକୁ ଗଲେ ମୁଅଲ୍ଲମିନ୍ ଏବଂ ମୁବଲ୍ଲିଗିନ୍‌ମାନଙ୍କ ମାଧ୍ୟମରେ

ଧାର୍ମିକ ଶିକ୍ଷା ଏବଂ ସଂସ୍କାର ଏବଂ ପବିତ୍ର କୁରଆନ୍ କରୀମ୍ ଶିଖିବା ଓ ଶାଖାଇବାର ଏପରି କାର୍ଯ୍ୟ ଆରମ୍ଭ କଲେ ଯେ, ସଂପୂର୍ଣ୍ଣ ଜମାଅତ୍ ଅତ୍ୟନ୍ତ ଦୃଢ ରୂପେ ଏକ ରଜ୍ଜୁ (ଡୋରରରେ) ଗ୍ରଥିତ, ବାନ୍ଧି ହୋଇ ଅନନ୍ୟ ରୂପେ ଗୋଟିଏ ପ୍ରାଣ ପାଲଟିଗଲା । ଉକ୍ତ ତେହରିକ୍‌ରୁ ଏକତ୍ରିତ ହୋଇଥିବା ଚାନ୍ଦାର ଅର୍ଥର ବ୍ୟବସ୍ଥା ଶିକ୍ଷା ଓ ସଂସ୍କାର ନିମନ୍ତେ ନିର୍ଦ୍ଧାରିତ କରଗାଲ । ମୁଅଲ୍ଲିମିନ୍‌ମାନଙ୍କ ନିରୀକ୍ଷଣ ଆଦିଙ୍କ ନିମନ୍ତେ ଏକ ଭିନ୍ନ ଅଞ୍ଜୁମନ୍ ଯାହାର ନାମ "ୱକଫେ ଜଦିଦ୍ ଅଞ୍ଜୁମନ୍ ଅହେମଦିୟା" ନାମରେ ସ୍ଥାପନ କରାଗଲା। ଉକ୍ତ ଅଞ୍ଜୁମନ ଅନ୍ତର୍ଗତ ତଥା ଅଧୀନ ବିଭିନ୍ନ ବିଭାଗ ସ୍ଥାପିତ ହୋଇଛି ଏବଂ ପ୍ରତ୍ୟେକ ବିଭାଗର ବିଭାଗୀୟ ମୁଖ୍ୟଙ୍କୁ ନାଜିମ୍ ବୋଲି କୁହାଯାଏ ।

**ଅମୀର୍‌ମାନଙ୍କ ବ୍ୟବସ୍ଥା:**

ସଦର୍ ଅଞ୍ଜୁମନ୍ ଅହେମଦିୟାର ବ୍ୟବସ୍ଥାକୁ ପୂର୍ଣ୍ଣତ୍ୱତାର ସହିତ ହ.ଖଲିଫତୁଲ୍ ମସିହ୍ ସାନି ର.ଅ ପ୍ରତ୍ୟେକ ସ୍ଥାନରେ ନିୟମିତ ଅମୀରଙ୍କ ବ୍ୟବସ୍ଥା ପ୍ରଚଳନ (ଜାରି) କଲେ । ଅମୀରଙ୍କ ଆଜ୍ଞା ପାଳନ କରିବାର ଯେଉଁ ମନୋବୃତ୍ତି ରହିଛି ତାହାକୁ ଜମାଅତ୍ ବ୍ୟବସ୍ଥାରେ ଅତ୍ୟନ୍ତ ଉଦ୍ୟମ ଏବଂ ପରିଶ୍ରମ ସହକାରେ ଜାରି କରିଥିଲେ। ଇସଲାମ୍ ଧର୍ମରେ ଅମୀରମାନଙ୍କର ଯେଉଁ କଳ୍ପନା (ଧାରଣା) ସ୍ଥାପିତ କରିଛି । ହୁଜୁର ର.ଅ ତହିଁରୁ ଭଲ ଭାବରେ ଅବଗତ ଥିଲେ । ଅମୀର୍‌ଙ୍କ ପ୍ରତ୍ୟେକ ପାର୍ଶ୍ୱରେ ଆପଣ ଗଭୀର ଏବଂ ତୀକ୍ଷ୍ଣ ଦୃଷ୍ଟି ରହିଥିଲା । ଆପଣ ର.ଅ ଉକ୍ତ ବିଷୟ ବସ୍ତୁ ଉପରେ ଜମାଅତ୍‌କୁ ଅତ୍ୟନ୍ତ ମହୋପଦେଶ ଦେଲେ ଏବଂ ଅମୀର୍‌ଙ୍କ ପଦକୁ ଭଲ ଭାବରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ମନ ମସ୍ତିଷ୍କର ଆସନ୍ନିତ (ବସାଇବା) କରିବା ନିମନ୍ତେ ଉଦ୍ୟମ କଲେ ।

**ମଜଲିସେ ଶୁରା ଅବା ମଜଲିସେ ମୁଶାୱିରତ୍ (ପରାମର୍ଶ ସଭା):**

1922 ମସିହାରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ପ୍ରଥମ ଥର ନିୟମିତ ରୂପେ ବାର୍ଷିକ ପରାମର୍ଶ ବ୍ୟବସ୍ଥା ଅର୍ଥାତ୍ ସାଲାନା ମଜ୍‌ଲିସ୍ ମୁଶାୱିରତ୍ ସ୍ଥାପନ କଲେ । 1922 ମସିହାର ମଜ୍‌ଲିସେ ମୁଶାୱିରତ୍ ଜମାଅତ୍ ଅହେମଦିୟାର ଇତିହାସରେ ଏକ ବିଶେଷ ମହତ୍ତ୍ୱର ଅଧିକାରୀ ଅଟେ । ବିଶେଷ କରି ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ପ୍ରାରମ୍ଭିକ ଉଦ୍‌ବୋଧନ ଯହିଁରେ ଆପଣ ର.ଅ ମଜ୍‌ଲିସେ ଶୁରା (ପରାମର୍ଶ ସଭା)ର ଅଭିପ୍ରାୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଇସ୍‌ଲାମୀୟ ପରାମର୍ଶ ପନ୍ଥା, ଶୁରାର ଶିଷ୍ଟାଚାର, ପରାମର୍ଶ ପ୍ରଦାନକାରୀ ବ୍ୟକ୍ତିଙ୍କର କର୍ତ୍ତବ୍ୟ, ଏଜେଣ୍ଡା (କାର୍ଯ୍ୟସୂଚୀ) ଉପରେ ବିଚାର ବିମର୍ଷ କରିବା ଏବଂ ଶୁରାର ନିଷ୍ପତ୍ତି ଏବଂ ସେମାନଙ୍କର ସ୍ଥିତାବସ୍ଥା ସଂପର୍କରେ ବର୍ଣ୍ଣନା କଲେ । ଆପଣ ର.ଅଙ୍କ ଉକ୍ତ ଉଦ୍‌ଘାଟନୀ ଭାଷଣ ଜମାଅତ୍ ଅହେମଦିୟାର ଶୁରା ବ୍ୟବସ୍ଥା ନିମନ୍ତେ ନିଃସନ୍ଦେହ ଏକ ଚାର୍ଟର (ସନନ୍ଦ)ର ମର୍ଯ୍ୟାଦାର ଅଧିକାରୀ ଅଟେ । 1922 ମସିହାରୁ ଆରମ୍ଭ କରି 1965 ମସିହା ପର୍ଯ୍ୟନ୍ତ ଉକ୍ତ ଅନୁଷ୍ଠାନ ସିଧା ସଳଖ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ସଂସ୍କାର ଅଧୀନ ଓ ତତ୍ତ୍ୱାବଧାନରେ ଅଗ୍ରସର ହେଲା । ଉକ୍ତ ପରାମର୍ଶ ସଭାର ପ୍ରତ୍ୟେକ ଆଦ୍ୟ ପ୍ରାନ୍ତ ଏବଂ କୋଣ ଅନୁକୋଣ ଯାହାକୁ ଆମେମାନେ ଆଜି ଅବଲୋକନ କରୁଛେ ତାହା ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଚରିତ୍ର ଓ ବ୍ୟକ୍ତିତ୍ୱର ନିଚ୍ଛକ ପ୍ରତିଛବି ଓ ଅଭିବ୍ୟକ୍ତି ଅଟେ । ଉକ୍ତ ବ୍ୟବସ୍ଥାକୁ ସ୍ଥାପନ କରିବାରେ ବର୍ଷ ବର୍ଷର ଘୋର ତପସ୍ୟା ଅର୍ଥାତ୍ ଶ୍ରମ ଏବଂ ସ୍ୱେଦ (ଝାଳ) ବାହାର କରି ନିରୀକ୍ଷଣ, ତତ୍ତ୍ୱାବଧାନ, ନୈଷ୍ଠିକପୂର୍ଣ୍ଣ ଦୁଆର ବହୁତ ବଡ଼ ହାତ ରହିଛି ।

ଶ୍ରୋତାମଣ୍ଡଳୀ ! ଜୈଲି ତନ୍‌ଜିମାତ୍ (ଜମାଅତ୍ ଅହେମଦିୟାର ବିଭିନ୍ନ ଅଧୀନସ୍ଥ ଗୋଷ୍ଠୀ ଯଥା- ଖୁଦାମୁଲ୍ ଅହେମଦିୟା, ଲଜ୍‌ନା ଇମାଇଲ୍ଲାଃ, ଅନ୍‌ସାରୁଲ୍ଲା, ଅତ୍‌ଫାଲୁଲ୍ ଅହେମଦିୟା, ନାସ୍ରାତୁଲ୍ ଅହେମଦିୟା ଇତ୍ୟାଦି) ଗୋଷ୍ଠୀ ପ୍ରତିଷ୍ଠା ହୁଜୁର ର.ଅଙ୍କ ବଳିଷ୍ଠ ସାଙ୍ଗଠନିକ ଦକ୍ଷତାର ଏକ ଜ୍ୱଳନ୍ତ ପ୍ରମାଣ ଅଟେ । ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସଂପୂର୍ଣ୍ଣ ଜମାଅତ୍‌କୁ ଗୋଟିଏ ସୂତାରେ ଗୁନ୍ଥିବା, ପରସ୍ପର ସହିତ ସଂଶ୍ଳୀଷ୍ଟ ରଖି ଓ ଜମାଅତ୍‌କୁ କର୍ମର ଛାଞ୍ଚରେ ପକାଇବା ନିମନ୍ତେ ଅଧିନସ୍ଥ ଗୋଷ୍ଠୀ ସ୍ଥାପନ କରିଥିଲେ । 1923 ମସିହାରେ ଲଜ୍‌ନା ଇମାଇଲ୍ଲାଃ (ଅହେମଦିୟା ନାରୀ ଗୋଷ୍ଠୀ), 1935 ମସିହାରେ ସ୍ଥାପିତ ହୋଇଥିଲା, ଖୁଦାମୁଲ୍ ଅହେମଦିୟା (ଅହେମଦିୟା ଯୁବ ଗୋଷ୍ଠୀ) 1935 ମସିହାରେ ସ୍ଥାପିତ ହୋଇଥିଲା ଓ 1940 ମସିହାରେ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ (ଅହେମଦିୟା ବୃଦ୍ଧ ଗୋଷ୍ଠୀ) ଆପଣ ର.ଅ ସ୍ଥାପନ କରିଥିଲେ ।

ସର୍ବ ପ୍ରଥମେ **ଲଜ୍‌ନା ଇମାଇଲ୍ଲାଃ**ର ସଂକ୍ଷିପ୍ତ ଚର୍ଚ୍ଚା ମୁଁ କରି ଦେଉଛି । ଅହେମଦି ମହିଳାମାନେ ଆପଣ ର.ଅଙ୍କ ନେତୃତ୍ୱରେ ଉନ୍ନତିର ଯେଉଁ ଯାତ୍ରା ଅର୍ଥାତ୍ ମାଇଲ୍ ଖୁଣ୍ଟ ଅତିକ୍ରମ କରିଛନ୍ତି ତା'ର ବିସ୍ତୃତ ବିବରଣୀ ଅତ୍ୟନ୍ତ ରୋଚକ ଏବଂ ଇସ୍‌ଲାମ୍ ଧର୍ମ ନିମନ୍ତେ ଅତ୍ୟନ୍ତ ଉତ୍ସାହଜନକ ଅଟେ । ମହିଳାମାନଙ୍କର ବିଶେଷ ଶିକ୍ଷାନୁଷ୍ଠାନର ସ୍ଥାପନ, ଯାମିଆ ନୁସ୍‌ରତ୍ ମାଧ୍ୟମରେ କଲେଜର ସର୍ବୋଚ୍ଚ ଶିକ୍ଷା ବ୍ୟବସ୍ଥା ଯହିଁରେ ଧାର୍ମିକ ସଂସ୍କାରର ପକ୍ଷ ମଧ୍ୟ ଅନନ୍ୟ ରହିଥିଲା । ପୁନଶ୍ଚ ଲଜ୍‌ନା ଇମାଇଲ୍ଲାଃ ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ ବୃଣାକାର କାର୍ଯ୍ୟ ନିମନ୍ତେ ଶିକ୍ଷାଦାନ, ମହିଳାମାନଙ୍କ ନିମନ୍ତେ ଭିନ୍ନ କ୍ରୀଡ଼ା ବ୍ୟବସ୍ଥା, ମହିଳାମାନଙ୍କ ମଧ୍ୟରେ ବିତର୍କ ଏବଂ ଭାଷଣ ପ୍ରତି ରୁଚି ଏବଂ ଆଗ୍ରହ ସୃଷ୍ଟି କରିବା, ପ୍ରବନ୍ଧ ରଚନା ପ୍ରତି ସେମାନଙ୍କର ଧ୍ୟାନ ଆକର୍ଷଣ କରିବା, ମହିଳାମାନଙ୍କ ନିମନ୍ତେ ବିଭିନ୍ନ ଖବରକାଗଜମାନଙ୍କରେ ଏବଂ ପତ୍ର ପତ୍ରିକା ଜାରି କରିବା ଏବଂ ଜଲସା ସାଲାନାରେ ମହିଳାମାନଙ୍କ ସଭା ନିମନ୍ତେ ପୃଥକ୍ ବ୍ୟବସ୍ଥା କରି ମହିଳା ବକ୍ତାମାନଙ୍କର ମହିଳାମାନଙ୍କୁ ଉଦ୍‌ବୋଧନ ଦେବା । ପ୍ରତ୍ୟେକ ପ୍ରକାରର ଶିକ୍ଷା ସୁବିଧା ଏଭଳି ଢଙ୍ଗରେ ଉପଲବ୍ଧ କରିବା କି ଦରିଦ୍ରରୁ ଅତି ଦରିଦ୍ର ଅହେମଦି ବାଳିକାମାନେ ମଧ୍ୟ ଅନ୍ତତଃ ମୌଳିକ ଶିକ୍ଷାରୁ ବଞ୍ଚିତ ନରୁହନ୍ତୁ । ସାରାଂଶ ଏହିକି ଯେ, ନିଜର 52 ବର୍ଷୀୟ ଖିଲାଫତ କାଳ ମଧ୍ୟରେ ଆପଣ ଭାରତବର୍ଷର ନିକ୍ଷେପିତ ମହିଳାମାନଙ୍କୁ ନିମ୍ନ ସ୍ଥାନରୁ ଉଠାଇ ଏପରି ଏକ ଉଚ୍ଚ ସ୍ଥାନରେ ଅଧିଷ୍ଠିତ କରିଦେଲେ ଏହାକୁ ସଂସାରବାସୀଙ୍କ ସମ୍ମୁଖରେ ଇସ୍‌ଲାମ୍ ଧର୍ମର ମର୍ଯ୍ୟାଦା ଏବଂ ଗୌରବର ଉଦାହରଣ ସ୍ୱରୂପ ଉପସ୍ଥାପିତ କରାଯାଇ ପାରିବ । କେତେକ ପ୍ରସଙ୍ଗରେ ସେହି ମହିଳାମାନେ ଅତ୍ୟନ୍ତ ବିକାଶଶୀଳ ଏବଂ ସ୍ୱାଧୀନ ରାଷ୍ଟ୍ରମାନଙ୍କ ମହିଳାମାନଙ୍କ ନିମନ୍ତେ ମଧ୍ୟ ଏକ ଆଦର୍ଶ ପାଲଟି ଗଲେ । ଅହେମଦି ମହିଳାମାନଙ୍କର ଆନ୍ତର୍ଜାତିକ ଗୋଷ୍ଠୀ ଲଜ୍‌ନା ଇମାଇଲ୍ଲାଃ ଆପଣ ର.ଅଙ୍କ ମହାନ ନେତୃତ୍ୱରେ ମହାନ୍ କାର୍ଯ୍ୟ ସମ୍ପାଦନ କରି ଦେଖାଇ ଦେଲେ । ଅଣଧର୍ମାବଲମ୍ବୀମାନେ ମଧ୍ୟ ଉକ୍ତ ଗୋଷ୍ଠୀର ଉତ୍ତମ କାର୍ଯ୍ୟଦକ୍ଷତା ଏବଂ ଅଭିଜ୍ଞାତାରୁ ପ୍ରଭାବିତ ହୋଇ ଆଉ ରହି ପାରିଲେ ନାହିଁ ।

"ତନ୍‌ଜିମ୍" ନାମକ ଜନୈକ ଖବର କାଗଜ ନିଜର ଖବର ସଂଖ୍ୟା 28 ଡିସେମ୍ବର 1926 ମସିହାରେ ଉଲ୍ଲେଖ କରେ: "ଲଜ୍‌ନା ଇମାଇଲ୍ଲାଃ କାଦିୟାନ ଅହେମଦିୟା ମହିଳାମାନଙ୍କ ଏକ ଗୋଷ୍ଠୀର ନାମ ଅଟେ । ଉକ୍ତ ଗୋଷ୍ଠୀ ଅଧୀନ ପ୍ରତ୍ୟେକ ସ୍ଥାନରେ ମହିଳାମାନଙ୍କର ଇସ୍‌ଲାହି ମଜାଲିସ୍ (ସଂଶୋଧନ ବା ସୁଧାର ସଭ୍ୟା କମିଟି) ମଧ୍ୟ ଗଠନ କରାଯାଇଛି । ଏହିପରି ଭାବରେ ପ୍ରତ୍ୟେକ ତେହ୍‌ରିକ ଯାହା ପୁରୁଷମାନଙ୍କ ପକ୍ଷରୁ ସୃଷ୍ଟି ହୋଇଥାଏ ତାହା ମହିଳାମାନଙ୍କ ସମର୍ଥନ ଦ୍ୱାରା ସାଫଲ୍ୟମଣ୍ଡିତ (ସଫଳ) ହୋଇଥାଏ । ଉକ୍ତ ମହିଳା ଗୋଷ୍ଠୀ ସମସ୍ତ ମହିଳାମାନଙ୍କୁ ଜମାଅତ୍‌ର ଅଭିପ୍ରାୟ ସହିତ ବ୍ୟବହାରିକ ରୂପେ ସଂଶ୍ଳୀଷ୍ଟ କରି ଦେଇଛି । ମହିଳାମାନଙ୍କର ବିଶ୍ୱାସ ପୁରୁଷମାନଙ୍କ ତୁଳନାରେ ସର୍ବାଧିକ ରୂପେ ନୈଷ୍ଠିକପୂର୍ଣ୍ଣ ଏବଂ କ୍ରମବଦ୍ଧ ହୋଇଥାଏ । ମହିଳାମାନେ ଧାର୍ମିକ ଉତ୍ସାହକୁ ପୁରୁଷମାନଙ୍କ ଅପେକ୍ଷା ଅଧିକ ସୁରକ୍ଷିତ ରଖି ପାରନ୍ତି । ଲଜ୍‌ନା ଇମାଇଲ୍ଲାଃର କାର୍ଯ୍ୟ କୁଶଳତା ଯେଭଳି ଭାବରେ ଖବର କାଗଜମାନଙ୍କର ପ୍ରକାଶିତ ହେଉଅଛି ତହିଁରୁ ଏହା ପ୍ରତିତ ହୁଏ ଯେ, ଅହେମଦିମାନଙ୍କର ଆଗାମୀ ବଂଶଧର ସାଂପ୍ରତିକ ଯୁଗ ଅପେକ୍ଷା ଅଧିକ ସୁଦୃଢ ଏବଂ ଉତ୍ସାହପୂର୍ବକ ହେବେ । ଅହେମଦି ମହିଳାମାନେ ଉକ୍ତ ଉଦ୍ୟାନକୁ ସଦ୍ୟତମ ରଖିବେ । ଯଦି ଅହେମଦିମାନେ ଉକ୍ତ ଉଦ୍ୟାନକୁ ସଦ୍ୟତମ ରଖି ନଥାଆନ୍ତେ ତେବେ ଉକ୍ତ ଉଦ୍ୟାନଟି କାଳକ୍ରମେ ନିଜର ପ୍ରାକୃତିକ ସବୁଜିମାରୁ ବଞ୍ଚିତ ହେବା ବିଧେୟ ଥିଲା ।" **(ଅଖିବାର୍ ତନ୍‌ଜିମ୍, ଅମୃତସର, 28 ଡିସେମ୍ବର 1926 ମସିହା)**

ସେହିପରି ଲଜ୍‌ନା ଇମାଇଲ୍ଲାଃର ମାସିକ୍ ପତ୍ରିକା "**ମିସ୍‌ବାହ୍**"କୁ ପାଠ କରି ଜନୈକ ଆର୍ଯ୍ୟ ସମାଜର ଖବର କାଗଜ "ତେଜ୍"ର ସମ୍ପାଦକ ଉଲ୍ଲେଖ କରନ୍ତି: "ମୋ ବିଚାରରେ ଉକ୍ତ ଖବର କାଗଜ ଏତେ ଯୋଗ୍ୟ ଯେ, ଆର୍ଯ୍ୟ ସମାଜର ପ୍ରତ୍ୟେକ ବ୍ୟକ୍ତି ଉକ୍ତ ଖବର କାଗଜକୁ ଦେଖିବା ଏବଂ ପଢିବା ଉଚିତ୍ । ଉକ୍ତ ପତ୍ରିକାର ଅଧ୍ୟୟନ କରିବା ଦ୍ୱାରା ସେମାନଙ୍କ ମନରେ ଅହେମଦି ମହିଳାମାନଙ୍କ ପ୍ରତି ଯେଉଁ ଭ୍ରମ ଧାରଣା ରହିଥିଲା ଯେ, ଅହେମଦି ମହିଳାମାନେ ପରଦା ମଧ୍ୟରେ ଆବଦ୍ଧ ରୁହନ୍ତି । ତେଣୁ ସେମାନେ କିଛି କାମ ଦାମ କରି ପାରନ୍ତି ନାହିଁ । ଉକ୍ତ ଭ୍ରମ ଧାରଣା କ୍ରମଶଃ ଦୂରୀଭୂତ ହୋଇଯିବ ଏବଂ ସେମାନଙ୍କୁ ଜ୍ଞାତ ହୋଇଯିବ ଯେ, ସେମାନଙ୍କ ମଧ୍ୟରେ ଧାର୍ମିକ ନିଷ୍ଠା ଏବଂ ତବ୍‌ଲିଗି ଉତ୍ସାହ କିଭଳି ଭାବରେ ରହିଛି ? ଆମମେମାନେ ସ୍ତ୍ରୀ ସମାଜ ଗଠନ କରି ଆଶ୍ୱସ୍ତ ହୋଇଯାଇଛେ । କିନ୍ତୁ ଆମମାନଙ୍କୁ ଜ୍ଞାତ ହେବା ଉଚିତ୍ ଯେ, ପ୍ରତ୍ୟେକ ଅହେମଦି ମହିଳାଙ୍କର ପ୍ରତ୍ୟେକ ସ୍ଥାନରେ ନିୟମିତ ଗୋଷ୍ଠୀ ରହିଛି ଏବଂ ସେମାନେ ଯେଉଁ କାର୍ଯ୍ୟ ସମ୍ପାଦନ କରୁଛନ୍ତି ତା' ସମ୍ମୁଖରେ ଆମମାନଙ୍କର ସ୍ତ୍ରୀ ସମାଜର କାର୍ଯ୍ୟ ସଂପୂର୍ଣ୍ଣ ରୂପେ ଅସତ୍ୟ ଓ ଅବାସ୍ତବ ବୋଲି ପ୍ରତିତ ହୁଏ । ମିସ୍‌ବାହ୍ ପତ୍ରିକାକୁ ଦେଖିଲେ ଏହା ଜ୍ଞାତ ହୁଏ ଯେ, ଅହେମଦି ମହିଳାମାନେ ଭାରତ, ଆଫ୍ରିକା, ଆରବ, ମିସର୍ ଏବଂ ଇଉରୋପ ଓ ଅମେରିକା ଆଦି ରାଷ୍ଟ୍ରରେ କିଭଳି ଭାବରେ କାର୍ଯ୍ୟ କରୁଛି । ଅହେମଦି ମହିଳାମାନଙ୍କର ଧାର୍ମିକ ଆବେଗ ଏତେ ପ୍ରଶଂସନୀୟ ଯେ, ଆମମାନଙ୍କୁ ଲଜ୍ଜା ଲାଗିବା ଉଚିତ୍ । କିଛି ବର୍ଷ ଅତିକ୍ରାନ୍ତ ହୋଇଛି ତାଙ୍କର (ଅହେମଦିମାନଙ୍କର) ଅମୀର୍ ଗୋଟିଏ ମସ୍‌ଜିଦ୍ ନିମନ୍ତେ 50,000 ହଜାର ଟଙ୍କା ଦେବା ନିମନ୍ତେ ଜମାଅତ୍‌କୁ ଅପିଲ୍ (ନିବେଦନ) କରିଥିଲେ । ଅହେମଦି ଅମୀର୍ ଅର୍ଥାତ୍ ଅହେମଦି ଖଲିଫା ଉକ୍ତ କଟକଣା ଲାଗୁ କରିଦେଲେ ଯେ, ଉକ୍ତ ଅର୍ଥ କେବଳ ମହିଳାମାନଙ୍କ ଚାନ୍ଦାରୁ ହିଁ ପୂରଣ କରାଯାଉ । ସୁତରାଂ 15 ଦିନରୁ ଅତି କମ୍ ସମୟ ମଧ୍ୟରେ ସେହି ମହିଳାମାନେ 50,000 ବଦଳରେ 55 ହଜାର ଟଙ୍କା ଏକତ୍ରିତ କରିଦେଲେ ।"

**ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟା (ଅହେମଦିୟା ଯୁବ ଗୋଷ୍ଠୀ):**

ଉକ୍ତ ଗୋଷ୍ଠୀର ସ୍ଥାପନା 1938 ମସିହାରେ ହୋଇଥିଲା । ମଜ୍‌ଲିସର କାର୍ଯ୍ୟଗୁଡ଼ିକୁ ଉତ୍ତମ ଓ ସଠିକ୍ ଢଙ୍ଗରେ ପରିଚାଳିତ କରିବା ନିମନ୍ତେ ଉକ୍ତ ଗୋଷ୍ଠୀକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇଛି । ଯଥା- ଶୋବା ଏତେମାଦ୍, ଶୋବ ତଜ୍‌ନିଦ୍, ଶୋବା ମାଲ୍, ଶୋବା ତାଲିମ୍. ଶୋବା ତର୍ବିୟତ୍, ଶୋବା ଇସ୍‌ଲାହ୍ ଓ ଇର୍ଶାଦ୍, ଶୋବା ତେହ୍‌ରିକେ ଜଦିଦ୍, ଶୋବା ଖିଦ୍‌ମତେ ଖଲ୍‌କ୍, ଶୋବା ସିହତ୍ ଓ ଜିସ୍ମାନୀ, ଶୋବା ୱକାରେ ଅମଲ୍, ଶୋବା ସନ୍‌ଅତ୍ ଓ ତିଜାର୍ତ, ଶୋବା ଇଶାଅତ୍, ଶୋବା ଅତଫାଲ୍ ଇତ୍ୟାଦି । ଶୋବା ଏତେମାଦର ମୁଖ୍ୟାଙ୍କୁ ମୋତମିଦ୍ ଏବଂ ଅନ୍ୟ ବିଭାଗଗୁଡ଼ିକର ପ୍ରତ୍ୟେକ ଶୋବାର (ବିଭାଗୀୟ) ମୁଖ୍ୟଙ୍କୁ ମୁହ୍‌ତମିମ୍ ବୋଲି କୁହାଯାଇଥାଏ । ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଏହି ସମସ୍ତ ବିଭାଗ (ଶୋବା)

ସଂକ୍ରାନ୍ତରେ ଖୁଦ୍ଦାମ୍‌ମାନଙ୍କୁ ବେଳେବେଳେ ଅତ୍ୟନ୍ତ ଉପାଦେୟ ଉପଦେଶ ପ୍ରଦାନ କରିଥାଆନ୍ତି । ହୁଜୁର ର.ଅଙ୍କ ସେହି ଉପଦେଶାବଳୀ "**ମଶ୍‌ଅଲେ ରାହ୍**" ନାମକ ଏକ ପୃଥୁଳାକାୟ ପୁସ୍ତକରେ ପ୍ରକାଶିତ ହୋଇଅଛି ।

**ମଜ୍‌ଲିସ୍ ଅତଫାଲୁଲ୍ ଅହେମଦିୟା (ଅହେମଦିୟା ଶିଶୁ ଗୋଷ୍ଠୀ):**

ଜୁଲାଇ ମାସ 1940 ମସିହାରେ ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ର.ଅ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟାକୁ ଆଦେଶ ଦେଲେ ଯେ, ଏକ ସପ୍ତାହ ମଧ୍ୟରେ 8 ବର୍ଷରୁ 15 ବର୍ଷର ପିଲାମାନଙ୍କୁ ବ୍ୟବସ୍ଥିତ କରନ୍ତୁ ଏବଂ ଅତ୍‌ଫାଲୁଲ୍ ଅହେମଦିୟା ନାମରେ ଏହି ପିଲାମାନଙ୍କର ଏକ ଗୋଷ୍ଠୀ ସ୍ଥାପନ କରନ୍ତୁ । କାରଣ ଏହି ପିଲାମାନେ ପ୍ରକୃତରେ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟାର ନର୍ସରି ଅଟନ୍ତି । ଭବିଷ୍ୟରେ ଏହି ପିଲାମାନେ ମଜ୍‌ଲିସକୁ ସମ୍ଭାଳିବେ । ତେଣୁ ପ୍ରାରମ୍ଭରୁ ହିଁ ଏମାନଙ୍କର ଟ୍ରେନିଂ ହେବା ଉଚିତ୍ ।

**ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ (ଅହେମଦିୟା ବୃଦ୍ଧ ଗୋଷ୍ଠୀ):**

ହ. ଖଲିଫତୁଲ୍ ମସିହ୍ ସାନି ର.ଅ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ନାମକ ଏକ ଗୋଷ୍ଠୀ ସ୍ଥାପନ ବା ଗଠନ କରିଥିଲେ । ଉକ୍ତ ଗୋଷ୍ଠୀ ସ୍ଥାପନ କରିବା ପରେ ଆପଣ ର.ଅ କହିଲେ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ସ୍ଥାପନର ଅଭିପ୍ରାୟ ଏହିକି ଯେ, ବୟସର ଏହି ଭାଗରେ ଯେତେବେଳେ ମନୁଷ୍ୟ (ବ୍ୟକ୍ତି) କର୍ମ ତଥା କାର୍ଯ୍ୟ କ୍ଷେତ୍ରରେ ଯେତେବେଳେ ଅଳସୁଆ ହୋଇଯାଇଥାଏ । କିନ୍ତୁ ଧର୍ମ କାର୍ଯ୍ୟରେ କେବେ ବି ଅଳସୁଆମୀ ପ୍ରଦର୍ଶନ କରିବା ଅନୁଚିତ୍ ଏବଂ ସେ (ବ୍ୟକ୍ତି) ନିଜକୁ ପରିତ୍ୟକ୍ତ ଅଙ୍ଗ ବୋଲି ନ ମନେକରୁ ।

ଉପରୋକ୍ତ ମଜାଲିସ୍‌ଗୁଡ଼ିକ (ଗୋଷ୍ଠୀ ବା ସଂଗଠନ) ଯେଉଁଠି ବ୍ୟବସ୍ଥାଜନିତ ଏବଂ ସଂସ୍କାର ସମ୍ବନ୍ଧୀୟ ପ୍ରସଙ୍ଗରେ ଅତ୍ୟନ୍ତ ଉପାଦେୟ ସେବା କରିବା ନିମନ୍ତେ ସାମର୍ଥ୍ୟ ଲାଭ ପାଇଛନ୍ତି ସେଠାରେ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏମାନଙ୍କର ରେକର୍ଡ଼ ଅତ୍ୟନ୍ତ ଗର୍ବଯୋଗ୍ୟ ଅଟେ । ଏହି ସବୁ ଗୋଷ୍ଠୀମାନଙ୍କର ସଫଳତା ଏବଂ ଏମାନଙ୍କର ଭବ୍ୟ ପରିଣାମ ଏପରି ସ୍ୱଷ୍ଟ ସତ୍ୟତା ଥିଲା କି ଏହି ସତ୍ୟତା ଠାରୁ ଏବଂ ଗୋଷ୍ଠୀମାନଙ୍କ ଠାରୁ ଅଣସଂପ୍ରଦାୟ୍ ଏବଂ ଅଣଧର୍ମାବଲମ୍ବୀମାନେ ବେଶ୍ ପ୍ରଭାବିତ ହୋଇଥିଲେ । ସୁତରାଂ ଜମାଅତ୍ ଅହେମଦିୟର ବିରୋଧରେ ଜମାଅତକୁ ବଦନାମ କରିବାକୁ ଯାଇ ପ୍ରଖ୍ୟାତ ମଜ୍‌ଲିସ୍ ଏହରାରର ମଧ୍ୟସ୍ଥିତତାକାରୀ ସମ୍ବାଦ ପତ୍ର "**ଜମ୍‌ଜମ୍**" ଜମାଅତ୍ ଅହେମଦିୟାର ଉକ୍ତ ପ୍ରଶଂସନୀୟ ଏବଂ ଗୌରବାନ୍ୱିତକାରୀ ଗୋଷ୍ଠୀର ଚର୍ଚ୍ଚା କରି ଅଭିଳକ୍ଷିତ ଏବଂ ନିରାଶ ହୋଇ ଉଲ୍ଲେଖ କରେ: "ଜଣେ ହେଲୁ ଆମେ ଯାହାର କୌଣସି ଗୋଷ୍ଠୀ କିମ୍ବା ସଂଗଠନ ନାହିଁ । ଆଉ ଜଣେ ହେଉଛନ୍ତି ସେହି ଅହେମଦିମାନେ ଯେଉଁମାନଙ୍କର କ୍ରମବଦ୍ଧ ଗୋଷ୍ଠୀଗୁଡ଼ିକ ରହିଛନ୍ତି । ଜଣେ ହେଉଛେ ଆମେ ଯେଉଁମାନେ ବିକ୍ଷିପ୍ତ ଓ ଚିନ୍ତିତ ଅଟୁ । ଆଉ ସେମାନେ ପରିଧି ପରେ ପରିଧି ମଧ୍ୟରେ ସୀମିତ ଏବଂ ଆବେଷ୍ଟିତ (ଘେରି) ହୋଇ ରହିଛିନ୍ତି ଓ ଶୃଙ୍ଖଳିତ ତଥା ବ୍ୟବସ୍ଥିତ ହୋଇଛନ୍ତି ।" ଅହେମଦିୟା ପରିଧି ମଧ୍ୟର ଛୋଟ ବଡ଼, ମହିଳା ଓ ପୁରୁଷ, ଶିଶୁ ଓ ବୃଦ୍ଧ ପ୍ରତ୍ୟେକ ଅହେମଦି "ଅବତାରତ୍ୱ"ର କେନ୍ଦ୍ରବିନ୍ଦୁରେ ଏକତ୍ରିତ ଅଟନ୍ତି । କିନ୍ତୁ ଗୋଷ୍ଠୀର ଆବଶ୍ୟକତା ଏବଂ କଲ୍ୟାଣ ଜ୍ଞାନ ଏବଂ ଆବଶ୍ୟକତାକୁ ଆପଣାନେ ଦେଖନ୍ତୁ ଯେ, ସମଷ୍ଟିଗତ ଏବଂ ନିବାରକ ଗୋଷ୍ଠୀ କେବଳ ଏତିକିରେ ସୀମିତ ନାହାନ୍ତି ବରଂ ଉକ୍ତ ବ୍ୟାପକ ପରିଧି ମଧ୍ୟରେ ଅସଂଖ୍ୟ ଛୋଟ ଛୋଟ ପରିଧି ସୃଷ୍ଟି କରି ପ୍ରତ୍ୟେକ ବ୍ୟକ୍ତିକୁ ଏଭଳି ଭାବରେ କବଳିତ କରିଦିଯାଇଛି ଯେ, କୌଣସି ବ୍ୟକ୍ତି ଉକ୍ତ ପରିଧି ମଧ୍ୟରୁ ବାହାରକୁ ବାହାରି ପାରିବ ନାହିଁ କି ହଲି ମଧ୍ୟ ପାରିବ ନାହିଁ । ମହିଳାମାନଙ୍କର ନିୟମିତ ଗୋଷ୍ଠୀର ନାମ ହେଲା "**ଲଜ୍‌ନା ଇମାଇଲ୍ଲାଃ**"। ଉକ୍ତ ଗୋଷ୍ଠୀ ଏକ ନିୟମିତ ଗୋଷ୍ଠୀ ଅଟେ । ଜଲ୍‌ସା ସାଲାନା ଅବସରରେ ଉକ୍ତ ଗୋଷ୍ଠୀର ଭିନ୍ନ ଜଲ୍‌ସା ହୋଇଥାଏ । **ଖୁଦ୍ଦାମୁଲ୍ ଅହେମଦିୟା** ଯୁବକମାନଙ୍କର ଏକ ପୃଥକ ଗୋଷ୍ଠୀ ଅଟେ । 15-40 ବର୍ଷ ପର୍ଯ୍ୟନ୍ତ ଜମାଅତ୍‌ର ପ୍ରତ୍ୟେକ ସଦସ୍ୟକୁ ଖୁଦ୍ଦାମୁଲ୍ ଅହେମଦିୟା ଗୋଷ୍ଠୀରେ ସାମିଲ୍ ହେବା ବିଧେୟ ।

40ରୁ ଉର୍ଦ୍ଧ୍ୱ ବର୍ଷ ବୟସର ସଦସ୍ୟଙ୍କ ଅନ୍ୟ ଏକ ଗୋଷ୍ଠୀ ରହିଛି ଯାହାର ନାମ ହେଲା "**ଅନ୍‌ସାରୁଲ୍ଲାଃ**" ଉକ୍ତ ଗୋଷ୍ଠୀରେ ଚୌଧୁରୀ ସର୍ ମୁହମ୍ମଦ ଜଫ୍ରୁଲ୍ଲାଃ ଖାନ୍ ସାହେବଙ୍କ ଭଳି ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ ଅଟନ୍ତି । ମୁଁ ଉପରୋକ୍ତ ଘଟଣାବଳୀ ଏବଂ ପରିସ୍ଥିତିରେ ମୁସଲମାନମାନଙ୍କୁ କେବଳ ଏତିକି ପଚାରୁଛି ଯେ, ବର୍ତ୍ତମାନ ତୁମମାନଙ୍କର ଜାଗ୍ରତ (ନିଦରୁ ଉଠିବା) ହେବା, ଉତ୍ତିଷ୍ଠ (ଉଠିବା) ଓ ବ୍ୟବସ୍ଥିତ ତଥା ଶୃଙ୍ଖଳିତ ହେବାର ସମୟ ଆସି ନାହିଁ କି ? ତୁମେମାନେ ଏହି ଅସଂଖ୍ୟ ମୋର୍ଚ୍ଚା (ଗୋଷ୍ଠୀ)ମାନଙ୍କ ବିପକ୍ଷରେ ଗୋଟିଏ ହେଲେ ମୋର୍ଚ୍ଚା (ଗୋଷ୍ଠୀ) ସ୍ଥାପନ କରି ନାହଁ......ମୋ ନିକଟରେ ଆମମାନଙ୍କର ତିରସ୍କାର ଏବଂ ସଂଘର୍ଷ ଭୂମିରେ ପରାଜୟ ଓ ପରାସ୍ତର ଏକ ବହୁତ ବଡ଼ କାରଣ ଏହି ଭୁଲ୍ ଶିଷ୍ଟାଚାରମୂଳକ ସ୍ତର ଅଟେ । **(ଜମ୍‌ଜମ୍, ଲାହୋର, 23 ଜାନୁୟାରୀ, 1945, ପ୍ରାମାଣ୍ୟ- ଅଲ୍ ଫଜଲ୍, 18 ଏପ୍ରିଲ୍ 1945 ମସିହା)**

ବର୍ତ୍ତମାନ ଶେଷରେ ପୁଣ୍ୟଶ୍ଳୋକ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀ ସଂପର୍କରେ ଅଣଅହେମଦିମାନଙ୍କର ମତାମାତ ଓ ପ୍ରତିକ୍ରିୟା ମଧ୍ୟରୁ ଗୋଟିଏ ମତାମତ ବା ପ୍ରତିକ୍ରିୟା ଉପସ୍ଥାପିତ କରି ନିଜର ଭାଷଣ (ବକ୍ତବ୍ୟ)କୁ ସମାପ୍ତ କରିବି । ମୌଲାନା ଗୁଲାମ୍ ରସୁଲ୍ ମେହେର୍ ଯେକି ଜଣେ ସାମ୍ବାଦିକ ଏବଂ ଇତିହାସବିତ୍ ଥିଲେ ଏବଂ ଅନେକ ଅବସରରେ ହୁଜୁର ର.ଅଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ତଥା ତତ୍ତ୍ୱାବଧାନରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ, ସେ ଉଲ୍ଲେଖ କରନ୍ତି: ଆପଣମାନଙ୍କ କୌଣସି ପୁସ୍ତକରେ ଉକ୍ତ ମହାନ୍ ବ୍ୟକ୍ତିଙ୍କ କୃତିତ୍ୱର ପୂର୍ଣ୍ଣାଙ୍ଗ ପ୍ରତିଛବି ପ୍ରତିଫଳିତ ହୋଇ ନାହିଁ । ମୁଁ ମହୋଦୟ (ହ. ମୁସଲେହ୍ ମଉଦ୍ ର.ଅ)ଙ୍କୁ ଅତି ନିକଟରୁ ଦେଖିଅଛି । ଅନେକ ଥର ତାଙ୍କ ସହିତ ମୁଁ ସାକ୍ଷାତ୍ କରିଛି। ବ୍ୟକ୍ତିଗତ ଭାବରେ ବିଚାରାଧାରାର ଆଦାନ ପ୍ରଦାନ ମଧ୍ୟ କରିଛି । ମୁସ୍‌ଲିମ୍ ଜାତି ନିମନ୍ତେ ତ' ତାଙ୍କର (ଖଲିଫା ସାନି ର.ଅଙ୍କ) ଅସ୍ତିତ୍ୱ ଆପାଦ ମସ୍ତକ ବଳିଦାନ ଥିଲା। ଏକଦା ମୋତେ ରାତା ରାତି କାଦିୟାନ୍ ଯାଇ ହ. ସାହେବଙ୍କ ସହିତ ପରାମର୍ଶ କରିବାକୁ ପଡ଼ିଥିଲା । ସେହି ଦୃଶ୍ୟଟି ବର୍ତ୍ତମାନ ସୁଦ୍ଧା ମୋ ଆଖି ଆଗରେ ରହିଛି । ମାନବତା ନିମନ୍ତେ ତାଙ୍କ ହୃଦୟରେ ବେଦନା, ପୀଡ଼ା ରହିଥିଲା । ଯେଉଁଠି ବି ମୁସଲିମ୍ ଜାତିର ଉନ୍ନତି ଏବଂ କଲ୍ୟାଣର ପ୍ରସଙ୍ଗ ଆସୁଥିଲା ସେଠାରେ ମହୋଦୟଙ୍କର କର୍ମାନୁସରଣ ଯୋଗ୍ୟ ପ୍ରସ୍ତାବ ଆମମାନଙ୍କ ଉତ୍ସାହକୁ ଅଭିବୃଦ୍ଧି ଓ ଦ୍ୱିଗୁଣିତ କରିବାର କାରଣ ହେଉଥିଲା । ଏଭଳି ଅବସରରେ ଆପଣଙ୍କ ପ୍ରତ୍ୟେକଟି ଲୋମ (ରୁମ) ଜାତିର ବେଦନା ଓ ପୀଡ଼ା ଦ୍ୱାରା ବ୍ୟଥିତ ହୋଇ ଉଠୁଥିଲା । ଜାତିପ୍ରଥାର ବିଦ୍ୱେଷରେ ଉକ୍ତ ଅସ୍ତିତ୍ୱରେ ନାମକୁ ଦେଖି ନାହିଁ । ମିର୍ଜା ସାହେବ ଅତ୍ୟନ୍ତ ଚତୁର ଓ ବୁଦ୍ଧିମାନ ବ୍ୟକ୍ତି ଥିଲେ । ଯେଭଳି ମିର୍ଜା ସାହେବଙ୍କ ମସ୍ତିଷ୍କ ରାଜନୀତି ଓ ଧର୍ମ ପ୍ରସଙ୍ଗରେ କାମ କରୁଥିଲା ସେଭଳି ବ୍ୟକ୍ତି ନା ମୁଁ ଭାରତ ବର୍ଷରେ ଦେଖିଛି ଓ ନା ହିଁ ପାକିସ୍ତାନ୍‌ରେ ଦେଖିଛି । ଅର୍ଥାତ୍ ଏହିଭଳି ବ୍ୟକ୍ତି ଯାହାଙ୍କର ମସ୍ତିଷ୍କ ରାଜନୀତିରେ ଓ ଧାର୍ମିକ ଉଭୟ କ୍ଷେତ୍ରରେ କାମ କରୁଥିଲା । ନିଃସ୍ୱାର୍ଥପର ହୋଇ ପରାମର୍ଶ, ସ୍ୱଷ୍ଟ ପ୍ରସ୍ତାବ ଓ ପୁନଶ୍ଚ ସଠିକ୍ ପତ୍ର ସମ୍ବଳିତ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଆପଣ ର.ଅଙ୍କ ବିଶେଷତା ଥିଲା ।

ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୁସଲମାମାନେ ମିର୍ଜା ସାହେବଙ୍କ ମହତ୍ତ୍ୱକୁ ଏବଂ ଆପଣ ର.ଅଙ୍କ ମୂଲ୍ୟକୁ ହୃଦୟଙ୍ଗମ କଲେ ନାହିଁ । ବିରୋଧର ଭୟଙ୍କର ଝଡ଼ ସତ୍ତ୍ୱେ ମୁଁ ମିର୍ଜା ସାହେବଙ୍କୁ କେବେ ବି ହତୋତ୍ସାହିତ ଏବଂ ଶିଥିଳ ପଡ଼ି ଯାଇଥିବାର ଦେଖି ନାହିଁ । ମିର୍ଜା ସାହେବଙ୍କ ମନରେ ଥିବା ଦୀପର ଆଲୋକ ସର୍ବଦା ପ୍ରଜ୍ୱଳିତ ହୋଇ ରହୁଥିଲା । ଆମେମାନେ ପରିତାପ, ଦୁଃଖ ଓ ଶୋକର ଛବି ହୋଇ ତାଙ୍କୁ ଭେଟିବା ନିମନ୍ତେ ଯାଉଥିଲୁ ଏବଂ ଯେତେବେଳେ ତାଙ୍କ କୋଠରୀରୁ ବାହାରକୁ ଆସୁଥିଲୁ ସେତେବେଳେ ଏପରି ପ୍ରତିତ ହେଉଥିଲା ଯେପରି ନୈରାଶ୍ୟର ବଉଦ୍ (ବାଦଲ୍) ଅପସରି (ହଟି) ଯାଇଛି । ଉଦ୍ଦେଶ୍ୟରେ ସଫଳତା ସମ୍ମୁଖରେ ଦୃଶ୍ୟମାନ ହେଉଅଛି । ଆପଣ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଆମ ସମ୍ମୁଖରେ ଉପସ୍ଥାପିତ କରୁଥିଲେ। ବ୍ୟବହାରଯୋଗ୍ୟ ବା କାଯ୍ୟାନୁସରଣ ଯୋଗ୍ୟ କଥା କହୁଥିଲେ ଏବଂ ପୁନଶ୍ଚ କେବଳ ସେତିକି ନୁହେଁ ବରଂ ପ୍ରତ୍ୟେକ ମାନବଜାତିର ବଳିଦାନ ଏବଂ ସାହାଯ୍ୟ ଓ ସହୋଯୋଗ କରିବା ଆପଣ ର.ଅଙ୍କ ଅନନ୍ୟ ବୈଶିଷ୍ଟ୍ୟତା ଥିଲା । ଅର୍ଥାତ୍ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଅଣଅହେମଦିଙ୍କୁ ସାହାଯ୍ୟ ଓ ସହୋଯୋଗ କରିବା ନିମନ୍ତେ ଯେତେବେଳେ କୌଣସି ପ୍ରସଙ୍ଗ ଉପସ୍ଥାପିତ କରୁଥିଲେ ସେତେବେଳେ ଏହି ଅଣଅହେମଦିମାନେ କୁହନ୍ତି ଯେ, ଆମମାନଙ୍କ (ଅଣଅହେମଦିମାନଙ୍କ) ମଧ୍ୟରେ ସାହସିକତା ଏବଂ ଉତ୍ସାହର ଭାବାବେଗ ସୃଷ୍ଟି ହୋଇ ଯାଉଥିଲା ।

**(ଇକ୍‌ବାଲେ ଅହେମଦିୟତ୍, ପୃ-502)**

ଅଲ୍ଲାଃତାଲା ଆମମାନଙ୍କୁ ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆଦେଶାବଳୀ ଓ ଉପଦେଶାବଳୀ ଉପରେ କାର୍ଯ୍ୟାନୁସର କରି ତଦନୁଯାୟୀ ନିଜର ଜୀବନକୁ ଅତିବାହିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । واخر دعوانا ان الحمد للہ رب العالمین। ☆ ☆ ☆

## ପୃ-24ର ଅବଶିଷ୍ଟାଂଶ.....

କରିବାକୁ ବାଧ ହୋଇଯାଇଥାଏ । ମୁଁ ଆଶ୍ଚର୍ଯ୍ୟ ଚକିତ ଯେ, ଅଲ୍ଲାଃତାଲା କିଭଳି ସମଗ୍ର ସଂସାରକୁ ଆମମାନଙ୍କ ନିମନ୍ତେ କାର୍ଯ୍ୟରତ କରିଦେଇଛନ୍ତି । ସଂସାରର ପ୍ରତ୍ୟେକ ପ୍ରକାରର ପୁରସ୍କାର ଆମମାନଙ୍କ ନିମନ୍ତେ ଉପଲବ୍ଧ କରି ଦେଇଛନ୍ତି । ଏହି ସମସ୍ତ ଉପକାରର ପ୍ରତିଦାନ ଆମେମାନେ କେବଳ ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନ କରିବା ଦ୍ୱାରା ହିଁ ହୋଇ ପାରିବ । କିନ୍ତୁ ଯଦି ଆମେମାନେ ଏପରି ନକରୁ ତେବେ ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ହେବ । ହୁଜୁର ର.ଅ ଅଜାନ୍ ପରେ କହିଲେ, ମୁଁ ଏହା ବର୍ଣ୍ଣନା କରୁଥିଲି ଯେ, ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରିଛନ୍ତି ଯେ, ଆହାର ହିଁ ପ୍ରକୃତ ବସ୍ତୁ ଅଟେ । ଆହାରରୁ ହିଁ ଆତ୍ମା ସୃଷ୍ଟି ହୋଇଥାଏ । ସୁଧାର ଏବଂ ସଂଶୋଧନର ସର୍ବୋତ୍କୃଷ୍ଟ ପନ୍ଥା ଏହିକି ଯେ, ମୂଳର ସଂଶୋଧନ ଓ ସୁଧାର ଆଗ କରଯାଉ । ତେଣୁ ବୈଧ ଉପାର୍ଜିତ ଆହାର ସେବନ କରାଯାଉ ଏବଂ ବୈଧ ଅର୍ଥୋପାର୍ଜନ କରି ଜୀବନ ଯାପନ କରିବା ଉଚିତ୍ । ଯେଭଳି ସଂସାରରେ ବୈଧ (ଅଧର୍ମ ବିତ୍ତ ନହେଁ ବରଂ ଧର୍ମ ବିତ୍ତ) ଅର୍ଥ ଉପାର୍ଜନ କରିବାକୁ ହେଲେ ମୂଲ୍ୟ ଦେବାକୁ ପଡ଼ିଥାଏ ଠିକ୍ ସେହିପରି ଏହା ଆବଶ୍ୟକ ଯେ, ଅଲ୍ଲାଃତାଲା ଯେକି ପ୍ରକୃତ ବୃତ୍ତି ପ୍ରଦାନକାରୀ ତଥା ଆହାର ପ୍ରଦାନକାରୀ ଅଟନ୍ତି ତାହାଙ୍କ ଆହାର ଏବଂ ବୃତ୍ତିର ମୂଲ୍ୟ ଦେବାକୁ ପଡ଼ିଥାଏ । ତାହାଙ୍କ ମୂଲ୍ୟ ଏହିକି ଯେ, ତାହାଙ୍କ ଅର୍ଥାତ୍ ପ୍ରଭୁଙ୍କ ନାମ ଭଜି ତାହାଙ୍କ ପ୍ରଶଂସାଗାନ କରାଯାଉ । ଆହାରକୁ **ବିସ୍‌ମିଲ୍ଲାଃ ହିର୍ ରହ୍‌ମାନ ନିର୍ ହିମ୍** ଦ୍ୱାରା ଆରମ୍ଭ କରାଯାଉ । ମଝି ମଝିରେ ଟିକେ سبحان اللہ କୁହାଯାଉ ଓ الحمد للہ କହି ଆହାରକୁ ସମାପ୍ତ କରାଯାଉ । **(ଦୈନିକ ଅଲଫଜଲ୍, କାଦିୟାନ୍, ଦାରୁଲ୍ ଅମାନ୍, ତା-20 ସେପ୍ଟେମ୍ବର 1946 ମସିହା)**

☆ ☆ ☆

## ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ସାନି[ର.ଅ]ଙ୍କ ମଜଲିସେ ଇର୍ଫାନ୍ (ଅଧ୍ୟାତ୍ମ ସଭା)

କାଦିୟାନ୍ ସେପ୍ଟେମ୍ବର ମାସ 19 (ତୁବୁକ୍) ତାରିଖ ଦିନ ହ. ଅମୀରୁଲ୍ ମୁମିନିନ୍ ଅଲ ମୁସ୍‌ଲେହ୍ ମଉଦ୍ ଖଲିଫତୁଲ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଆଜି ମଗରିବ୍ ନମାଜ ପରେ ମଜ୍‌ଲିସେ ଶୁରାର ସଭାରେ ବିରାଜମାନ ହୋଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଦେଶାବଳୀ ଉପରେ ଆଲୋକପାତ କଲେ । ସେହି ଆଦେଶାବଳୀର ସାରାଂଶ ନିମ୍ନରେ ପ୍ରଦାନ କରାଗଲା:

ହୁଜୁର୍ ର.ଅ କହିଲେ: ହ. ସୁଲୈମାନ୍ ଅ.ସ ବିଦ୍ରୋହକୁ ଦମନ କରିବା ନିମନ୍ତେ ଯେତେବେଳେ ସିରୀୟାର ଜେରିନ୍ ନାମକ ଅଞ୍ଚଳକୁ ଗଲେ ସେତେବେଳେ ଆପଣ ଅ.ସ ସବା ନମାକ ରାଣୀ (ଉକ୍ତ ରାଣୀ ଅର୍ଥାତ୍ ରାଣୀ ସବା ମୁସରିକା ଅର୍ଥାତ୍ ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷକାରୀଣୀ ଥିଲା ଏବଂ ସୂର୍ଯ୍ୟ ଉପାସିକା ଥିଲା)କୁ ମଧ୍ୟ ନିଜର ଆଜ୍ଞାବହତ୍ୱ ସ୍ୱୀକାର କରିବା ନିମନ୍ତେ ଆଦେଶନାମା ପ୍ରେରଣ କଲେ। ଉକ୍ତ ପ୍ରସଙ୍ଗ ସୀମା ବିବାଦକୁ କେନ୍ଦ୍ର କରି ହୋଇଥିଲା । ରାଜରାଣୀ ଯଦି ହ. ସୁଲୈମାନ୍ ଅ.ସଙ୍କ ଆଜ୍ଞାବହତ୍ୱ ତଥା ତାଙ୍କର ବଶ୍ୟକତା ସ୍ୱୀକାର ନକରନ୍ତି ତେବେ ସେପରିପ୍ରେକ୍ଷୀରେ ହ. ସୁଲୈମାନ୍ ଅ.ସ ରାଣୀ ସବାଙ୍କୁ ଯୁଦ୍ଧ ଡାକରା ଦେଇଥିଲେ । କିନ୍ତୁ ରାଣି ସବା ସନ୍ଧି ସ୍ଥାପନ କରିବାକୁ ଅଗ୍ରାଧିକାର ଦେଲା ।

ଏହି ବିଚକ୍ଷଣା ରାଣୀ ନିଜ ରାଜ୍ୟର କର୍ମଚାରୀ ଅର୍ଥାତ୍ ମନ୍ତ୍ରୀ ପାର୍ଷଦମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲା । ସେମାନେ ରାଣୀକୁ ଏହି ପରାମର୍ଶ ଦେଲେ ଯେ, ହେ ରାଣୀ ଯେହେତୁ ଆପଣ ଶକ୍ତିଶାଳୀ ଅଟନ୍ତି ଏବଂ ଆପଣ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ଅଟନ୍ତି ତେଣୁ ଆମେମାନେ ଆପଣଙ୍କୁ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତାବ ଓ ପରାମର୍ଶ ଦେଉଛୁ । କିନ୍ତୁ ଶେଷ ନିଷ୍ପତ୍ତି ଆପଣଙ୍କ ଉପରେ ଆମେମାନେ ଛାଡ଼ି ଦେଉଛୁ । କାରଣ ଆପଣ ହିଁ ଏହି ରାଜ୍ୟର ଶାସିକା ଏବଂ ସର୍ବେସର୍ବା ଅଟନ୍ତି ।

ସୁତରାଂ ରାଣୀ (ସବା) ନିଜର କର୍ମଚାରୀମାନଙ୍କୁ କହିଲା: ان الملوك اذا دخلوا قرية افسدوها وجعلوا اعزة اهلها اذلة وكذلك يفعلون **(ଅନ୍ ନମଲ୍: 35)**। ଅର୍ଥାତ୍ ସେ ରାଣୀ କହିଲେ, "ଯେତେବେଳେ ରାଜାମାନେ କୌଣସି ଦେଶ ତଥା ରାଜ୍ୟରେ ପ୍ରବେଶ କରନ୍ତି ସେତେବେଳେ ତାହାକୁ ଧ୍ୱଂସ ବିଧ୍ୱସ୍ତ କରି ଦିଅନ୍ତି ଏବଂ ସେଠାକାର ବାସୀନ୍ଦାମାନଙ୍କ ମଧ୍ୟରୁ ସମ୍ଭ୍ରାନ୍ତ ଲୋକମାନଙ୍କୁ ଅପମାନିତ କରନ୍ତି ଏଭଂ ସେମାନେ ସର୍ବାଦ ଏହି ପ୍ରକାରର ନୀତି ଅବଲମ୍ବନ ତଥା କାର୍ଯ୍ୟ କରିଥାଆନ୍ତି ।" ରାଣୀ ଯେତେବେଳେ ଏହି ଶବ୍ଦରେ ଯେଉଁ ଦୃଷ୍ଟିକୋଣର ପରିପ୍ରକାଶ କରିଛି ତାହା ସଂପୂର୍ଣ୍ଣ ରୂପେ ସଠିକ୍ ଓ ସତ୍ୟ । କାରଣ ରାଜନୈତିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶାସକମାନେ ପୂର୍ବ ଶାସକ ଏବଂ ପୂର୍ବ ସରକାର ଯେକି କ୍ଷମତାସୀନ ଥିଲେ କିମ୍ବା ବ୍ୟକ୍ତି ବିଶେଷ ଓ ମନ୍ତ୍ରୀ ପାର୍ଷଦମାନେ ପୁନଃ ଶାସନ କ୍ଷମତା ଓ ଶାସନ କଳକୁ ଆସିଯିବେ ବୋଲି ଆଶଙ୍କାକୁ ଦୂରୀଭୂତ ଓ ସେହି ପୂର୍ବ ଶାସକ ଏବଂ ବ୍ୟକ୍ତି ଓ ମନ୍ତ୍ରୀ ପାର୍ଷଦଙ୍କୁ ଖୋଜି ସେମାନଙ୍କୁ ଧରି ସମାପ୍ତ କରିବା ନିମନ୍ତେ ଉଦ୍ୟମ କରିଥାଆନ୍ତି । ରାଷ୍ଟ୍ରର ଶାସନ ବ୍ୟବସ୍ଥାକୁ ପରିଚାଳିତ କରିବା ନିମନ୍ତେ ଓ ଦୁର୍ବଳ ସଦସ୍ୟଙ୍କ ପ୍ରତି ସମବେଦନା, ସହାନୁଭୂତି ଏବଂ ସାହାଯ୍ୟ ଓ ସମର୍ଥନ ପ୍ରାପ୍ତ କରି ସେମାନଙ୍କ ନିମନ୍ତେ ସର୍ବୋଚ୍ଚ ଯୋଜନା ପ୍ରସ୍ତୁତ କରି ସେମାନଙ୍କୁ ଅନନ୍ୟତା ବା ମର୍ଯ୍ୟାଦା (ପ୍ରତିଷ୍ଠା) ପ୍ରଦାନ କରିଥାଆନ୍ତି । ଏହା ଜରୁରୀ ନୁହେଁ ଯେ, ଏହାର ବିପରୀତ ତିରସ୍କୃତ ବ୍ୟକ୍ତ ଅବଶ୍ୟ ମର୍ଯ୍ୟାଦା ପ୍ରାପ୍ତ କରିନେବେ । କିନ୍ତୁ ଏହା ଆବଶ୍ୟକ ଯେ, ପ୍ରତିଷ୍ଠିତ ବ୍ୟକ୍ତି ତିରସ୍କୃତ ହୋଇ ଯାଇଥାଆନ୍ତି ।

ଉକ୍ତ ନିୟମ କେବଳ ସଂସାରରେ ପ୍ରଚଳିତ ନୁହେଁ । ବରଂ ଧାର୍ମିକ ପ୍ରସଙ୍ଗରେ ଏବଂ ଧାର୍ମିକ କ୍ଷେତ୍ରରେ ମଧ୍ୟ ଏହିପରି ହୋଇଥାଏ । କାରଣ ଅବତାରମାନେ ଯେତେବେଳେ ଧରାପୃଷ୍ଠରେ ଅବତୀର୍ଣ୍ଣ (ଜନ୍ମ ଗ୍ରହଣ) ହୁଅନ୍ତି ସେତେବେଳେ ସେହି ଯୁଗ ବା ସେହି କାଳର ବଡ଼ ବଡ଼ ଯଶସ୍ୱୀ ଏବଂ ଗଣମାନ୍ୟ ପ୍ରତିଷ୍ଠିତ ଧନାଢ୍ୟ ଏବଂ ବିଦ୍ୱାନ ବ୍ୟକ୍ତିମାନେ ଗର୍ବ, ଅହଂକାର ଏବଂ ଶତ୍ରୁତା ଯୋଗୁଁ ସେହି ଅବତାରଙ୍କୁ ସ୍ୱୀକାର କରନ୍ତି ନାହିଁ । ସେମାନେ ଏହା ମନେକରନ୍ତି ଯେ, ଏହି ସାଧାରଣ ବ୍ୟକ୍ତି ଅବତାର ହୋଇପାରିବ କି ? ଯଦି କେହି ନବୀ (ଅବତାର) ହୋଇଥାଆନ୍ତା ତେବେ ଆମମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଅବତାର ହୋଇ ଥାଆନ୍ତା । ସୁତରାଂ ଏହି ପ୍ରକାରର କଥାବାର୍ତ୍ତା ସର୍ବଦା ଅବତାରମାନଙ୍କୁ କୁହାଯାଉଥିଲା । ଫିରୌନ୍ ହ. ମୁସା ଅ.ସଙ୍କୁ ଏହି ବ୍ୟଙ୍ଗ ବିଦ୍ରୂପ କରିଥିଲା ଯେ, ହେ ମୁସା ! କ'ଣ ତୁମେ ସେହି ବ୍ୟକ୍ତି ନାହଁ ଯିଏ ଦିନେ ଆମ ରୁଟି ଟୁକୁଡ଼ା ଖାଇ ବଞ୍ଚୁଥିଲ ଓ ଜୀବନ ଯାପନ କରୁଥିଲ ?

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ମଧ୍ୟ ଏହି ପ୍ରକାରର ବ୍ୟଙ୍ଗ ବିଦ୍ରୂପ କରାଯାଇଥିଲା । ଅର୍ଥାତ୍ ବିରୋଧୀ, ପ୍ରତିଷ୍ଠିତ ଗଣମାନ୍ୟ ବ୍ୟକ୍ତିମାନେ ହ. ମସିହ୍ ମଉଦ୍ ଅ.ସଙ୍କ ସଂକ୍ରାନ୍ତରେ ମଧ୍ୟ କହୁଥିଲେ ଯେ, ଆରେ କ'ଣ ଏହି ବ୍ୟକ୍ତି ମସିହ୍ ମଉଦ୍ (ପ୍ରତିଶ୍ରୃତ ମସିହ୍) ହେବା ନିମନ୍ତେ ଯୋଗ୍ୟ ଥିଲା ? ବାସ୍ତବତା ମଧ୍ୟ ଏହିପରି ଅଟେ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଅବତାରମାନେ ପ୍ରଥମେ ସାଧାରଣ ଅବସ୍ଥାରେ ଅବତୀର୍ଣ୍ଣ (ଜନ୍ମଗ୍ରହଣ) କରିଥାଆନ୍ତି । ସେମାନଙ୍କୁ ସେତେବେଳେ କୌଣସି ମହତ୍ତ୍ୱ ପ୍ରାପ୍ତ ହୋଇ ନଥାଏ ।

ଅଲ୍ଲାଃତାଲା ଯଦି କୌଣସି ସମ୍ରାଟକୁ ଅବତାରତ୍ୱ ପୁରସ୍କାର ଦ୍ୱାରା ପୁରସ୍କୃତ କରନ୍ତି ଏବଂ ସେହି ଅବତାର ଯେତେବେଳେ ସଫଳ ହୋଇଯାଏ ସେତେବେଳେ ସେହି ଅବତାରର ସଫଳତା ସନ୍ଦେହାସ୍ପଦ ହୋଇଯାଇଥାଏ । ଲୋକମାନେ ଏହା ଭାବନ୍ତି ଯେ, ଉକ୍ତ ଅବତାରକୁ ପ୍ରାରମ୍ଭରୁ ହିଁ ଶକ୍ତି ଓ ସାମର୍ଥ୍ୟ ପ୍ରାପ୍ତ ଥିଲା (ଅର୍ଥାତ୍ ଉକ୍ତ ଅବତାର ତ' ପ୍ରାରମ୍ଭରୁ ଧନୀକ ଗୋଷ୍ଠୀର ବ୍ୟକ୍ତି ଥିଲା) । ଯଦି ଏହି ଅବତାରକୁ ଅତିରିକ୍ତ ସଫଳତା ପ୍ରାପ୍ତ ହୋଇଗଲା (ଏହି ଅବତାର ଯଦି ଅତିରିକ୍ତ ଭାବରେ ସଫଳ ହୋଇଯାଏ) ତେବେ କ'ଣ ହୋଇଗଲା ସେଇଠୁ । କିନ୍ତୁ ଜଣେ ପ୍ରକାଶ୍ୟ ରୂପେ ତୁଚ୍ଛ ଏବଂ ଦୁର୍ବଳ ମନୁଷ୍ୟର ସମସ୍ତ ସଂସାରବାସୀ ବିରୋଧ କରିବା ସତ୍ତ୍ୱେ ସଫଳ ହେବା କୌଣସି ଚମତ୍କାରରୁ କିଛି କମ ନୁହେଁ । ଏହା ଅଲ୍ଲାଃତାଲାଙ୍କ ସାହାଯ୍ୟ ଏବଂ ସମର୍ଥନ ଓ ତାହାଙ୍କ ଅସ୍ତିତ୍ୱକୁ ହିଁ ଚରିତାର୍ଥ ଏବଂ ପ୍ରମାଣିତ କରିଥାଏ ।

ନିଃସନ୍ଦେ ଅବତାରମାନେ ପ୍ରାରମ୍ଭରେ ଅତ୍ୟନ୍ତ ତୁଚ୍ଛ ଓ ନଗଣ୍ୟ ସ୍ଥିତାବସ୍ଥାରେ ଥାଆନ୍ତି । କିନ୍ତୁ ସେମାନେ ଉକ୍ତ ଅସହାୟତା ସତ୍ତ୍ୱେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନ ଦ୍ୱାରା ସଫଳତା ପ୍ରାପ୍ତ କରି ନେଇଥାଆନ୍ତି । ଯେଉଁ ଲୋକମାନେ ଏହି ଅବତାରଙ୍କୁ ଅପମାନିତ କରିଥାଆନ୍ତି ସେମାନେ ସ୍ୱୟଂ ତିରସ୍କୃ ଓ ଅପମାନିତ ହୋଇଯାଆନ୍ତି । କିନ୍ତୁ ଯେଉଁମାନେ ଏମାନ (ଅବତାର)ଙ୍କୁ ସ୍ୱୀକାର କରି ନିଅନ୍ତି ଏବଂ କଷ୍ଟ ଏବଂ ସହଜ ସମୟରେ ଏମାନଙ୍କର (ଅବତାରମାନଙ୍କର) ବନ୍ଧୁ ହୋଇଥାଆନ୍ତି ଅଲ୍ଲାଃତାଲା ଏହି ଲୋକମାନଙ୍କୁ ନିଜର ଅସୀମ କୃପା ଦ୍ୱାରା ସମ୍ମାନିତ କରିଥାଆନ୍ତି। ଏପର୍ଯ୍ୟନ୍ତକି ସେମାନେ ଉଜ୍ଜ୍ୱଳ ଓ ଜାଜ୍ଜ୍ୱଲ୍ୟମାନ ତାରକା ହୋଇ ଆଲୋକିତ ହେବାକୁ ଲାଗିଥାଆନ୍ତି । ସେମାନଙ୍କୁ ଅକ୍ଷୟିଷ୍ଣୁ ପ୍ରସିଦ୍ଧି ପ୍ରାପ୍ତ ହୋଇ ଯାଇଥାଏ । ସଂସାରର ସମ୍ମାନ ସେ ପଛେ ଯେତେ ବଡ଼ ହୋଇଥାଉ ନା କାହିଁକି ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରଦତ୍ତ ମର୍ଯ୍ୟାଦା ତୁଳନାରେ ସଂସାରର କୌଣସି ସମ୍ମାନ, ପ୍ରସିଦ୍ଧି, ଖ୍ୟାତି ଓ ପ୍ରତିଷ୍ଠା ଗୁରୁତ୍ତ୍ୱପୂର୍ଣ୍ଣ ନୁହେଁ ।

ଦେଖ ଜଣେ ଗଭର୍ଣ୍ଣର ଯେକି ସଂସାରର ସବୁଠୁ ବଡ଼ ପଦବୀ ଓ ମର୍ଯ୍ୟାଦାର ଅଧିକାରୀ ଅଟେ । କିନ୍ତୁ ଆପଣମାନଙ୍କ ମଧ୍ୟରୁ ଅତି କଷ୍ଟରେ ଦଶ ପ୍ରତିଶତ ଏପରି ବ୍ୟକ୍ତି ଥିବେ ଯେଉଁମାନେ ପଞ୍ଜାବର ସାଂପ୍ରତିକ ଗଭର୍ଣ୍ଣରଙ୍କ ବ୍ୟତୀତ ପୂର୍ବତନ ଗଭର୍ଣ୍ଣରଙ୍କ ନାମ ମନେ ରଖିଥିବେ । କିନ୍ତୁ ଏହାର ବିପରୀତ ଆଁହଜରତ ସ.ଅଙ୍କ ସାହାବି ହ. ଅବୁ ହୁରେରାହ୍ ର.ଅ ଯାହାଙ୍କ ଠାରୁ ସର୍ବାଧିକ ହଦିସ୍ ବର୍ଣ୍ଣିତ ହୋଇଛି। ସାଂସାରିକ ଦୃଷ୍ଟିକୋଣରୁ ଅବୁ ହୁରେରାହ୍ ର.ଅ ଜଣେ ସାଧାରଣ ବ୍ୟକ୍ତି ଥିଲେ । କିନ୍ତୁ ସଂସାରରେ ଅତି କଷ୍ଟରେ ଏପରି ମୁସଲମାନ ବ୍ୟକ୍ତି ଥିବ ଯିଏ ହ. ଅବୁ ହୁରୈରାହ୍ ର.ଅଙ୍କ ନାମ ଜାଣି ନଥିବ (ଅର୍ଥାତ୍ ସେହି ମୁସଲମାନ ବ୍ୟକ୍ତିକୁ ହ. ଅବୁ ହୁରୈରାହ୍ ର.ଅଙ୍କ ନାମ ଶୁଣି ନଥିବ) । ଅତଏବ୍ ଅଲ୍ଲାଃତାଲାଙ୍କ ଧର୍ମ ସେବାକାରୀ ବ୍ୟକ୍ତିମାନେ କେବେ ବି କ୍ଷୟ ଏବଂ ନାଶ ହୁଅନ୍ତି ନାହିଁ ।

ହ. ମସିହ୍ ଅ.ସଙ୍କ (ଯୀଶୁ ଖ୍ରୀଷ୍ଟଙ୍କ) ସହଚର ୟାକୁବ୍ ଓ ପିତ୍ରସ୍ ଜଣେ ସାଧାରଣ କେଉଟ (ମାଛ ଧରାଳୀ) ଥିଲେ । ଲୋକମାନେ ଏହି କେଉଟମାନଙ୍କ ସହିତ ବସି ଆହାର ଗ୍ରହଣ କରିବାକୁ ମଧ୍ୟ ପସନ୍ଦ କରୁ ନଥିଲେ । କିନ୍ତୁ ଆଜି ବଡ଼ରୁ ବଡ଼ ଖ୍ରୀଷ୍ଟ ସମ୍ରାଟ୍ ମଧ୍ୟ ନିଜକୁ ସେମାନଙ୍କ ଅପେକ୍ଷା ଉତ୍କୃଷ୍ଟତର ବୋଲି ମନେକରେ ନାହିଁ । ପୁନଶ୍ଚ ସଂସାରର ସମ୍ମାନ କେବଳ ସାଧାରଣ ନୁହେଁ ବରଂ ସାର୍ବକାଳୀନ ମଧ୍ୟ ହୋଇଥାଏ । ଆଜି ଲୋକମାନେ ଯାହାକୁ ସିଂହାସନରେ ଅସନିତ (ବସାଇଥାଆନ୍ତି), କାଲି ସେହି ବ୍ୟକ୍ତିକୁ ସିଂହାସନରୁ ସିଂହାସନଚ୍ୟୁତ (ସିଂହାସନରୁ ଓହ୍ଲାଇ) କରିଦେଇ ଥାଆନ୍ତି ।

ଆଜି ଯେଉଁ ବ୍ୟକ୍ତିକୁ ମୁକୁଟ ପିନ୍ଧାଇ ଦିଆଯାଇଥାଏ କାଲି ସେହି ବ୍ୟକ୍ତିର ମୁଣ୍ଡରେ ଲୋକମାନେ କଣ୍ଟାଯୁକ୍ତ ମୁକୁଟ ପିନ୍ଧାଇ ଦେଇଥାଆନ୍ତି । କିନ୍ତୁ ଅଲ୍ଲାଃତାଲାଙ୍କ ମର୍ଯ୍ୟାଦାଏବଂ ସମ୍ମାନ ସାର୍ବକାଳୀନ ଅଟେ । ଅଲ୍ଲାଃତାଲା ଯେଉଁ ବ୍ୟକ୍ତିକୁ ଚାହାନ୍ତି ତାହାକୁ ସମ୍ମାନ ଏବଂ ମର୍ଯ୍ୟାଦା ପ୍ରଦାନ କରିଥାଆନ୍ତି । ଅଲ୍ଲାଃତାଲାଙ୍କ ଦ୍ୱାରା ସମ୍ମାନିତ ସେହି ବ୍ୟକ୍ତିକୁ ସଂସାରର କୌଣସି ଶକ୍ତି ଅପମାନିତ ଓ ତିରସ୍କୃତ କରିପାରି ନଥାଏ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୁସଲମାନମାନେ ଉକ୍ତ ମର୍ମବିନ୍ଦୁକୁ ହୃଦୟଙ୍ଗମ କଲେ ନାହିଁ ।

ଯେଭଳି 10 କୋଟି ମୁସଲମାନମାନେ 100 ବର୍ଷ ଧରି ଇଂରେଜମାନଙ୍କର ସେବା କରି ଚାଲିଥିଲେ ଏବଂ ନିଃଶଙ୍କୋଚ ନିଜର ରକ୍ତପାତ କରି ଚାଲିଥିଲେ । ଠିକ୍ ସେହିପରି ଯଦି ସେମାନେ ଦିନେ ଅଲ୍ଲାଃତାଲା ସକାଶେ ବଳିଦାନ ଦେଇ ଥାଆନ୍ତେ ତେବେ ଇଂରେଜମାନେ ସେମାନଙ୍କ ପ୍ରତି ଏପରି ବିମୁଖତା ପ୍ରଦର୍ଶନ କରି ନଥାଆନ୍ତେ। ଇଂରେଜମାନେ ଯେଭଳି ଭାବରେ ଆଜି ହିନ୍ଦୁମାନଙ୍କ ପ୍ରତି ଓ ହିନ୍ଦୁମାନଙ୍କ ପ୍ରତି ସାନ୍ତ୍ୱନାମୂଳକ ଆଚରଣ ପ୍ରଦର୍ଶନ କରୁଛନ୍ତି ସେଭଳି ମୁସଲମାନମାନଙ୍କ ପ୍ରତି ଅସଦାଚରଣ ଓ ବିମୁଖତାମୂଳକ ଆଚରଣ ପ୍ରଦର୍ଶନ କରନ୍ତେ ନାହିଁ । ବରଂ ଇଂରେଜମାନେ ମୁସଲମାନମାନଙ୍କ ପଛେ ପଛେ ଧାଇଁ ବୁଲନ୍ତେ ଏବଂ ମୁସଲମାନଙ୍କ ନିକଟରେ କାକୁତି ମିନତୀ କରି ଥାଆନ୍ତେ ଓ ବିନୟୀ ହୁଅନ୍ତେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୁସଲମାନମାନେ ତହିଁରୁ ଉପକୃତ ହେଲେ ନାହିଁ ଏବଂ ଈଶ୍ୱରଙ୍କ ଆହ୍ୱାନ ସମ୍ମୁଖରେ ମଥାନତ ହେଲେ ନାହିଁ ।

ଯଦି ଏବେ ବି ମୁସଲମାନମାନେ ଏଥି ପ୍ରତି ଧ୍ୟାନ ନଦିଅନ୍ତି ତେବେ ପରିଣାମ ଅତି ଭୟଙ୍କର ଅଟେ । ଜମାଅତ୍ ଅହେମଦିୟା ଯେକି ଈଶ୍ୱରଙ୍କ ଦ୍ୱାରା ଜଣେ ପ୍ରେରିତ ଅବତାରଙ୍କୁ ସ୍ୱୀକାର କରିଥାଏ । ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ଯେ, ପ୍ରକୃତ ଓ ସାର୍ବକାଳୀନ ସମ୍ମାନ ଅଲ୍ଲାଃତାଲାଙ୍କ ତରଫରୁ ଓ **(ଅବଶିଷ୍ଟାଂଶ.....ପୃ-22ରେ)**

# ହ. ଖଲିଫତୁଲ୍ ମସିହ୍ ସାନି ଅୟେଦହୁଲ୍ଲାଃହୁ ତାଆଲା ର.ଅଙ୍କ ଦିଲ୍ଲୀ ଠାରେ ପ୍ରଦତ୍ତ ଉପଦେଶାବଳୀ

ଦିଲ୍ଲୀ ସେପ୍ଟେମ୍ବର ମାସ 28 ତାରିଖ ଦିନ ହ. ଅମୀରୁଲ୍ ମୁମିନିନ୍ ଅଲ ମୁସ୍‌ଲେହ୍ ମଉଦ୍ ଖଲିଫତୁଲ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଆଜି କୁହୋର ଏବଂ ନମାଜ କୋଠୀ ୟାର୍କ ରୋଡ୍ ଠାରେ ପାଠ କରାଇଲେ । ନମାଜ ପାଠ ପରେ ହୁଜୁର୍ ର.ଅ ସଭାରେ ବିରାଜମାନ ହେଲେ । ଅନେକ ହିନ୍ଦୁ ଏବଂ ଅଣଅହେମଦି ବ୍ୟକ୍ତିମାନେ ଆପଣ ର.ଅଙ୍କୁ ପ୍ରଶ୍ନ ମଧ୍ୟ କଲେ । ସେହି ସମସ୍ତ ପ୍ରଶ୍ନର ଉତ୍ତର ହୁଜୁର ର.ଅ ପ୍ରଦାନ କଲେ । ତେଣୁ ଉକ୍ତ ପ୍ରଶ୍ନୋତ୍ତରର ସାରାଂଶ ନିମ୍ନରେ ପ୍ରଦାନ କରାଗଲା।

### ଦୁଆରେ ପ୍ରଭାବ (ରହିଛି)

ଜଣେ ହିନ୍ଦୁ ବନ୍ଧୁ ପ୍ରଶ୍ନ କଲେ ଯେ, ହଜୁର୍ ! ଯଦି ଦୁଆ (ପ୍ରାର୍ଥନା)ରେ ଏତେ ପ୍ରଭାବ ଅର୍ଥାତ୍ ଶକ୍ତି ରହିଛି ତେବେ ଏପରି ଦୁଆ କାହିଁକି ସ୍ୱୀକୃତ ହେଉ ନାହିଁ ଯଦ୍ୱାରାକି ହିନ୍ଦୁ ଏବଂ ମୁସଲମାନ ପକ୍ଷ ମଧ୍ୟରେ ସନ୍ଧି ସ୍ଥାପନ ହୋଇଯିବ । ଆପଣ ଅନତି ଦୂରରୁ ନେତାମାନଙ୍କୁ ଭେଟିବାକୁ ଆସିଛନ୍ତି । ଯଦି ଆପଣ ର.ଅଙ୍କର ସଂପର୍କ ଈଶ୍ୱରଙ୍କ ସହିତ ରହିଛି ତେବେ ଆପଣ ଦୁଆ (ପ୍ରାର୍ଥନା) କରନ୍ତୁ ଯେ, ହିନ୍ଦୁ ଓ ମୁସଲମାନ ଏକ ହୋଇଯାଆନ୍ତୁ । ଆପଣ ର.ଅଙ୍କୁ ଏଠାକୁ ଆସିବାର ଆବଶ୍ୟକତା ନଥିଲା ।

ହୁଜୁର ର.ଅ ଉକ୍ତ ବ୍ୟକ୍ତିର ପ୍ରଶ୍ନର ଉତ୍ତର ପ୍ରଦାନ କରି କହିଲେ: "ମୋର ଆପଣଙ୍କୁ ପ୍ରଥମ ପ୍ରଶ୍ନ ଯେ, ଯଦି ଈଶ୍ୱର ବିଦ୍ୟମାନ ଅଟନ୍ତି ଅବା ଆପଣ ଈଶ୍ୱରଙ୍କୁ ଯେଉଁ ରୂପେ ବି ମନେକରୁଛନ୍ତି ତେବେ ଆପଣଙ୍କୁ ମୋ ନିକଟକୁ ଆସିବାର କାହିଁକି ଆବଶ୍ୟକତା ପଡ଼ିଲା ? ଈଶ୍ୱର ମୋତେ କାଦିୟାନ୍‌ରେ ହିଁ ଅଟକାଇ ଦେଇ ଥାଆନ୍ତେ ଏବଂ ସ୍ୱୟଂ ଉକ୍ତ କାର୍ଯ୍ୟ କରିଦେଇ ଥାଆନ୍ତା । ତହିଁରୁ ଏହା ପ୍ରତିତ ହୁଏ ଯେ, ଆପଣଙ୍କର ପ୍ରଶ୍ନ ଠିକ୍ ନୁହେଁ । ଆପଣ ଯେଉଁ ପ୍ରଶ୍ନ କରିଛନ୍ତି ତାହା ଠିକ୍ ନୁହେଁ। ବରଂ ଈଶ୍ୱରଙ୍କ କାରଖାନ (ବ୍ୟାପାର ଅର୍ଥାତ୍ କାମ ଦାମ) ଅନ୍ୟ ଢଙ୍ଗରେ ଚାଲିଛି। ଯଦି ପ୍ରସଙ୍ଗ ଏହିପରି ହୋଇଥାଆନ୍ତା ଯେପରି ଆପଣ କହୁଛନ୍ତି ତେବେ ନା ଚେଷ୍ଟା କରିବାର ଆବଶ୍ୟକତା ଥିଲା ଓ ନା ହିଁ ଦୁଆ କରିବାର ଆବଶ୍ୟକତା ଥିଲା। କାରଣ ଈଶ୍ୱର କେବଳ ଆପଣଙ୍କର କାର୍ଯ୍ୟ ତୁଲାଇବେ । ସେ ସ୍ୱୟଂ ହିଁ ସବୁକିଛି କରିଦେଇ ଥାଆନ୍ତେ । କିନ୍ତୁ ଈଶ୍ୱରଙ୍କ କାରଖାନା ଅର୍ଥତା କାର୍ଯ୍ୟ ଏପରି ହୋଇ ନଥାଏ । ଈଶ୍ୱର ଯଦି ନିଜେ ସମସ୍ତ କାର୍ଯ୍ୟ କରି ଦେଇ ଥାଆନ୍ତେ ତେବେ ଭକ୍ତର ରୁଚି ଏବଂ ଆସକ୍ତର ପ୍ରଶ୍ନ ସୃଷ୍ଟି ହୋଇ ନଥାଆନ୍ତା ଓ ନା ହିଁ ଭକ୍ତ କୌଣସି ପୁଣ୍ୟର ଅଧିକାରୀ ହୋଇପାରି ଥାଆନ୍ତା । ଉଦାହରଣ ସ୍ୱରୂପ ଶ୍ରୀରାମ ଚନ୍ଦ୍ର ଏବଂ ଶ୍ରୀକୃଷ୍ଣ ଜୀ ମହାରାଜ ଯେଉଁ କାର୍ଯ୍ୟ ସମ୍ପାଦନ କରିଛନ୍ତି ଯଦି ଅଲ୍ଲାଃତାଲା ସ୍ୱୟଂ ହିଁ ସେହି କାର୍ଯ୍ୟ କରିଦେଇ ଥାଆନ୍ତେ ତେବେ ଶ୍ରୀକୃଷ୍ଣଙ୍କ ସାହାସ ସଂପର୍କରେ ଆମେମାନେ କିଛି ଜାଣିପାରି ନଥାଆନ୍ତୁ । ଶ୍ରୀକୃଷ୍ଣଙ୍କ ସେହି କାର୍ଯ୍ୟ ଦ୍ୱାରା ଯେଉଁଠି ଈଶ୍ୱରଙ୍କ ସୌନ୍ଦର୍ଯ୍ୟ ଦୃଶ୍ୟମାନ ହେଲା ସେଠାରେ ଶ୍ରୀକୃଷ୍ଣଙ୍କର ସାହାସ ମଧ୍ୟ ଯଦି ପ୍ରକଟିତ ହୁଏ ତେବେ ଅଲ୍ଲାଃତାଲା ଜଣେ ଦୁର୍ବଳ ବ୍ୟକ୍ତି ଠାରୁ କାମ କରାଉଛନ୍ତି (ଅର୍ଥାତ୍ କାମ ଆଦାୟ କରୁଛନ୍ତି) । ଅତଏବ୍ ତହିଁରୁ ଈଶ୍ୱରଙ୍କ ସୌନ୍ଦର୍ଯ୍ୟ ମଧ୍ୟ ପ୍ରକଟିତ ହୋଇଥାଏ ଏବଂ ମନୁଷ୍ୟର ସାହସ ମଧ୍ୟ ଜଣାପଡ଼ିଥାଏ।"

### ପ୍ରଶ୍ନାବଳୀର ଉତ୍ତର

ଜଣେ ବନ୍ଧୁ କିଛି ପ୍ରଶ୍ନ ଲେଖି ହୁଜୁର୍ ର.ଅଙ୍କ ସେବାରେ ଉପସ୍ଥାପିତ କଲେ । ତନ୍ମଧ୍ୟରୁ କେତେକ ପ୍ରଶ୍ନର ଉତ୍ତର ସଂକ୍ଷିପ୍ତ ରୂପେ ଏଠାରେ ଉପସ୍ଥାପିତ କରି ଦିଆଯାଉଛି। ଗୋଟିଏ ପ୍ରଶ୍ନ ଏହିପରି ଥିଲା ଯେ, ମୃତ୍ୟୁ ପରେ ଆତ୍ମା ସହିତ କେଉଁ ବ୍ୟବହାର ପ୍ରଦର୍ଶନ କରାଯାଇଥାଏ ? ଅର୍ଥାତ୍ ଆତ୍ମାର କ'ଣ ହୋଇଥାଏ ?

ହୁଜୁର୍ ର.ଅ କହିଲେ: "ଏଥି (ଉକ୍ତ ପ୍ରଶ୍ନ) ସଂକ୍ରାନ୍ତରେ ମୋର ପୁସ୍ତକ "ଅହେମଦିୟତ୍"ରେ ପୁର୍ଣ୍ଣ ବତିର୍କ ବର୍ଣ୍ଣିତ ହୋଇଛି । ଆତ୍ମା ସଂକ୍ରାନ୍ତରେ ଆମାନଙ୍କର ଏହି ଧର୍ମମତ ରହିଛି ଯେ, ଆତ୍ମା ହେଉଛି ସାରାଂଶ ଯାହାକି ମାନବିକ ଶରୀରରେ ସୃଷ୍ଟି ହୋଇଥାଏ । ପୁନଶ୍ଚ ଆତ୍ମା ସମାନାନ୍ତର ଅସ୍ତିତ୍ୱ ହୋଇଯାଇଥାଏ । ଅତଏବ୍ ଆତ୍ମା କେବେ ବି କୌଣସି ଶରୀରରୁ ପୃଥକ୍ ତଥା ଭିନ୍ନ ହୋଇ ନଥାଏ । ବରଂ ସର୍ବଦା କୌଣସି ନା କୌଣସି ଶରୀର ମଧ୍ୟରେ ରହିଥାଏ । ଯେତେବେଳେ ଆତ୍ମା କୌଣସି ଶରୀରରୁ ପୃଥକ୍ ହୁଏ ସେତେବେଳେ ନୂତନ ପ୍ରକାରର ଶରୀରକୁ ଧାରଣ କରିନେଇଥାଏ । ଇସାଲାମ୍ ଧର୍ମ ଏହା କୁହେ ଯେ, ମନୁଷ୍ୟ ଯେତେବେଳେ ମୃତ୍ୟୁବରଣ କରେ ତା'ର ମୃତ୍ୟୁବରଣ କରିବା ପରେ ମଧ୍ୟ ମନୁଷ୍ୟ (ଆତ୍ମା)ର ଉନ୍ନତି ପ୍ରକ୍ରିୟା ଜାରି ରହିଥାଏ । ଏପର୍ଯ୍ୟନ୍ତକି Day of judgment (ବିଚାର ଦିବସ) ଆସି ଯାଇଥାଏ । ସେତେବେଳେ ପାପ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିକୁ ଶାସ୍ତି ମିଳିଥାଏ ଏବଂ ଦଣ୍ଡ ଭୋଗିବାକୁ ପଡ଼ିଥାଏ ଏବଂ ପୁଣ୍ୟାର୍ଜନ ତଥା ପୁଣ୍ୟ କର୍ମ ସମ୍ପାଦନକାରୀ ବ୍ୟକ୍ତିଙ୍କୁ ପୁରସ୍କାର ପ୍ରାପ୍ତ ହୋଇଥାଏ । ଈଶ୍ୱରଙ୍କ ପକ୍ଷରୁ ଶାସ୍ତି କୌଣସି ବିଶେଷ ବସ୍ତୁ ନୁହେଁ । ବରଂ ମନୁଷ୍ୟ ନିଜର କର୍ମାନୁଯାୟୀ ଯେଉଁ ବସ୍ତୁ ପ୍ରାପ୍ତ କରିଥାଏ ସେହି ବସ୍ତୁ ଠାରୁ ହିଁ ସେ କଷ୍ଟ ପାଇଥାଏ ଅବା ସୁଖ ପ୍ରାପ୍ତ କରିଥାଏ। ସିଂଖ୍ୟା (ଏ ପ୍ରକାରର ମୂଷକ (ମୂଷା)) ବିଷ ରହିଛି ଏବଂ ଅତ୍ୟନ୍ତ ଭୟଙ୍କର ବସ୍ତୁ ଅଟେ। କିନ୍ତୁ ଅନେକ ରୋଗରେ ଉକ୍ତ ବିଷୟ ବ୍ୟବହୃତ ହୋଇଥାଏ । ସେହିପରି ସଲ୍‌ଫର୍ (ଗନ୍ଧକ) ଅତ୍ୟନ୍ତ ଭୟଙ୍କର ପଦାର୍ଥ ଅଟେ । କିନ୍ତୁ ତହିଁରୁ ଅନେକ ପ୍ରକାରର ରୋଗ ଦୂରୀଭୂତ ହୋଇଥାଏ । ଅର୍ଥାତ୍ ରୋଗର ଚିକିତ୍ସା କରାଯାଇଥାଏ। ସେହିପରି ଘୁଷୁରି ବା ଶୁକର ଏବଂ ଯୌନରୋଗର ଚିକିତ୍ସା ଉକ୍ତ ବିଷ ଦ୍ୱାରା ଚିକିତ୍ସା କରାଯାଇଥାଏ। ଠିକ୍ ସେହିପରି ପରକାଳ ନିମନ୍ତେ ସମସ୍ତ ବସ୍ତୁଗୁଡ଼ିକ ଉତ୍ତମ ଅଟନ୍ତି । ମନୁଷ୍ୟର ଆଭ୍ୟନ୍ତରୀଣ ରୋଗ କୌଣସି ବ୍ୟକ୍ତିକୁ ଅସୁନ୍ଦର ମୁଖ ପ୍ରଦାନ କରିଦେଇଥାଏ ତ' ଆଉ କୌଣସି ବ୍ୟକ୍ତିକୁ ସୁନ୍ଦର ମୁଖ ଏବଂ ସୁନ୍ଦର ରୂପ ପ୍ରଦାନ କରିଦେଇଥାଏ। ମନୁଷ୍ୟ ଯେତେବେଳେ ନିଜ ଶକ୍ତିର ଦୁରୁପଯୋଗ କରିଥାଏ ସେତେବେଳେ ମନୁଷ୍ୟକୁ ଦୁଃଖିତ ହୋଇଥାଏ । ଏଠାରେ ଅର୍ଥାତ୍ ଇହ ଜଗତରେ ମଧ୍ୟ ଆମେମାନେ ଏହା ଅବଲୋକନ କରିଥାଉ ଯେ, ସଂସାରର ବସ୍ତୁକୁ ସଠିକ୍ ସମୟରେ ବିନିଯୋଗ ନକରି ଅସମୟରେ ଉପଯୋଗ କରିବା ପରେ ଅବା ସ୍ୱଳ୍ପ ଓ ଅଧିକ ବ୍ୟବହାର କରିବା ଫଳରେ ଆମେମାନେ ଦୁଃଖ ଏବଂ କଷ୍ଟ ପାଇଥାଉ ଓ ନାନା ସମସ୍ୟାର ସମ୍ମୁଖୀନ ହୋଇଥାଉ । ଯେପରିକି ଚିକିତ୍ସାଳୟ ବା ଡାକ୍ତରଖାନା ସବୁଦିନିଆ ମନୁଷ୍ୟର ଠିକଣା ନୁହେଁ । ଠିକ୍ ସେହିପରି ନର୍କ ସାର୍ବକାଳୀନ ଠିକଣା ନୁହେଁ । ନର୍କ ହେଉଛି ଏପରି ଏକ ସାମୟିକ ସ୍ଥାନ ଯେଉଁଠି ମନୁଷ୍ୟ ସାମୟିକ ରୂପେ ଦଣ୍ଡ ଭୋଗିବ । ମନୁଷ୍ୟ ସର୍ବଦା ନର୍କ ଯନ୍ତ୍ରଣା ଭୋଗିବ ନାହିଁ । ଡାକ୍ତରଖାନାରେ ମନୁଷ୍ୟ ଅସୁସ୍ଥ ହେବା ସ୍ଥଳେ ରହିଥାଏ । ସୁସ୍ଥ ହେବା ପରେ ମନୁଷ୍ୟ ଡାକ୍ତାରଖାନାରୁ ଡିସ୍ଚାର୍ଜ ହୋଇ ଘରକୁ ଚାଲି ଆସିଥାଏ । ଠିକ୍ ସେହିପରି ମନୁଷ୍ୟ ଯେତେବେଳେ ଈଶ୍ୱରଙ୍କ ଆଡ଼କୁ ଆସକ୍ତ ହୋଇ ନିଜ ହୃଦୟକୁ ପବିତ୍ର ଏବଂ ନିର୍ମଳ କରିବ ସେତେବେଳେ ସେ ଅର୍ଥାତ୍ ମନୁଷ୍ୟ ସ୍ୱର୍ଗର ଅଧିକାରୀ ହୋଇଯିବ । ପୂର୍ବେ ତା'କୁ ଯେଉଁ ବସ୍ତୁଗୁଡ଼ିକ ଅପ୍ରିୟ ବୋଲି ମନେ ହେଉଥିଲା ତାହା ପ୍ରିୟ ବା ଭଲ ଲାଗିବ । କାରଣ ଆଭ୍ୟନ୍ତରରେ ପରିବର୍ତ୍ତନ ହେବା ଦ୍ୱାରା ବାହ୍ୟରେ ପରିବର୍ତ୍ତନ ମଧ୍ୟ ଆପେଆପେ ହୋଇଯାଇଥାଏ । ସ୍ୱର୍ଗ ହେଉଛି ବିଶ୍ରାମ, ସୁଖ ଏବଂ ଈଶ୍ୱରଙ୍କ ସାମୀପ୍ୟତାର ଏକ ଉତ୍କୃଷ୍ଟ ଅବସ୍ଥା। ତେଣୁ ସାମୀପ୍ୟତାର ଅବସ୍ଥା ସାର୍ବକାଳୀନ ଅଟେ । ଅତଏବ୍ ଏହା ଈଶ୍ୱରଙ୍କ ମର୍ଯ୍ୟାଦା ବିରୁଦ୍ଧୀୟ ଯେ, ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ନିକଟରେ ପହଞ୍ଚେ ଏବଂ ତାହାଙ୍କ ସମୀପ୍ୟତା ତଥା ସାନ୍ନିଧ ପ୍ରାପ୍ତ କରିଥିବା ବ୍ୟକ୍ତିକୁ ଈଶ୍ୱର ବାହାର କରିଦେବେ ।"

### ଇସଲାମୀୟ ଉପାସନା ଏବଂ ଚନ୍ଦ୍ର

ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ଏକ ପ୍ରଶ୍ନ ପଚରାଗଲା ଯେ, ହୁଜୁର ! ଇସ୍‌ଲାମ୍ ଧର୍ମର ପର୍ବ ଏବଂ ଇସ୍‌ଲାମ୍ ଧର୍ମର ଉପାସନା ଏବଂ ପର୍ବ ପର୍ବାଣୀ ଚନ୍ଦ୍ର ସହିତ କାହିଁକି ସଂଶ୍ଳୀଷ୍ଟ ଓ ଜଡ଼ିତ ଅଟନ୍ତି (ଚନ୍ଦ୍ର ସହିତ କାହିଁକି ଇସ୍‌ଲାମୀୟ ପର୍ବ ପର୍ବାଣୀ ଓ ଉପସାନାର ସଂପର୍କ ରହିଛି) ?

ହୁଜୁର୍ ର.ଅ କହିଲ: "ଚନ୍ଦ୍ର ସହିତ ସଂପର୍କ ଥିବା ହେତୁ ଉପାସନା ଓ ପର୍ବ ପର୍ବାଣୀଗୁଡ଼ିକ ମଧ୍ୟ ପରିକ୍ରମା କରିଥାଆନ୍ତି । ସୂର୍ଯ୍ୟ ସହିତ ଉପସନା ଏବଂ ପର୍ବ ପର୍ବାଣୀଗୁଡ଼ିକ ପରିକ୍ରମା କରନ୍ତି ନାହିଁ । ଉଦାହରଣ ସ୍ୱରୂପ ରୋଜା (ଓପ୍ଷା) ରହିଛି । ଓପ୍ଷାର ଚନ୍ଦ୍ର ସହିତ ସଂପର୍କ ଥିବା ହେତୁ ରୋଜା କେତେବେଳେ ଜାନୁୟାରୀ ମାସରେ ପଡ଼େ ବା ଆସେ ଏବଂ ଫେବୃୟାରୀ ମାସରେ ମଧ୍ୟ ରୋଜା ପଡ଼ିବ ବା ଆସିବ । ଅର୍ଥାତ୍ ପ୍ରତ୍ୟେକ ମାସ ଓ ପ୍ରତ୍ୟେକ ସପ୍ତାହ କିମ୍ବା ପ୍ରତ୍ୟେକ ଦିନ ରୋଜା ପଡ଼ିବ। ଏପରି କୌଣସି ମାସ କିମ୍ବା ସପ୍ତାହ, ଦିନ ଓ ବାର ନାହିଁ ଯହିଁରେ ରୋଜା ଅର୍ଥାତ୍ ରମ୍‌ଜାନ୍ ମାସ ପଡ଼ିବ ନାହିଁ । ଠିକ୍ ସେହିପରି ହଜ୍ ତୀର୍ଥ ଯାତ୍ରା ରହିଛି । ହଜ୍‌ର ମଧ୍ୟ ଏପରି କୌଣସି ମାସ, ଦିନ, ବାର ଓ ସପ୍ତାହ ନାହିଁ ଯେଉଁ ମାସ, ଦିନ, ସପ୍ତାହରେ ହଜ୍ ପଡ଼ିବ ନାହିଁ । ଏପରି କୌଣସି ଦିନ ନାହିଁ ଯହିଁରେ ହଜ୍ ପଡ଼ିବ ନାହିଁ । ଅତଏବ୍ ଏହି ସଂପର୍କ ଏଇଥି ପାଇଁ ଯେ, ଈଶ୍ୱରଙ୍କ ଉପାସନା ବର୍ଷ ସାରା ପରିକ୍ରମା କରିଥାଏ (ଅର୍ଥାତ୍ ଚକ୍ରାକାର ଅର୍ଥାତ ଚକ୍ରବର୍ତ୍ତୀ ଅଟେ) ।" **(ବିନୀତ ବଶୀର୍ ଅହେମଦ ମୁବଲ୍ଲିଗ୍ ସିଲ୍‌ସିଲା ଜମାଅତ୍ ଅହେମଦିୟା, ଦିଲ୍ଲୀ) (ଦୈନିକ ଅଲ୍‌ଫଜଲ୍, କାଦିୟାନ୍, ଦାରୁଲ୍ ଅମାନ୍, ତା-3 ଅକ୍ଟୋବର 1946 ମସିହା)** ☆☆☆

### ପୃ-21ର ଅବଶିଷ୍ଟାଂଶ.....

ତାହାଙ୍କ ଧର୍ମର ଧର୍ମସେବା କରିବା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ଅହେମଦିମାନେ ଯଦି ଉକ୍ତ ମର୍ମକୁ ହୃଦୟଙ୍ଗମ କଲେ ନାହିଁ ଏବଂ ଏଥି ପ୍ରତି ଯଦି ଅହେମଦିମାନେ ଧ୍ୟାନ ନଦିଅନ୍ତି ତେବେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଓ ଚିନ୍ତାଜନକ ପ୍ରସଙ୍ଗ ହେବ । ଅଲ୍ଲାଃତାଲା ଆମମାନଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।** ☆☆☆

### ପୃ-23ର ଅବଶିଷ୍ଟାଂଶ.....

ନାହିଁ, ଯେପରି ସେହି ଲୋକମାନଙ୍କୁ କର୍ତ୍ତ ଦ୍ୱାରା କର୍ତ୍ତନ କାରାଯାଇଥିଲା ସେପର୍ଯ୍ୟନ୍ତ ତୁମେମାନେ କଦାପି ସଫଳତା ପ୍ରାପ୍ତ କରି ପାରିବ ନାହିଁ। ପ୍ରକୃତ ମୃତ୍ୟୁ କେବଳ ଈଶ୍ୱରଙ୍କ ମାର୍ଗରେ ରହିଛି । ତେଣୁ ଈଶ୍ୱରଙ୍କ ମାର୍ଗରେ ନିଜକୁ ଉତ୍ସର୍ଗ ଏବଂ ସମର୍ପିତ କରିଦେବା ହିଁ ପ୍ରକୃତ ଜୀବନ ଅଟେ । ଯଦି ଆମେମାନେ ଏପରି କରୁ ତେବେ ଆମମାନଙ୍କ ଜୀବନ ସାର୍ଥକ ହୋଇଯିବ ।"ହୁଜୁର ର.ଅ ଉକ୍ତ ଭାଷଣ ପ୍ରାୟ ଏକ ଘଣ୍ଟା ଧରି ଜାରି ରଖିଲେ ଏବଂ ଉକ୍ତ ଭାଷଣର ସାରାଂଶ ଏଠାରେ ନିଜସ୍ୱ ଶବ୍ଦରେ ଉପସ୍ଥାପିତ କରାଯାଇଅଛି।**(ବିନୀତ ବଶୀର୍ ଅହେମଦ ମୁବଲ୍ଲିଗ୍ ସିଲ୍‌ସିଲା ଜମାଅତ୍ ଅହେମଦିୟା, ଦିଲ୍ଲୀ)(ଦୈନିକ ଅଲ୍‌ଫଜଲ୍, କାଦିୟାନ୍, ଦାରୁଲ୍ ଅମାନ୍, ତା-4 ଅକ୍ଟୋବର 1946 ମସିହା)** ☆☆☆

# ହ. ଖଲିଫତୁଲ୍ ମସିହ୍ ସାନି ଅୟେଦହୁଲ୍ଲାଃହୁ ତାଆଲା[ର.ଅ]ଙ୍କ ଦିଲ୍ଲୀ ଠାରେ ପ୍ରଦତ୍ତ ଉପଦେଶାବଳୀ

1946 ମସିହା ସେପ୍ଟେମ୍ବର ମାସ 28 ତାରିଖ ଦିନ ହ. ଅମୀରୁଲ୍ ମୁମିନିନ୍ ଅଲ ମୁସ୍‌ଲେହ୍ ମଉଦ୍ ଖଲିଫତୁଲ୍ ମସିହ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ମଗ୍‌ରିବ୍ ଏବଂ ଇଶା ନମାଜ ପରେ ପ୍ରାରମ୍ଭରେ ସାଂପ୍ରତିକ ରାଜନୈତିକ ପରିସ୍ଥିତି ସଂକ୍ରାନ୍ତରେ କଥାବାର୍ତ୍ତା ଜାରି ରହିଲା । ସେହିପରି ହୁଜୁର ର.ଅ କେତେକ ଅଣଅହେମଦି ବ୍ୟକ୍ତିମାନଙ୍କୁ ସାକ୍ଷାତ୍ କରିବାର ସୁଯୋଗ ମଧ୍ୟ ପ୍ରଦାନ କଲେ ।

ما ملكت ايمانهمରୁ ଯଥାର୍ଥ କ'ଣ ? ଜଣେ ବନ୍ଧୁ ପ୍ରଶ୍ନ କଲା ଯେ, ମହୋଦୟ! କ'ଣ والذين هم لفروجهم حافظون الا على ازواجهم او ما ملكت ايمانهم **(ଅଲ୍ ମାଆରିଜ୍: 31)** (ଅନୁବାଦ୍: ଏବଂ ଯେଉଁମାନେ ନିଜ ପତ୍ନୀମାନଙ୍କ ଓ ଦାସୀମାନଙ୍କ ବ୍ୟତୀତ ଅନ୍ୟମାନଙ୍କ ଠାରୁ ନିଜ ରନ୍ଧ୍ର (ଅର୍ଥାତ୍ ଜନନେନ୍ଦ୍ରୀୟ ବା ଗୁପ୍ତାଙ୍ଗ ଗୁଡ଼ିକର ରକ୍ଷା କରନ୍ତି, ସେମାନଙ୍କର କୌଣସି ଦୋଷ ନାହିଁ ।) ଉକ୍ତ ଆୟତରୁ କ'ଣ ଯଥାର୍ଥ ଅଟେ ଏବଂ କ'ଣ ସେମାନଙ୍କର (ଦାସୀ) ସଂଖ୍ୟା ଏତିକି ଯେତିକି ପତ୍ନୀମାନଙ୍କର ସଂଖ୍ୟା ଅଟେ ?

ହୁଜୁର୍ ର.ଅ କହିଲେ: "ما ملكت ايمانهمରେ ସଂଖ୍ୟା ନିର୍ଦ୍ଧାରିତ ହୋଇ ନାହିଁ । ଇସ୍‌ଲାମ୍ ଧର୍ମ ଦାସକୁ ଲେଖିବାର ଅଧିକାର ପ୍ରଦାନ କରିଛି । ଯେଉଁ ମହିଳା ଏହା ମନେକରେ ଯେ, ତା'ର ପୁତ୍ରମାନେ ରହିଛନ୍ତି, ତା'ର ମା ରହିଛି, ତା'ର ପିତା ଅଛନ୍ତି ଏବଂ ଅନ୍ୟ ବନ୍ଧୁ ସଂପର୍କୀୟମାନେ ଅଛନ୍ତି ତେବେ ସେ କାହିଁକି ଏପରି ଅବସ୍ଥାରେ ରହିବ ? ସେ ସେହି ସମୟ ଏବଂ ସେହି ସ୍ଥଳେ ରହିବ ଯେତେବେଳେ ତା'ର କୌଣସି ଉତ୍ତରାଧିକାରୀ ନଥିବ ।"

ହୁଜୁର ର.ଅ କୁହନ୍ତି: "ଯୁଦ୍ଧରେ ଧରା ପଡ଼ିଥିବା ବନ୍ଦୀମାନଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: فَإِمَّا مَنًّا بَعْدُ وَإِمَّا فِدَاءً **(ମୁହମ୍ମଦ: 5)** ଅର୍ଥାତ୍ ଏବଂ ତପ୍‌ରେ ସେମାନଙ୍କ ପ୍ରତି ଅନୁଗ୍ରହ କର ଓ ଛାଡ଼ିଦିଅ କିମ୍ବା ମୁକ୍ତିମୂଲ୍ୟ ଗ୍ରହଣ କର ଓ ସେମାନଙ୍କୁ ଛାଡ଼ିଦିଅ । ଉକ୍ତ ଆୟତ୍‌ରେ ବନ୍ଦୀମାନଙ୍କ ନିମନ୍ତେ (2ଟି ବିକଳ୍ପ ମାର୍ଗ) ଦୁଇଟି ଅଧିକାର ପ୍ରଦାନ କରାଯାଇଛି । 1- ଅନୁଗ୍ରହପୂର୍ବକ ସେମାନଙ୍କୁ ଛାଡ଼ିଦିଅ । 2-ଯଦି ତୁମେମାନେ ଅନୁଗ୍ରହତାପୂର୍ବକ ବନ୍ଦୀକୁ ଛାଡ଼ିପାରୁ ନାହଁ ତେବେ ମୁକ୍ତିମୂଲ୍ୟ ନେଇ ସେମାନଙ୍କୁ ଛାଡ଼ିଦିଅ । 3- ସ୍ଥିତି ଏହା ହୋଇପାରେ ଯେ, ବନ୍ଦୀମାନେ ନିଜକୁ ନିଜେ ମୁକୁଳାଇ ନିଅନ୍ତୁ । ତେଣୁ ଏଥି ନିମନ୍ତେ କିତାବତ୍ ବ୍ୟବସ୍ଥା ରହିଛି । ଅର୍ଥାତ୍ କଏଦୀ ବା ବନ୍ଦୀ ଏହା ଚୁକ୍ତି କରି କହୁ କି ମୁଁ ସ୍ୱାଧୀନ (ମୁକ୍ତ) ହେବାକୁ ଚାହୁଁଛି । ତେଣୁ ମୁଁ ମୁକୁଳିବା ବଦଳରେ ତୁମକୁ ଏତିକି ଟଙ୍କା ଦେବି। କିନ୍ତୁ ତୁମକୁ ଏହି ଟଙ୍କା ବଦଳରେ ମୋତେ ମୁକ୍ତ କରିବାକୁ ହେବ । ଏତଦ୍‌ଭିନ୍ନ ଯଦି ଏହା ସିଦ୍ଧ ଓ ପ୍ରମାଣିତ ହୋଇଯାଏ ଯେ, ମୁକିଳିବାକୁ ଚାହୁଁଥିବା (ମୁକ୍ତ ହେବାକୁ ଚାହୁଁଥିବ) କଏଦୀ ଯଦି ପାଗଳ ଅଟେ କିମ୍ବା ରୋଜଗାରକ୍ଷମ ନୁହେଁ ତେବେ ମୁକ୍ତ ହେବା ପରେ ସେ କିସ୍ତି ଆକାରରେ ସଂପୃକ୍ତ ବ୍ୟକ୍ତିକୁ (ଯେଉଁ ବ୍ୟକ୍ତି ପାଖରେ ମୁକ୍ତି ଚାହୁଁଥିବା ବ୍ୟକ୍ତି କଏଦୀ ହୋଇ ରହିଥିଲା ସେହି ବ୍ୟକ୍ତିକୁ) ଅର୍ଥ (ଟଙ୍କା ପୈଠ) କରିଦେବ । କିତାବତ୍ ସେହି ବ୍ୟକ୍ତିର ସାମର୍ଥ୍ୟାନୁଯାୟୀ କିତାବତ୍ (ଲେଖାପଢା କରି କଏଦୀର ନିଜକୁ ମୁକୁଳାଇବାକୁ ଚେଷ୍ଟା କରିବାକୁ) ହେବ । ଲେଖାପଢା କରିବା ମାତ୍ରେ ସେହି କଏଦୀକୁ ଆଇନତଃ ସେତେବେଳେ ଅଧିକାର ପ୍ରାପ୍ତ ହେବ ଯେତେବେଳେ ସେ ଫିଦୟା (ମୁକ୍ତି ହେବା ନିମନ୍ତେ ମୂଲ୍ୟ ପ୍ରଦାନ କରିବା) ପୈଠ କରିଦେବ । ସେତେବେଳେ ପର୍ଯ୍ୟନ୍ତ ତା' ଠାରୁ ସମସ୍ତ ସମ୍ପତ୍ତିଗତ ଅଧିକାର ଛିନ୍ନ ହୋଇଯିବ । ଅର୍ଥାତ୍ ସମ୍ପତ୍ତି ଉପରେ ଥିବା ଅଧିକାରକୁ ସେ ହରାଇ ବସିବ । ସେହି ସ୍ଥିତିରେ ଯେଉଁ ମହିଳା ଇଚ୍ଛା ପ୍ରକାଶ କରିବ ସେହି ମହିଳା ରହିବ ।"

## ଖୁଦାମୁଲ୍ ଅହେମଦିୟା ଦିଲ୍ଲୀକୁ ଉଦ୍‌ବୋଧନ

ସେପ୍ଟେମ୍ବର ମାସ 29 ତାରିଖ ନମାଜେ ଜୁହୋର୍ ପରେ ଦିବା ତିନିଟା ଘଟିକା ସମୟରେ (ଅର୍ଥାତ୍ ଦିନ 3.00 p.mରେ) ହ. ଅମୀରୁଲ୍ ମୁମିନିନ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଦିଲ୍ଲୀର ଖୁଦାମୁଲ୍ ଅହେମଦିୟାଙ୍କୁ ସମ୍ବୋଧିତ କରି କହିଲେ: "ଖୁଦାମମାନେ ମୋତେ ଅନୁରୋଧ କରିଥିଲେ ଯେ, ମୁଁ ସେମାନଙ୍କୁ କିଛି ଉପଦେଶ ଦେବି, ସେମାନଙ୍କୁ ଦିପଦ ଭଲ କଥା କହିବି । ଯେଉଁଠି ମୁଁ ବୁଝୁଛି ଯେ, କଥାବାର୍ତ୍ତା କରିବାର ସମୟ ଅତୀ ଦୀର୍ଘ ହୋଇଯାଇଛି । କଥାବାର୍ତ୍ତା ଶୋଇବା ନିମନ୍ତେ ହୋଇଥାଏ ଅବା କଥାବାର୍ତ୍ତା ପରେ କାମ ହୋଇଥାଏ । ବର୍ତ୍ତମାନ ଆମମାନଙ୍କ ନିମନ୍ତେ ଶୋଇବା ସମୟ ନୁହେଁ । ଇସ୍‌ଲାମ୍ ଧର୍ମ ଉପରେ ପ୍ରତ୍ୟେକ ପ୍ରକାରର ବିପତ୍ତି ମାଡ଼ି ଆସୁଛି । ଇସ୍‌ଲାମ୍ ଧର୍ମକୁ ତିରସ୍କୃତ (ବଦ୍‌ନାମ୍, ଅପମାନିତ) ଓ ଉପହାସ୍ କରିବା ନିମନ୍ତେ ନାନା ଉପାୟ ଅବଲମ୍ବନ କରାଯାଉଛି । ଯଦି ଆମେମାନେ ଏହି ସମୟରେ ଶୋଇ ପଡ଼ିଲୁ ତେବେ ବର୍ତ୍ତମାନ ଆମର ଶୋଇବା ଶୋଇବା ହେବ ନାହିଁ ବରଂ ମୃତ୍ୟୁ ହେବ । ଆଉ ରହିଲା ଅନ୍ୟ ପ୍ରସଙ୍ଗଗୁଡ଼ିକ ଅର୍ଥାତ୍ କଥାବାର୍ତ୍ତା ପରେ କାମ କରାଯାଉ । ଅତଏବ୍ ବର୍ତ୍ତମାନ ବହୁତ କଥାବାର୍ତ୍ତା ହୋଇ ସାରିଲାଣି । 1890 ମସିହାରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ପ୍ରତିଶୃତ ହେବାର ଦାବି କରିଥିଲେ । ଉକ୍ତ ଦାବିକୁ ଆଜି 56 ବର୍ଷ ପୂରି ଯାଇଛି । ଏତେ ଦୀର୍ଘ କଥାବାର୍ତ୍ତାରୁ ଯଦି ଲାଭାନ୍ୱିତ ନହେଲ ତେବେ ଆଉ କେତେବେଳେ ତୁମେମାନେ ଲାଭ ଉଠାଇବ ? ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: الم يان للذين امنوا ان تخشى قلوبهم لذكر الله **(ଅଲ୍ ହଦିଦ୍: 16)** ଅର୍ଥାତ୍ ଆମେମାନେ ବର୍ତ୍ତମାନେ ବିଶ୍ୱସାକାରୀମାନଙ୍କୁ କହୁଅଛୁ ଯେ, କ'ଣ ଅଦ୍ୟାବଧି (ଏପର୍ଯ୍ୟନ୍ତ) ସେମାନଙ୍କ ହୃଦୟ ଅଲ୍ଲାଃତାଲାଙ୍କୁ ସ୍ମରଣ କରିବା ନିମନ୍ତେ ଓ ଯେଉଁ ବାଣୀ ସତ୍ୟ ଓ ତତ୍ତ୍ୱ ସହିତ ଅବତୀର୍ଣ୍ଣ ହୋଇଛି ତାହା ପାଇଁ ଅବନତ ହେଉ ନାହିଁ ? କ'ଣ ବିଶ୍ୱାସକାରୀଙ୍କ ନିମନ୍ତେ ଏବେ ବି ସେହି ସମୟ ଆସି ନାହିଁ ଯେ, ସେମାନେ ଈଶ୍ୱରଙ୍କ ଚର୍ଚ୍ଚା ଶୁଣି ମଧ୍ୟ ସେମାନଙ୍କ ମନରେ ଈଶ୍ୱରଙ୍କ ପ୍ରତି ଭୟ ମଧ୍ୟ ସୃଷ୍ଟି ହୋଇ ନାହିଁ ? ମୁଁ ଉକ୍ତ କଥା ଯୁବକମାନଙ୍କୁ କହୁଛି ଯେ, الم يان للذين امنوا ان تخشى قلوبهم କ'ଣ ଏବେ ବି ସେମାନଙ୍କୁ ଆହୁରି କଥା (ଶୁଣିବାର) ଆବଶ୍ୟକତା ରହିଛି । କ'ଣ ଏବେ ବି ସେମାନଙ୍କ ନିମନ୍ତେ କାମ କରିବାର ସମୟ ଆସି ନାହିଁ ।

ପ୍ରତ୍ୟେକ ମୁସଲମାନ ବ୍ୟକ୍ତିକୁ ଉକ୍ତ କଥା ଅନୁଭବ କରିବା ଉଚିତ୍ । ଯଦି ତା' ମସ୍ତିଷ୍କରେ ଭାବାବେଗ ଓ ଅବସ୍ଥାଜନିତ ପ୍ରସଙ୍ଗ ଅର୍ଥାତ୍ ବୁଦ୍ଧି ରହିଛି, ଯଦି ତା'ର ଅନୁଭବ, ଚିନ୍ତା ଓ ଇଚ୍ଛାଶକ୍ତି ରହିଛି, ଯଦି ତା'ର ଚକ୍ଷୁ ଉନ୍ମୁକ୍ତ (ଖୋଲା) ରହିଛି ଯେ, ସେ କେଉଁଠି ପଡ଼ି କେଉଁଠି ପହଞ୍ଚିଗଲା ? ମୁଁ ଆଶ୍ଚର୍ଯ୍ୟ ଯେ, ମୁସଲମାନମାନେ ଭୂଗୋଳ ପଢନ୍ତି ଓ ମାନଚିତ୍ର ଦେଖି ଥାଆନ୍ତି । କିନ୍ତୁ ମାନଚିତ୍ର ଦେଖି ସେମାନଙ୍କ ହୃଦୟ କାହିଁକି ବସିଯାଉ ନାହିଁ ଯେ, କୌଣସି ସମୟରେ ଏହି ସମସ୍ତ ମାନଚିତ୍ର ମୁସଲମାନମାନଙ୍କ ଆୟତ୍ତାଧୀନ (କବ୍‌ଜାରେ) ଥିଲା । କିନ୍ତୁ ଆଜି ମୁସଲମାନ ପ୍ରତ୍ୟେକ ସ୍ଥାନରେ ତିରସ୍କୃତ ଏଭଂ ଅପମାନିତ, ଲାଞ୍ଛିତ ଓ ଅବହେଳିତ ଅଟେ । ଗୋଟିଏ ହେଉଛି ସେହି ଯୁଗ ଯେ, ଇସ୍‌ଲାମୀୟ ରଙ୍ଗର ମାନଚିତ୍ର ଚୀନ ଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ମୁସଲମାନମାନେ ଚୀନ ଉପରେ ଶାସନ କଲେ, ଜାପାନର ମହିଳାମାନେ ଆଜି ପର୍ଯ୍ୟନ୍ତ ନିଜର ପିଲାମାନଙ୍କୁ କହୁଛନ୍ତି ଯେ, ଚୁପ୍ ଗ୍ରେଟ୍ ମୁଗୌଁ ଅର୍ଥାତ୍ ହେ ପିଲା ଚୁପ୍ ହୋଇଯା ବଡ଼ ମୋଗଲ ଆସିଗଲା । ପୁନଶ୍ଚ ଇଉରୋପର ପ୍ରାନ୍ତେ ପ୍ରାନ୍ତେ ପର୍ଯ୍ୟନ୍ତ ଇସ୍‌ଲାମୀୟ ଶାସନ ପରିବ୍ୟାପ୍ତ ଥିଲା । ଆମେରିକାରେ ମଧ୍ୟ ପୁରାତନ ମସଜିଦ୍ ମିଳିଛି । ସେଠାରେ ମୁସଲମାନମାନଙ୍କୁ ଶାସନ କରିବାକୁ ସୁଯୋଗ ପ୍ରାପ୍ତ ହୋଇଥାଉ ଅବା ନହୋଇଥାଉ କିନ୍ତୁ ମୁସଲମାନମାନେ ସେଠାରେ ଅବଶ୍ୟ ପହଞ୍ଚିଥିଲେ ।"

ଅତଏବ୍ ଆଜି ମୁଁ ତୁମମାନଙ୍କୁ କ'ଣ କହିବି ଯେ, କେଉଁ ପ୍ରସଙ୍ଗ ବାକି ରହିଛି ଯାହା ସଂପର୍କରେ ମୁଁ ତୁମମାନଙ୍କୁ ଶିଖାଇବି । କ'ଣ ଆକାଶ (ଈଶ୍ୱର) ତୁମମାନଙ୍କୁ ଏହା ଶିଖାଇ ନାହାନ୍ତି ? ପୁନଶ୍ଚ ଆଉ କେଉଁ ବସ୍ତୁ ବାକି ରହିଲା ଯାହା ତୁମକୁ କାର୍ଯ୍ୟାନୁସରଣ କରିବାରୁ ଅଟକାଉଛି । ତୁମେ ଆଉ କେଉଁ ଦିନର ଅପେକ୍ଷା କରୁଛ? ଯେତେବେଳେ ତୁମ ଜୀବନର ବଳିଦାନ ଉପସ୍ଥାପିତ କରାଯିବ ସେତେବେଳେ ଏହି ଜୀବନ ହିଁ କାମ ଦେବ । ଆଜି ସଂସାରରେ ଚତୁର୍ଦ୍ଦିଗରେ ଅନ୍ଧକାର ପରିବ୍ୟାପ୍ତ ହେଉଅଛି, ପଥଭ୍ରଷ୍ଟତା ବୃଦ୍ଧି ପାଉଛି, ମିଥ୍ୟା, ମାୟା ଏବଂ ପ୍ରବଞ୍ଚକତାର ବହୁଳ ରୂପେ ଦେଖିବାକୁ ମିଳେ । ଏଭଳି ପରିସ୍ଥିତିରେ ତୁମେମାନେ ନିଜର ଜୀବନ ଇସ୍‌ଲାମ୍ ଧର୍ମର ପ୍ରଚାର ପ୍ରସାର ନିମନ୍ତେ ଉପସ୍ଥାପିତ ନକଲ ତେବେ ଆଉ କେବେ ଉପସ୍ଥାପିତ କରିବ ?

ହୁଜୁର ର.ଅ ବାର୍ତ୍ତାଳାପ ଜାରି ରଖି କହିଲେ, "ପ୍ରତ୍ୟେକ ଅହେମଦି ଏହି ପ୍ରତିଜ୍ଞା କରୁ କି ମୁଁ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବି । ଏଠାରେ ପ୍ରାଧାନ୍ୟ ଦେବାର ଅର୍ଥ ଏହିକି ଯେ, ଅଧିକାଂଶ ସମୟ ଧର୍ମ ନିମନ୍ତେ ବ୍ୟୟ କରିବା ଅଟେ ଏବଂ ଅଳ୍ପ ସମୟ ଅନ୍ୟ କାର୍ଯ୍ୟ ପାଇଁ ଦେବା ଉଚିତ୍ । ଯଦି ତୁମେମାନେ ଏପରି କର ଓ ବାସ୍ତବରେ ତୁମେ ଯଦି ଖୁଦାମୁଲ୍ ଅହେମଦିୟା ଅଟ ତେବେ ତୁମମାନଙ୍କ ମାଧ୍ୟମରେ ହିଁ ଇସ୍‌ଲାମ୍ ଧର୍ମ ପରିବ୍ୟାପ୍ତ ହେବ । କିନ୍ତୁ ଯଦି ତୁମେମାନେ ଏପରି କରୁ ନାହଁ ତେବେ କାର୍ଯ୍ୟ ତ' ଅବଶ୍ୟ ସମ୍ପାଦନ ହୋଇଯିବ । କିନ୍ତୁ ତୁମେମାନେ ଈଶ୍ୱରଙ୍କ ନିକଟରେ ଭଲ ଓ ପ୍ରକୃତ ସେବକ ଏବଂ ସାହସୀ ସିପାହୀ ରୂପେ ଉପସ୍ଥାପିତ ହୋଇପାରିବ ନାହିଁ । କାରଣ ତୁମମାନଙ୍କର କର୍ମ ହିଁ ତୁମମାନଙ୍କର ପ୍ରତିଜ୍ଞା ଓ ପ୍ରତିଶୃତିକୁ ମିଥ୍ୟା ପ୍ରମାଣିତ କରିଦେବ ।"ଅତଏବ୍ ତୁମେମାନେ ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କର ଏବଂ ମୋ ଉପଦେଶ ଉପରେ କାର୍ଯ୍ୟକାରୀ କର। କାରଣ ବର୍ତ୍ତମାନ କଥାବାର୍ତ୍ତା କରିବାର ଆଉ ସମୟ ନାହିଁ । ନିଜର ଗୋଷ୍ଠୀକୁ (ଖୁଦାମୁଲ୍ ଅହେମଦିୟା ଗୋଷ୍ଠୀକୁ) ତୁମେମାନେ ଦୃଢୀଭୂତ କର । ଧର୍ମ ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ (ଧନ, ମନ, ପ୍ରାଣ, ଆତ୍ମ ସମ୍ମାନ ଓ ସମୟ) ଦିଅ । ମାନବ ଜାତିର ସେବା କର ।

ପରିଶେଷରେ ହୁଜୁର ର.ଅ କହିଲେ: "ହ. ଆଦମ୍ ଅ.ସଙ୍କ ଠାରୁ ନେଇ ରସୁଲୁଲ୍ଲାଃ ସ.ଅଙ୍କ ପର୍ଯ୍ୟନ୍ତ ଆଧାତ୍ମିକ ଜମାଅତ୍ ନିମନ୍ତେ ଯେଉଁ ପନ୍ଥା ଅଲ୍ଲାଃତାଲା ନିର୍ଦ୍ଧାରିତ କିରଛିନ୍ତି ସେହି ପନ୍ଥା ହିଁ ଆମମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଈଶ୍ୱର (ଅଲ୍ଲାଃତାଲା) ହ. ଇବ୍ରାହିମ୍ ଅ.ସଙ୍କ ଜମାଅତ୍‌ର ଶତ୍ରୁ ନଥିଲେ, ଈଶ୍ୱର ହ. ମୁସା ଅ.ସଙ୍କ ସଂପ୍ରଦାୟର ଶତ୍ରୁ ନଥିଲେ, ଈଶ୍ୱର ହ. ଇସା (ଯୀଶୁଖ୍ରୀଷ୍ଟଙ୍କ)ଙ୍କ ସଂପ୍ରଦାୟର ଶତ୍ରୁ ନଥିଲେ, ଈଶ୍ୱର (ଅଲ୍ଲାଃତାଲା) ହ. ମୁହମ୍ମଦ ସ.ଅଙ୍କ ଜମାଅତର ଶତ୍ରୁ ନଥିଲେ ଓ ଅଲ୍ଲାଃତାଲା ଆମର ସଂପର୍କୀୟ ନାହାନ୍ତି । ଯେପର୍ଯ୍ୟନ୍ତ ତୁମେମାନେ ଭାଟି (ଈଶ୍ୱରଙ୍କ ଉତ୍ତପ୍ତ (ଇଟା) ଭାଟି)ରେ ନିକ୍ଷେପ ହୋଇ ନାହଁ ଯେଉଁ ଭାଟିରେ ସେହି ଲୋକମାନେ ନିକ୍ଷେପ ହୋଇଥିଲେ, ଯେପର୍ଯ୍ୟନ୍ତ ତୁମେମାନେ ସେହି ଦୁଃଖ କଷ୍ଟ ସହ୍ୟ କରି ନାହଁ ଯେଉଁ ଦୁଃଖ କଷ୍ଟ ସେହି ଲୋକମାନେ ସହ୍ୟ କରିଥିଲେ, ଯେପର୍ଯ୍ୟନ୍ତ ତୁମମାନଙ୍କୁ ସେହି କର୍ତ୍ତ (କରତ) ଦ୍ୱାରା **(ଅବଶିଷ୍ଟାଂଶ....ପୃ-22ରେ)** କର୍ତ୍ତନ (କଟା) ଯାଇ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday 13-20 FEBRUARY 2025 Issue No.-7-8

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail:managerbadrqnd@gmail.com

# ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ସାନି ର.ଅ ଙ୍କ ମଜ୍‌ଲିସେ ଇର୍ଫାନ୍ (ଅଧ୍ୟାତ୍ମ ସଭା)

କାଦିୟାନ୍ ସେପ୍ଟେମ୍ବର ମାସ 17 (ତୁବୁକ୍) ତାରିଖ ଦିନ ଆଜି ହ. ଅମୀରୁଲ୍ ମୁମିନିନ୍ ଅଲ୍ ମୁସ୍‌ଲେହ୍ ମଉଦ୍ ଖଲିଫତୁଲ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଆଜି ମଗ୍‌ରିବ୍ ନମାଜ ପରେ ସଭାରେ ବିରାଜମାନ ହୋଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଦେଶାବଳୀ ଉପରେ ଆଲୋକପାତ କଲେ । ସେହି ଆଦେଶାବଳୀର ସାରାଂଶ ନିମ୍ନରେ ପ୍ରଦାନ କରାଗଲା: ହୁଜୁର୍ ର.ଅ କହିଲେ: "ମୁଁ କିଛି କାଳ ପୂର୍ବେ ଉପଦେଶ ଦେଇଥିଲି ଯେ, ନମାଜ୍‌କୁ ଅତ୍ୟନ୍ତ ଧୀର ସ୍ଥିର ଓ ଶିଷ୍ଟତାର ସହିତ ସମ୍ପାଦନ (ପାଠ) କରିବା ଉଚିତ୍ । ସୁନ୍ନତ୍ ଅନୁଯାୟୀ ତସ୍‌ବିହ୍ (ଜପ୍) ଓ ତେହ୍‌ମିଦ୍ (ପ୍ରଶଂସା) କରାଯାଉ । କିଛି କାଳ ଧରି ଉକ୍ତ ସୁନ୍ନତ୍ ଉପରେ କାର୍ଯ୍ୟାନୁସରଣ କରାଗଲା । କିନ୍ତୁ ବର୍ତ୍ତମାନ ମୁଁ ପୁଣି ଦେଖୁଛି ଯେ, ଧୀରେ ଧୀରେ ଲୋକମାନେ ମୋର ଉପଦେଶକୁ ପାଶୋରିବାକୁ (ଭୁଲିବାକୁ) ଲାଗିଲେଣି । ବର୍ତ୍ତମାନ ମୁଁ ଏକ ରକାତ୍ ନମାଜ ପାଠ କରିଛି କି ନାହିଁ ତଳୁ ଲୋକମାନଙ୍କର ଠକ୍ ଠକ୍ ପାଦ ଶବ୍ଦ ଶୁଭିବା ଆରମ୍ଭ ହୋଇଯାଇଥାଏ। କିନ୍ତୁ ଚିନ୍ତାଜନକ ପ୍ରସଙ୍ଗ ଏହିକି ଯେ, ସେହି ଲୋକମାନେ ନମାଜ୍‌ରେ ପଛରେ ସାମିଲ୍ ହୋଇଥାଆନ୍ତି । ସେମାନେ ପ୍ରଥମେ ଉପରକୁ ଚାଲି ଆସୁଛନ୍ତି । ସେମାନଙ୍କ ପ୍ରଥମେ ଆସିଯିବାର ଅର୍ଥ ଏହିକି ଯେ, ସେମାନେ ମୋର ଏକ ରକାତ୍ ନମାଜ ଭିତରେ ଅବଶିଷ୍ଟ ନମାଜ ସଂପୂର୍ଣ୍ଣ ପାଠ କଲେ । ପୁନଶ୍ଚ ଦୁଇ ସୁନ୍ନତ୍ ପାଠ କଲେ । ଈଶ୍ୱର ଚର୍ଚ୍ଚା ମଧ୍ୟ କଲେ ଓ ପୁନଶ୍ଚ ଉପରକୁ ଦଉଡ଼ି ଆସିଲେ । ଏହିପରି ଭାବରେ ସେମାନେ ଆଉ ଏକ ଆଦେଶର ଅବମାନନା ଓ ବିରୁଦ୍ଧାଚରଣ କଲେ । କାରଣ ଆଁହଜରତ ସ.ଅ ନମାଜ୍ ଦଉଡ଼ି ଆସି ସାମିଲ୍ ହେବା ନିମନ୍ତେ ବାରଣ କରିଛନ୍ତି । ଯେଉଁ ବ୍ୟକ୍ତି ଶୀଘ୍ର ଶୀଘ୍ର ନାମଜ ପାଠ କରେ ହୁଜୁର ସ.ଅ ସେହି ନମାଜକୁ ନମାଜ୍ ବୋଲି ବିବେଚିତ କରନ୍ତି ନାହିଁ । ସୁତରାଂ ଜନୈକ (ଜଣେ) ବ୍ୟକ୍ତି ଯିଏ ଶୀଘ୍ର ଶୀଘ୍ର ନମାଜ ପାଠ କରୁଥିଲା ଏବଂ ନମାଜ୍‌ର ସମସ୍ତ ଅଂଶକୁ ସଠିକ୍ ଭାବରେ ସମ୍ପାଦନ କରୁ ନଥିଲା । ସେହି ବ୍ୟକ୍ତିକୁ ହୁଜୁର ସ.ଅ କହିଲେ, صل فانك لم تصل ଅର୍ଥାତ୍ ହେ ବ୍ୟକ୍ତି ! ତୁ ଯେଉଁ ଶୀଘ୍ର ଶୀଘ୍ର ନମାଜ ପାଠ କଲୁ ତୋର ନମାଜ୍ ସଂପୂର୍ଣ୍ଣ ହେଲା ନାହିଁ ତେଣୁ ଆଉଥରେ ନମାଜ ପାଠ କର । ପରିଶେଷରେ ଆପଣ ସ.ଅ ସେହି ବ୍ୟକ୍ତିକୁ କହିଲେ, ଶରୀରର ଅଙ୍ଗ ପ୍ରତ୍ୟଙ୍ଗକୁ କ୍ରିୟାଶୀଳ କରାଇ ଅତ୍ୟନ୍ତ ଶିଷ୍ଟତାର ସହିତ ଏବଂ ଧୀର ସ୍ଥିର ଭାବରେ ସମ୍ପାଦନ କରିବା ବ୍ୟତୀରେକ ନମାଜ କଦାପି ସଂପୂର୍ଣ୍ଣ ହୋଇ ନଥାଏ। ତେଣୁ ନମାଜକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ ଏବଂ ସୁବ୍ୟବସ୍ଥିତ ଢଙ୍ଗରେ ସମ୍ପାଦନ (ପାଠ) କରିବା ଉଚିତ୍ । ଯଦି ଏପରି ହେଉ ନାହିଁ ତେବେ ସେହି ନମାଜ୍ ନମାଜ୍‌ର ପଦବାଚ୍ୟ ହେବ ନାହିଁ । ପୁନଶ୍ଚ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, କେତେକ ଲୋକମାନେ ଆମ ସଭାକୁ ଆସିବା ନିମନ୍ତେ ନିଜର ନମାଜ୍‌କୁ ଅପଚୟ (ଛାଡ଼ି) କରିଦେଇ ଥାଆନ୍ତି । କିନ୍ତୁ ଏହି ସଭା ଆମମାନଙ୍କର ସାହଚର୍ଯ୍ୟତ୍ୱ ଅଟେ । କିନ୍ତୁ ନମାଜ ଅଲ୍ଲାଃତାଲାଙ୍କ ସାହଚର୍ଯ୍ୟତ୍ୱ ଅଟେ । ସେହି ବ୍ୟକ୍ତି କେଡ଼େ ହତଭାଗ୍ୟ ଯିଏ ସାମାନ୍ୟ କଥା (ବସ୍ତୁ ବା ସ୍ୱାର୍ଥ) ସକାଶେ ସର୍ବୋଚ୍ଚ ସ୍ୱାର୍ଥ ବା ବସ୍ତୁକୁ ପରିତ୍ୟାଗ (ଛାଡ଼ି) ଦେଇଥାଏ । କ'ଣ ଏହା ଅପମାନ ଓ ନିରାଦର ନୁହେଁ କି ଲୋକମାନେ ଅଲ୍ଲାଃତାଲାଙ୍କ ସଭାରୁ ପଳାଇ ଆସି ଆମ ସଭାରେ ଆସି ସାମିଲ୍ ହେଉଛନ୍ତି ? ପୁନଶ୍ଚ ଏହା ମଧ୍ୟ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ଗୋଟିଏ ବସ୍ତୁର ମହତ୍ତ୍ୱ ସେତେବେଳେ ସ୍ପଷ୍ଟ କରିଦିଆଯାଏ ଏବଂ ଲୋକମାନଙ୍କୁ ତାଗିଦ୍ କରିଦିଆଯାଏ ଯେ, ଏହି ବସ୍ତୁଟି ଅତି ମୂଲ୍ୟବାନ ବସ୍ତୁ ଅଟେ । ତେବେ ସେପରିପ୍ରେକ୍ଷୀରେ ସେହି ମୂଲ୍ୟବାନ ବସ୍ତୁକୁ କାହିଁକି ପାଶୋରି (ଭୁଲି ଯାଆନ୍ତି) ଦିଆଯିବ । ଅତଏବ୍ ଏପରି ନମାଜ କେବଳ ଓ କେବଳ ଲୋକ ଦେଖାଣିଆ ନମାଜ୍ ଅଟେ । ଏପରି ନମାଜ ତରିସ୍କାର ଓ ଅପମାନର କାରଣ ହୋଇଥାଏ । ଏପରି ନମାଜ୍ ଅଲ୍ଲାଃତାଲାଙ୍କ ଅପ୍ରସନ୍ନତାର କାରଣ ହୋଇଥାଏ ।"

ଅଲ୍ଲାଃତାଲାଙ୍କ କୃପା, ପ୍ରସନ୍ନତା ଓ ଅନୁଗ୍ରହତାକୁ ଉପସନା ହିଁ ଆକର୍ଷିତ କରିଥାଏ । ଏହା ବିନୀତତା ଏବଂ ବିନମ୍ରତା ଓ ଶାନ୍ତିପୂର୍ବକ ସମ୍ପାଦନ କରାଯାଇଥାଏ। ନିଃସନ୍ଦେହ ଉକ୍ତ ଆଦେଶ ରହିଛି ଯେ, ଜମାଅତ୍ (ସାମୂହିକ ନମାଜ ବେଳେ) ସମୟରେ ଦୀର୍ଘ ନମାଜ ପଠ କରାଅ ନାହିଁ । କିନ୍ତୁ ବ୍ୟକ୍ତିଗତ ରୂପେ ତ' ଉକ୍ତ ଆଦେଶାବଳୀ ଚରିତାର୍ଥ ହୋଇ ନଥାଏ । ଅର୍ଥାତ୍ ବ୍ୟକ୍ତିଗତ ରୂପେ ଯଦି ଜଣେ ବ୍ୟକ୍ତି ଦୀର୍ଘ ନମାଜ ପାଠ କରେ ତେବେ ସେ କ୍ଷେତ୍ରରେ ଉପରୋକ୍ତ ଆଦେଶାବଳୀ କାର୍ଯ୍ୟାକାରୀ ହୋଇ ନଥାଏ। ବରଂ ସେହି ନମାଜ୍ ସଂପର୍କରେ ଆଁହଜରତ ସ.ଅଙ୍କ ଏହି ପରମ୍ପରା ରହିଥିଲା ଯେ, ରାତ୍ର ସମୟରେ ଆପଣ ସ.ଅ ଏତେ ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡ଼ା ହୋଇ ରହୁଥିଲେ ଯେ, ଆପଣ ସ.ଅଙ୍କ ପାଦ ଫୁଲି ଯାଉଥିଲା । ପ୍ରାୟ ତିନି ଘଣ୍ଟାରେ ଆପଣ ସ.ଅ ନମାଜ୍ ତେହଜ୍ଜୁଦ୍ ପାଠ କରୁଥିଲେ ।

ନମାଜ ନିମନ୍ତେ ଦଉଡ଼ି ଆସିବା ଆଗ୍ରହ ଓ ଅଭିରୁଚିକୁ ଚରିତାର୍ଥ କରି ନଥାଏ । ବରଂ ନମାଜର ଅନଦାର ଓ ଅସମ୍ମାନ କରିବା ପ୍ରତି ସୂଚାଇ ଥାଏ । ନମାଜ ପରେ ଆଁହଜରତ ସ.ଅଙ୍କ ଆଦର୍ଶ ଅନୁଯାୟୀ ଈଶ୍ୱରଙ୍କ ଚର୍ଚ୍ଚା ଓ ଈଶ୍ୱରଙ୍କ ପ୍ରଶଂସାଗାନ କରାଯିବା ଉଚିତ୍ । କ'ଣ ଆପଣମାନେ ଏହି ସ୍ପଷ୍ଟ କଥାକୁ ବୁଝି ପାରୁ ନାହାନ୍ତି? ରସୁଲୁଲ୍ଲାଃ ସ.ଅଙ୍କୁ ତ' ଈଶ୍ୱରଙ୍କ ନାମ ଜପ କରିବା ଓ ତାହାଙ୍କ ପ୍ରଶଂସାଗାନ କରିବାର ଆବଶ୍ୟକତା ଥିଲା । ଆଉ ଆପଣମାନଙ୍କୁ ଈଶ୍ୱରଙ୍କ ନାମ ଜପ କରିବା ଓ ତାହାଙ୍କ ପ୍ରଶଂସାଗାନ କରିବାର ଆବଶ୍ୟକତା ନାହିଁ । ରସୁଲୁଲ୍ଲାଃ ସ.ଅଙ୍କ ତ' ଧୀର ସ୍ଥିର ଭାବରେ ନମାଜ୍ ପାଠ କରିବା ଆବଶ୍ୟକତା ଥିଲା ଆଉ ଆପଣମାନଙ୍କୁ ଧୀର ସ୍ଥିର ଭାବରେ ନମାଜ ପାଠ କରିବାର ଆବଶ୍ୟକତା ନାହିଁ । ରସୁଲୁଲ୍ଲାଃ ଶିଷ୍ଟ ଓ ଶାଳୀନତାର ସହିତ ମସଜିଦ୍ ଆସିବାର ଆବଶ୍ୟକତା (ପଡୁ) ଥିଲା । ଆଉ ଆପଣମାନଙ୍କୁ ଶିଷ୍ଟ ଓ ଶାଳୀନତାର ସହିତ ମସଜିଦ୍ ଆସିବାର ଆବଶ୍ୟକତା (ପଡୁ) ନାହିଁ । କିନ୍ତୁ ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲାଙ୍କ କୃପାକୁ ଯେଭଳି ଭାବରେ ଆକର୍ଷଣ କରିସାରିଥିଲେ ସେହି ଈଶ୍ୱର କୃପାକୁ ଆକର୍ଷିତ କରିବାକୁ ଆମମାନଙ୍କୁ ସହସ୍ର ଗୁଣା ଓ ସର୍ବାଧିକ ପରିଶ୍ରମ କରିବାର ଆବଶ୍ୟକତା ରହିଛି ।

ଏତଦ୍‌ପରେ ହୁଜୁର୍ ର.ଅ ସେହି ସାହାବାମାନଙ୍କୁ ଆଦେଶ ଦେଇଥିଲେ ଯେ, ସେମାନେ 33 ଥର سبحان الله ଏବଂ 33 ଥର الحمد لله ଓ 34 ଥର الله اكبر ପାଠ କରନ୍ତୁ । ତଦନୁଯାୟୀ ସାହାବାମାନେ ଆଁହଜରତ ସ.ଅଙ୍କ ଉକ୍ତ ଆଦେଶାବଳୀକୁ ଶିରୋଧାର୍ଯ୍ୟ ମନେକରି ଏହାକୁ ନିୟମିତ ରୂପେ କାର୍ଯ୍ୟକାରୀ କରି ଆସୁଥିଲେ । ହୁଜୁର ସ.ଅ ସେମାନଙ୍କୁ ଛିଡ଼ା ହେବା ନିମନ୍ତେ ନିର୍ଦ୍ଦେଶ ଦେଲେ । କିନ୍ତୁ ଏହି ସଂଖ୍ୟା ଖୁବ୍ କମ୍ ଥିଲା । ପୁନଶ୍ଚ ହୁଜୁର ସ.ଅ 12 ଥର ପ୍ରତିଦିନ ଦୁରୁଦ୍ ଶରୀଫ୍ ଏବଂ ତସ୍‌ବିହ୍ ପାଠ କରୁଥିବା ବ୍ୟକ୍ତିମାନଙ୍କୁ ଛିଡ଼ା ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏମାନଙ୍କର ସଂଖ୍ୟା କମ୍ ଥିଲା । ପ୍ରତ୍ୟୁତ୍ତରରେ ହୁଜୁର ର.ଅ ଖେଦୋକ୍ତି ପ୍ରକାଶ କରି କହିଲେ, "ସେହି ଅସ୍ତିତ୍ୱ ଯାହାଙ୍କ କୃପାର ଆଶୀଷ ତଳେ ଆମେମାନେ ଚାପି ହୋଇଛେ ଏବଂ ଯାହାଙ୍କ ଅସୀମ ଦୟା ଓ ଉପକାର (କରୁଣା) ଯୋଗୁଁ ଆମେମାନେ ନିଜର ମସ୍ତକ ଉପରକୁ ଉଠାଇ ପାରୁ ନାହୁଁ । ତାହାଙ୍କ କୃପା ଏବଂ ତାହାଙ୍କ କରୁଣାର ସାମାନ୍ୟ ପ୍ରତିବଦଳ ମଧ୍ୟ ଆମେମାନେ ଦୁରୁଦ୍ ଓ ପ୍ରଶଂସାଗାନ ମାଧ୍ୟମରେ ଉପସ୍ଥାପିତ ନକରୁ ତେବେ ଏହା କିଭଳି ଦୁଃଖ, ପରିତାର ଓ ଅନୁତପ୍ତ ବିଷୟ ଅଟେ ।"

ହୁଜୁର ର.ଅ କହିଲେ, ଯେଭଳି ଆମମାନଙ୍କର ଶାରୀରିକ ଜୀବନକୁ ଜାରି ରଖିବା ନିମନ୍ତେ ବସ୍ତୁବାଦୀ ଏବଂ ସାଂସାରିକ ଆହାର ଆବଶ୍ୟକ ପଡ଼ିଥାଏ । ଠିକ୍ ସେହିପରି ଆମମାନଙ୍କର ଆତ୍ମାକୁ ମଧ୍ୟ ଜୀବିତ ରଖିବା ନିମନ୍ତେ ଆଧ୍ୟାତ୍ମିକ ଆହାରର ମଧ୍ୟ ଆବଶ୍ୟକତା ପଡ଼ିଥାଏ । ବାସ୍ତବତା ଏହିକି ଯେ, ତସ୍‌ବିହ୍ ଓ ତେହ୍‌ମିଦ୍ (ଈଶ୍ୱରଙ୍କ ନାମ ଜପ ଓ ପ୍ରଭୁଙ୍କ ପ୍ରଶଂସାଗାନ) ତଥା ଈଶ୍ୱର ଚର୍ଚ୍ଚା ବ୍ୟତୀତ ସେହି ଖାଦ୍ୟ ଶରୀରକୁ ପୋଷଣ ପ୍ରଦାନ କରି ନଥାଏ । ସେହିପରି ଈଶ୍ୱର ଚର୍ଚ୍ଚା ବ୍ୟତୀତ କୌଣସି ଖାଦ୍ୟ ବା ଆହାର ଗ୍ରହଣ କରାଯାଏ ତେବେ ସେହି ଆହାର ବା ଖାଦ୍ୟରୁ ଶରୀରକୁ ସଠିକ୍ ପୋଷଣ ମିଳି ନଥାଏ । ଉକ୍ତ ଦର୍ଶନଶାସ୍ତ୍ରକୁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ବରାହିନେ ଅହେମଦିୟା ଭାଗ-5, ସୁରତୁଲ୍ ମୁମିନ୍‌ର ବ୍ୟାଖ୍ୟାରେ ବର୍ଣ୍ଣନା କରିଛନ୍ତି । ଅର୍ଥାତ୍ ଆପଣ ଅ.ସ କୁହନ୍ତି: "ଆମ ଶରୀରରୁ ହିଁ ଆତ୍ମା ସୃଷ୍ଟି ହୋଇଥାଏ। ଏହା ହିଁ ସେ ପ୍ରସଙ୍ଗ ଯାହା ସମସ୍ତ ବ୍ରହ୍ମବାଦ ବା ଅଧ୍ୟାତ୍ମବାଦର ମୂଳ ଅଟେ । ଯଦି ଏହାର ବ୍ୟାଖ୍ୟା କରାଯାଏ ତେବେ ସହସ୍ର ସହସ୍ର ବ୍ରହ୍ମବାଦ (ଅଧ୍ୟାତ୍ମବାଦ) ପୁସ୍ତକରେ ଏହା ଉପରେ ଉତ୍ସର୍ଗ ହୋଇ ପାରିବ । ଯେଉଁ ଆହାର ସହିତ ତସ୍‌ବିହ୍ ଓ ତେହ୍‌ମିଦ୍ (ଈଶ୍ୱରଙ୍କ ନାମ ଭଜିବା ଓ ତାହାଙ୍କ ପ୍ରଶଂସାଗାନ କରିବା) କରାଯାଏ ତେବେ ସେହି ଖାଦ୍ୟ ବା ଆହାର କେବଳ ଶାରୀରୀକ ଆହାର ହୋଇ ରହିବ ନାହିଁ ବରଂ ତାହା ଆଧ୍ୟାତ୍ମିକ ଆହାର ହୋଇଯିବ । ଯେପରି ସରବତ୍‌ର ବିଭିନ୍ନ ଅଂଶ ଶରୀରର ବିଭିନ୍ନ ଭାଗର ପୋଷଣ ପ୍ରଦାନ କରିଥାଆନ୍ତି ଠିକ୍ ସେହିପରି ଯେଉଁ ଆହାର ସହିତ ପ୍ରଭୁଙ୍କ ନାମ ଭଜି ତାହାଙ୍କ ପ୍ରଶଂସାଗାନ ମିଶ୍ରିତ ହୋଇଥିବ ସେହି ଆହାର ଶରୀରକୁ ପୋଷଣ ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ ଜଳ ପାକସ୍ଥଳୀ ଏବଂ ପେଟକୁ ପରିଷ୍କାର (ସଫା) ରକିବା ନିମନ୍ତେ କାର୍ଯ୍ୟ କରିଥାଏ ଏବଂ ମିଷ୍ଟ ପାନୀୟ ପଦାର୍ଥ ଶରୀରକୁ ଶକ୍ତି ଯୋଗାଇ ଶକ୍ତିବର୍ଦ୍ଧକ କରିଥାଏ । ଶରୀରସ୍ଥ ପାକସ୍ଥଳୀ ମଧ୍ୟରେ ଯେତେବେଳେ ଆହାର କିମ୍ବା ପାନୀୟ ପଦାର୍ଥ ପ୍ରବେଶ କରି ଶରୀରକୁ ପୋଷଣ ପ୍ରଦାନ କରିଥାଏ ଠିକ୍ ସେତେକିବେଳେ ତସବିହ୍ ଓ ତେହମିଦ୍ କରିଥିବା ଖାଦ୍ୟ ଶରୀରସ୍ଥ ପାକସ୍ଥଳୀ ମଧ୍ୟକୁ ଯାଇ ଶରୀରର ନିମନ୍ତେ ଆଧ୍ୟାତ୍ମିକତା ପାଲଟି ଯାଇଥାଏ କିମ୍ବା ଶରୀରର ଆଧ୍ୟାତ୍ମିକତାକୁ ବୃଦ୍ଧି କରି ଦେଇଥାଏ ।"

ଜଣେ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଅହରହ ପୁରସ୍କାର ଏବଂ କୃପା ଦ୍ୱାରା ତାହାଙ୍କ ପ୍ରତି କୃତଜ୍ଞତା ଜ୍ଞାପନପୂର୍ବକ ତାହାଙ୍କ ପ୍ରଶଂସା ଗାନ **(ଅବଶିଷ୍ଟାଂଶ.......ପୃ-୨ରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan